# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ମେ ୧୬/୨୦୧୯ (୧୬ ପୃଷ୍ଠା) | Sambalpur, Thursday, May 16/ 2019 | ★★

୧୫ଶ ଭାଗ ୧୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ବିବାହ ବନ୍ଧନରେ ନଟରାଜ**

ରାଜ୍ୟ କ୍ରିକେଟର ତାରକା ଖେଳାଳି ନଟରାଜ ବେହେରା ବାନ୍ଧବୀ ଶୁଭଲକ୍ଷ୍ମୀ ଶତପଥୀଙ୍କ ସହ ବୁଧବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ୧୫

୧୧ **'ଗୁଲାବୋ ସିତାବୋ'ରେ ଅମିତାଭ, ଆୟୁଷ୍ମାନ୍ ଏକାଠି**

ସୁଜିତ୍ ସର୍କାର୍‌ଙ୍କ ପ୍ରଯୋଜିତ ଆଗାମୀ ଫିଲ୍ମ 'ଗୁଲାବୋ ସିତାବୋ'ରେ ମେଗାଷ୍ଟାର୍ ଅମିତାଭ ବଚ୍ଚନ ଓ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କୁ ଏକାଠି ଦେଖିବାକୁ ମିଳିବ ।



### ପଶ୍ଚିମବଙ୍ଗରେ ନିର୍ବାଚନୀ ହିଂସା

# ଆଜି ରାତିରୁ ପ୍ରଚାର ବନ୍ଦ

**ନୂଆଦିଲ୍ଲୀ, ୧୫।୫**

ପଶ୍ଚିମବଙ୍ଗରେ ହିଂସାକାଣ୍ଡ ପରେ ନିର୍ବାଚନ କମିଶନ (ଇସି) ସେଠାରେ ପ୍ରଚାରକୁ ନିର୍ଦ୍ଧାରିତ ସମୟର ଗୋଟିଏ ଦିନ ପୂର୍ବରୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ସପ୍ତମ ତଥା ଶେଷ ପର୍ଯ୍ୟାୟ ନିର୍ବାଚନରେ ପଶ୍ଚିମବଙ୍ଗର ୯ ଆସନରେ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ଅନ୍ୟ ରାଜ୍ୟଗୁଡ଼ିକରେ ୧୭ ତାରିଖ ଅପରାହ୍ନ ୬ଟାରେ ପ୍ରଚାର ଶେଷ ହେବାକୁ ଥିବାବେଳେ ପଶ୍ଚିମବଙ୍ଗରେ ୧୬ ତାରିଖ ରାତି ୧୦ଟାରୁ ପ୍ରଚାର ବନ୍ଦ କରିବାକୁ କୁହାଯାଇଛି। ଗତ ୨୪ ଘଣ୍ଟା ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ହିଂସାକାଣ୍ଡ ଲାଗି ରହିଥିବାରୁ ଇସି ସମ୍ବିଧାନର ଧାରା ୩୨୪ ଅନୁଯାୟୀ ସେଠାରେ ଗୋଟିଏ ଦିନ ପୂର୍ବରୁ ପ୍ରଚାର ଶେଷ କରିବାକୁ କହିଛନ୍ତି। ପ୍ରଥମଥର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କୁକୁଡ଼ା ଅଣ୍ଡାର ମାନ**

**ଆଜିର ମନ୍ତବ୍ୟ**

"ଦେଶକୁ କେବଳ ଜଣେ ବ୍ୟକ୍ତି ଚଳାଇପାରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନେକରନ୍ତି।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

**କିଛି ତଥ୍ୟ**

ଦେଶର ସେବା ରପ୍ତାନି ୬.୬% ଓ ଆମଦାନୀ ୧୦.୫୫% ବୃଦ୍ଧି ପାଇଛି।

-ଭାରତୀୟ ରିଜର୍ଭ ବ୍ୟାଙ୍କ


AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY) PARDHIAPALI, SAMBALPUR
For Admission please Contact: 7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE | 15.05.2019 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 105 | 165 | 175 |
| CTC | 105 | 165 | 175 |
| DKL | 102 | 161 | 171 |
| BDK | 105 | 165 | 175 |
| BLS | 107 | 167 | 177 |
| ANG | 102 | 161 | 171 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers




ପୁରୀ ରଥଖଳାରେ ମହାରଣା ସେବକମାନେ ଡ୍ରମ୍ବରେ ଅର ବିନ୍ଧ କରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର)

# ଠିକାଦାର କ୍ୟାମ୍ପରେ ମାଓବାଦୀଙ୍କ ଲଙ୍କାକାଣ୍ଡ

**ମ.ରାମପୁର/ ସେରଗଡ଼ / ଭବାନୀପାଟଣା, ୧୫।୫(ଡି.ଏନ.ଏ.)**

- ୨ ଜେସିବି, ୩ ଟ୍ରାକ୍ଟର, ୨ ମିକ୍ସର ମେଶିନ ପୋଡ଼ିଦେଲେ
- ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣକୁ ବିରୋଧ




ମାଓବାଦୀମାନେ ପୋଡ଼ିଦେଇଥିବା ଜେସିବି, ଟ୍ରାକ୍ଟର।

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଉର୍ଲାଦାନୀ ସଂରକ୍ଷିତ ଜଙ୍ଗଲର ନୂଆମୁଣ୍ଡାଠାରେ ଥିବା ପିଏମ୍‌ଜିଏସ୍‌ୱାଇ ଠିକାଦାର କ୍ୟାମ୍ପରେ ମଙ୍ଗଳବାର ରାତିରେ ମାଓବାଦୀମାନେ ଲଙ୍କାକାଣ୍ଡ ଘଟାଇଛନ୍ତି। ସେମାନେ ଏହି କ୍ୟାମ୍ପରେ ରଖାଯାଇଥିବା ୨ ଜେସିବି, ୩ ଟ୍ରାକ୍ଟର, ୨ ମିକ୍ସର ମେଶିନ ପୋଡ଼ି ଦେଇଛନ୍ତି। ପରେ କ୍ୟାମ୍ପ ପରିସରରେ ଥିବା ଗଛଗୁଡ଼ିକରେ ପୋଷ୍ଟର ମାରି ଧମକ ଦେଇଛନ୍ତି। ଏହି ଘଟଣା ଘଟିଥିବା ସ୍ଥାନଠାରୁ ମାତ୍ର ୨ କି.ମି. ଦୂର ଉର୍ଲାଦାନୀଠାରେ ସିଆରପିଏଫ୍ ଯବାନଙ୍କ ସ୍ଥାୟୀ କ୍ୟାମ୍ପ ରହିଛି। ଯବାନମାନେ ଅହୋରାତ୍ର ସେହି ଅଞ୍ଚଳରେ ପଇଁତରା ମାରୁଥିବା ସତ୍ତ୍ୱେ ମାଓବାଦୀମାନେ ଏପରି କାଣ୍ଡ ଘଟାଇବା ସ୍ଥାନୀୟ ଲୋକଙ୍କୁ ଚକିତ କରିଛି । ଉକ୍ତ ଘଟଣାର ୧୨ଘଣ୍ଟା ପରେ ଅର୍ଥାତ୍ ବୁଧବାର ଅପରାହ୍ନ ୧ଟାରେ ଉପଠିକାଦାର ସୀତାରାମ ଅଗ୍ରୱାଲ ମ.ରାମପୁର ଥାନାରେ ଅଭିଯୋଗ କରିଛନ୍ତି । ମ.ରାମପୁର ଉପଭାରପ୍ରାପ୍ତ ଥାନା ଅଧିକାରୀ ଓ କେସିଙ୍ଗା ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

ମିଳିଥିବା ସୂଚନାଅନୁଯାୟୀ, ୧୨ରୁ ୧୫ ଜଣ ମାଓବାଦୀ ସେଦିନ ରାତି ପ୍ରାୟ ୧ଟା ବେଳେ ଠିକାଦାର କ୍ୟାମ୍ପକୁ ପଶି ଇନ୍‌ଚାର୍ଜ ଚନ୍ଦ୍ରକାନ୍ତ ନେଗୀଙ୍କୁ ନିଦରୁ ଉଠାଇଥିଲେ। ଏହାପରେ ସେମାନେ ଆଣିଥିବା ଡିଜେଲ ଢ଼ାଳି ସବୁ ଗାଡ଼ିରେ ନିଆଁ ଲଗାଇବା ସହ ବିଭିନ୍ନ ଧମକ ଦେଇ ଚାଲିଯାଇଥିଲେ। କ୍ୟାମ୍ପରେ ☞ପୃଷ୍ଠା-୪

# ପୋଲିସ ପ୍ରଶାସନରେ ଅଭିଯୁକ୍ତ ପୁରସ୍କୃତ

## ୪୦ ଇନ୍ସପେକ୍ଟର, ୧୪ ଏସିପିଙ୍କ ନାମରେ ଏକାଧିକ ଅଭିଯୋଗ



- ଦୀପକ ମିଶ୍ର, ଶରତ ସାହୁଙ୍କ ନାମରେ ସର୍ବାଧିକ
- କାର୍ଯ୍ୟାନୁଷ୍ଠାନ ବଦଳରେ ପ୍ରମୋଶନ ଉପହାର
- ତଳଠୁ ଉପର ସଲାସୁତୁରାରେ ଚାଲିଛି କାର୍ଯ୍ୟ

**ତ୍ରିନାଥ ମହାନ୍ତି**

**ଭୁବନେଶ୍ୱର, ୧୫।୫ (ବ୍ୟୁରୋ)**

ସମସ୍ତଙ୍କ ପାଇଁ ଆଇନ ସମାନ। ଅପରାଧ ଅନୁଯାୟୀ ଜଣେ ସାଧାରଣ ବ୍ୟକ୍ତିଙ୍କ କ୍ଷେତ୍ରରେ ଯେଉଁ ଦଫା ଲାଗେ ଜଣେ ପୋଲିସ ବିରୋଧରେ ମଧ୍ୟ ସେହି ଦଫା ଲାଗିଥାଏ। କିନ୍ତୁ ପୋଲିସ ନିଜ କ୍ଷମତାର ଦୁରୁପଯୋଗ କରି ଆଇନକୁ ଦଳିମକଚି ଚାଲିଛି। ପୋଲିସ ବିରୋଧରେ ଆସିଥିବା ଅଭିଯୋଗ ଫାଇଲକୁ ଚାପି ଦିଆଯାଉଛି। କାର୍ଯ୍ୟାନୁଷ୍ଠାନ ଦୂରର କଥା ତଦନ୍ତ ମଧ୍ୟ କରାଯାଉନାହିଁ। ଚାପ ପଡ଼ିଲେ ତଦନ୍ତ ହେଉଛି, ହେଲେ ରିପୋର୍ଟକୁ ବଦଳାଇ ଦିଆଯାଉଛି। ଫଳରେ ଜଣେ ଦୁର୍ନୀତିଗ୍ରସ୍ତ ବା ଅଭିଯୁକ୍ତ ପୋଲିସ ଅଫିସର ଆଇନ ଫାଶରୁ ଖସିଯାଉଛନ୍ତି। ଏହାସତ୍ତ୍ୱେ ଯଦି ବି କେହି ମୁହଁ ଖୋଲୁଛି ତଳସ୍ତରରୁ ଖାକି ଭୟ ଦେଖାଇ ଚାପି ଦିଆଯାଉଛି। ସବୁଠୁ ଆଶ୍ଚର୍ଯ୍ୟଜନକ ପରିସ୍ଥିତି ରାଜ୍ୟର ସର୍ବାଧିକ ଦକ୍ଷ କୁହାଯାଉଥିବା କମିଶନରେଟ ପୋଲିସରେ ଦେଖିବାକୁ ମିଳିଛି। କମିଶନରେଟ ପୋଲିସରେ କାର୍ଯ୍ୟ କରୁଥିବା ବହୁ ପୋଲିସ ଅଫିସରଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିଛି। କିନ୍ତୁ ଦୁର୍ଭାଗ୍ୟର କଥା ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ବଦଳରେ ସମ୍ପୃକ୍ତ ଅଫିସରମାନଙ୍କୁ ପ୍ରମୋଶନ ଦିଆଯାଇ ଅନ୍ୟତ୍ର ବଦଳି କରାଯାଇଛି। ଏହି ଅଫିସରଙ୍କ ମଧ୍ୟରୁ କେତେଜଣ କମିଶନରେଟ ପୋଲିସରେ ଥିବାବେଳେ ଆଉ କେତେଜଣ ବାହାର ଜିଲାରେ ଅବସ୍ଥାପିତ ଅଛନ୍ତି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୦୯ରୁ ୨୦୧୮ ପର୍ଯ୍ୟନ୍ତ କମିଶନରେଟ ପୋଲିସରେ କାର୍ଯ୍ୟ କରୁଥିବା ୪୦ ଇନ୍ସପେକ୍ଟର ଓ ୧୪ ଏସିପିଙ୍କ ନାମରେ ବିଭିନ୍ନ ଅଭିଯୋଗ ଆସିଛି। ସେଗୁଡ଼ିକ ହେଲା ମିଛ ମାମଲାରେ ଫସାଇବା, ଅଭିଯୋଗକାରୀଙ୍କୁ ଲାଞ୍ଚ ମାଗିବା, ଥାନାରେ ଅଭିଯୋଗକାରୀଙ୍କୁ ନିର୍ଯାତନା ଦେବା, ବିପକ୍ଷ ଗୋଷ୍ଠୀଙ୍କଠାରୁ ଟଙ୍କା ନେଇ ମାମଲା ରୁଜୁ ନ କରିବା, ବିଲ୍ଡରମାନଙ୍କୁ ସହାନୁଭୂତି ଦେଖାଇ ତାଙ୍କ ବିରୋଧରେ ମାମଲା ଉଠାଇନେବା, ବିନା କାରଣରେ ଗିରଫ କରିବା, ମହିଳାଙ୍କୁ ଅସଦାଚରଣ ଓ ଆୟ ବହିର୍ଭୂତ ସମ୍ପତ୍ତି ଅର୍ଜନ କରିବା। ବିଶେଷକରି ଥାନାରେ ନିର୍ଯାତନା ଦେବା ସହ ମିଛ ମାମଲା ରୁଜୁ କରିବା ଭଳି ଅଭିଯୋଗ ୪୦ ପ୍ରତିଶତ ରହିଛି। ସେହିଭଳି ଲାଞ୍ଚ ମାଗିବା ସହ ବିପକ୍ଷ ଗୋଷ୍ଠୀଠାରୁ ଲାଞ୍ଚ ନେଇ ମାମଲାର କାର୍ଯ୍ୟାନୁଷ୍ଠାନ ନ ନେବା ଭଳି ଅଭିଯୋଗ ୨୦ ପ୍ରତିଶତ ରହିଛି। ବହୁ ମହିଳାଙ୍କ ସମେତ ସାଧାରଣ ଲୋକ, ଆଇନଜୀବୀ, ସାମାଜିକ କର୍ମୀ, ସୂଚନା ଅଧିକାର କର୍ମୀ ଏବଂ ବରିଷ୍ଠ ନାଗରିକମାନେ ☞ପୃଷ୍ଠା-୪

### ■ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ସପ୍ତାହକ ମଧ୍ୟରେ ଘରଭଙ୍ଗା ସହାୟତା

- ରାଶନକାର୍ଡ ନ ଥିବା ପରିବାରକୁ ମିଳିବ ଚାଉଳ
- ବିଦ୍ୟୁତ୍ ସେବା ସ୍ୱାଭାବିକ ହେବା ପର୍ଯ୍ୟନ୍ତ ବଣ୍ଟାଯିବ କିରୋସିନ
- ମାଗଣାରେ ଦିଆଯିବ ସାନିଟାରି ନାପ୍‌କିନ
- ବଣ୍ଟାଯିବ ୧୦ ଲକ୍ଷ ମହମବତି
- ପୁରୀକୁ ବିଶ୍ୱର ଐତିହ୍ୟ ସହର କରାଯିବ

**ପୁରୀ ଅଫିସ, ୧୫।୫**

ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲାରେ ରିଲିଫ ଏବଂ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏ ନେଇ ବୁଧବାର ଅପରାହ୍ନରେ ପୁରୀ ସର୍କିଟ ହାଉସ୍‌ରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ସମୟରେ ସମସ୍ତଙ୍କୁ ଧୈର୍ଯ୍ୟ ଧରି ପୁନରୁଦ୍ଧାର କାମରେ ସହଯୋଗ କରିବାକୁ ପଡ଼ିବ। ପୁରୀକୁ ବିଶ୍ୱର ଐତିହ୍ୟ ସହର କରାଯିବ। ତେବେ ବାତ୍ୟାରେ ବିଦ୍ୟୁତ୍ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛି। ପୁରୀ ଜିଲାକୁ ଯେଉଁ ୩ଟି ଲାଇନ ଯାଇଛି ତାହା ଫନୀରେ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ଲାଗି ହଜାର ହଜାର ଲୋକ ଦିନରାତି କାମରେ ଲାଗିଛନ୍ତି। ଦ୍ରୁତଗତିରେ ପୁନରୁଦ୍ଧାର କାମ ଚାଲିଛି। ଗୋଟିଏ ଲାଇନ ମରାମତି ସରିଛି। ଏହା ମାଧ୍ୟମରେ ପୁରୀ ସହରକୁ ବିଦ୍ୟୁତ୍ ଯୋଗାଣ ହୋଇଛି। ନିମାପଡ଼ା ଏବଂ କୋଣାର୍କ ଏନ୍‌ଏସିକୁ ବୁଧବାର ରାତି ସୁଦ୍ଧା ବିଦ୍ୟୁତ୍ ଯୋଗାଣ ହୋଇଯିବ। ଧୀରେ ଧୀରେ ଜିଲାର ସବୁ ଅଞ୍ଚଳକୁ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବ। ଘରଭଙ୍ଗା କ୍ଷୟକ୍ଷତି ଆକଳନ ପ୍ରକ୍ରିୟା ଆରମ୍ଭ ହୋଇଛି। ସପ୍ତାହକ ମଧ୍ୟରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଦିଆଯିବ। କ୍ଷତିଗ୍ରସ୍ତଙ୍କୁ ରିଲିଫ ଦିଆଯାଉଛି। ☞ପୃଷ୍ଠା-୪




ବୈଠକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

# ଜୁନ୍ ୬ରେ କେରଳ ଛୁଇଁବ ମୌସୁମୀ

**ନୂଆଦିଲ୍ଲୀ, (ପି.ଟି.)/ ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ପହଞ୍ଚିବାରେ ବିଳମ୍ବ ହେବ। ଏଭଳି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) । ମୌସୁମୀ ସାଧାରଣତଃ ଜୁନ୍ ୧ରେ କେରଳ ଛୁଇଁଥାଏ। କିନ୍ତୁ ଚଳିତ ବର୍ଷ ଏହା ୫ ଦିନ ବିଳମ୍ବରେ ଅର୍ଥାତ୍ ଜୁନ୍ ୬ରେ କେରଳ ଛୁଇଁପାରେ ବୋଲି ପାଣିପାଗ ବିଭାଗ ବୁଧବାର ସୂଚନା ଦେଇଛି। ଏଥିରେ ୪ ଦିନ କମ୍ ବେଶୀ ହୋଇପାରେ ବୋଲି କୁହାଯାଇଛି।

ମେ ୧୮-୧୯ ବେଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଣ୍ଡାମାନ ସାଗରର ଦକ୍ଷିଣ ଭାଗ, ନିକୋବର ଦ୍ୱୀପପୁଞ୍ଜ ଏବଂ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଅଗ୍ରସର ହେବା ଲାଗି ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ଚଳିତ ବର୍ଷ ମୌସୁମୀ ଆଗମନରେ ବିଳମ୍ବ ହେବ ବୋଲି ମଙ୍ଗଳବାର ଘରୋଇ ସଂସ୍ଥା ସ୍କାଏମେଟ୍ ପୂର୍ବାନୁମାନ କରିଥିଲା। ଏହା ଜୁନ୍ ୪ରେ କେରଳ ଉପକୂଳ ଛୁଇଁବ ବୋଲି ସ୍କାଏମେଟ୍ କହିଥିଲା। ଯଦି ଚଳିତ ବର୍ଷ ମୌସୁମୀ ବିଳମ୍ବରେ ପହଞ୍ଚେ ତେବେ ୨୦୧୪ରୁ ଏହା ତୃତୀୟ ଘଟଣା ହେବ। ୨୦୧୪ରେ ମୌସୁମୀ ଜୁନ୍ ୫ରେ ପହଞ୍ଚିଥିଲା। ଏହା ପରେ ୨୦୧୫ରେ ଜୁନ୍ ୬ ଏବଂ ୨୦୧୬ରେ ଜୁନ୍ ୬ରେ ମୌସୁମୀ କେରଳ ଉପକୂଳ ଛୁଇଁଥିଲା। ☞ପୃଷ୍ଠା-୪



- ଦୁଇ ସପ୍ତାହ ପରେ ଓଡ଼ିଶା
- ଚାଷ ପଛାଇବା ଆଶଙ୍କା

# କଂଗ୍ରେସ: ସ୍ଥିତି ବଜାୟ ରଖିବା ଚ୍ୟାଲେଞ୍ଜ

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

ସାଧାରଣ ନିର୍ବାଚନ ଫଳାଫଳ ଆସନ୍ତା ୨୩'ରେ ପ୍ରକାଶ ପାଇବ। ଏହା ପୂର୍ବରୁ କେଉଁ ଦଳ କେତେସଂଖ୍ୟକ ଆସନ ଜିତିବ, ସେନେଇ ଅଙ୍କକଷା ଚାଲିଛି। ଓଡ଼ିଶାରେ ଏକସଙ୍ଗରେ ହୋଇଥିବା ଲୋକ ସଭା ଏବଂ ବିଧାନସଭା ନିର୍ବାଚନରେ ମୁଖ୍ୟତଃ ଭାଜପା-ବିଜେଡି ମଧ୍ୟରେ ପ୍ରତ୍ୟକ୍ଷ ଲଢ଼େଇ ହୋଇଥିବା କୁହାଯାଉଛି। ରାଜ୍ୟରେ କଂଗ୍ରେସ ପ୍ରଥମଥର ପାଇଁ ଅଧିକାଂଶ ଆସନର ମୁଖ୍ୟ ଲଢ଼େଇରେ ନାହିଁ। ତେଣୁ ଫଳାଫଳକୁ ନେଇ କଂଗ୍ରେସ ଅନ୍ୟ ୨ ପ୍ରମୁଖ ଦଳ(ବିଜେଡି, ଭାଜପା) ଭଳି ଉତ୍ସାହିତ ନୁହେଁ। ରାଜ୍ୟରେ ହୋଇଥିବା ୪ଟି ପର୍ଯ୍ୟାୟ ନିର୍ବାଚନ ପରେ କେଉଁ ଆସନରେ ଭଲ ଫଳାଫଳ ପାଇବ, ସେନେଇ କେତେକ କଂଗ୍ରେସ ନେତା ମତ ରଖିଛନ୍ତି।

ରାଜ୍ୟରେ ଥିବା ୨୧ ଲୋକ ସଭା ଆସନ ମଧ୍ୟରୁ କଂଗ୍ରେସ ୪ ସ୍ଥାନରେ ମୁଖ୍ୟତଃ ଲଢ଼େଇ କରିଥିବା କୁହାଯାଇଛି। ଏହି ଆସନଗୁଡ଼ିକ ହେଉଛି-ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଏବଂ ସୁନ୍ଦରଗଡ଼। ଏହାବ୍ୟତୀତ ଦଳ ବାଲେଶ୍ୱର, ଢେଙ୍କାନାଳ, ବଲାଙ୍ଗୀର, ପୁରୀ, କଟକ, ବରଗଡ଼, ସମ୍ବଲପୁର, କନ୍ଧମାଳ, ଜଗତ୍‌ସିଂହପୁର, ଭଦ୍ରକ, ବ୍ରହ୍ମପୁର, କେନ୍ଦ୍ରାପଡ଼ା, କେନ୍ଦୁଝର ଏବଂ ଯାଜପୁର ଭଳି ଆସନରେ ତୃତୀୟ ସ୍ଥାନରେ ରହିବ ବୋଲି କୁହାଯାଉଛି। ଆସ୍କା, ଭୁବନେଶ୍ୱର ଏବଂ ମୟୂରଭଞ୍ଜରେ କଂଗ୍ରେସ ପ୍ରାର୍ଥୀ ନ ଦେଇ ସହଯୋଗୀ ଦଳଙ୍କୁ ସମର୍ଥନ କରିଥିଲା। ୨୦୧୪ରେ ଦଳ ରାଜ୍ୟରେ ଗୋଟିଏ ବି ଲୋକ ସଭା ଜିତିପାରି ନ ଥିଲା। ଭୋଟ ପରବର୍ତ୍ତୀ ଆକଳନ ଅନୁଯାୟୀ, ଦଳ ନବରଙ୍ଗପୁରରେ ଜିତିବା ନେଇ ଆଶାବାଦୀ ଥିବାବେଳେ ଅନ୍ୟ ଆସନକୁ ନେଇ ଦୃଢ଼ମତ ନୁହେଁ। କିଛିଦିନ ତଳେ ଏକ ଜାତୀୟ ଗଣମାଧ୍ୟମରେ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, କଂଗ୍ରେସ ଜାତୀୟସ୍ତରରେ ୪୪ରୁ ୧୦୧ ଆସନ ହାତେଇପାରେ। ଏହି ସର୍ଭେରେ ଓଡ଼ିଶାରେ କଂଗ୍ରେସ ଗୋଟିଏ ବି ଆସନ ପାଉ ନ ଥିବା ଦର୍ଶାଯାଇଥିଲା। ଶେଷଥର ପାଇଁ ୨୦୦୯ରେ କଂଗ୍ରେସ ୬ଟି ଲୋକ ସଭା ଆସନ ଜିତିବାକୁ ସକ୍ଷମ ହୋଇଥିଲା। ସେହି ଆସନଗୁଡ଼ିକ ଥିଲା- ବାଲେଶ୍ୱର, ବରଗଡ଼, ସୁନ୍ଦରଗଡ଼, ନବରଙ୍ଗପୁର, ☞ପୃଷ୍ଠା-୪

**ନିର୍ବାଚନ ପରବର୍ତ୍ତୀ ଆକଳନ**




- ନବରଙ୍ଗପୁର ଲୋକ ସଭା ଏକମାତ୍ର ଆଶା
- ୯ରୁ ୧୭ ବିଧାନସଭା ପାଇଁ ଆଶାବାଦୀ
- ସିପିଏମ୍, ସ୍ୱାଧୀନ, ବିଏସ୍‌ପି ଗୋଟିଏ ଲେଖାଏ ଜିତିବା ନେଇ ଆକଳନ


ADMISSION NOTICE 2019-20

GANGADHAR MEHER UNIVERSITY, AMRUTA VIHAR, SAMBALPUR

Invites Applications for Admission into the following Self Financing Courses

| COURSE | DURATION | ELIGIBILITY |
|---|---|---|
| MBA (Financial Management) | 2 Years | +3 or Equivalent with 45 % marks in Aggregate at degree Level (relaxation of 5% Marks is allowed for the students belonging to ST/SC categories) |
| MBA (Subject to availability of seats after OJEE Admission) | 2 Years | OJEE/CAT/MAT/XAT/ATMA Non-OJEE Candidates having score card with minimum 50% marks in aggregate at the degree level. |
| M.Sc. ETC (Electronics & Telecommunications) | 2 Years | B.Sc. with Maths./Physics /Electronics &Telecommunication/ Computer Science /IST or Equivalent and minimum 45 % marks in aggregate at degree Level or B.Tech.(ETC/CSE/IT). (relaxation of 5% Marks is allowed for the students belonging to ST/SC categories) |
| BBA (Hons.) | 3 Years | +2 Pass or Equivalent |
| B.Sc. IST (Hons.) (Information Science &Telecommunications) | 3 Years | +2 Science or Equivalent with Math./Physics |

- Candidates may apply for MBA-FM, M.Sc.-ETC and other PG. Courses of the university through online admission portal www.gmuniversity.ac.in from 08.05.2019 to 24.05.2019. Other modes of applications will not be considered. For details visit the University Website.
- Online Admission to all the UG courses (including BBA & BSc.IST) will commence soon. Please visit the University website www.gmuniversity.ac.in or contact to the helpline numbers for details.
- For MBA programme, Forms and Information Bulletins are available at the Department of Professional Courses, G.M. University, Amruta Vihar, Sambalpur. However the admission to the MBA Programme will be subject to availability of seats after OJEE Admission.

Helpline No - 0663-2522543, Mob. 9861283124, 8328821808, 7008225400, 9438735182, 9853132904

Registrar

## ଖାଦ୍ୟରୁଚି

ସମ୍ବଲପୁର ଜିଲା ରେଙ୍ଗାଲି ବାଇପାସ୍ ଛକରେ ହଟ୍ ସ୍ପାଇସିଜ୍ ରହିଛି । ଏହି ରେଷ୍ଟୁରାଣ୍ଟର ସ୍ୱତନ୍ତ୍ର ଡିସ୍ ଭାବେ ଭେଜ ସାହି ସୋନା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏହାର ମୂଲ୍ୟ ୧୫୦ ଟଙ୍କା ରହିଛି । ଏହାକୁ ଦୁଇ ଜଣ ଗ୍ରାହକ ଷ୍ଟାଟର୍ କିମ୍ବା ମେନ୍ କୋର୍ସରେ ଖାଇପାରିବେ । ମୁଖ୍ୟ ସେଫ୍ କୁଞ୍ଜବନ ବିଶ୍ୱାଳ କହନ୍ତି, ଭେଜ ସାହି ସୋନା ଦେଖିବାକୁ ଯେମିତି, ଖାଇବାକୁ ବି ସେମିତି । ସବୁଜ ରଙ୍ଗର ପାଲକ ପନିର, ହଳଦିଆ ରଙ୍ଗର ଭେଜ କଢ଼େଇ ଓ ଲାଲ ରଙ୍ଗର ପନିର ବଟର ମସଲା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କଲେ ୩୪୦ ଟଙ୍କା ଲାଗିଥାଏ । କିନ୍ତୁ ୩ଟିକୁ ମିଶାଇ ଭେଜ ସାହି ସୋନା ପ୍ରସ୍ତୁତ କରାଯାଏ ।

ରିପୋର୍ଟ: ବି. ଶଙ୍କର

# ଭେଜ୍ ସାହି ସୋନା

### ଆବଶ୍ୟକ ସାମଗ୍ରୀ

- କଞ୍ଚା ପନିର– ୫୦ ଗ୍ରାମ ।
- ପାଳଙ୍ଗ– ୧୦୦ ଗ୍ରାମ ।
- କୋବି, ବିନ୍ସ, ଗାଜର, ମଟର, କାପ୍‌ସିକମ୍– ୭୦ ଗ୍ରାମ ।
- ବଟର– ୨୦ ଗ୍ରାମ ।
- ତେଲ– ୧୦୦ ଗ୍ରାମ ।
- ଫ୍ରେସ୍ କ୍ରିମ୍– ୩୦ ଗ୍ରାମ ।
- ପିଆଜ– ୫୦ ଗ୍ରାମ ।
- କାଜୁ– ୨୦ ଗ୍ରାମ ।
- ଟମାଟୋ– ୩୦ ଗ୍ରାମ ।
- ଲୁଣ– ସ୍ୱାଦ ଅନୁସାରେ ।
- ଫ୍ରୁଟ୍ସ କକ୍‌ଟେଲ– ୫୦ ଗ୍ରାମ ।
- ଚେରି– ୨୦ ଗ୍ରାମ ।
- ଧନିଆପତ୍ର– ୫ ଗ୍ରାମ ।
- ରସୁଣ– ୨୦ ଗ୍ରାମ ।
- ଅଦା– ୨୦ ଗ୍ରାମ ।
- ଶୁଖିଲାଲଙ୍କା– ୫ ଗ୍ରାମ ।
- କଞ୍ଚାଲଙ୍କା– ୫ଗ୍ରାମ ।
- କଡ଼ିପତ୍ର– ୫ ଗ୍ରାମ ।
- ଗୋଟା ଧନିଆ– ୫ ଗ୍ରାମ ।



ମୁଖ୍ୟ ସେଫ୍
କୁଞ୍ଜବନ ବିଶ୍ୱାଳ



### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପାଳଙ୍ଗକୁ ସିଝାଯାଇଥାଏ। ଏହାପରେ ଗ୍ରାଇଣ୍ଡିଂ କରାଯାଇ କାଜୁ ପେଷ୍ଟ ସହିତ ମିଶା ଯାଇଥାଏ। କଡ଼େଇରେ ଥିବା ଗରମ ବଟରରେ କାଜୁ ଓ ପାଳଙ୍ଗ ପେଷ୍ଟ ଦିଆଯାଏ। ଏହା ଉପରେ କଟା ପନିର ଦିଆଯାଇ, ୩ ମିନିଟ ପର୍ଯ୍ୟନ୍ତ ଭଜା ଯାଏ । ଏହାପରେ ପାଲକ ପନିରକୁ ଏକ ଧଳା ପ୍ଲେଟ ମଝିରେ ଲମ୍ୱା କରି ରଖାଯାଏ। ସେହିପରି ଗରମ ତେଲରେ କୋବି, ବିନ୍ସ, ଗାଜର, ମଟର, କାପ୍‌ସିକମ୍‌କୁ ମିଶାଇ ଛୋଟ ଛୋଟ ଭେଜଚପ୍ କରାଯାଏ । ଏହାପରେ କଡ଼ିପତ୍ର, ଶୁଖିଲାଲଙ୍କା, ଗୋଟା ଧନିଆ, ଅଦା, ରସୁଣ, ପିଆଜ ଭଜା ଯାଇଥାଏ । ତାପରେ କାଜୁ ଓ ଭେଜ ପେଷ୍ଟକୁ ପକାଇ ୩ମିନିଟ ପର୍ଯ୍ୟନ୍ତ କମ୍ ଆଞ୍ଚରେ ରଖାଯାଏ । ଏହାପରେ ଫ୍ରେସ୍ କ୍ରିମ ଦେଇ କଢ଼େଇରୁ ବାହାର କରି ସ୍ୱଚ୍ଛ ପ୍ଲେଟରେ ରଖାଯାଏ । ଅପରପକ୍ଷେ କଟା ପନିର ସହ ଅଦା, ରସୁଣ, ପିଆଜ, କାଜୁ, ଟମାଟୋ ପେଷ୍ଟକୁ ବଟର ଦେଇ ଲାଲ ରଙ୍ଗର ପନିର ବଟର ମସଲା ପ୍ରସ୍ତୁତ କରାଯାଏ। ଏକ ପ୍ଲେଟରେ ସବୁଜ ରଙ୍ଗର ପାଲକ ପନିର, ହଳଦିଆ ରଙ୍ଗର ଭେଜ କଢ଼େଇ ଓ ଲାଲ ରଙ୍ଗର ପନିର ବଟର ମସଲା ପ୍ରସ୍ତୁତ କରାଯାଏ। ଏହାପରେ ଫ୍ରୁଟ କକ୍‌ଟେଲ ଦିଆଯାଇ ଭେଜ ସାହି ସୋନା ପ୍ରସ୍ତୁତ ହୋଇ ଗ୍ରାହକଙ୍କୁ ପରଷା ଯାଇଥାଏ । ଏହି ଡିସ୍ ପ୍ରସ୍ତୁତ କରିବାକୁ ପ୍ରାୟ ୧୫ ମିନିଟ ସମୟ ଲାଗିଥାଏ ।

## ସେଲ୍‌ଫି କର୍ଣ୍ଣର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



@ ଅବଦୁଲ



@ ଅଙ୍କିତା



@ ଅମରେଶ



@ ପିଣ୍ଟୁ



@ ସୁପ୍ରିୟା



@ ଉମାଶଙ୍କର



@ ପ୍ରେମ



@ ନିକୁ



@ ତାପସ



@ ନନ୍ଦୁଲାଲ



@ ଶିବୁ

# ଯୁବଗୋଷ୍ଠୀଙ୍କ ପସନ୍ଦ

## ଫିଟ୍‌ନେସ ଜିମ୍

"କେବଳ ସ୍ମାର୍ଟ ସିଟି ନୁହେଁ ଏବେ ଛୋଟ ଛୋଟ ସହରରେ ବି ଜିମ୍ ଟ୍ରେଣ୍ଡ ବଢ଼ିବାରେ ଲାଗିଛି। କେବଳ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ନୁହେଁ, ବରଂ ବିଭିନ୍ନ ପ୍ରବେଶିକା ପରୀକ୍ଷା ଲାଗି ନିଜକୁ ଫିଟ୍ ରଖିବା ପାଇଁ ଏହାର ଚାହିଦା ବଢ଼ିଛି । ୨୦୧୯ ଜାନୁୟାରୀ ୧ । ବରଗଡ଼ ଜିଲା ଭେଡ଼େନରେ ଉଦ୍‌ଘାଟିତ ହୋଇଥିଲା ଜୟ ବୀର ହେଲ୍‌ଥ ପ୍ଲାଜା । ମାତ୍ର ୫ ମାସ ଭିତରେ ଦେଢ଼ଶହରୁ ଉର୍ଦ୍ଧ୍ୱ ଛାତ୍ର ଏହି ହେଲ୍‌ଥ ପ୍ଲାଜାରୁ ତାଲିମ ନେଇଛନ୍ତି । ଅତ୍ୟାଧୁନିକ ମେଶିନ ଦ୍ୱାରା ନିଜ ଶରୀରକୁ ଫିଟ୍ ରଖିବାର ଧାରାକୁ ଯୁବକମାନେ ଆପଣାଇବାରେ ଲାଗିଛନ୍ତି । ବଟରଫ୍ଲାଇ, ବେଞ୍ଚପ୍ରେସ, ଅପର ପ୍ରେସ୍, ଲୋଅର ପ୍ରେସ୍, ପ୍ଲେନ ପ୍ରେସ୍, ବେଲି, ଡ଼ମ୍ବଲ, ଲେଗପ୍ରେସ , ଜିମ୍ ସାଇକିଲିଂ ଆଦି ମେଶିନ ଦ୍ୱାରା ଯୁବକମାନେ ଲାଭ ଉଠାଉଛନ୍ତି । ନିୟମିତ ଜିମ୍ ଆସୁଥିବା ଯୁବକମାନେ ନିଶା ସେବନ ଅଭ୍ୟାସକୁ ଛାଡିବାକୁ ବାଧ୍ୟ ହୋଇଥାନ୍ତି ବୋଲି କହନ୍ତି ଜିମ୍‌ର ଟ୍ରେନର ହେମ ସାଗର ମେହେର।

### ଏମାନଙ୍କ ମୁହଁରୁ

- ଜିମ୍ କେବଳ ଶରୀର ଗଠନ ପାଇଁ ନୁହେଁ ବରଂ ମାନସିକ ଶାନ୍ତି ପ୍ରଦାନ କରିଥାଏ।
  –ସୁଲତାନ ଖାନ
- ଜିମ୍ ଦ୍ୱାରା ଓଜନ ହ୍ରାସ ହୋଇପାରୁଛି । ମୋ ଶରୀରର ଫିଟନେସ ଆସିଛି।
  – ବାଦଲ ମହାରଣା
- କେବଳ ଛାତ୍ର କି ଯୁବଗୋଷ୍ଠୀ ନୁହନ୍ତି, ବରିଷ୍ଠ ନାଗରିକମାନେ ବି ଏହି ଧାରାକୁ ନିଜର କରିବାକୁ ଆଗ୍ରହ ଦେଖାଉଛନ୍ତି ।
  –ଭୀଷ୍ମଦେବ ମେହେର
- ଲାଭ ନୁହେଁ, ଯୁବ ପିଢ଼ିଙ୍କ ଆଗ୍ରହ ଯୋଗୁ ଖୁସି ଲାଗୁଛି।
  –ହେମସାଗର ମେହେର, ଟ୍ରେନର

**ଅନ୍ୟତ୍ର ଜିମ୍-** କେବଳ ଭେଡ଼େନ ନୁହେଁ ଏହି ବ୍ଲକରେ ଥିବା ରେମଣ୍ଡାର ଜିମ୍‌ରେ ଯୁବଗୋଷ୍ଠୀଙ୍କ ଭିଡ ଲାଗି ରହିଛି । ଅରେଇଗୁଡ଼ି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାଲେପାଲିରେ ମଧ୍ୟ ନିକଟ ଭବିଷ୍ୟତରେ ଏକ ଜିମ ଖୋଲିବାକୁ ଯାଉଛି। ଲୁହାଖଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବରପଦର ଅଚ୍ଛାଣ୍ଡପାଲି ଆଞ୍ଚଳିକ ହାଇସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କ ପାଇଁ ଚଳିତ ମାସ ୫ ତାରିଖରେ ଏକ ନୂତନ ଜିମ୍ ଆରମ୍ଭ ହୋଇଛି।



ଭେଡ଼େନ ଜିମ୍‌ରେ ଛାତ୍ରମାନେ ଟ୍ରେନରଙ୍କ ସହ।

ରିପୋର୍ଟ: ନିର୍ମଳ କୁମାର ମେହେର

## ନିଜ କଥା

ପ୍ରଫେସର ଦଣ୍ଡେଶ୍ୱର ହୋତା

# ଲତା, କିଶୋରଙ୍କ ଗୀତରେ ନିଜକୁ ହଜାଇଦିଏ



ବହୁ ଦୁଃଖ ଲାଗିଥାଏ ଯେତେବେଳେ କୌଣସି ରୋଗୀ ଚେରମୂଳ ଖାଇ କିମ୍ବା ଗୁଣିଗାରେଡିର ଆଶ୍ରୟ ନେଇ ଗୁରୁତର ହେବା ପରେ ଡାକ୍ତରଖାନାକୁ ଆସିଥାନ୍ତି। ଆଧୁନିକ ଚିକିତ୍ସା ବିଜ୍ଞାନ ଅନେକ ଅସାଧ ରୋଗକୁ ଆରୋଗ୍ୟ କରିପାରୁଛି। ହେଲେ ଏମାନଙ୍କୁ ସେ ସବୁ ଜଣାନାହିଁ। ତେଣୁ ମୋ ଜୀବନରେ ଏକ ମିଶନ ନେଇ ମୁଁ କାର୍ଯ୍ୟ କରୁଛି। ଯେଉଁଠି ସ୍ୱାସ୍ଥ୍ୟ ସେବା ଅପହଞ୍ଚ ଅଛି, ସେଠାରେ କିଭଳି ଆଧୁନିକ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଲୋକଙ୍କୁ ଅବଗତ କରିହେବ ସେ ଲକ୍ଷ୍ୟ ନେଇ ମୁଁ କାର୍ଯ୍ୟ କରୁଛି। ଏବେ ରାଜ୍ୟର ଦୁର୍ଗମ ଅଞ୍ଚଳଗୁଡିକୁ ଯାଇ ସ୍ୱାସ୍ଥ୍ୟ କ୍ୟାମ୍ପ ମାଧମରେ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା କରୁଛି। ୨୦୧୭ରେ ମାଲକାନଗିରି ଜିଲାର କୋରକୁଣ୍ଡା ଅଞ୍ଚଳରେ ଏକ ସ୍ୱାସ୍ଥ୍ୟ କ୍ୟାମ୍ପ କରିଥିଲି। ବହୁସଂଖ୍ୟାରେ ବଣ୍ଡା ଜନଜାତିର ଲୋକ ସେଠାକୁ ଆସିଥିଲେ। ସେମାନଙ୍କ ସରଳତା ଓ ନିଷ୍କପଟତା ମୋତେ ଅନେକ ଭାବରେ ପ୍ରଭାବିତ କରିଛି। ତେଣୁ ସମୟ ପାଇବା ମାତ୍ରେ ଏହିସବୁ ଅଞ୍ଚଳକୁ ଗସ୍ତ କରି ଲୋକଙ୍କୁ ଆଧୁନିକ ଚିକିତ୍ସା ବିଜ୍ଞାନ ପ୍ରତି ସଚେତନ କରିବା କାର୍ଯ୍ୟ ଜାରି ରଖିବି। ଏ କଥା କହିଛନ୍ତି ଏସସିବି ମେଡିକାଲ ମୂତ୍ରଶଲ୍ୟ ବିଭାଗ(ୟୁରୋଲୋଜି)ର ବରିଷ୍ଠ ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା। ୧୯୫୮ ଜାନୁୟାରୀ ୧୩ରେ ସୋନପୁରଠାରେ ଜନ୍ମଗ୍ରହଣ କରିଥିବା ଡାକ୍ତର ହୋତା ରାଜ୍ୟରେ ଏକ ପରିଚିତ ଚେହେରା। ବାପା ଚିତ୍ତରଞ୍ଜନ ଓ ମା' ଜ୍ଞାନୀ ଦେବୀ ଚାହିଁଥିଲେ ଯେ ପୁଅ ଜଣେ ବଡ ଡାକ୍ତର ହେଉ। ବାପା, ମା'ଙ୍କ ଲକ୍ଷ୍ୟକୁ ପୂରଣ କରିବା ଲକ୍ଷ୍ୟରେ ଦଣ୍ଡେଶ୍ୱର ସ୍କୁଲ ଜୀବନରୁ ପ୍ରସ୍ତୁତି ଆରମ୍ଭ କରିଥିଲେ। ୧୯୭୬ରେ ଏସ୍‌ସିବି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ିଥିଲେ। ଏହାପରେ ମାଷ୍ଟର ଅଫ ସର୍ଜରୀ ଓ ୧୯୯୩ରେ ଚଣ୍ଡିଗଡ଼ରୁ ୟୁରୋଲୋଜିରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତ୍ୟାରୋପଣ କରି ସଫଳତାର ମାଇଲ ଖୁଣ୍ଟ ସ୍ଥାପନ କରିଥିବା ଡାକ୍ତର ହୋତାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ତାଙ୍କୁ ପଚରାଯାଇଥିବା କେତୋଟି ପ୍ରଶ୍ନ।

**ପ୍ରଥମ ଦରମାରେ କ'ଣ କରିଥିଲେ?**

▶▶ ୧୯୮୬ରେ ବୁର୍ଲା ମେଡିକାଲରେ ଡାକ୍ତରଭାବେ ଚାକିରିରେ ଯୋଗଦେଇଥିଲି। ପ୍ରଥମ ମାସର ଦରମା ମା'ଙ୍କୁ ଦେଇଥିଲି।

**କେଉଁ ରଙ୍ଗକୁ ଆପଣ ପସନ୍ଦ କରନ୍ତି?**

▶▶ ସବୁଜ ରଙ୍ଗ ମୋର ବହୁତ ପସନ୍ଦ। ଏହି ରଙ୍ଗରେ ମୁଁ ଶାନ୍ତି ଓ ସହାନୁଭୂତି ଲାଭ କରିଥାଏ।

**ସିନେମା ଦେଖନ୍ତି?**

▶▶ ସମୟ ପାଇବା ମାତ୍ରେ ମୁଁ ସିନେମା ଦେଖିବାକୁ ଯାଇଥାଏ। ଶେଷଥର ପାଇଁ ହଲ୍‌ରେ ବସି ପଦ୍ମାବତ୍ ସିନେମା ଦେଖିଥିଲି।

**ପସନ୍ଦର କଳାକାର କେଉଁମାନେ?**

▶▶ ଅମିତାଭ ବଚ୍ଚନ ଓ ୱାହିଦା ରହମାନ ମୋର ପସନ୍ଦର ଅଭିନେତା, ଅଭିନେତ୍ରୀ।

**ଗୀତ ଶୁଣନ୍ତି?**

▶▶ ହଁ, ବହୁତ ଭଲ ପାଏ। ଲତା ଓ କିଶୋରକୁମାରଙ୍କ ଗୀତରେ ମୁଁ ନିଜକୁ ହଜାଇଥାଏ। ଓଡ଼ିଆରେ ନିର୍ମଳା ମିଶ୍ରଙ୍କ କଣ୍ଠସ୍ୱର ମୋର ପସନ୍ଦ।

**ରୋଷେଇ ଜାଣିଛନ୍ତି?**

▶▶ ପୂରା ସିଦ୍ଧହସ୍ତ। ଭେଜ୍, ନନ୍‌ଭେଜ୍ ସବୁ ପ୍ରସ୍ତୁତ କରିପାରିବି। ହେଲେ ଏବେ ସମୟ ଅଭାବରୁ ଆଉ କିଚେନକୁ ଯାଇପାରୁନି।

**ବହି ପଢ଼ନ୍ତି?**

▶▶ ବହି ପଢିବା ମୋର ପିଲା ଦିନରୁ ଅଭ୍ୟାସ। ଏବେ ସୁଧାମୂର୍ତ୍ତିଙ୍କ ଥ୍ରି ଥାଉଜାଣ୍ଡାସ(୩୦୦୦) ଷ୍ଟିଚେସ ବହି ପଢୁଛି।

**ଲଭ୍ ନା ଆରେଞ୍ଜ୍ ମ୍ୟାରେଜ?**

▶▶ ସମ୍ପୂର୍ଣ୍ଣ ଆରେଞ୍ଜ ମ୍ୟାରେଜ। ୧୯୮୯ ଜୁନ୍ ୩୦ରେ ମୁଁ ସୁଜାତା ପୂଜାରୀଙ୍କୁ ବିବାହ କରିଥିଲି। ସେ ଏବେ ଏସ୍‌ସିବି ମେଡିକାଲର ପାଥୋଲୋଜି ବିଭାଗରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ।

**ସ୍ତ୍ରୀଙ୍କ କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ?**

▶▶ ତାଙ୍କ ପାଖରେ କୌଣସି ଖରାପ ଗୁଣ ମୁଁ ଦେଖିନି, ତେଣୁ ତାଙ୍କର ସମସ୍ତ ଗୁଣ ମୋତେ ଭଲ ଲାଗେ।

–ସାକ୍ଷାତ: ନିର୍ମଳ ପଣ୍ଡା



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ପଶ୍ଚିମବଙ୍ଗବାସୀ ମମତାଙ୍କ ଉପରୁ ଆସ୍ଥା ହରାଇଛନ୍ତି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୫।୫(ବ୍ୟୁରୋ):** ପଶ୍ଚିମବଙ୍ଗର ଲୋକେ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ଆସ୍ଥା ହରାଇଛନ୍ତି। ପଶ୍ଚିମବଙ୍ଗରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହଙ୍କ ରୋଡ୍ ଶୋ' ସମୟରେ ହିଂସାକାଣ୍ଡ ଘଟଣାକୁ ନେଇ ସାମାଜିକ ଗଣମାଧମ ଜରିଆରେ ଏକ ଭିଡିଓ ଜାରିକରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି । ଧର୍ମେନ୍ଦ୍ର କହିଛନ୍ତି ଯେ, ଆସନ୍ନ ପରାଜୟ ଡରରେ ମମତା ଦିଦିଙ୍କ ଲୋକେ ହିଂସାକୁ ଆପଣାଇଛନ୍ତି । ଏହି ହିଂସାର ଜବାବ ଲୋକେ ବାଲେଟରେ ଦେବେ। ଗତ ମଙ୍ଗଳବାର ଏହି ରୋଡ୍ ଶୋ'ବେଳେ ଭାଜପା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଅଭୂତପୂର୍ବ ଜନସମର୍ଥନ ଦେଖିବାକୁ ମିଳିଥିଲା । ଗତକାଲି ଶୋଭାଯାତ୍ରାରେ ଶାହ କାର୍ଯ୍ୟକର୍ତ୍ତାଙ୍କ ସହ କୋଲକାତା କଲେଜ ଷ୍ଟ୍ରିଟ୍ ଅତିକ୍ରମ କରିବାବେଳେ ଗେଟ୍ ଭିତରୁ ୧୦ରୁ ୧୫ଜଣ ଯୁବକ କଳାପତାକା ଦେଖାଇ ନାରାବାଜି କରିଥିଲେ । ଏହି ଘଟଣା ୧ଘଣ୍ଟା ପୂର୍ବରୁ ଘଟିଥିବାବେଳେ ସ୍ଥାନୀୟ ପୋଲିସ ସହାୟତା ବିନା ଏହା ଅସମ୍ଭବ ଥିଲା। ଏହା ଏକ ଷଡ଼ଯନ୍ତ୍ର। ବାହାର ଲୋକମାନେ ଏହି ହିଂସାକାଣ୍ଡ ଘଟାଇଥିବା କୁହାଯାଉଛି। ମମତା ଦିଦି ଯେତେ ଜୋର୍‌ରେ ମିଛକୁ ସତ କରିବାର ପ୍ରୟାସ କରନ୍ତୁ, ହେଲେ ଗତକାଲି ତାଙ୍କ ମନରେ ଭୟଜାତ ହୋଇଥିବା ସେ ମାନିଛନ୍ତି । ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି କିଏ ଭାଙ୍ଗିଲା ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଏହି ସମୟରେ ଭାଜପା କାର୍ଯ୍ୟକର୍ତ୍ତା, ସମର୍ଥକ ଓ ସାଧାରଣ ଜନତା ରାସ୍ତାରେ ଥିଲେ । ପରିସର ଭିତରେ କେବଳ ମମତାଙ୍କ ଛାତ୍ର ପରିଷଦର ଲୋକ ଥିଲେ । ମମତା ନିଜ ଲୋକଙ୍କ ମାଧମରେ ମୂର୍ତ୍ତି ଭାଙ୍ଗି ଓ ସ୍କୁଟି ପୋଡ଼ି ବିବାଦ ସୃଷ୍ଟି କରୁଛନ୍ତି । ସ୍ୱାଧୀନତା ପୂର୍ବ ଲଢ଼େଇକୁ କୋଲକାତାର ରାସ୍ତାଘାଟ ଦେଖିଥିବାବେଳେ ଗତକାଲି ମଧ ଗଣତନ୍ତ୍ର ବଚାଓ ଓ ଅତ୍ୟାଚାର ବିରୋଧରେ ଜନସମର୍ଥନ ଦେଖାଯାଇଛି। ପଶ୍ଚିମବଙ୍ଗରେ ଏଥର ପରିବର୍ତ୍ତନର ଆଭାସ ମିଳିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।




#### ଗରମ ପାଣି ପଡ଼ି ଅଙ୍ଗନୱାଡ଼ି ଶିଶୁ ଗୁରୁତର ଘଟଣା: ସୁପରଭାଇଜର ନିଲମ୍ବିତ

## ଅଙ୍ଗନୱାଡି କର୍ମୀ, ସହାୟିକା ବହିଷ୍କୃତ

**ସୋନପୁର,୧୫।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟିଆପାଲି ଅଙ୍ଗନୱାଡି କେନ୍ଦ୍ରର ସହାୟିକା ଶିଶୁ ଉପରକୁ ଗରମ ପାଣି ଫିଙ୍ଗିବା ଘଟଣାକୁ ପ୍ରଶାସନ ଗୁରୁତ୍ୱ ସହ ନେଇଛି । ବୀରମହାରାଜପୁର ଅଙ୍ଗନୱାଡି କେନ୍ଦ୍ରର ସହାୟିକା ବେଦମତୀ ମହାକୁରଙ୍କୁ ବୁଧବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେହିପରି କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗରେ କେଁଝରିଆପାଲି ସେକ୍ଟରର ସୁପରଭାଇଜର ମମତାମୟୀ ପ୍ରଧାନଙ୍କୁ ଜିଲାପାଳ ମଧୁସୂଦନ ମିଶ୍ର ନିଲମ୍ବନ କରିଛନ୍ତି। ସୁପରଭାଇଜର ପ୍ରଧାନ ଗତ ୧ ବର୍ଷ ଧରି ଉକ୍ତ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନରେ ଯାଇ ନ ଥିବା ତଦନ୍ତରୁ ଜଣାପଡିଛି । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶଙ୍କ ରିପୋର୍ଟ ମୁତାବକ, ଜିଲାପାଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଦାୟିତ୍ୱ ସମ୍ପାଦନାରେ ଅବହେଳା କରିଥିବା ଅଭିଯୋଗରେ ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା ସ୍ଥାନୀୟ ଅଙ୍ଗନୱାଡି କର୍ମୀ ମମତା ମୁନା ଏବଂ ଭାରପ୍ରାପ୍ତ ସିଡିପିଓ ପ୍ରଭାସିନୀ ଶତପଥୀ, କେନ୍ଦ୍ରର ସହାୟିକା ବେଦବତୀଙ୍କୁ ବୁଧବାର ଚାକିରିରୁ ବହିଷ୍କାର କରିଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ରର ସହାୟିକା ମଙ୍ଗଳବାର ସକାଳେ ଝରକା ବାଟେ ଗରମ ପାଣି ଫିଙ୍ଗୁଥିବା ବେଳେ ତାହା ଅଙ୍ଗନୱାଡି ଶିଶୁ ପ୍ରୀତିମୟୀ ମହାକୁର(୩)ଙ୍କ ଦେହରେ ପଡିଥିଲା । ତେବେ ମାନବିକତା ଦୃଷ୍ଟିରୁ କେନ୍ଦ୍ରର କର୍ମୀ ଓ ସହାୟିକା ଶିଶୁକନ୍ୟାର ଚିକିତ୍ସା ପାଇଁ କୌଣସି ଉଦ୍ୟମ କରି ନ ଥିଲେ।

**ପ୍ରୀତିମୟୀ ବୁର୍ଲାରୁ ଏସ୍‌ସିବି ସ୍ଥାନାନ୍ତର**

ବୁର୍ଲା ଡାକ୍ତରଖାନାର ପୋଡା ଘା,ଚିକିତ୍ସା କକ୍ଷରେ ଚିକିତ୍ସିତ ହେଉଥିବା ପ୍ରୀତିମୟୀଙ୍କୁ କଟକ ଏସ୍‌ସିବିକୁ ବୁଧବାର ସନ୍ଧ୍ୟାରେ ସ୍ଥାନାନ୍ତର କରାଯାଇଛି । ବୁର୍ଲାରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଉଚ୍ଚତର ଚିକିତ୍ସା ପାଇଁ କଟକ ଏସ୍‌ସିବିକୁ ପଠାଯାଇଛି । ଶିଶୁର ଆବଶ୍ୟକ ଚିକିତ୍ସା ସମ୍ପର୍କରେ ଜିଲାପାଳ ମଧୁସୂଦନ ମିଶ୍ର ଏସ୍‌ସିବିର ବିଭାଗୀୟ ମୁଖ୍ୟଙ୍କ ସହିତ କଥା ହୋଇଛନ୍ତି। ଶିଶୁ ଏବେ ସାମାନ୍ୟ ସୁସ୍ଥ ଥିବା ଜଣାପଡିଛି ।

# କ୍ଷତି ଆକଳନ କଲେ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ବାତ୍ୟା 'ଫନୀ' ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ଅଞ୍ଚଳ ବୁଲି କେନ୍ଦ୍ରୀୟ ଟିମ୍ କ୍ଷତି ଆକଳନ କରିଛନ୍ତି । ଗତ ଦୁଇ ତିନି ଦିନ କାଳ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ପୃଥକ୍ ପୃଥକ୍ ଟିମ୍‌ରେ ବିଭକ୍ତ ହୋଇ ପୁରୀ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳ ବୁଲି ତଥ୍ୟ ସଂଗ୍ରହ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅତିରିକ୍ତ ସଚିବ ବିବେକ ଭରଦ୍ୱାଜଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଟିମ୍ ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ, ବ୍ରହ୍ମଗିରି ବ୍ଲକ, କଣାସ, କାକଟପୁର, ଭୁବନେଶ୍ୱର ବ୍ଲକ ଜଟଣୀ ଆଦି ଅଞ୍ଚଳର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରଥମ ଥର ଲାଗି କେନ୍ଦ୍ରୀୟ ଟିମ୍ ବାତ୍ୟା ହେବାର ୧୦ ଦିନ ମଧରେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି।

କେନ୍ଦ୍ରୀୟ ଟିମ୍ ୩ ଦିନ ବିଭିନ୍ନ ଅଞ୍ଚଳ ବୁଲିବା ପରେ ବୁଧବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାତ୍ୟା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟକୁ ଟିମ୍ ପ୍ରଶଂସା କରିଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଭରଦ୍ୱାଜ କହିଛନ୍ତି ଯେ, ଆମ ଟିମ୍ ଗତ ୨/୩ଦିନ ଧରି ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରିଛନ୍ତି। ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବାକୁ ଏକ ବଡ଼ ଟିମ୍ ଧରି ଆମେ ଏଠାକୁ ଆସିଥିଲୁ। ପୁରୀରେ ସର୍ବାଧିକ କ୍ଷତି ହୋଇଛି। ଘର ଭାଙ୍ଗିବା ସହ ହୋଟେଲ ଏବଂ ପେସା ଉଜୁଡି ଯାଇଛି। ବିଦ୍ୟୁତ୍, ଜଳ ଯୋଗାଣ ଭିତ୍ତିଭୂମି ମଧ କ୍ଷତିଗ୍ରସ୍ତ ହୋଇଛି। କଟକ ଜିଲାରେ ମଧ ଘର, ପାନବରଜ, ନଡିଆ ଗଛ ଭିତ୍ତିଭୂମି ନଷ୍ଟ ହୋଇଛି। ରାଜ୍ୟ ସରକାର ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ କରିଚାଲିଛନ୍ତି। ଯେଉଁଠିକୁ ଯାଇଛୁ ସେଠାରେ ଲୋକମାନେ ତୁରନ୍ତ ରିଲିଫ ଆକାରରେ ଟଙ୍କା ଓ ଚାଉଳ ପାଇଥିବା କହିଛନ୍ତି। ଏ ସବୁ କାର୍ଯ୍ୟ ରାଜ୍ୟ ସରକାର ଦ୍ରୁତ ବେଗରେ କରିଛନ୍ତି ବୋଲି ସେ କହିଛନ୍ତି। ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି। ବିଦ୍ୟୁତ ଶକ୍ତି ପୁନରୁଦ୍ଧାର କିମ୍ବା ଜୀବନ ଜୀବିକା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ)କୁ ଅଧିକ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

> **'ଫନୀ' ଚୋଟ**
> - ରାଜ୍ୟ ସରକାରଙ୍କୁ ପ୍ରଶଂସା
> - ଖୁବ୍‌ଶୀଘ୍ର କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେବେ
> - ୧୨୦୦୦ କୋଟି କ୍ଷୟକ୍ଷତି ବିଷୟ ଜଣାଇଲା ଓଡ଼ିଶା

ଫନୀ ଯୋଗୁ ୧୪ଟି ଜିଲାର ୧୮,୩୮୮ ଗ୍ରାମର ୧.୫ କୋଟି ଲୋକ ପ୍ରଭାବିତ ହୋଇଥିବା ବେଳେ ୫ ଲକ୍ଷ ଘର ନଷ୍ଟ ହୋଇଛି। ୬୪ ଜଣ ଲୋକଙ୍କର ଜୀବନ ଯାଇଛି। ୧୨୦୦୦ କୋଟି ଟଙ୍କାର କ୍ଷତି ହୋଇଥିବା ରାଜ୍ୟ ସରକାର କେନ୍ଦ୍ରୀୟ ଟିମ୍‌କୁ ଜଣାଇଛନ୍ତି । ଏ ନେଇ ଏକ ପ୍ରାଥମିକ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଛି। ବାତ୍ୟାରେ ଜଳ ସମ୍ପଦ ବିଭାଗର ୩୭୩.୦୧ କୋଟି ଟଙ୍କା କ୍ଷତି ହୋଇଥିବା ବେଳେ ପୂର୍ତ୍ତ ବିଭାଗର ୫୯୭.୩୨, ଗ୍ରାମ୍ୟ ଉନ୍ନୟନ ବିଭାଗର ୪୩୫.୧୭, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୫୨୪.୩୪, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୫୮୭.୦୩, କୃଷି ବିଭାଗର ୧୦୨.୩୦, ଶକ୍ତି ବିଭାଗର ୧୧୫୯.୮୦, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୫୫.୪୩, ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗର ୫.୯୨ କୋଟି, ମହିଳା ଓ ଶିଶୁ ବିକାଶ ବିଭାଗର ୭୨.୪୮, ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର ୭୪.୩୧, ସମବାୟ ବିଭାଗର ୧୭.୪୧, ଉଚ୍ଚଶିକ୍ଷା ବିଭାଗର ୨୯୬, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୧୨.୭୫ , ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ୧୮.୨୫, ଜଙ୍ଗଲ ଓ ପରିବେଶ ବିଭାଗର ୫୩୭.୮୦, ପର୍ଯ୍ୟଟନ ବିଭାଗର ୧୯.୧୭, ସ୍କୁଲ ଓ ଗଣଶିକ୍ଷା ବିଭାଗର ୧୦.୯୪, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୩୦.୫୭, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ୧୩.୭୪, ଶିଳ୍ପ ବିଭାଗର ୧୫୨.୬୯, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗର ୭୧.୭୪, ଆଇନ ବିଭାଗର ୫.୧୦, ଶ୍ରମିକ ଓ କର୍ମଚାରୀ ବୀମା ବିଭାଗର ୦.୭୮ ଏବଂ ରିଲିଫ ଓ ପୁନରୁଦ୍ଧାର ପାଇଁ ୬୭୬୭.୫୬ କୋଟି ଟଙ୍କା କ୍ଷତି ହୋଇଥିବା ପ୍ରାଥମିକ ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟ ସରକାର ୨୫ କୋଟି ଟଙ୍କା ବର୍ଜ୍ୟବସ୍ତୁ ଉଠାଇବା ପାଇଁ ଖର୍ଚ୍ଚ କରିଥିବା ବେଳେ ତୁରନ୍ତ ରିଲିଫ ଯୋଗାଣ ପାଇଁ ୧୦୦୦ କୋଟି, ବାତ୍ୟାରେ ମୃତକଙ୍କ ପରିବାର ପାଇଁ ୨.୫୬ କୋଟି, ଅସ୍ଥାୟୀ ଶିବିର ନିର୍ମାଣ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ଉଲ୍ଲେଖ କରିଛନ୍ତି। ଏଭଳି ପ୍ରାଥମିକ ରିପୋର୍ଟ ଆଧାରରେ କ୍ଷୟକ୍ଷତିର ହିସାବ ସରକାର କେନ୍ଦ୍ରୀୟ ଟିମ୍‌କୁ ଦେଇଛନ୍ତି। ଆସନ୍ତା ମାସକ ମଧରେ ବୃତାନ୍ତ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି।

### ହାତୀ ଛୁଆ ମୃତଦେହ ଉଦ୍ଧାର



**ଚୌଦ୍ୱାର,୧୫।୫(ଡି.ଏନ୍.ଏ.)**

କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ଅନ୍ତର୍ଗତ ଜାମେଣା ଗ୍ରାମ ନିକଟରୁ ବୁଧବାର ଏକ ହାତୀଛୁଆର ମୃତଦେହ ଉଦ୍ଧାର କରାଯାଇଛି। ତାର ବୟସ ଆନୁମାନିକ ୧ମାସ ହେବ। ହାତୀଛୁଆର ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ଡମଣୀ ସଂରକ୍ଷିତ ଜଙ୍ଗଲରେ ପୋତି ଦିଆଯାଇଥିବା ଡାଳିଯୋଡା ଏସିଏଫ୍ ମନୋରଞ୍ଜନ ସ୍ୱାଇଁ କହିଛନ୍ତି। ସୂଚନା ଅନୁଯାୟୀ, ଜାମେଣା ଗ୍ରାମ ନିକଟରେ ଏକ ହାତୀଛୁଆ ମରିପଡିଥିବା ଦେଖି ଗ୍ରାମବାସୀ ବନବିଭାଗକୁ ଜଣାଇଥିଲେ। ରେଞ୍ଜର ଓ ଫରେଷ୍ଟର ପହଞ୍ଚି ହାତୀଛୁଆର ମୃତଦେହ ଆଣି ବ୍ୟବଚ୍ଛେଦ ବ୍ୟବସ୍ଥା କରିଥିଲେ। ଚନ୍ଦକା ଜଙ୍ଗଲରୁ ୧୭ଘରିଆ ହାତୀପଲ କିଛିଦିନ ହେବ ଆଠଗଡ ବନଖଣ୍ଡ ଅଧୀନରେ ରହୁଥିବାବେଳେ ଗତ ୩ଦିନ ହେବ ଏହି ଅଞ୍ଚଳକୁ ପଶି ଆସିଥିଲେ। ସେମାନଙ୍କ ମଧରେ ଥିବା ଏହି ହାତୀଛୁଆକୁ ଅନ୍ୟ ହାତୀମାନେ ଦଳିଦେଇଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀଛୁଆର ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଏସିଏଫ୍ ସ୍ୱାଇଁ କହିଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: .....................................

ବୟସ:.....................................

ଜନ୍ମ ତାରିଖ: ..............................



ସୋନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର-୧୦ ଠିକଣାରେ ପଠାଇବା ଆବଶ୍ୟକ।

## କଂଗ୍ରେସ: ସ୍ଥିତି ବଜାୟ ...

କଳାହାଣ୍ଡି ଏବଂ ସମ୍ବଲପୁରୀ ସେହିପରି କଂଗ୍ରେସ ୩୧ରୁ ୩୩ ବିଧାନସଭା ଆସନ ଲାଗି ଲଢ଼େଇରେ ରହୁଥିବା ଜଣେ କଂଗ୍ରେସ ସମ୍ପାଦକ କହିଛନ୍ତି। ସେଥିମଧ୍ୟରୁ କେତେକ ଆସନରେ ତ୍ରିମୁଖୀ ଲଢ଼େଇ ହୋଇଛି। ଏହି ଆସନଗୁଡ଼ିକ ହେଉଛି- ଢେଙ୍କାନାଳ, ଅନୁଗୋଳ, ଆଠମଲ୍ଲିକ, କାଙ୍କଡ଼ପୁର, ବାସୁଦେବପୁର, ଲକ୍ଷ୍ମୀପୁର, ପାରଳାଖେମୁଣ୍ଡି, ବାରମହାରାଜପୁର ଏବଂ ବଡ଼ା। ଅନ୍ୟପକ୍ଷେ ଜଗତ୍‌ସିଂହପୁର, ପାରାଦୀପ, ବଲାଙ୍ଗୀର, କନ୍ଧମାଳ୍ପି, ତିତିଲାଗଡ଼, ଜଟଣୀ, ବେଗୁନିଆ, ଜୟପୁର, କୋରାପୁଟ, ଆନନ୍ଦପୁର, କଟକ-ବାରବାଟୀ, ବାଙ୍କୀ, କେନ୍ଦ୍ରାପଡ଼ା, ରାଜନଗର, ଆଳି, ଭଣ୍ଡାରିପୋଖରୀ, ବାଲିଗୁଡ଼ା, ବାରିପଦା ତିତିଲାଗଡ଼, କୋଟପାଡ଼, ସାନଖେମୁଣ୍ଡିରେ ବିଜେଡି ସହ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ କଂଗ୍ରେସ ଉଭା ହୋଇଥିବା ଆକଳନ କରାଯାଇଛି। ଉପରୋକ୍ତ ଆସନଗୁଡ଼ିକ ବାଦ୍ ଦେଇ ଜଳସରା, ଡାବୁଗାଁ, ପଟ୍ଟାଙ୍ଗୀ, ନବରଙ୍ଗପୁର, ଭୋଗରାଇରେ ଦଳ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବା ନେଇ ଆଶାବାଦୀ। ମୋଟ୍ ଉପରେ କହିବାକୁ ଗଲେ ଦଳ ଗୋଟିଏ ଲୋକ ସଭା ଏବଂ ୯ରୁ ୧୨ ବିଧାନସଭା ଆସନ ଜିତିବାକୁ ଲକ୍ଷ୍ୟ ରଖିଛି। ଅନ୍ୟ ଦଳ ମଧ୍ୟରେ ସିପିଏମ୍ ବଣାର ଆସନ ବଜାୟ ରଖିବା ସମ୍ଭାବନା ରହିଛି। ଏହା ବ୍ୟତୀତ ଅନ୍ୟସବୁ ସ୍ଥାନରେ ଦଳର ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହିବ ନାହିଁ ବୋଲି କୁହାଯାଉଛି। ଭୁବନେଶ୍ୱର ଲୋକ ସଭା ଆସନରେ ସିପିଏମ୍ ବନ୍ଧୁ ବ୍ୟବଧାନରେ ତୃତୀୟ ସ୍ଥାନରେ ରହିପାରେ ବୋଲି ଅଧିକାଂଶ ରାଜନୈତିକ ସମୀକ୍ଷକ ମତ ଦେଉଛନ୍ତି। ସିପିଆଇ ଆସିକା ଲୋକ ସଭାରେ ୫୦ରୁ ୬୫ ହଜାର ଭୋଟ ପାଇପାରେ ବୋଲି କୁହାଯାଉଛି। ଚୌଦ୍ୱାର ଏବଂ ଛତ୍ରପୁର ବିଧାନସଭାରେ ଦଳ ସିଧାସଳଖ ଲଢ଼େଇରେ ଥିବାବେଳେ ବ୍ରଜରାଜନଗରରେ ତୃତୀୟ ସ୍ଥାନରେ ରହିପାରେ ବୋଲି କେତେକ ବିଶ୍ଳେଷକ ମତ ଦେଉଛନ୍ତି। ରାୟଗଡ଼ା, ପାରଳାଖେମୁଣ୍ଡି ଏବଂ ଜୟଦେବରେ ସ୍ୱାଧୀନ ପ୍ରାର୍ଥୀ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରହିଥିବା କୁହାଯାଉଛି। ଜେଏମ୍‌ଏମ୍ ରାଇରଙ୍ଗପୁର, ସାରସକଣା ଏବଂ ବିଏସ୍‌ପି ବିଷମକଟକ, ଲକ୍ଷ୍ମୀପୁର ବିଧାନସଭା ଆସନ ଲାଗି ମୁଖ୍ୟ ଲଢ଼େଇରେ ଥିବା ଆକଳନ କରାଯାଉଛି।

## ଆଜି ରାତିରୁ ପ୍ରଚାର ...

ଲାଗି ଇସି ଏଭଳି କ୍ଷେତ୍ରରେ ସମ୍ବିଧାନର ଧାରା ୩୨୪ ପ୍ରୟୋଗ କରିଛି। ଏହା ବ୍ୟତୀତ ପଶ୍ଚିମବଙ୍ଗର ପ୍ରମୁଖ ସଚିବ (ଗୃହ) ଆଇପିଏସ ଅତ୍ରି ଭଟ୍ଟାଚାର୍ଯ୍ୟ ଏବଂ ଅତିରିକ୍ତ ମହାନିର୍ଦ୍ଦେଶକ ସିଆଇଡି ରାଜୀବ କୁମାରଙ୍କୁ ତାଙ୍କ ବିଭାଗରୁ କାର୍ଯ୍ୟମୁକ୍ତ କରାଯାଇଛି। ଗୁରୁବାର ରାତି ୧୦ରୁ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଦମ୍‌ଦମ୍, ବରସାତ୍, ବସିରହାଟ୍, ଜୟନଗର, ମଥୁରାପୁର, ଯାଦବପୁର, ଡାଇମଣ୍ଡ ହାର୍ବର, ଦକ୍ଷିଣ ଓ ଉତ୍ତର କୋଲକାତା ନିର୍ବାଚନ ମଣ୍ଡଳୀରେ ପ୍ରଚାର ବନ୍ଦ ରହିବ। ଖ୍ୟାତନାମା ସମାଜ ସଂସ୍କାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ସୃଷ୍ଟି ହୋଇଛି। ଏଥିପାଇଁ ଶାସକ ଦଳ ଟିଏମ୍‌ସି ଭାଜପାକୁ ଦାୟୀ କରିବା ସହ ଏନେଇ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲା। ଅନ୍ୟପକ୍ଷରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ କାରକେଡ୍ ଉପରେ ଆକ୍ରମଣ ଘଟଣାରେ ଭାଜପା ପକ୍ଷରୁ ବିଭାଗ ଜନ୍ତରମନ୍ତରରେ ନୀରବ ପ୍ରତିବାଦ କରାଯାଇଥିଲା। ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣାରେ ଇସି ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ସପ୍ତାହକ ମଧ୍ୟରେ ...

ପ୍ରତ୍ୟେକ ପରିବାରକୁ ୫୦କିଗ୍ରା ଚାଉଳ ଦିଆଯାଉଛି। ଯେଉଁମାନଙ୍କର ରାସନକାର୍ଡ ନାହିଁ ସେମାନଙ୍କୁ ମଧ୍ୟ ଏହା ପ୍ରଦାନ କରାଯିବ। ସେହିପରି କ୍ଷତିଗ୍ରସ୍ତ ଅଞ୍ଚଳରେ ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ପ୍ରତି ୧୦ଦିନରେ ପ୍ରତି ପରିବାରକୁ ୨.୫ ଲିଟର ଲେଖାଏଁ କିରୋସିନ ମାଗଣାରେ ଯୋଗାଇ ଦିଆଯିବ। ଅଳ୍ପ କିଛିଦିନ ମଧ୍ୟରେ ୧୦ଲକ୍ଷ ମହମବତି ବଣ୍ଟାଯିବ। ଆଗାମୀ ତୁଳମାସ ପାଇଁ ମାଗଣାରେ ସାନିଟାରି ନାପ୍‌କିନ ଯୋଗାଇ ଦିଆଯିବ। ପୁନର୍ଗଠନ କାମ ତ୍ୱରାନ୍ୱିତ ନିମନ୍ତେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ସେଣୁ ଜନସାଧାରଣଙ୍କୁ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏଥିସହ ବିଦ୍ୟୁତ୍ ପୁନରୁଦ୍ଧାର କାମ କରୁଥିବାବେଳେ ପ୍ରାଣ ହରାଇଥିବା ମଙ୍ଗରାଜ ରାଓଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇଥିଲେ।

ଉକ୍ତ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ, ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲାପାଳ ବଳବନ୍ତ ସିଂ, ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ପି ଉମାଶଙ୍କର ଦାଶଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଏବଂ ଅଧିକାରୀମାନେ ଯୋଗଦେଇଥିଲେ।

### ପ୍ରଥମ ପୃଷ୍ଠାରୁ...

## ପୋଲିସ ପ୍ରଶାସନରେ ...

ଏଭଳି ଅଭିଯୋଗ କରିଛନ୍ତି। ତଥ୍ୟ ଅନୁଯାୟୀ, ଇନ୍‌ସପେକ୍ଟର ଦୀପକ ମିଶ୍ରଙ୍କ ନାମରେ ସର୍ବାଧିକ ଅଭିଯୋଗ ରହିଛି। ତାଙ୍କ ନାମରେ ୧୦ ପିଟିଶନ ରହିଥିବାବେଳେ ଗୋଟିଏ ତଦନ୍ତାଧୀନ ରହିଛି। ଏହାସତ୍ତ୍ୱେ ଡିଜିପି ତାଙ୍କୁ ବେଷ୍ଟ ଇନ୍‌ସପେକ୍ଟର ପୁରସ୍କାର ଦେଇଛନ୍ତି। ଇନ୍‌ସପେକ୍ଟର ଶରତ କୁମାର ସାହୁଙ୍କ ବିରୋଧରେ ୯, ଅନୁପ କାନୁନଗୋଙ୍କ ନାମରେ ୪ ଅଭିଯୋଗ ଆସିଥିବାବେଳେ ଗୋଟିଏ ଲେଖାଏଁ ଅଭିଯୋଗର ତଦନ୍ତ ଚାଲିଛି। ଇନ୍‌ସପେକ୍ଟର ରାଜେନ୍ଦ୍ର କୁମାର ମଲ୍ଲଙ୍କ ନାମରେ ଆସିଥିବା ମୋଟ ୪ଟି ଯାକ ଅଭିଯୋଗର ତଦନ୍ତ ଚାଲିଥିବାବେଳେ ରଜତ ରାୟଙ୍କ ବିରୋଧରେ ହୋଇଥିବା ୫ ଅଭିଯୋଗ ମଧ୍ୟରୁ ୨ଟିର ତଦନ୍ତ ଚାଲିଛି। ସେହିପରି ଇନ୍‌ସପେକ୍ଟର ମନୋଜ କୁମାର ସାମନ୍ତଙ୍କ ବିରୋଧରେ ହୋଇଥିବା ୪ ଅଭିଯୋଗ ମଧ୍ୟରୁ ୩ ଏବଂ କୃଷ୍ଣ ପ୍ରସାଦ ମିଶ୍ରଙ୍କ ନାମରେ ହୋଇଥିବା ୩ ଅଭିଯୋଗ ମଧ୍ୟରୁ ୨ଟିର ତଦନ୍ତ ଚାଲିଛି। ଅନ୍ୟ ଇନ୍‌ସପେକ୍ଟରମାନଙ୍କ ମଧ୍ୟରେ କିଶୋରଚନ୍ଦ୍ର ମୁଣ୍ଡ, ଯୁଗଳ କିଶୋର ଦାସ, ଜନାର୍ଦ୍ଦନ ପାଢ଼ୀ, ସୂର୍ଯ୍ୟମଣି ପ୍ରଧାନଙ୍କ ନାମରେ ୩ଟି ଲେଖାଏଁ ଅଭିଯୋଗ ଆସିଛି। ସେଥିମଧ୍ୟରୁ ଗୋଟିଏ ଲେଖାଏଁ ଅଭିଯୋଗର ତଦନ୍ତ ଚାଲିଛି। ଇନ୍‌ସପେକ୍ଟର ଲକ୍ଷ୍ମୀନାରାୟଣ ଡିଗ୍ରାଲ, ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ ନାମରେ ଥିବା ୨ଟି ଲେଖାଏଁ ଅଭିଯୋଗ ମଧ୍ୟରୁ ଗୋଟିଏ ଲେଖାଏଁ ଅଭିଯୋଗର ତଦନ୍ତ ଚାଲିଛି।ସେହିପରି କେତେଜଣ ଇନ୍‌ସପେକ୍ଟରଙ୍କ ନାମରେ ଗୋଟିଏ ଲେଖାଏଁ ଅଭିଯୋଗ ହୋଇଥିବାବେଳେ ତା'ର ତଦନ୍ତ ଚାଲିଛି। ସେମାନେ ହେଲେ କେ. ଉ. ପାଣିଗ୍ରାହୀ, ରବି ନାରାୟଣ ପାଢ଼ୀ, ଅତନୁ କୁମାର ରାଉତ, ବନିତା ମହାରଣା, ରବି ନାରାୟଣ ଭଞ୍ଜ, ବିଦ୍ୟୁତ୍ ପଣ୍ଡା ଓ କ୍ଷମାସାଗର ପଣ୍ଡା।

ଆଉ କେତେଜଣ ଇନ୍‌ସପେକ୍ଟରଙ୍କ ନାମରେ ଏକାଧିକ ଅଭିଯୋଗ ଆସିଥିଲେ ମଧ୍ୟ କୌଣସି ଅଭିଯୋଗର ତଦନ୍ତ ବାକି ରହିନାହିଁ। ସେମାନେ ହେଲେ ମାନସ ରଞ୍ଜନ ଗଡ଼ନାୟକ(୫ ଅଭିଯୋଗ), ରବିନାରାୟଣ ଶତପଥୀ(୪), ହିମାଂଶୁ ଭୂଷଣ ସ୍ୱାଇଁ(୪), ଭରତ ଚନ୍ଦ୍ର ସାହୁ(୩), ଦେବାଶିଷଙ୍କର ପ୍ରତାପ(୩), ବିଜାସିନୀ ମଲ୍ଲ(୨) ରଶ୍ମିରଞ୍ଜନ ସାହୁ(୨), ଆଲୋକ କୁମାର ଜେନା। ଅନ୍ୟମାନଙ୍କ ମଧ୍ୟରେ ଇନ୍‌ସପେକ୍ଟର ସତ୍ୟଜିତ୍ ମିଶ୍ର, ତପନ କୁମାର ମହାନ୍ତି, ପ୍ରିୟରଞ୍ଜନ ଶତପଥୀ, ଗଙ୍ଗାଧର ଦଳାଇ, ନୀହାର ରଞ୍ଜନ ପ୍ରଧାନ, ସୁରେନ୍ଦ୍ର କୁମାର ବଳ, ସରୋଜ କୁମାର ପଟେଲ, ସଞ୍ଜୀବ ଶତପଥୀ, ପଦ୍ମନାଭ ପ୍ରଧାନ, ରମାନ କଳ୍ୟାଣ ନାୟକ, ସରୋଜ କୁମାର ପଟେଲ ଓ ପ୍ରଭାସ ଚନ୍ଦ୍ର ପାଲ୍‌ଙ୍କ ବିରୋଧରେ ଗୋଟିଏ ଲେଖାଏଁ ପିଟିଶନ ଦାଏର ହୋଇଛି। ଅନ୍ୟପକ୍ଷରେ ୧୪ଜଣ ଏସ୍‌ପିଙ୍କ ନାମରେ ଏକାଧିକ ଅଭିଯୋଗ ଆସିଛି। ସେମାନେ ହେଲେ ନିର୍ମଳ ଶତପଥୀ(୨ ଅଭିଯୋଗ), ସୁଜାସ ତ୍ରିପାଠୀ(୩), ଦିଲୀପ କୁମାର ଦାସ(୪), ପି.କେ. ପଟ୍ଟନାୟକ(୧), ବିଜୟ କୁମାର ଦାଶ(୧), ଅକ୍ଷୟ କୁମାର ମିଶ୍ର(୪), ସୁରେଶ କୁମାର ଦାଶ(୧), ପ୍ରତାପ କୁମାର ସ୍ୱାଇଁ(୧), ଅନିଲ କୁମାର ପାତ୍ର(୧), ବିଜାସିନୀ ନାୟକ(୧), ବିଶ୍ୱରଞ୍ଜନ ମିଶ୍ର(୧), ବିଭୂତି ଭୂଷଣ ପରିଡ଼ା(୧), ଶୁଭେନ୍ଦୁ ସିଂହ(୧) ଓ ଜଗନ୍ନାଥ ଶତପଥୀ(୧)। ଏମାନଙ୍କ ମଧ୍ୟରୁ ପି.କେ. ପଟ୍ଟନାୟକ, ପ୍ରତାପ କୁମାର ସ୍ୱାଇଁ, ଅନିଲ କୁମାର ପାତ୍ର, ବିଭୂତି ଭୂଷଣ ପରିଡ଼ା ଓ ଜଗନ୍ନାଥ ଶତପଥୀଙ୍କ ବିରୋଧରେ ଗୋଟିଏ ଲେଖାଏଁ ଅଭିଯୋଗର ତଦନ୍ତ ଚାଲିଛି।

ପୋଲିସ ଅଧିକାରୀଙ୍କ ବିରୋଧରେ ହେଉଥିବା ତଦନ୍ତ କେବଳ ନାମକୁ ମାତ୍ର। କାରଣ ଯଦି ଜଣେ ଇନ୍‌ସପେକ୍ଟରଙ୍କ ବିରୋଧରେ ଅଭିଯୋଗ ଆସୁଛି ତେବେ ତାହାର ତଦନ୍ତ ଭାର ସେହି ଥାନାର ଜୋନ୍ ଏସ୍‌ପିଙ୍କୁ ଦିଆଯାଉଛି। ପ୍ରାୟତଃ ଯେଉଁ ଜୋନ୍ ଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଉଛି, ସେ ଇନ୍‌ସପେକ୍ଟର ଥିବାବେଳେ ତାଙ୍କ ନାମରେ ମଧ୍ୟ ଅଭିଯୋଗ ଆସିଛି। ଫଳରେ ସେ ତଦନ୍ତ କଲେ ସେଥିରେ ସ୍ୱଚ୍ଛତା ରହିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ସେହିପରି ଜଣେ ଏସ୍‌ପିଙ୍କ ନାମରେ ଅଭିଯୋଗ ଆସିଥିବାବେଳେ ଡିସିପିଙ୍କୁ ତଦନ୍ତ ଭାର ଦିଆଯାଉଛି। ଏସ୍‌ପି ଏବଂ ଅତିରିକ୍ତ ଡିସିପିଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହୁଥିବାରୁ ତଦନ୍ତ ବିଗହଣ ହେଉଥିବା କୁହାଯାଉଛି। ଏନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନଗୋ କହିଛନ୍ତି, ଉଦେଶ୍ୟମୂଳକ ଭାବେ ତଦନ୍ତ କରାଯାଉନାହିଁ। ଯେଉଁଠି ତଦନ୍ତ କରାଯାଉଛି, ସେଠି ରିପୋର୍ଟକୁ ବଦଳାଯାଉଛି, ନଚେତ୍ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଉନି। ବାଗୀ ପୋଲିସ ଅଫିସରଙ୍କୁ ଘଷ ଘୋଡ଼ାଇବା ପାଇଁ ସବୁ ବ୍ୟବସ୍ଥା କରାଯାଉଛି। ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ ମଧ୍ୟ ପ୍ରାୟ ସମାନ ମତ ଦେଇ କହିଛନ୍ତି, କମିଶନରେଟ ପୋଲିସରେ ସବୁକିଛି ସଲାସୁତରାରେ ଚାଲିଛି। ପୋଲିସ ଅଫିସରଙ୍କ ବିରୋଧରେ ହେଉଥିବା ଅଭିଯୋଗର ଠିକ୍ ତଦନ୍ତ କରାଯାଉନାହିଁ।

ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଯେଉଁ ପୋଲିସ ଅଫିସରଙ୍କ ବିରୋଧରେ ଅଭିଯୋଗ ଆସୁଛି ତାହାର ତଦନ୍ତ କରାଯାଉଛି। ଆଉ କେତେକ ଅଭିଯୋଗର ତଦନ୍ତ କୌଣସି କାରଣ ପାଇଁ ପଡ଼ି ରହିଥିବ। ସେହି ଅଭିଯୋଗଗୁଡ଼ିକର ପୁଣି ସମୀକ୍ଷା କରି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସ୍ଥିତି କ'ଣ ରହିଛି ତାହା ଦେଖିବି ବୋଲି ସେ କହିଛନ୍ତି।

## ଜୁନ୍ ୬ରେ କେରଳ ...

ମୌସୁମୀ ବିଳମ୍ବରେ ପହଞ୍ଚିବା ଅର୍ଥ ନୁହେଁ ଯେ ଏହା ମୋଟାମୋଟି ବୃଷ୍ଟିପାତ ଉପରେ ପ୍ରଭାବ ପକାଇବ। ଗତବର୍ଷ ମୌସୁମୀ ସ୍ୱାଭାବିକ୍ ଠାରୁ ୩ ଦିନ ପୂର୍ବରୁ ଅର୍ଥାତ ମେ ୨୯ରେ କେରଳ ଛୁଇଁଥିଲା। ଏହା ସତ୍ତ୍ୱେ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହୋଇଥିଲା। ସେହିପରି ୨୦୧୬ରେ ମୌସୁମୀ ମେ ୩୦ରେ ପହଞ୍ଚିଥିଲେ ମଧ୍ୟ ହାରାହାରି ବୃଷ୍ଟିପାତ ୯୫ ପ୍ରତିଶତ ଥିଲା, ଯାହାକି ସ୍ୱାଭାବିକ୍‌ଠାରୁ କମ୍। ଚଳିତ ବର୍ଷ ପାଖାପାଖି ସ୍ୱାଭାବିକ ବୃଷ୍ଟିପାତ ହେବ ବୋଲି ଗତ ଏପ୍ରିଲରେ ଆଇଏମ୍‌ଡି ପୂର୍ବାନୁମାନ କରିଥିଲା। ଅନ୍ୟପକ୍ଷରେ ଚଳିତ ବର୍ଷ ସ୍ୱାଭାବିକ୍‌ଠାରୁ କମ୍ ଅର୍ଥାତ ୯୩ ପ୍ରତିଶତ ମୌସୁମୀ ବର୍ଷା ହେବ ବୋଲି ସ୍କାଏମେଟ ପୂର୍ବରୁ କହିଛି। ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ ୧୫ କିମ୍ବା ୧୮ ତାରିଖରେ ରାଜ୍ୟରେ ପହଞ୍ଚିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମୌସୁମୀ ବିଳମ୍ବ ହେବା ସହିତ ରାଜ୍ୟରେ ମଧ୍ୟ ସ୍ୱାଭାବିକଠାରୁ ସାମାନ୍ୟ କମ୍ ବର୍ଷା ହେବ ବୋଲି ଆକଳନ କରାଯାଉଛି। ଏଥିଯୋଗୁ ଚାଷ କାର୍ଯ୍ୟ ମଧ୍ୟ ବିଳମ୍ବ ହେବା ଆଶଙ୍କା ରହିଛି। ଉଭ ଅର୍ଥାତ ଜୁନ ୧୪ ପୂର୍ବରୁ ରାଜ୍ୟରେ ପ୍ରାକ ମୌସୁମୀ ବର୍ଷା ପରେ ଯାନ ବୁଣା ଯାଇପାରେ। ମୌସୁମୀ ଆସିବାରେ ବିଳମ୍ବ ହେଲେ ଗୁଆ ବେଲଣର କାର୍ଯ୍ୟ ମଧ୍ୟ ବାଧା ପ୍ରାପ୍ତ ହେବା କରାପୁଟ, ସୁବର୍ଣ୍ଣପୁର, କୋରାପୁଟ, ମାଲକାନଗିରି, ନୟାଗଡ଼, ବଲାଙ୍ଗୀର, କଳାହାଣ୍ଡି, ଖାରସୁଗୁଡ଼ା, ସମ୍ବଲପୁର ଆଦି ଜିଲାରେ ସ୍ୱଳ୍ପ ବୃଷ୍ଟି ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ସବୁକିଛି ମୌସୁମୀର ଆଗମନ ଉପରେ ହିଁ ନିର୍ଭର କରୁଛି। ୨୦୧୮ରେ ମୌସୁମୀ ଅଧାଳ ଅର୍ଥାତ ଜୁନ ୮ ତାରିଖରେ ଓଡ଼ିଶାକୁ ପ୍ରବେଶ କରିଥିଲା। ସପ୍ତାହକ ମଧ୍ୟରେ ରାଜ୍ୟର ୬୦ ପ୍ରତିଶତ ଅଂଶକୁ ଛୁଇଁ ପାରିଥିଲା। ଜୁନ ୧୨ରୁ ୨୧ ତାରିଖ ଯାଏ ମୌସୁମୀ ଦୁର୍ବଳ ରହିଥିଲା। ଜୁନ ୨୨ ତାରିଖ ପରେ ଏହାର ପ୍ରଭାବ ପଡ଼ିଥିଲା। ପରେ ବର୍ଷା ସ୍ୱାଭାବିକ ସ୍ତରକୁ ଆସିଥିଲା।

## ଠିକାଦାର କ୍ୟାମ୍ପରେ...

ଥିବା ଅନ୍ୟ ୧୦ରୁ ୧୨ ଜଣ ଠିକା ଶ୍ରମିକାରୀ ଶୋଇ ଥିଲେ ବି ଭୟରେ ପାଟି ଖୋଲି ନ ଥିଲେ ବୋଲି ଉପଠିକାଦାର କହିଛନ୍ତି। ସୂଚନାଯୋଗ୍ୟ, ମ.ରାମପୁରଠାରୁ ୧୫ କି.ମି. ଦୂର ଭର୍ତ୍ତାପାଳୀ ଗ୍ରାମ ମଧ୍ୟ ଦେଇ ଯାଇଥିବା ଏନ୍‌ଏଚ୍-୫୯ ପାର୍ଶ୍ୱଠାରୁ ମୁଣ୍ଡାମାଲ ଗ୍ରାମ ପର୍ଯ୍ୟନ୍ତ ୨୬ କି.ମି. ରାସ୍ତା ଅନ୍ୟ ପିଏମ୍‌ଜିଏସ୍‌ୱାଇରେ ଚାଲିଛି। ୨୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ଉକ୍ତ ରାସ୍ତା କାମ ପାଇଁ ଭବାନୀପାଟଣାର ମହାବୀର ଅଗ୍ରୱାଲଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା । ତେବେ ଉକ୍ତ କାମକୁ ଠିକାଦାର ଆପୋସ ବୁଝାମଣାରେ ଧର୍ମଗଡ଼ର ସାତାରାମ ଅଗ୍ରୱାଲ (ସିନ୍ଧୁ)ଙ୍କୁ ଦେଇଥିଲେ । ସେ ଏହି କାମ କରାଉଥିଲେ। ତେବେ ଉକ୍ତ କାମ ନିମ୍ନମାନର ହେଉଥିବା ଦର୍ଶାଇ ମାଓବାଦୀମାନେ ପୂର୍ବରୁ ବିରୋଧ କରୁଥିଲେ । ଏହା ସହିତ ୨ ବର୍ଷରୁ କାମ ଆରମ୍ଭ ହୋଇଥିଲେ ହେଁ ଏଯାଏଁ ମାତ୍ର ୨୫ ପ୍ରତିଶତ କାମ ହୋଇଛି । ଚଳିତବର୍ଷ ସେପ୍ଟେମ୍ବର ସୁଦ୍ଧା କାମ ଶେଷ ହେବ ପାଇଁ ବିଭାଗୀୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କାମ ହାସଲ କରିବାରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ ଓ ବ୍ୟବସାୟ ସାଧାରଣ ବାଧାପ୍ରାପ୍ତ ହୋଇପାରେ। ଦାମ୍ପତ୍ୟ ଜୀବନରେ ଭୁଲ୍‌ବୁଝାମଣା ନେଇ ଚିନ୍ତା ସୃଷ୍ଟି ହୋଇପାରେ, କିନ୍ତୁ ଗୁରୁତର ହେବ ନାହିଁ। ନୂତନ କର୍ମୀମାନେ ସକାଶେ ମନ ବଳାଇ ସଫଳତା ହାସଲ କରିପାରନ୍ତି।

**ବୃଷ** ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟା କରି ସଫଳତା ପାଇବେ, କିନ୍ତୁ ଖର୍ଚ୍ଚାନ୍ତ ମଧ୍ୟ ହେବାକୁ ପଡ଼ିବ। କ୍ରୋଧ ସମୟରେ ନ କରିପାରି କଡ଼ା କଥା କହିବା କାରଣରୁ ତାହା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସକାଶେ ଅନୁଚିତ କରିବାକୁ ବାଧ୍ୟ ହେବେ। ଭ୍ରମଣ, ରାଜନୀତି, ପ୍ରଶାସନ, ଓ ସଭାସମିତି କ୍ଷେତ୍ରରୁ ସଫଳତା ପାଇବେ। ବନ୍ଧୁମାନଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ପ୍ରତ୍ୟେକ ସମସ୍ୟାର ସମାଧାନ ହୋଇପାରିବ।

**କର୍କଟ** କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହର ସମ୍ମୁଖୀନ ହେବାକୁ ପଡ଼ିବ। ପରିବାରରେ ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ। କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ମିତ୍ରମାନଙ୍କ ପରାମର୍ଶ ନେଇ କାମ କଲେ ଉପକୃତ ହେବେ।

**ସିଂହ** ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ନେତୃତ୍ୱ ହେବାକୁ ପଡ଼ିପାରେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, କିନ୍ତୁ କୌଣସି ପ୍ରକାରର ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ରାଜନୀତିରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଉଦେଶ୍ୟମୂଳକ ଭାବରେ କରାଯାଇଥିବା ଗ୍ଲାନୀକରର ସୂଚନା ପାଇ ହତ୍‌ବଦ୍ଧେଇ ଯାଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଏକ ପ୍ରକାର ହିତକର ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ନିଜକୁ କେତେକ କଥା ସମ୍ଭାଳିବାକୁ ପଡ଼ିବ।

**ତୁଳା** ଆଜି ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇଯିବ। ତଥାପି ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି, ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହାକି ପରୋକ୍ଷ ଶତ୍ରୁତାର କାରଣ ହୋଇପାରେ। କୌଣସି କାମ ହାସଲ ପାଇଁ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବାକୁ ପଡ଼ିବ।

**ବିଛା** ଭାବପ୍ରବଣତାରେ ଭାସିଯାଇ ଏଣୁ ତେଣୁ ଗପିବା ସମସ୍ୟାର କାରଣ ହୋଇପାରେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରରୋଚନା କାମକୁ ବିଘ୍ନଜନିତ କରିବାର ଆଶଙ୍କା ରହିଛି। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଶିକ୍ଷା, ବାଣିଜ୍ୟ, ରାଜନୀତି ଓ ଆନୁଷ୍ଠାନିକ କ୍ଷେତ୍ର କିମ୍ବା କରେଟି ମାମଲାରେ ସଫଳତା ଅବଶ୍ୟ ମିଳିବ।

**ଧନୁ** କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସଙ୍ଗଠନ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାରୁ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ପଡ଼ିପାରେ। ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ।

**ମକର** ସବୁ ସମୟରେ ନିଜ ପାଖରେ ଥିବାରୁ କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିବେ। କଳା ସାହିତ୍ୟ,କ୍ରୀଡ଼ା ଓ ଚଳଚ୍ଚିତ୍ରରେ ରହିଥିବା ସମସ୍ୟା ବନ୍ଧୁଙ୍କ କରିଆରେ ସମାଧାନ ହୋଇଯିବ। ନିର୍ମାଣ କାର୍ଯ୍ୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। କିଛି ସହଯୋଗ ସକାଶେ ବନ୍ଧୁଙ୍କ ଆଗରେ ପ୍ରକାଶ କରି ନ ପାରି ପରେ ଅନୁତାପ କରିବେ।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରି ପାରନ୍ତି। ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ କାରଣରୁ କିମ୍ବା ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଧାର କରଜ କରି କାମ ଚଳାଇ ନେବେ।

**ମୀନ** ନୂତନ ବନ୍ଧୁ ବର୍ଗଙ୍କ ସ୍ଥାପନ କରିବା କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପାରସ୍ପରିକ ଆଲୋଚନା କ୍ରମେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ଭାବପ୍ରବଣ ବଶତଃ ବନ୍ଧୁଙ୍କ ସମ୍ମୁଖରେ କୌଣସି ଅପ୍ରକାଶ୍ୟ କଥା ପ୍ରକାଶ କରି ହଇରାଣ ହୋଇପାରନ୍ତି। କର୍ମ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ।

ଆଜି ବୈଶାଖ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଗୁରୁବାର, ମେ ୧୬ ତାରିଖ, କଳିଙ୍ଗ ଭାରତୀ ତରଫରୁ କଟକରେ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ସପ୍ତାହ ଆରମ୍ଭ, ବାମଣ୍ଡା ରାଜା ସାର୍ ବାସୁଦେବ ସୁଦ୍ଧଳଦେବଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ତ୍ରିଚ୍ଚା/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଦିବା ଘ.୧୦।୦୪ମି. ଗତେ ଘ.୧୧।୪୧ମି. ମଧ୍ୟେ ଅମୃତବେଳା। ଦିବା ଘ.୧୧।୪୧ମି. ଗତେ, ଘ.୧।୦୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧।୫୨ମି. ଗତେ ଘ.୩।୩୦ମି. ମଧ୍ୟେ ଅମୃତ ବେଳା।

# ବଜ୍ରପାତ ନେଲା ୫ ଜୀବନ

## ବିବାହ ଚତୁର୍ଥୀ ଭୋଜିରେ ବର ମୃତ, ୪ ଗୁରୁତର

ଆନନ୍ଦପୁର/ ବ୍ରହ୍ମପୁର ଅଫିସ/ ଆସିକା,୧୫।୫(ବି.ଏନ୍.ଏ.)

ବଜ୍ରପାତ ଯୋଗୁ ବୁଧବାର ବିଭିନ୍ନ ସ୍ଥାନରେ ୫ ଜଣଙ୍କ ଜୀବନ ଯାଇଛି। କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଞ୍ଚଳରେ ବିବାହ ଚତୁର୍ଥୀ ଭୋଜି ଚାଲିଥିବାବେଳେ ବଜ୍ରପାତ ଘଟି ବରଙ୍କ ମୃତ୍ୟୁ ଘଟିଛି। ଜଣେ ମହିଳାଙ୍କ ସମେତ ୪ ଜଣ ଗୁରୁତର ହୋଇଛନ୍ତି। ସେହିପରି ବାଲେଶ୍ୱର ଓ ଗଞ୍ଜାମ ଜିଲାରେ ବଜ୍ରପାତ ଯୋଗୁଁ ଆଉ ୪ ଜଣଙ୍କ ମୃତ୍ୟୁ ଘଟିଛି।

ହରିଚନ୍ଦନପୁର ଥାନା ଟାଙ୍ଗିରିଆପାଳ କୋଠାପାଟି ସାହିର ଜିତେନ୍ଦ୍ର ମୁର୍ମୁଙ୍କ ବୁଧବାର ଚତୁର୍ଥୀ ଥିଲା। ଏଥିପାଇଁ ଗାଁ ବାଲାରେ ଭୋଜି ଆୟୋଜନ କରାଯାଇଥିଲା। ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଏହି ସମୟରେ ଅଳ୍ପ ବର୍ଷା ସହିତ ହଠାତ୍ ବଜ୍ରପାତ ହୋଇଥିଲା। ଜିତେନ୍ଦ୍ର, ତାଙ୍କ ମାଇଁ ସୁଲୋଚନା, ମାମୁ ଫଗୁରାମ, ସାନଭାଇ ମୁନା ଓ ଅନ୍ୟ ଜଣେ ସଂଜ୍ଞାଶୂନ୍ୟ ଭାବ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଗାଁ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ତୁରନ୍ତ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜିତେନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆନନ୍ଦପୁର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବାଲେଶ୍ୱର ଜିଲା ସିମୁଳିଆ ଥାନା ବାଟସାହିରେ ସଞ୍ଜୟ ସୋରେନ ବଜ୍ରପାତରେ ଗୁରୁତର ହୋଇଥିଲେ। ସେ ଘୋଷାଡାଙ୍ଗୁ ଯାଉଥିବା ଫେରୁଥିବାବେଳେ ବଜ୍ରପାତ ଘଟିଥିଲା। ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ବାଲେଶ୍ୱର ଜିଲା ସିମୁଳିଆ ଥାନା ଅନ୍ତର୍ଗତ ସାର୍ଥା ଗ୍ରାମର ଏକ ଚିଙ୍ଗୁଡ଼ି ଫାର୍ମରେ କାମ କରୁଥିବାବେଳେ ଝଡ଼ବର୍ଷା ବଜ୍ରପାତ ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୩ ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ବାସୁଦେବ ଜେନା (୨୬) ଏବଂ ବାବୁରାମ ସିଂ (୪୫)। ଗଞ୍ଜାମ ଜିଲାର ୨ ସ୍ଥାନରେ ବଜ୍ରପାତ ୨ ଜଣଙ୍କ ଜୀବନ ନେଇଛି। ସେମାନେ ହେଲେ ବ୍ରହ୍ମପୁର ସଦର ଥାନା ରାଇପେଣ୍ଡା ଗ୍ରାମର ବାଷା ନାରାୟଣ ଗୌଡ଼ (୩୦) ଓ ଆସିକା ଥାନା ଚେରମାରିଆ ଗ୍ରାମର ଅଲକ୍ଷିତ ଗୌଡ଼ଙ୍କ ସ୍ତ୍ରୀ ଅମୃଲା ଗୌଡ଼ (୪୫)।

ବୁଧବାର ଅପରାହ୍ନ ସାଢ଼େ ୫ଟାରେ ନାରାୟଣ ଜମିକୁ ଫସଲ ଦେଖିବା ପାଇଁ ବାଇକ୍‌ରେ ଯାଇଥିଲେ। ସେ ଗାଁ ମୁଣ୍ଡ କେନାଲ ହୁଡ଼ାରେ ପହଞ୍ଚି ବାଇକ ରଖି ଜମିକୁ ଯାଉଥିବାବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଲକୁ ଯାଉଥିବା ଅନ୍ୟ ଚାଷୀମାନେ ନାରାୟଣଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ନାରାୟଣ ମାସକ ତଳେ ବିବାହ କରିଥିଲେ। ଆସିକା ଥାନା ଚେରମାରିଆ ଗ୍ରାମରେ ବଜ୍ରପାତରେ ଅମୃଲା ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଗ୍ରାମ ଉପକଣ୍ଠ ବଡ଼ତୋଟାର ମର୍ଣ୍ଣିଷ କୁର୍ଯ୍ୟାର ସହ ରହୁଥିବା ତାଙ୍କ ସ୍ୱାମୀଙ୍କ ପାଇଁ ସେ ଅପରାହ୍ନ ପ୍ରାୟ ୪ଟାରେ ଖାଇବାକୁ ନେଇ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।


# classifieds Everyday
0674-2580101, 2549302



**SALE**

**Tata ACE-2 Nos. (Full body covered) For sale. Make: 2016-17, Please contact: Dilip Kumar, Mob: 9437032752.** D-12501



**SALE**

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Stitiban Gharabari Plot 2675sqft with 3100sqft two storyed building for sale at Tankapani road, Bhubaneswar. Genuine buyers can Contact: 9437016461. D-66456

**Bhubaneswar Infocity-II ମଙ୍ଗଳପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ୍, ଘର, ଆପାର୍ଟମେଣ୍ଟ, ସିମ୍ପ୍ଲେକ୍ସ, Duplex କିଣିବା ବା ବିକ୍ରୟ କରିବା ପାଇଁ ଯୋଗାଯୋଗ କରନ୍ତୁ। ପୁରୀରେ ଘର କରିବା ପାଇଁ ସହଜ କିସ୍ତିରେ ପ୍ଲଟ ବିକ୍ରୟ ଚାଲିଛି। ଯୋଗାଯୋଗ: 9438109040, 8144658008. D-12488

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଲକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D-66367

Urgent sale 0.73 decimele road side land near Mirgamunda Bus Stop. At.- Maneswar, Dist.- Sambalpur. Interested parties may Contact- 9090571675. D-12506



ଅଟୋମେଟିକ୍ ଦନା ପ୍ଲେଟ୍ ମେସିନ ମାତ୍ର ଟ.୪୦,୦୦୦/- ଏଠାରେ ସମସ୍ତ ପ୍ରକାର ପେପର ହୋଲସେଲ୍ ଦରରେ ଉପଲବ୍ଧ। ଯୋଗାଯୋଗ- ଶ୍ରୀ ଗଣେଶ ମେସିନାରୀ, ରାୟପୁର, 9752090498. D-12507

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

Now Matrimonial ads. only on Wednesday & Sunday Book 1 Get 1 FREE

**AFFIDAVIT**

By virtue of an affidavit before the Notary Public Purushottampur (Ganjam) I Sudama Pradhan S/o Dinabandhu Pradhan of village Baghala. I have adopted to one Somanath Khuntia S/o Late Chhanchan Khuntia. That after my adoption the surname and father's name changed from Sudama Pradhan S/o Dinabandhu Pradhan to Sudama Khuntia S/o Somanath Khuntia. I shall be known as Sudama Khuntia S/o Somanath Khuntia for all purpose. D-12505

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**BIRTHDAY WISH**



Wish you a great
*Happy Birthday*
**SONY**
**Best wishes**
**KANHA**
D-66231

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# "ଫୋନି" ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସଚେତନତା

DSPL-12

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

- ପିଇବା ପାଣିରେ ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.)୨୦ -୨୫ ଲିଟର (୧ମାଠିଆ/ବାଲଟି) ମିଶାନ୍ତୁ ଓ ମିଶାଇବାର ୧ଘଣ୍ଟା ପରେ ପିଅନ୍ତୁ ।
- ଖାଇବା ପୂର୍ବରୁ ଓ ଶୌଚହେବା ପରେ ହାତକୁ ସାବୁନରେ ଧୁଅନ୍ତୁ ।
- ରନ୍ଧା ଖାଦ୍ୟକୁ ଘୋଡାଇ ରଖନ୍ତୁ ଓ ମାଛି ବସିବାକୁ ଦିଅନ୍ତୁ ନାହିଁ ।
- ତରଳ ଝାଡା ହେଲେ ଓ.ଆର.ଏସ୍. ଦ୍ରବଣ ପିଅନ୍ତୁ ।
- ସାପ କାମୁଡିଲେ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ ।
- ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ ।
- ଘର ଆଖପାଖ ସଫା ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

ଅଧିକ ସୂଚନା ପାଇଁ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ କିମ୍ବା ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନିୟନ୍ତ୍ରଣ କକ୍ଷ ଫୋନ ନମ୍ବର: ୦୬୭୪-୨୩୯୦୪୬୬ରେ ଯୋଗାଯୋଗ କରନ୍ତୁ ।

facebook.com/HFWOdisha | http://www.health.odisha.gov.in/ | @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0007/1920


# ଦୋହଲିଯାଇଛି ହୋଟେଲ ଶିଳ୍ପ

## 'ଫନୀ' ତାଣ୍ଡବ

- ଭିତ୍ତିଭୂମି ବାବଦରେ ୫୦୦ କୋଟି ଟଙ୍କାର କ୍ଷତି
- ୨ ହଜାର କୋଟିର ବ୍ୟବସାୟିକ କ୍ଷତି
- ପୁରୀ-ଭୁବନେଶ୍ୱର-କଟକର ୧ ହଜାର ହୋଟେଲ ପ୍ରଭାବିତ
- ପୁରୀର ସର୍ବାଧିକ ୮୦୦ ହୋଟେଲ କ୍ଷତିଗ୍ରସ୍ତ
- ଭିତ୍ତିଭୂମି ସଜାଡ଼ିବାକୁ ପ୍ରସ୍ତାବ ରଖିଲା ଏଚ୍ଆର୍ଏଓ
- ଋଣ, ଟିକସ ଉପରେ ସାମୟିକ ରହିତାଦେଶ ପାଇଁ ଦାବି
- ବିଦେଶରେ ରୋଡ୍ ଶୋ ପାଇଁ ପ୍ରସ୍ତାବ



ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ବେଳାଭୂମି ମାର୍ଗର ହୋଟେଲ ଅଞ୍ଚଳ।

ଭୁବନେଶ୍ୱର,୧୫।୫(ବ୍ୟୁରୋ)

ପ୍ରଳୟଙ୍କରୀ ବାତ୍ୟା ଫନୀ ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି ରାଜ୍ୟର ହୋଟେଲ ଶିଳ୍ପ। ରାଜ୍ୟ ପର୍ଯ୍ୟଟନର ଭିତ୍ତିଭୂମି କୁହାଯାଉଥିବା ପୁରୀ-ଭୁବନେଶ୍ୱର-କଟକରେ ସର୍ବାଧିକ ହୋଟେଲ ରହିଥିବା ବେଳେ ବାତ୍ୟାରେ ଏହି ୩ଟି ସହର ହିଁ ଅଧିକ ପ୍ରଭାବିତ ହୋଇଛି। ୩ ସହରର ଏକ ହଜାରରୁ ଉର୍ଦ୍ଧ୍ୱ ହୋଟେଲ ଧ୍ୱସ୍ତବିଧ୍ୱସ୍ତ ହୋଇଛି। କେବଳ ୫୦୦ କୋଟି ଟଙ୍କାର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୨ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟିକ କ୍ଷତି ଆକଳନ କରାଯାଇଛି। ପୁରୀରେ ସର୍ବାଧିକ ୮୦୦ ହୋଟେଲ ବାତ୍ୟାରେ ଭାଙ୍ଗିରୁଜି ଯାଇଥିବା ବେଳେ ଭୁବନେଶ୍ୱର ଓ କଟକରେ ୨୦୦ ହୋଟେଲ ପ୍ରଭାବିତ ହୋଇଥିବା ସୂଚନା ଦେଇଛି ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍ଆର୍ଏଓ)।

ଏଚ୍ଆର୍ଏଓ ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଡକାଯାଇ କ୍ଷୟକ୍ଷତିର ଆକଳନ କରାଯାଇଛି। ଏହାସହ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ପୁଣିଥରେ ପୁନର୍ଗଠନ କରିବାକୁ ଆସୋସିଏଶନ ପକ୍ଷରୁ ରାଜ୍ୟ ସରକାରଙ୍କୁ କେତେକ ପ୍ରସ୍ତାବ ଦିଆଯାଇଛି। ଫନୀ ପୁରୀରେ ଲ୍ୟାଣ୍ଡଫଲ କରିଥିବା ବେଳେ ଏହି ଅଞ୍ଚଳର ଶତ ପ୍ରତିଶତ ହୋଟେଲ ପ୍ରଭାବିତ ହୋଇଛି। ବଡ଼ ବଡ଼ ହୋଟେଲଗୁଡ଼ିକର ୧୦ରୁ ୧୫ କୋଟି ଟଙ୍କାର ଭିତ୍ତିଭୂମି କ୍ଷତି ହୋଇଥିବା ଆକଳନ କରାଯାଇଛି। ଏହାବ୍ୟତୀତ ଆସନ୍ତା ଆର୍ଥିକବର୍ଷରେ ହୋଟେଲ ଶିଳ୍ପର ୨ ହଜାର କୋଟି ଟଙ୍କାର ବେପାର କ୍ଷତି ହେବ ବୋଲି ଏଚ୍ଆର୍ଏଓ ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି। ଭୁବନେଶ୍ୱରରେ ହେବାକୁ ଥିବା ସମସ୍ତ ମେଗା କନ୍ଫରେନ୍ସକୁ ବାତିଲ କରାଯାଇଥିବାବେଳେ ପୁରୀ ଓ ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ହେବାକୁ ଥିବା ବାହାଘର ତଥା ଡେଷ୍ଟିନେଶନ ୱେଡିଂକୁ ବାତିଲ କରାଯାଇଛି। ବହୁସଂଖ୍ୟାରେ ପର୍ଯ୍ୟଟକ ଏବେ ବୁକିଂ ବାତିଲ୍ କରୁଥିବାରୁ ହୋଟେଲିୟରମାନଙ୍କୁ ବିପୁଳ କ୍ଷତି ସହିବାକୁ ପଡୁଛି। ଏଭଳିସ୍ଥଳେ ଜୁନ୍ ୧୦ ସୁଦ୍ଧା ପୁରୀକୁ ପର୍ଯ୍ୟଟକଙ୍କ ପାଇଁ ପୁଣିଥରେ ଉନ୍ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ ପୁରୀକୁ ଯଥାଶୀଘ୍ର ବିଦ୍ୟୁତ୍ ସଂଯୋଗ ସହ ଯୁଦ୍ଧକାଳୀନ ଭିତ୍ତିରେ ସ୍ୱେରେଜ୍ ଓ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଆସୋସିଏଶନ ଦାବି କରିଛି।

ଅନ୍ୟପକ୍ଷରେ ହୋଟେଲଗୁଡ଼ିକ ନେଇଥିବା ଟର୍ମ ଲୋନ୍ର ମୂଳ ଅର୍ଥ ଓ ସୁଧ ପ୍ରଦାନ କ୍ଷେତ୍ରରେ ୨ବର୍ଷ ପାଇଁ ସାମୟିକ ରହିତାଦେଶ ଲାଗି ଅନୁରୋଧ କରାଯାଇଛି। ସେହିଭଳି କ୍ଷୟକ୍ଷତି ହୋଇଥିବା ଭିତ୍ତିଭୂମିର ପୁନଃନିର୍ମାଣ ପାଇଁ ଆବେଦନ କରିବାର ୩୦ଦିନ ମଧ୍ୟରେ ବ୍ୟାଙ୍କ୍ଗୁଡ଼ିକ ଋଣ ମଞ୍ଜୁର କରିବା ସହ ଇନ୍ସ୍ୟୁରାନ୍ସ କମ୍ପାନୀମାନେ ମେ ୩୦ ସୁଦ୍ଧା ଦାବି ଅର୍ଥରାଶିର ୫୦ ପ୍ରତିଶତ ପ୍ରଦାନ କରିବାକୁ କୁହାଯାଇଛି। ଏକ୍ଷେତ୍ରରେ ରାଜ୍ୟ ସରକାର ବ୍ୟାଙ୍କ୍ ଓ ଇନ୍ସ୍ୟୁରାନ୍ସ କମ୍ପାନୀ ସହ ଆଲୋଚନା କରିବାକୁ ମହାନ୍ତି ନିବେଦନ କରିଛନ୍ତି। ବାତ୍ୟାରେ ପ୍ରଭାବିତ ପୁରୀ, ଭୁବନେଶ୍ୱର ଓ କଟକର ପ୍ରମୁଖ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମିକୁ ସଜାଡ଼ିବା ସହ ହୋଟେଲଗୁଡ଼ିକ ଦେଉଥିବା ଜିଏସ୍ଟି, ହୋଲ୍ଡିଂ ଟ୍ୟାକ୍ସ, ମ୍ୟୁନିସିପାଲ ଟ୍ୟାକ୍ସ ଓ ଅନ୍ୟାନ୍ୟ ଟ୍ୟାକ୍ସରେ ଛାଡ କରିବାକୁ ଦାବିହୋଇଛି। ବନ୍ୟା ପରେ କେରଳ ପର୍ଯ୍ୟଟନ ଭଳି ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଦେଶ ବାହାରେ ରୋଡ୍ ଶୋ, ବ୍ୟାପକ ମିଡିଆ କଭ୍ରେଜ୍, ଭିଡିଓ ଫିଲ୍ମ ପ୍ରସ୍ତୁତି ଭଳି ପ୍ରମୋଶନାଲ ଆକ୍ଟିଭିଟି କରିବାକୁ ପରାମର୍ଶ ଦେଇଛି ଆସୋସିଏଶନ। ଏହାବ୍ୟତୀତ ରାଜ୍ୟ ସରକାର ଅନ୍ତର୍ଜାତୀୟ ବିମାନ ଚଳାଚଳ, ଷ୍ଟାର୍ ହୋଟେଲ ପ୍ରତିଷ୍ଠା, ଦୀର୍ଘସ୍ଥାୟୀ ପର୍ଯ୍ୟଟନ ଭିତ୍ତିଭୂମି ନିର୍ମାଣ, ଲିଜର ଟୁରିଜିମ୍, ନାଇଟ୍ ଲାଇଫ୍, କନ୍ଭେନ୍ସନ୍ ସେଣ୍ଟର, ୱାଟର ସ୍ପୋର୍ଟସ ଭଳି ଦୀର୍ଘମିଆଦୀ ଯୋଜନା ଉପରେ ଗୁରୁତ୍ୱ ଦେବାକୁ ଏଚ୍ଆର୍ଏଓ ଦାବି କରିଛି। ଖୁବ୍ଶୀଘ୍ର ଉପରୋକ୍ତ ଦାବିକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ମହାନ୍ତି କହିଛନ୍ତି।

## କର୍କଟରେ ପୀଡ଼ିତ ଟେଲି ଅଭିନେତ୍ରୀ ରାଜେଶ୍ୱରୀ

### ଆବେଗ ପ୍ରବଣ ହୋଇ ପ୍ରଶଂସକଙ୍କୁ ଜଣାଇଲେ




ଭୁବନେଶ୍ୱର, ୧୫।୫(ବ୍ୟୁରୋ)

କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ଜଣାଶୁଣା ଓଡ଼ିଆ ଟେଲି ଅଭିନେତ୍ରୀ ରାଜେଶ୍ୱରୀ ରାୟ ମହାପାତ୍ରଙ୍କ ଆରୋଗ୍ୟ କାମନା କରିଛନ୍ତି ତାଙ୍କ ପ୍ରଶଂସକ। କର୍କଟରେ ଆକ୍ରାନ୍ତ ହେବା ସମ୍ପର୍କରେ ରାଜେଶ୍ୱରୀ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଚାରିଆଡ଼ୁ ତାଙ୍କ ପ୍ରତି ଥିବା ଭଲପାଇବା ଓ ସ୍ନେହଶ୍ରଦ୍ଧା ଅଜାଡ଼ି ହୋଇପଡ଼ିଛି। ଶୀଘ୍ର ସୁସ୍ଥ ହୋଇ ପୁଣିଥରେ ଟେଲିଭିଜନ ପରଦାକୁ ବ୍ୟାକ୍ କରିବାକୁ ତାଙ୍କ ପ୍ରଶଂସକମାନେ କହିଛନ୍ତି।

ଏକାଧିକ ଓଡ଼ିଆ ଧାରାବାହିକରେ ଅଭିନୟ କରି ଓଡ଼ିଶାର ଘରେ ଘରେ ପରିଚିତ ଚେହେରା ପାଲଟିଥିବା ରାଜେଶ୍ୱରୀ ବ୍ରେନ୍‌ଓ ଲଙ୍ଗ୍‌ସ କ୍ୟାନ୍‌ସରରେ ପୀଡ଼ିତ ହୋଇଛନ୍ତି। ଏ ନେଇ ସେ ନିଜ ଫେସ୍‌ବୁକରେ ଦୁଇଟି ଫଟୋ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ସେ କର୍କଟ ସହ ଲଢ଼େଇ କରୁଛନ୍ତି ଓ ଏଥିରେ ନିଶ୍ଚୟ ବିଜୟ ହାସଲ କରିବେ ବୋଲି କହିଛନ୍ତି। ଏହାସହ ତାଙ୍କ ଅଭିନୀତ ଚରିତ୍ର ତାରା ପଟ୍ଟନାୟକ ରୂପରେ ସେ ଖୁବ୍‌ଶୀଘ୍ର ଟେଲିଭିଜନକୁ ଫେରିବେ ବୋଲି ମଧ୍ୟ କହିଛନ୍ତି। ଭଗବାନଙ୍କ ଆଶୀର୍ବାଦ ସହ ଲୋକଙ୍କ ଆଶୀର୍ବାଦ କାମନା କରି ସେ ଏହି ପୋଷ୍ଟ କରିଛନ୍ତି। ଏହି ଖବର ତାଙ୍କ ପ୍ରଶଂସକଙ୍କୁ ଗଭୀର ଧକ୍କା ଦେଇଥିବା ବେଳେ ସମସ୍ତେ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଆଜି କ'ଣ କେଉଁଠି

**ବରଗଡ଼**

- ବୈଶାଖ ମେଳା-୨୦୧୯, ନୃସିଂହନାଥ ମନ୍ଦିର, ସକାଳ ୬ଟା ୩୦ ମିନିଟ୍।
- କଟାପାଲି ରାମଲୀଳା ଯାତ୍ରା ମହୋତ୍ସବ, ରାମଜୀ ମଣ୍ଡପ ସମ୍ମୁଖ ମଞ୍ଚ, ସନ୍ଧ୍ୟା ୭ଟା।
- ରାମାୟଣ ପାରାୟଣ, ସରଣ୍ଡା ମହାପାତ୍ରପଡ଼ା କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୮ଟାରୁ ରାତ୍ରି ୮ଟା।
- ରାମାୟଣ ପାରାୟଣ, ସନ୍ଧିବାହାଲ(ଗାଇସିଲେଟ୍), ପୂର୍ବାହ୍ନ ୯ଟା।

**ବୌଦ୍ଧ**

- ଜାତୀୟ ଡେଙ୍ଗୁ ଦିବସ ପାଳନ, ସ୍ୱାସ୍ଥ୍ୟ ବିଭାଗ ପ୍ରଶିକ୍ଷଣ କକ୍ଷ, ସକାଳ ୯ଟା।

**ସମ୍ବଲପୁର**

- ବିବେକାନନ୍ଦ କେନ୍ଦ୍ର କନ୍ୟା କୁମାରୀ ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ ଶିବିର, ଗୋବିନ୍ଦଟୋଲା, ସମୟ-ସକାଳ ୮ଟା।
- ଗୁଡେଶ୍ୱର ବାବାଙ୍କ ଥାଳଉଠା କାର୍ଯ୍ୟକ୍ରମ, ଦୁର୍ଗାପାଲି ନିକଟସ୍ଥ ଗୁଡେଶ୍ୱର ମନ୍ଦିର, ସନ୍ଧ୍ୟା ୫ଟା।
- ସୁନ୍ଦର ହସ୍ତଲିଖନ ଶିବିର, ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅପରାହ୍ନ ୪ଟା।

**ନୂଆପଡ଼ା**

- ଜାତୀୟ ଡେଙ୍ଗୁ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ, ସମୟ: ସକାଳ, ୯ଟା ୩୦ ।

## ■ ଯୁବକଙ୍କ ଅଦ୍ଭୁତକାଣ୍ଡ

# ଦଂଶିଥିବା ସାପକୁ ଧରି ଡାକ୍ତରଖାନାରେ ହାଜର



ମାଲକାନଗିରି, ୧୫।୫(ଡି.ଏନ୍.ଏ.)

ମାଲକାନଗିରି ଡାକ୍ତରଖାନାରେ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କ ଅଦ୍ଭୁତ କାଣ୍ଡ ଉପସ୍ଥିତ ସମସ୍ତଙ୍କୁ ଆତଙ୍କିତ କରିଛି। ସାପ କାମୁଡିଲା ବୋଲି ସେଇ ସାପକୁ ଧରି ଯୁବକ ଜଣଙ୍କ ଡାକ୍ତରଖାନାରେ ପହଞ୍ଚିବା ପରେ କର୍ମଚାରୀ ଓ ରୋଗୀଙ୍କ ମଧ୍ୟରେ ଖେଳାଇ ଦେଇଥିଲା ଭୟ। ମାଲକାନଗିରି ଜିଲା ଏମ୍ଭି-୬୩ ଗ୍ରାମର ପାର୍ଥ ସରକାର ମଙ୍ଗଳବାର ରାତିରେ ପାର୍ଥ ଘରେ ଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ିଥିଲା। ଅନ୍ଧାର ହୋଇଥିବାରୁ କେଉଁ ସାପ କାମୁଡିଥିଲା ସେ ଜାଣି ପାରି ନ ଥିଲେ। ଅତି ଚତୁରତାର ସହ ପାର୍ଥ ସାପଟିକୁ କାବୁ କରିବା ସହ କାମୁଡ଼ି ଥିବା ସ୍ଥାନରେ ଗାମୁଛା ବାନ୍ଧି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଥିଲେ। ଯୁବକଙ୍କ ସହ ସାପଟିକୁ ଦେଖି ଡାକ୍ତର ଓ କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇଯିବା ସହ ସେଠାରେ କିଛିସମୟ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସାପଟି ଜୀବିତ ବୋଲି ପାର୍ଥ ଡାକ୍ତରଙ୍କୁ କହିଥିଲେ। ଏହା ପରେ ସାପଟିକୁ ଡାକ୍ତରଖାନା ନିକଟସ୍ଥ ବଣରେ ଛଡ଼ା ଯାଇଥିଲା। ଯୁବକ ଜଣଙ୍କ ସାପଟିକୁ ଛାଡିବା ପରେ ତୁରନ୍ତ ତାଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ପାର୍ଥଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବାରୁ ତାଙ୍କୁ ବୁଧବାର ଡାକ୍ତରଖାନାରୁ ଛଡ଼ାଯାଇଛି।

# ଅଂଶୁଘାତରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ବୀରମହାରାଜପୁର, ୧୫।୫ (ଡି.ଏନ୍.ଏ.)



କସ୍ତୁରୀ ଜଗଦଲାଙ୍କ ଫାଇଲ ଫଟୋ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଦିନକୁ ଦିନ ତାତି ବଢିବାରେ ଲାଗିଛି। ଏପରି ସ୍ଥିତିରେ ବୀରମହାରାଜପୁର ନିକଟବର୍ତ୍ତୀ ଟିଠିପାଲି ଗ୍ରାମରେ ଜଣେ ମହିଳାଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଉଫୁଲା ପଞ୍ଚାୟତ ଅଧୀନ ଟିଠିପାଲି ଗ୍ରାମର ନାରାୟଣ ଜଗଦଲାଙ୍କ ସ୍ତ୍ରୀ କସ୍ତୁରୀ(୫୨) ମଙ୍ଗଳବାର ସକାଳେ ଜାଳେଣି କାଠ ସଂଗ୍ରହ କରି ଘରକୁ ଫେରିଥିଲେ। ମଧ୍ୟାହ୍ନରେ ସେ ସ୍ଥାନୀୟ ପଞ୍ଚାୟତ ଅଫିସକୁ ଚାଉଳ ଆଣିବାକୁ ଯାଇଥିଲେ। ଚାଉଳ ଧରି ଘରେ ପହଞ୍ଚିବା ପରେ ସେ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ବୁଧବାର ସକାଳେ ଗାଁ ଶ୍ମଶାନରେ କସ୍ତୁରୀଙ୍କ ଅନ୍ତିମ ସତ୍କାର କରାଯାଇଥିଲା। ଉଫୁଲା ସରପଞ୍ଚ ମୃତକଙ୍କ ପରିବାର ଲୋକଙ୍କୁ ପ୍ରାଥମିକ ସହାୟତା ଯୋଗାଇ ଦେଇଛନ୍ତି।


**BADRIPRASAD Group of Institutions**

**ADMISSION OPEN**

DIPLOMA ENGINEERING
BCA | BBA | BA | B.Sc. | B.Com
100% Placement Assistance

At: Debaipali, Majhipali Chowk, P.O.- Sason, Dist.- Sambalpur, PIN- 768200
Contact: 7008920803, 7008757504, 8327725282, 7008483493
Web.: www.bitsambalpur.in
E-mail: bitechsbp@gmail.com, bcctsbp@gmail.com / bdcsbp@gmail.com

**NIFT LATERAL ADMISSIONS 2019**

**DIRECT ADMISSION TO SECOND YEAR**

NIFT announces Lateral Admission to the second year B.Des. and B.F.Tech Programmes for candidates who have completed their Diploma/Degree in relevant fields. For more details please visit www.nift.ac.in

National Institute of Fashion Technology
A Statutory Institute governed by the NIFT Act 2006
Ministry of Textiles, Government of India



**ପୂର୍ବ ତଟ ରେଳପଥ**

ଟେଣ୍ଡର ସୂଚନା ସଂ.MSM-FE-MAINT-SBP-19-22

**କାର୍ଯ୍ୟର ନାମ:** ତିନି ବର୍ଷ ଅବଧି ନିମନ୍ତେ ସମ୍ବଲପୁର, ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ଠାରେ କ୍ୟାରେଜ୍ ଏବଂ ୱାଗନ ଡିପୋ ଅଗ୍ନି ନିର୍ବାପକ ଯନ୍ତ୍ର (Fire Extinguishers) ଗୁଡ଼ିକର ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 5,41,348.80, EMD (ଟଙ୍କାରେ) : 10,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 2,000/-, କାର୍ଯ୍ୟ ଶେଷ ହେବା ଅବଧି: 03 ବର୍ଷ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.06.06.2019 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ସରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ)/ ସମ୍ବଲପୁର

PR-78/K/19-20


# ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର କରି ଅଡୁଆରେ ବିଡିଓ

ନୂଆପଡ଼ା ଅଫିସ,୧୫।୫

ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର କରି ନୂଆପଡ଼ା ଜିଲା କୋମନା ବିଡିଓ ଶ୍ୟାମଳ ରଥ ହରଡ଼ଘଣାରେ ପଡିଛନ୍ତି। ଏ ନେଇ ନୂଆପଡା ଥାନାରେ ବିଡିଓ ରଥ (୩୮), ଯନ୍ତ୍ରୀ ରମେଶ ଦୀପ (୩୦), ବିରଞ୍ଚି ଉଦ୍ଦଣ୍ଡ ରଥ (୩୪) ଏବଂ ଶକୁନ୍ତଳା ଦାସ (୩୨)ଙ୍କ ନାମରେ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଭିତ୍ତିକରି ଦଫା ୨୯୪, ୫୦୬, ୫୦୯, ୩୪ରେ ଏକ ମାମଲା (ନଂ.୫୬/୧୯) ରୁଜୁ ହୋଇଛି । ଏହି ଘଟଣା ଜିଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି ।

ମିଳିଥିବା ସୂଚନା ଅନୁଯାୟୀ, ଜିଲା ଯୁବ ବିଜେଡି ସଭାପତି ରାଜେଶ ନିଗମ ମଙ୍ଗଳବାର ରାତି ପ୍ରାୟ ୧୧ଟା ବେଳେ ନୂଆପଡ଼ା-କୋମନା ରାସ୍ତାରେ ଥିବା ଏକ ହୋଟେଲରେ ନିଜ ପରିବାର ସଦସ୍ୟଙ୍କ ସହ ଭୋଜନ କରୁଥିଲେ । ସେହି ସମୟରେ ନୂଆପଡ଼ାରୁ ଏକ ଜିଲାସ୍ତରୀୟ ବୈଠକରେ ଯୋଗଦେଇ ଫେରୁଥିଲେ ବିଡିଓ ରଥ। ସେ ନିଜ ସହଯୋଗୀଙ୍କ ସହ ସେହି ହୋଟେଲକୁ ଆସିଥିଲେ। ସେଠାରେ ବିଡିଓ ଓ ତାଙ୍କ ସହଯୋଗୀମାନେ ରାଜେଶ ନିଗମଙ୍କ ପରିବାରର ମହିଳାମାନଙ୍କୁ ଦେଖି ଅଶ୍ଳୀଳ ବ୍ୟବହାର କରିଥିଲେ। ନିଗମ ଏହାର ପ୍ରତିବାଦ କରିବାରୁ ବିଡିଓଙ୍କ ସହଯୋଗୀମାନେ ତାଙ୍କୁ କୁଆଡେ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଖବର ପାଇ କୋମନା ଏବିଡିଓ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ତଥାପି ଏହି ବିବାଦର ସମାଧାନ ହୋଇ ନ ଥିଲା ।

ଗୁରୁବାର ମଧ୍ୟାହ୍ନରେ ଦୁଇପକ୍ଷ ନୂଆପଡା ଥାନାରେ ହାଜର ହୋଇଥିଲେ। ଦୀର୍ଘସମୟ ଧରି ବୁଝାମଣା ପରେ ମଧ୍ୟ ବିଡିଓ ରଥ ଥାନାରେ ପ୍ରତିପକ୍ଷଙ୍କୁ ଦୁର୍ବ୍ୟବହାର କରିଥିଲେ। ଖବର ପାଇ ଡିଆଇଜିଏ ପିଡି ବୃଷଭ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ପ୍ରମୁଖ ଥାନାକୁ ଆସି ଏସ୍ଡିପିଓ ଅଜୟ କୁମାର ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ । ସନ୍ଧ୍ୟା ପର୍ଯ୍ୟନ୍ତ ଦୁଇପକ୍ଷ ମଧ୍ୟରେ ବୁଝାମଣା ସକାଶେ ତନାଘନା ଉଦ୍ୟମ ଚାଲିଥିଲା। ଏସ୍ଡିପିଓ ଅଜୟ ପଟ୍ଟନାୟକ, ଆଦିତ୍ୟ ମହାକୁଡ ଘଟଣାର ତଦନ୍ତ ଚଳାଇଛନ୍ତି। ଏଭଳି ଏକ ଘଟଣାକୁ ବିଭିନ୍ନ ମହଲାରେ ନିନ୍ଦା କରାଯାଇଛି ।


**INDIAN INSTITUTE OF TOURISM AND TRAVEL MANAGEMENT**

(An Autonomous Body under Ministry of Tourism, Government of India)
Centres : Gwalior, Bhubaneswar, Noida, Nellore & Goa. Camps: Shillong & Bodh Gaya

**ADMISSION NOTICE**

BBA (Tourism & Travel) 2019-22
MBA (Tourism & Travel Management) 2019-21

Under collaborative scheme of IGNTU

BBA (Tourism & Travel)
ELIGIBILITY :
- Passed 10+2 examination with 50% marks (45% for SC/ST/PH)
- Appear in IGNTU-IITTM Admission Test (IIAT)-2019

MBA (Tourism & Travel Management)
ELIGIBILITY :
- Graduation with 50% of marks (45% for SC/ST/PH) and
- Valid score in CAT/MAT/CMAT/GMAT/ATMA/XAT or Appear in IGNTU-IITTM Admission Test (IIAT)-2019

For online application & detailed information please visit - www.iittm.ac.in
For more details please contact : 7205146285, 9425407607, 9990050707, 9437010180, 9849739489
or Email: admissions@iittm.ac.in

ATUL

Advantages@IITTM
Leading Government Institute of Tourism and Travel with Best Placement record

Last Date of Application 27th May 2019

“ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ।

-ଶ୍ରୀମା

# କୁକୁଡ଼ା ଅଣ୍ଡାର ମାନ

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଅଣ୍ଡାକୁ ସବୁବେଳେ ମାନକ ନିରାପଦ ଖାଦ୍ୟ ଭାବେ ବିବେଚନା କରାଯାଇ ଆସିଛି। କ୍ୱଚିତ୍ ଲୋକ ଜାଣନ୍ତି ଯେ, ପ୍ରତି ଅଣ୍ଡା ଅଲଗା ଏବଂ କେତେକ ଆଦୌ ଖାଇବା ଉପଯୋଗୀ ନୁହେଁ। ଗୋଟିଏ ଅଣ୍ଡାର ଉପାଦାନଗୁଡ଼ିକ ହେଉଛି: ଆଲ୍‌ବୁମେନ (ଅଣ୍ଡା ଭିତରର ଧଳା ଅଂଶ), କେଶର (ଅଣ୍ଡାର ହଳଦିଆ ଅଂଶ) ଏବଂ କ୍ୟାଲ୍‌ସିୟମ୍ କାର୍ବୋନେଟ୍‌ରେ ତିଆରି ଅଣ୍ଡାର ସୂକ୍ଷ୍ମ ଛିଦ୍ରବହୁଳ ଖୋଳପା। ତେବେ ଅଣ୍ଡାର ଏହି ଭିତର ଉପାଦାନଗୁଡ଼ିକୁ ବଦଳାଇ ଦିଆଯାଇପାରେ। କୁକୁଡ଼ାକୁ ଆମେ ଯେମିତି ଖାଦ୍ୟ ଖାଇବାକୁ ଦେବା, ତା'ର ଶରୀର ତଥା ଅଣ୍ଡା ଭିତରେ ମଧ୍ୟ ଅନୁରୂପ ପରିବର୍ତ୍ତନ ଘଟିବ। ଉଦାହରଣସ୍ୱରୂପ ଜାପାନରେ ଅଣ୍ଡା ଭିତରେ ଓମେଗା ୩ ଓ ଆୟୋଡିନ୍ ଭର୍ତ୍ତି କରିଦିଆଯାଉଛି।

ଅଣ୍ଡାର ମାନ କୁକୁଡ଼ାର ଖାଦ୍ୟ ଓ ସେ ରହୁଥିବା ପରିବେଶର ଅବସ୍ଥା ଉପରେ ନିର୍ଭର କରେ। ଅଣ୍ଡାଦେବା ପୂର୍ବ ଓ ପରର ଅନେକ କାରକ ଦ୍ୱାରା ଏହା ପ୍ରଭାବିତ ହୁଏ। ପାଣିପାଗ, ଖାଦ୍ୟର ପ୍ରକାର, କୁକୁଡ଼ା ପିଉଥିବା ପାଣିର ପରିମାଣ, ପରିବେଶର ପରିଚ୍ଛନ୍ନତା, କେତେ ଘଣ୍ଟା କୁକୁଡ଼ାଟି ସୂର୍ଯ୍ୟାଲୋକରେ କଟାଉଛି, ସେ କିପରି ନିଃଶ୍ୱାସ ପ୍ରଶ୍ୱାସ ନେଉଛି- ଏସବୁ କାରକ ଅଣ୍ଡାର ଗୁଣବତ୍ତା ପାଇଁ ଦାୟୀ। କୁକୁଡ଼ାଟି ଅଣ୍ଡା ଦେବା ପରେ ଆପଣଙ୍କ ପ୍ଲେଟ୍ ପର୍ଯ୍ୟନ୍ତ ଆସିବା ଯାଏ, ତାକୁ କିପରି ହ୍ୟାଣ୍ଡଲ୍ କରାଯାଇଛି, ତା' ଉପରେ ମଧ୍ୟ ଏହା ଖାଇବା ଯୋଗ୍ୟ କି ନା ତାହା ନିର୍ଭର କରୁଛି। ଗୋଟିଏ କୁକୁଡ଼ା ଅଣ୍ଡାରେ ହାରାହାରି ଛଅଗ୍ରାମ୍ ପ୍ରୋଟିନ୍ ଓ ଛଅଗ୍ରାମ୍ ଚର୍ବି ରହିବା କଥା। ଏଥିପାଇଁ କୁକୁଡ଼ାକୁ ସନ୍ତୁଳିତ ଆହାର ଦେବାକୁ ହୋଇଥାଏ, ଯେଉଁଥିରେ ଆବଶ୍ୟକ ପରିମାଣର ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଚର୍ବି, ଭିଟାମିନ୍ ଓ ଖଣିଜ ଲବଣ ଥିବ। ବିଶେଷଜ୍ଞମାନେ କୁକୁଡ଼ା ଖାଦ୍ୟରେ ୧୬ରୁ ୧୮ ପ୍ରତିଶତ ପ୍ରୋଟିନ୍ ଓ ପ୍ରାୟ ୩.୫% କ୍ୟାଲ୍‌ସିୟମ୍ ରହିବା ଉଚିତ ବୋଲି କହିଛନ୍ତି। ଅଣ୍ଡାଦିଆ କୁକୁଡ଼ାକୁ ମଧ୍ୟ ଯଥେଷ୍ଟ ସ୍ୱଚ୍ଛ ଜଳ ଦିଆଯିବା ଦରକାର କାରଣ କୁକୁଡ଼ା ଅଣ୍ଡାର ଅଧା ଭାଗ ହେଉଛି ଜଳ।

ଅଣ୍ଡାର ପ୍ରାକୃତିକ ଉପାଦାନଗୁଡ଼ିକୁ ଯେ ବଦଳାଯାଇ ପାରିବ, ଏ କଥା କୁକୁଡ଼ା ଫାର୍ମର ମାଲିକମାନେ ଜାଣିଛନ୍ତି। ସେଥିପାଇଁ ସେମାନେ କୁକୁଡ଼ା ଖାଦ୍ୟରେ ଏପରି ରାସାୟନିକ ମିଶାନ୍ତି, ଯାହାଦ୍ୱାରା କୁକୁଡ଼ା ଦେଉଥିବା ଅଣ୍ଡା ଭଲ ଦେଖାଯିବ ଓ ଅଧିକ ଦିନ କାଞ୍ଜିଆ ନ ହୋଇ ରହିପାରିବ। ଅଣ୍ଡା ଖୋଳର ମାନ ବଢ଼ାଇବା ପାଇଁ ସେମାନଙ୍କୁ ଖାଇବା ସୋଡ଼ା ଓ ଆମୋନିୟମ୍ କ୍ଲୋରାଇଡ୍ ଦିଆଯାଏ। ଶୋଷିଲା କୁକୁଡ଼ାକୁ ପାଣିରେ ପୋଟାସିୟମ୍ କ୍ଲୋରାଇଡ୍ ମିଶାଇ ପିଇବାକୁ ଦିଆଯାଏ। କୁକୁଡ଼ା ଜନ୍ମ ହେବା ଦିନଠାରୁ ସେମାନଙ୍କୁ ଆଣ୍ଟିବାୟୋଟିକ୍ସ ଦିଆଯାଏ।

ଯେଉଁ କୁକୁଡ଼ାଙ୍କୁ ବାହାରେ ବୁଲି ଖାଦ୍ୟ ଖୁଣ୍ଟି ଖାଇବାକୁ ଦିଆଯାଏ, ସେମାନେ ଭଲ ଅଣ୍ଡା ଦିଅନ୍ତି। ସେମାନେ ମାଟି ଆମ୍ପୁଡ଼ି ପୋକଜୋକ, ଜିଆ, ମଞ୍ଜି ଆଦି ଖାଆନ୍ତି। କିନ୍ତୁ ଆପଣ ଯେଉଁ ଅଣ୍ଡା କିଣନ୍ତି, ସେଗୁଡ଼ିକ ଏପରି କୁକୁଡ଼ାଙ୍କଠାରୁ ଆସି ନ ଥାଏ। କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ ପାଇଁ କୁକୁଡ଼ାଙ୍କୁ ପଞ୍ଜୁରି ଭିତରେ ଅଧିକ ସଂଖ୍ୟାରେ ରଖାଯାଏ। ସେମାନଙ୍କୁ ରାସାୟନିକ ଖାଦ୍ୟ ଓ ଆଣ୍ଟିବାୟୋଟିକ୍ସ ଦିଆଯାଏ। ସେମାନେ ମୁକ୍ତ ବାୟୁ, ମୁକ୍ତ ସୂର୍ଯ୍ୟକିରଣ ବା ପାଣି ପାଆନ୍ତି ନାହିଁ। ଦୈନିକ ଅଧିକ ଅଣ୍ଡା ଦେବା ପାଇଁ ତାଙ୍କୁ କୃତ୍ରିମ ଆଲୁଅ ଭିତରେ ସବୁବେଳେ ରଖାଯାଏ। ଏପରି ଚାପଗ୍ରସ୍ତ ପରିବେଶରୁ ଭଲ ପୁଷ୍ଟିକର ଅଣ୍ଡା କିପରି ଉତ୍ପାଦନ ହୋଇପାରିବ? ସେଥିପାଇଁ ଭାରତୀୟ କୁକୁଡ଼ା ଅଣ୍ଡାର ମାନ ଅତ୍ୟନ୍ତ ଖରାପ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଭାରତୀୟ କୁକୁଡ଼ା ଫାର୍ମଗୁଡ଼ିକରେ ଅଧିକାଂଶ କୁକୁଡ଼ାଙ୍କ ଦେହରେ ଘାଆ ହୋଇଯାଇଥାଏ, ସେମାନେ ନିଜର ମଳ ଉପରେ ଠିଆ ହୋଇଥାନ୍ତି, ତାଙ୍କ ଉପରେ ବୁଢ଼ିଆଣୀ ଜାଲ ବୁଣିଥାଏ, ତାଙ୍କ ଦେହରେ ଉକୁଣି ଭର୍ତ୍ତି ହୋଇଥାନ୍ତି, ସେମାନଙ୍କୁ ଅନ୍ୟ ମଲା କୁକୁଡ଼ାଙ୍କ ଦେହାବଶେଷ, କାର୍ଡବୋର୍ଡ, ମାର୍ବଲ ଚିପ୍ସ, ମାଛଗୁଣ୍ଡ ଆଦି ଖାଇବାକୁ ଦିଆଯାଏ। ଏଗୁଡ଼ିକ ଅଣ୍ଡାର ପୌଷ୍ଟିକ ଗୁଣକୁ ନଷ୍ଟ କରିଦିଏ। ଅସ୍ୱାସ୍ଥ୍ୟକର ପରିବେଶ ସହ ମାନ ନିୟନ୍ତ୍ରଣର ବ୍ୟବସ୍ଥା ନ ଥିବାରୁ ଅଣ୍ଡାଗୁଡ଼ିକ ସଂକ୍ରମିତ ହେବାର ଭୟ ଥାଏ। ଭାରତ ପୃଥିବୀର ତୃତୀୟ ବୃହତ୍ତମ ଅଣ୍ଡା ଉତ୍ପାଦନକାରୀ ଦେଶ ହେଲେ ମଧ୍ୟ ଏହାର ଅଣ୍ଡାଗୁଡ଼ିକ ଅନ୍ତର୍ଜାତୀୟ ମାନର ନୁହେଁ। ତେଣୁ ଅନ୍ୟ ଦେଶଗୁଡ଼ିକ ଆମଦାନି କରିବାକୁ ଚାହାନ୍ତି ନାହିଁ।

ଆପଣ ଅଣ୍ଡାଟିଏ ଭଲ କିନା ତାହାର ଧଳା ଅଂଶ, ହଳଦିଆ କେଶର ଓ କଠିନ ଖୋଳପାକୁ ଦେଖି ଉପରଠାଉରିଆ ଭାବେ ଜାଣନ୍ତି। କିନ୍ତୁ କେହି କ'ଣ ଖୋଳପାର ମୋଟେଇ କେତେ ତାହା ଦେଖନ୍ତି? ପତଳା ଖୋଳପାରୁ ତା'ର ମାଆ ରୋଗଣା ଥିବା ଜଣାପଡ଼େ। ମାଆ କୁକୁଡ଼ା ଭୋଗୁଥିବା ରୋଗଗୁଡ଼ିକ ଭିତରେ ରହିଛି: ସଂକ୍ରାମକ ବ୍ରୋଙ୍କାଇଟିସ୍ (ଶ୍ୱାସନଳୀର ପ୍ରଦାହ), ନ୍ୟୁକ୍ୟାଶ୍‌ଲ ରୋଗ, ଉଡ଼ା ସର୍ଦ୍ଦି ଓ ଏଗ୍ ଡ୍ରପ୍ ସିଣ୍ଡ୍ରୋମ୍। ଏହିସବୁ ରୋଗ ଥିଲେ ଅଣ୍ଡାର ଖୋଳପା ପତଳା ଓ ନିମ୍ନମାନର ହୋଇଯାଏ। ସଂକ୍ରାମକ ବ୍ରୋଙ୍କାଇଟିସ୍ ଭୂତାଣୁ ଅଣ୍ଡା ଖୋଳପାକୁ ନରମ, ଆବଡ଼ାଖାବଡ଼ା, ବେରଙ୍ଗ ଓ ମୋଡ଼ିମୋଡ଼ିକିଆ କରିଦିଏ। ଅଣ୍ଡାକୁ ଫଟେଇଦେଲେ ତା' ଭିତରର ଧଳା ଅଂଶ ଲାଳ ପରି ବୋହିଯାଏ, ତା' ହଳଦିଆ କେଶରର ରଙ୍ଗ ମଳିନ ଦେଖାଯାଏ ଏବଂ ତା' ଖୋଳପା ଆବଡ଼ାଖାବଡ଼ା ଦେଖାଯାଏ। ଅଣ୍ଡାର ଖୋଳପା ଯଦି ବିକୃତ ଓ ଆବଡ଼ାଖାବଡ଼ା ହୋଇଥାଏ, ତେବେ ତା' ମାଆକୁ ସାଙ୍ଘାତିକ ରୋଗ ହୋଇଥିବାର ଜାଣିବେ।

ଗ୍ରୀଷ୍ମଋତୁରେ ପିଞ୍ଜରାରେ ଅନ୍ୟ କୁକୁଡ଼ାଙ୍କ ଗହଳି ଭିତରେ ରହୁଥିବା କୁକୁଡ଼ା ନିଜ ଦେହକୁ ଟିକେ ଥଣ୍ଡା କରିବା ପାଇଁ ଊର୍ଦ୍ଧ୍ୱଶ୍ୱାସ ନିଏ। ଏହାଦ୍ୱାରା 'ରେସ୍ପିରେଟୋରୀ ଆଲ୍‌କାଲୋଇସ୍' ନାମକ ଅବସ୍ଥା ସୃଷ୍ଟି ହୁଏ। ରକ୍ତର ପିଏଚ୍ କ୍ଷାରୀୟ ହୋଇଯାଏ ଏବଂ ଅଣ୍ଡାର ଖୋଳପା ପାଇଁ ଯଥେଷ୍ଟ କ୍ୟାଲ୍‌ସିୟମ୍‌ର ଅଭାବ ଘଟେ। ସେଥିପାଇଁ ଅଣ୍ଡାର ଖୋଳପା ପତଳା ହୋଇଯାଏ। ବୀଜାଣୁ ଓ ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଅଣ୍ଡା ଖୋଳପାର ମୋଟେଇ ହେଉଛି ଗୁରୁତ୍ୱପୂର୍ଣ୍ଣ। ଖୋଳପା ପତଳା ହେଲେ ତା' ଭିତରକୁ ଜୀବାଣୁମାନେ ସହଜରେ ପ୍ରବେଶ କରିପାରନ୍ତି।

ଗୋଟିଏ ଅଣ୍ଡାରେ ଫସ୍‌ଫରସ୍, ଜିଙ୍କ୍, ଭିଟାମିନ୍ ଏ, ବି୬, ବି୧୨, ଫଲିକ୍ ଏସିଡ୍, ଥାୟାମିନ୍ ଓ ଭିଟାମିନ୍ ଡି ରହିବା ଉଚିତ। କିନ୍ତୁ ଖରାଦିନର ଗରମ ସମ୍ଭାଳି ନ ପାରି କୁକୁଡ଼ାମାନେ ଖାଇବା କମାଇଦିଅନ୍ତି ଏବଂ କମ୍ ଖାଦ୍ୟରେ ସେମାନେ କମ୍ କ୍ୟାଲ୍‌ସିୟମ୍ ପାଇଥାନ୍ତି। ଫଳରେ ତାଙ୍କ ରକ୍ତରେ ଫସ୍‌ଫରସ୍‌ର ପରିମାଣ ବଢ଼ିଯାଏ। ଅଣ୍ଡା ଖୋଳର ଉପଯୁକ୍ତ ମାନ ପାଇଁ କ୍ୟାଲ୍‌ସିୟମ୍ ଓ ଫସ୍‌ଫରସ୍‌ର ସନ୍ତୁଳନ ରହିବା ଜରୁରୀ। କିନ୍ତୁ ଫସ୍‌ଫରସ୍‌ର ପରିମାଣ ବଢ଼ିଗଲେ ତାହା କ୍ୟାଲ୍‌ସିୟମ୍‌ର ସୃଷ୍ଟିକୁ ବାଧା ଦିଏ। କ୍ୟାଲ୍‌ସିୟମ୍ ଓ ଫସ୍‌ଫରସ୍‌ର ସନ୍ତୁଳନ ନଷ୍ଟ ହେଲେ ଜିଙ୍କ୍ ଓ ମ୍ୟାଗ୍ନେସିୟମ୍ ପରିମାଣ ମଧ୍ୟ କମିଯାଏ। ଏପରି ରୋଗଣା କୁକୁଡ଼ା ଦେହରେ ଭିଟାମିନ୍ ଡି ପରିମାଣ ବି କମିଯାଏ। ତେଣୁ ଅଣ୍ଡାରେ ଯଥେଷ୍ଟ ପରିମାଣରେ ଭିଟାମିନ୍ ଡି ରହିପାରେ ନାହିଁ। ବ୍ୟାୟାମ ଅଭାବରୁ ପିଞ୍ଜରାବଦ୍ଧ କୁକୁଡ଼ାମାନେ ମୋଟା ହୋଇଯାନ୍ତି ଓ ତାଙ୍କ ଦେହରେ ଚର୍ବି ବଢ଼ିଯାଏ। ସେଥିପାଇଁ ଅଣ୍ଡା କେଶରରେ ଥିବା ଫ୍ୟାଟି ଏସିଡ୍ କମ୍ପୋଜିଶନ ମଧ୍ୟ ବଦଳିଯାଏ।

କୁକୁଡ଼ାମାନେ ଯାହା ଖାଆନ୍ତି, ତାହା ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ହାଇବ୍ରିଡ୍ ଅଣ୍ଡାଦିଆ କୁକୁଡ଼ାକୁ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଖାଦ୍ୟ ଦିଆଯିବା ଉଚିତ, ଯାହା ଭାରତରେ ଦିଆଯାଉ ନାହିଁ। ଭାରତରେ କୁକୁଡ଼ାଙ୍କୁ ପୁଷ୍ଟିସାରହୀନ ଶସ୍ତା ଖାଦ୍ୟ ଖାଇବାକୁ ଦିଆଯାଉଛି।

ଆପଣ ଯେତେବେଳେ ଫାର୍ମରେ ପାଳିତ ଆଣ୍ଟିବାୟୋଟିକ୍ସ ଦିଆ କୁକୁଡ଼ା ଅଣ୍ଡା ଖାଆନ୍ତି, ସେତେବେଳେ ତା' ସହିତ ଆପଣ ଆଣ୍ଟିବାୟୋଟିକ୍ସ-ପ୍ରତିରୋଧୀ ବୀଜାଣୁଙ୍କୁ ମଧ୍ୟ ଖାଆନ୍ତି। ତା'ପରେ ରୋଗରେ ପଡ଼ିଲେ ଆଣ୍ଟିବାୟୋଟିକ୍ସ ଆଉ ଆପଣଙ୍କ ଦେହରେ କାମ କରିବ ନାହିଁ। ଭାରତରେ ଏପରି ବହୁସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନେ ଆଣ୍ଟିବାୟୋଟିକ୍ସ-ପ୍ରତିରୋଧୀ ହୋଇଯାଇଛନ୍ତି। ଏହାର ମୂଳ କାରଣ ହେଉଛି ଫାର୍ମ କୁକୁଡ଼ା ମାଂସ ଓ କୁକୁଡ଼ା ଅଣ୍ଡା ଖାଇବା।

Email: gandhim@nic.in

# ଆସନ୍ନ ବେକାରି ବିସ୍ଫୋରଣ

ବିମଳ ପ୍ରସନ୍ନ ଦାସ

ପୃଥିବୀର ଦ୍ୱିତୀୟ ଜନବହୁଳ ଦେଶ ଭାରତରେ ବେକାରି ସମସ୍ୟା ବଡ଼ ବିପଦ ଭାବେ ଉଭା ହୋଇଛି। ଯେଉଁ ହାରରେ ଜନସଂଖ୍ୟା ବୃଦ୍ଧି ପାଉଛି ସେହି ଅନୁଯାୟୀ ଲୋକମାନଙ୍କୁ କର୍ମସଂସ୍ଥାନ ମିଳୁନାହିଁ। ଏକ ଗଣତାନ୍ତ୍ରିକ ଶାସନର ସମୟସୀମା ୫ ବର୍ଷ ପୂରିବା ଆଗରୁ ସରକାର, ରାଜନୈତିକ ଦଳ, ନିର୍ବାଚନ କମିଶନ ପ୍ରଭୃତି ସଚେତନ ହୋଇ ଉଠନ୍ତି। ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି କି ନାହିଁ ସେ ବିଷୟରେ ଖୋଳତାଡ କରନ୍ତି। ଅନୁରୂପ ଭାବେ ସାଂସଦ ଓ ବିଧାୟକ ବର୍ଷ ବର୍ଷ ଧରି ଲୋକଙ୍କ ଅନୁରୋଧ ସତ୍ତ୍ୱେ ମନ ଦେଇ ନ ଥିବା କର୍ମ ଓ କର୍ତ୍ତବ୍ୟ ପ୍ରତି ହଠାତ୍ ସଜାଗ ହେଇ ଉଠନ୍ତି। ଏଥିରେ ବିସ୍ମିତ ହେବାର କିଛି ନାହିଁ। ଯଦି ପୂର୍ବର ପ୍ରତିଶ୍ରୁତି ଅନୁଯାୟୀ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ହୋଇ ନ ଥିବା ପ୍ରଶ୍ନ ଉଠେ, ତେବେ ନିର୍ଦ୍ଦିଷ୍ଟ ଉତ୍ତର ପରିବର୍ତ୍ତେ କୁହାଯାଏ ଏ ପର୍ଯ୍ୟନ୍ତ ସବୁ ଗ୍ରାମକୁ ସଡ଼କ, ବିଦ୍ୟୁତ୍, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟାଳୟ, ସ୍ୱାସ୍ଥ୍ୟ ଓ ଚିକିତ୍ସା ବ୍ୟବସ୍ଥା କରାଯାଇଛି, ଯାହା ହୁଏତ ପୂର୍ବରୁ କରାଯାଇଥାଏ। ତଥାପି ସରକାର ଯେପରି ନିଜର ପଦମର୍ଯ୍ୟାଦା ରକ୍ଷା କରିବା ପାଇଁ ଦୃଢ଼ସଙ୍କଳ୍ପ, ପ୍ରତିନିଧିମାନେ ପୁଣି କ୍ଷମତାକୁ ଫେରିବା ପାଇଁ ବଦ୍ଧପରିକର।

ଲୋକମାନେ ରାସ୍ତାଘାଟ, ଛକ ସହର ବଜାରକୁ ଗଲେ ଦେଖନ୍ତି ରଙ୍ଗ ବେରଙ୍ଗର କେତେ ଆଖିଝଲସା ବିଜ୍ଞାପନ ଓ ଛବି। କେଉଁଠି ପ୍ରଧାନମନ୍ତ୍ରୀଙ୍କର ହାସ୍ୟମୁଖ ତ କେଉଁଠି ମୁଖ୍ୟମନ୍ତ୍ରୀଙ୍କ ପ୍ରସନ୍ନ ବଦନ। ଏମାନଙ୍କ ସହ ରାଜନୀତିରେ ନିଜକୁ ଚଳଚଞ୍ଚଳ ରଖିଥିବା ଲୋକପ୍ରତିନିଧିମାନଙ୍କ ମନୋଲୋଭା ଚିତ୍ର। କିନ୍ତୁ ସହରଠାରୁ ଆରମ୍ଭ କରି ଗାଁ ଗହଳରୁ ଉଚ୍ଚଶିକ୍ଷା ପାଇଥିବା ଯୁବତୀଯୁବକମାନଙ୍କୁ ଘର ଆଗରେ ବା ବଜାରରେ ମୁହଁ ଶୁଖାଇ ଚାଲୁଥିବା ଦେଖାଯାଏ। କାରଣ ପରିସଂଖ୍ୟାନ ବିଭାଗ ସୂଚନା ଦେଇଛି ଯେ, ଏମାନଙ୍କୁ ଛୋଟବଡ଼ ଚାକିରିଟିଏ ଯୋଗାଇଦେବା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ଚଳିତବର୍ଷ ବେକାରଙ୍କ ସଂଖ୍ୟା ୭.୨ ପ୍ରତିଶତରେ ରହିଛି ଏବଂ ୪୦ ପ୍ରତିଶତ ଲୋକ ବେକାର ରହିଛନ୍ତି। ନିଯୁକ୍ତି ମିଳିବାର ଆଶା ନାହିଁ। ନେତାଙ୍କୁ ହାତରେ ରଖିଲେ, ତାଙ୍କ ପଛରେ ଗୋଡାଇଲେ ହୁଏତ ଚାକିରିଟିଏ ମିଳିଯିବ। ସେହି ଆଶାରେ ବେକାର ଯୁବତୀଯୁବକ ତାଙ୍କ ପଛରେ ଧାଡି ବାନ୍ଧିବାକୁ ବାଧ୍ୟ ହେଉଛନ୍ତି।

ଓଡ଼ିଶା ପରି ଏକ କୃଷିପ୍ରଧାନ ରାଜ୍ୟରେ କର୍ମନିଯୁକ୍ତି କାର୍ଯ୍ୟାଳୟରେ ନାମ ପଞ୍ଜୀକୃତ ବେକାରଙ୍କ ସଂଖ୍ୟା ୧୨ ଲକ୍ଷରୁ ଅଧିକ। ଅନୁରୂପ ଭାବେ ଦେଶରେ ବେକାରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୩/୪ ବର୍ଷ ଧରି ନିଯୁକ୍ତି କ୍ଷେତ୍ରର ଅବସ୍ଥା ଅତ୍ୟନ୍ତ ନିରୁତ୍ସାହଜନକ ଓ ଉଦ୍‌ବେଗପୂର୍ଣ୍ଣ। ପରିସଂଖ୍ୟାନ କହେ, ଦେଶର ବେକାର ସଂଖ୍ୟା ୪୦ ପ୍ରତିଶତ।

ଆଉ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୧୭-୧୮ରେ ଭାରତର ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇ ୪୫ ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି। ଅର୍ଥାତ୍ ଏହି ସମୟରେ ସବୁଠାରୁ କମ୍ ଲୋକ ନିଯୁକ୍ତି ପାଇଛନ୍ତି। ସରକାରଙ୍କ ପ୍ରମୁଖ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି), ଷ୍ଟାଫ୍ ସିଲେକ୍ସନ କମିଶନ (ଏସ୍‌ଏସ୍‌ସି) ଏବଂ ରେଲୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ ବିଗତ ୪ ବର୍ଷ ମଧ୍ୟରେ ୩୮ ପ୍ରତିଶତ କମ୍ ନିଯୁକ୍ତି ସୃଷ୍ଟି କରିଛନ୍ତି। ୨୦୧୪-୧୫ରେ ଉପରୋକ୍ତ ସଂସ୍ଥା ୧ ଲକ୍ଷ ୩୦ ହଜାର ଯୁବତୀଯୁବକଙ୍କୁ ରୋଜଗାର ଦେଇଥିବା ବେଳେ ୨୦୧୭-୧୮ରେ ୭୦,୮୦୪କୁ ଖସିଆସିଛି। ବିଡ଼ମ୍ବନାର କଥା ହେଲା, ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ବ୍ୟାପକ ପଦବୀ ଖାଲି ପଡିଥିବା ବେଳେ ସେଗୁଡିକ ପୂରଣ କରାଯାଉନାହିଁ। ମାତ୍ର ଆହୁରି ଦୁଃଖଦ କଥା, ସରକାର ଏହା ସ୍ୱୀକାର କରିବାକୁ ରାଜି ନୁହନ୍ତି। ଅପରନ୍ତୁ ବାହୁସ୍ଫୋଟ ମରାଯାଇ କୁହାଯାଉଛି ଯେ, ଦେଶରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଅର୍ଥନୈତିକ ଅଭିବୃଦ୍ଧି ଘଟୁଛି। 'ବାହାପିଆଙ୍କ ବାରବାଟି ଚାଷ' ବ୍ୟତୀତ ଏହା ବା ଆଉ କ'ଣ ହୋଇପାରେ?

କେନ୍ଦ୍ରରେ ଭାଜପା ସରକାର କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହାର ନିଷ୍ଠୁର ବାସ୍ତବତା ଯୁବତୀଯୁବକ ଏବଂ ତାଙ୍କ ହତଭାଗ୍ୟ ମାତାପିତା ଅଙ୍ଗେ ନିଭାଉଛନ୍ତି। ଏପରି କି ପକୁଡିବାଲାଙ୍କୁ ନିଯୁକ୍ତି ପରିସରକୁ ଆଣି ସରକାର ରୋଜଗାର ସୁଯୋଗର ଯେଉଁ ନୂଆ ପରିଭାଷା ସୃଷ୍ଟି କଲେ, ତାହା ହାସ୍ୟାସ୍ପଦ ଓ ଲଜ୍ଜାଜନକ। ପ୍ରତ୍ୟେକ ଯୁବ ନାଗରିକଙ୍କ ଆଗରେ ସକାରାତ୍ମକ ଉପାୟରେ ଅର୍ଥ ଉପାର୍ଜନର ସମ୍ଭାବନା ଥିଲେ ସେ ଲକ୍ଷ୍ୟଭ୍ରଷ୍ଟ ହେବେନାହିଁ। ଯଦି ରାଷ୍ଟ୍ର ଯୁବଶକ୍ତିଙ୍କ ପାଇଁ ଚାକିରି ବା ଔଦ୍ୟୋଗିକ ନିଯୁକ୍ତି ସୃଷ୍ଟି କରିବାକୁ ସମର୍ଥ ହେବନାହିଁ, ସେମାନେ ହୁଏତ ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ବିଭିନ୍ନ ପ୍ରଲୋଭନର ଶିକାର ହୋଇ ବଞ୍ଚି ରହିବାକୁ ବାଧ୍ୟ ହେବେ। ଆଜିର 'ବେକାରି' ସରକାର ଓ ସମାଜ ପାଇଁ ଏକ ସତର୍କ ଘଣ୍ଟି। ସମାଧାନରେ ବିଳମ୍ବ ହେଲେ ବିସ୍ଫୋରଣ ଅବଶ୍ୟମ୍ଭାବୀ।

ମୋ-୯୪୩୮୧୮୬୨୨୬

# ଉତ୍ତରାଧିକାରୀର ଔଦ୍ଧତ୍ୟ

ଡ. ସୁବାସ ଚନ୍ଦ୍ର ପାତ୍ର

ନିଜର ପୂର୍ବଜ, ପୂର୍ବାଧିକାରୀ ବା ପୂର୍ବସୂରିଙ୍କୁ ଉପହାସ କରିବା, ସେମାନଙ୍କ ଅବଦାନକୁ ଅସ୍ୱୀକାର କରିବା, ସେମାନଙ୍କୁ ଲୋକଲୋଚନରେ ଗୌଣ କରି ତୋଳିବା ମଣିଷର ଏକ ସହଜାତ ଗୁଣ। ସାଂପ୍ରତିକ ସ୍ଥିତିରେ ଏହା ଅତି ଉତ୍କଟ, ଦୃଶ୍ୟମାନ ଓ ଚର୍ଚ୍ଚିତ ହେଲାଣି। ଏ ପ୍ରକାର ଏକ ଅଭାବନୀୟ ପରମ୍ପରା ପାରିବାରିକ, ସାମାଜିକ, ସାରସ୍ୱତ କ୍ଷେତ୍ରରେ ଦେଖାଯାଏ। ତେବେ ସବୁଠୁ ଦୁଃଖ ଦିଏ ପ୍ରଶାସନିକ ଓ ରାଜନୈତିକ ମହଲରେ ଏହାର ପ୍ରତିଫଳନ।

ପ୍ରଖ୍ୟାତ କବି ଆଲେକ୍‌ଜାଣ୍ଡର ପୋପ୍ ପାରିବାରିକ ତଥା ସାମାଜିକ ସ୍ତରରେ ଏ ପ୍ରକାର ମନୋଭାବକୁ ବ୍ୟଙ୍ଗ କରିବାକୁ ଯାଇ ଯେଉଁ ପଂକ୍ତିଯୁଗଳ ରଚନା କରିଥିଲେ ତା'ର ସାରମର୍ମ ହେଲା, ''ଆମେ ଏଡ଼େ ବିଜ୍ଞ ଯେ ଆମ ବାପାଙ୍କୁ ନିର୍ବୋଧ ଭାବୁଁ; ଏହା ନିଃସନ୍ଦେହ ଯେ ଆମର ବିଜ୍ଞତମ ପିଲାମାନେ ଆମକୁ ସେଇଆ ହିଁ ଭାବିବେ।'' (ୱି ଥିଙ୍କ୍ ଆୱାର ଫାଦର୍ସ ଫୁଲ ସୋ ୱାଇଜ୍ ୱି ଗ୍ରୋ; ଆୱାର ୱାଇଜେଷ୍ଟ ସନସ୍ ୱିଲ୍ ନୋ ଡାଉଟ୍ ଥିଙ୍କ୍ ଅସ୍ ସୋ)। ପୂର୍ବଜଙ୍କୁ ଉପହାସ କଲାବେଳେ ମଣିଷ ଭୁଲିଯାଏ ସେ ତାଙ୍କ ସମୟ ତଥା ପରିସ୍ଥିତିର ସୃଷ୍ଟି। ତେଣୁ ଶିକ୍ଷା, ଦୀକ୍ଷା, ପାରଦର୍ଶିତା କ୍ଷେତ୍ରରେ ତାଙ୍କର ସୀମିତତା ଥିବ। ଫକୀରମୋହନଙ୍କ 'ଡାକମୁନ୍‌ସୀ' ଗଳ୍ପରେ ପୁଅ ଗୋପାଳ ସିଂହର ବାପା ହରି ସିଂହଙ୍କ ପ୍ରତି ଦୁର୍ବ୍ୟବହାରର ମୂଳ ଉତ୍ସ ଥିଲା ମନସ୍ତାତ୍ତ୍ୱିକ- ଅପାଠୁଆ ବାପାଙ୍କୁ ନିର୍ବୋଧ ଭାବି ହେୟଜ୍ଞାନ କରିବା। ତେବେ ଶିକ୍ଷା ସହ ମାନବିକ ଗୁଣାତ୍ମକତାର କି ସଂପର୍କ? ଉଚ୍ଚଶିକ୍ଷିତ ଗୋପାଳ ସିଂହମାନେ କହିପାରିବେ କି ଅଳ୍ପ ଶିକ୍ଷିତ ବା ଅଶିକ୍ଷିତ ହରି ସିଂହମାନଙ୍କଠୁ ସେମାନେ ଉଚ୍ଚତର, ମହତ୍ତର ମଣିଷ? ପାରିବାରିକ ପୂର୍ବଜମାନଙ୍କ ପ୍ରତି ଅବଜ୍ଞା ସାମାଜିକ ସ୍ତରକୁ ସଂକ୍ରମିତ ହୁଏ ଏବଂ ସାଧାରଣ ଭାବରେ ନବଶିକ୍ଷିତ ଯୁବତୀଯୁବକମାନଙ୍କର ବୟସ୍କ ଅଭିଭାବକମାନଙ୍କ ପ୍ରତି ହତାଦର ସବୁଠୁ ଯନ୍ତ୍ରଣାଦାୟକ ଲାଗେ ଯେତେବେଳେ ସେମାନେ ବରିଷ୍ଠମାନଙ୍କର ସଂସ୍କାର, ସମାଜ ନିର୍ମାଣ ପାଇଁ ତ୍ୟାଗ, ବଦାନ୍ୟତାକୁ ତଥାକଥିତ ଶିକ୍ଷାର ମାପକାଠିରେ ତଉଲି ସେମାନେ ସମ୍ମାନାସ୍ପଦ ନୁହନ୍ତି ବୋଲି ଭାବି ନିଅନ୍ତି।

ଅନୁରୂପ ଦୃଶ୍ୟ ଦେଖିବାକୁ ମିଳେ କୌଣସି ଅନୁଷ୍ଠାନ ବା ଗୁରୁତ୍ୱପୂର୍ଣ୍ଣ ପଦବୀରେ ଯୋଗ ଦେଇଥିବା ଅଧିକାରୀମାନଙ୍କର ପୂର୍ବାଧିକାରୀମାନଙ୍କ ପ୍ରତି ଥିବା ଦୃଷ୍ଟିଭଙ୍ଗୀରେ। କାର୍ଯ୍ୟରେ ଯୋଗ ଦେଉ ନ ଦେଉଣୁ ଆଗେ ଆରମ୍ଭ ହୁଏ ପୂର୍ବାଧିକାରୀମାନଙ୍କ ସମୟରେ କ'ଣ ହୋଇ ନାହିଁ, କ'ଣ ସବୁ ସେ ଛାଡ଼ି ଯାଇ ନାହାନ୍ତି। ସେମାନଙ୍କ ଅବଦାନକୁ ନ ଦେଖିବାର ବା ସ୍ୱୀକାର ନ କରିବାର ଅଭିନୟ କରି ସେମାନେ ନିଜର ଗୁରୁତ୍ୱ ବଢ଼େଇବାକୁ ଚେଷ୍ଟା କରନ୍ତି ଏବଂ ନିଜେ କେଡ଼େ କାର୍ଯ୍ୟଦକ୍ଷ, ବିଜ୍ଞ ଓ ପାରଙ୍ଗମ ଏବଂ କି ପ୍ରକାର ସ୍ୱର୍ଣ୍ଣିମ ଯୁଗ କର୍ମଚାରୀମାନଙ୍କୁ ଅପେକ୍ଷା କରିଛି ତା'ର ସଂକେତ ଦେବା ସହିତ ସେମାନେ ବୋଧହୁଏ ଧରି ନିଅନ୍ତି ଅନ୍ୟର ବଦନାମ ନିଜର ସୁନାମ ବୃଦ୍ଧିର ଏକମାତ୍ର ମାର୍ଗ।

ଦୁର୍ଭାଗ୍ୟର କଥା କଳା ଓ ସାହିତ୍ୟ ଜଗତରେ ସମଧର୍ମା ପୂର୍ବଜଙ୍କୁ ଚାପୁଡ଼ା ମାରି ନିଜର ବୈଶିଷ୍ଟ୍ୟ ପ୍ରଦାନ କରିବାକୁ ଚେଷ୍ଟା କରାଯାଏ। ଏ ପ୍ରକାର ମନୋଭାବରୁ ବଡ଼ ବଡ଼ ଲେଖକ ଓ କଳାକାର ବାଦ୍ ପଡ଼ନ୍ତି ନାହିଁ। ପ୍ରଖ୍ୟାତ ରୁଷୀୟ ଲେଖକ ଟଲ୍‌ଷ୍ଟୟଙ୍କ ଉକ୍ତି ଉପରେ ନଜର ପକାଇଲେ ସମସ୍ୟାଟି କେଡ଼େ ଦୁର୍ବିଷହ ଜଣାପଡ଼ିବ। ଏକଦା ଟଲ୍‌ଷ୍ଟୟ ତାଙ୍କର ସମସାମୟିକ ବିଖ୍ୟାତ ଲେଖକ ଆଣ୍ଟନ୍ ଚେକୋଭଙ୍କୁ କହିଥିଲେ, ''ମୁଁ ଭାବୁଥିଲି ତୁମେ ଜଣେ ବଡ଼ ଲେଖକ ହେବ। କିନ୍ତୁ ଦେଖୁଛି ତୁମେ ସେକ୍ସପିୟରଙ୍କଠୁ ଆହୁରି ଖରାପ ଲେଖୁଛ।'' ଅର୍ଥାତ୍ ବିଶ୍ୱର ସର୍ବଶ୍ରେଷ୍ଠ କବି ଓ ନାଟ୍ୟକାର ସେକ୍ସପିୟର ଜଣେ ଖରାପ ଲେଖକ ଏବଂ ଚେକୋଭ ତାଙ୍କଠୁ ହୀନ! ଅନ୍ୟ ଜଣେ ଲେଖକ ବିଷୟରେ ତାଙ୍କର ମତ ଥିଲା, ''ସେ ଆତ୍ମହତ୍ୟା ନ କରି କାହିଁକି ଲେଖୁଛନ୍ତି?'' ଦୁଃଖର କଥା ପରବର୍ତ୍ତୀ ସମୟରେ ଆବିର୍ଭୂତ ଲେଖକମାନେ ସେମାନଙ୍କ ପୂର୍ବଜ ଲେଖକମାନଙ୍କର ସମୟ ତଥା ସମାଜକୃତ ସୀମିତତାର ଅନୁଧ୍ୟାନ କରନ୍ତି ନାହିଁ। ଅହଂକାରର ଅନ୍ଧକାରରେ ସେମାନେ ନିଜ ଛଡ଼ା ଆଉ କାହାକୁ ଦେଖି ପାରନ୍ତି ନାହିଁ। ସେଇଥିପାଇଁ ସାରସ୍ୱତ ଗୁଣବତ୍ତା ସହିତ ଐତିହାସିକ ଦାୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ କିଛି ନ ଥାଇ କିଛି ଗୋଟିଏ ସୃଷ୍ଟି କରିବା, ବହୁତ ଥାଇ କ'ଣ ଗୋଟିଏ ସୃଷ୍ଟି କରିବାଠୁ ଗୌଣ ନୁହେଁ।

ଫକୀରମୋହନଙ୍କ ପ୍ରସଙ୍ଗରେ ମନୋଜ ଦାସ କହନ୍ତି, ''ଫକୀରମୋହନଙ୍କ ପରେ ଅନେକ ଲେଖକ ଆସିଛନ୍ତି ବା ଆସିବେ ଯେଉଁମାନେ ତାଙ୍କଠୁ ଅଧିକ ଭଲ ଗଳ୍ପ ବା ଉପନ୍ୟାସ ଲେଖିଛନ୍ତି ବା ଲେଖିବେ, ତେବେ ଫକୀରମୋହନ ଏଇଥିପାଇଁ ଅନତିକ୍ରମଣୀୟ ଯେ ତାଙ୍କ ଆଗରେ ଉଦାହରଣ ନ ଥିଲା।'' ତାଙ୍କ ଆଗରେ ଓଡ଼ିଆ କଥାସାହିତ୍ୟର ପୁଞ୍ଜି ବା ମୂଳଦୁଆ ନ ଥିଲା। ସେ ହିଁ ସେ ପୁଞ୍ଜିର ମଞ୍ଜି, ସେ ହିଁ ମୂଳଦୁଆ। ପରବର୍ତ୍ତୀ କଥାସାହିତ୍ୟ ଭିନ୍ନଭଙ୍ଗୀରେ ଫକୀରମୋହନ କଥାସାହିତ୍ୟର ଏକ ବିକଶିତ ରୂପ।

ରାଜନୈତିକ କ୍ଷେତ୍ରରେ ପୂର୍ବସୂରୀମାନଙ୍କୁ ଅହରହ 'ହତ୍ୟା' କରାଯାଏ। ଏବେ ନେହେରୁ-ହନନର ଯୁଗ। ଏବେ କିଛିଲୋକ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କୁ ରାତିଦିନ ଖିନ୍‌ଭିନ୍ କରୁଛନ୍ତି। ନେହେରୁଙ୍କ ମୃତ୍ୟୁକୁ ହେଲାଣି ୫୫ବର୍ଷ। ପାଞ୍ଚ ଦଶନ୍ଧି ପୂର୍ବରୁ ଇହଧାମ ତ୍ୟାଗ କରିଥିବା ଜଣେ ପ୍ରଧାନମନ୍ତ୍ରୀ କ'ଣ କରିଥିଲେ, କ'ଣ କରିପାରି ନ ଥିଲେ ତାକୁ ନେଇ ମାଳା ଜପିବା ପରିବର୍ତ୍ତେ ବରଂ ଆମେ ଏବେ କ'ଣ କରିପାରିବା ତାକୁ ନେଇ ଚିନ୍ତା କରିବା ଉଚିତ। ଯଦି ୫୦/୬୦ ବର୍ଷ ତଳେ ମୃତ୍ୟୁବରଣ କରିଥିବା ଜଣେ ପ୍ରଧାନମନ୍ତ୍ରୀଙ୍କ ଶବକୁ ଟାଣିଓଟାରି ଆମେ ଆମର ଗୁରୁତ୍ୱ ପ୍ରତିପାଦନ କରିବାକୁ ଚାହୁଁ, ତା'ହେଲେ ଦିନ ଆସିବ କୌଣସି ଶାସନମୁଖ୍ୟ ଅଶୋକ ବା ଆକବରଙ୍କ ବିଫଳତାକୁ ନିଜର ମନ୍ଥର ପ୍ରଗତିର କାରଣ ହିସାବରେ ଉପସ୍ଥାପନ କରିବେ। ପୂର୍ବସୂରୀମାନଙ୍କୁ ପ୍ରହାର ଆଳରେ ଏମିତି ଚିତ୍ର ପ୍ରଦାନ କରାଯାଏ ଯେମିତି ଆମ ଦେଶରେ ରାସ୍ତାଘାଟ, ରେଳଲାଇନ, ନଦୀବନ୍ଧ, ବେତାରକେନ୍ଦ୍ର, ଟେଲି ଯୋଗାଯୋଗ, ଉପଗ୍ରହ ପ୍ରକଳ୍ପ, ଯୁଦ୍ଧ ବିମାନ, ଉଚ୍ଚତର ଶିକ୍ଷାନୁଷ୍ଠାନ, ବିମାନବନ୍ଦର, ବନ୍ଦର ଇତ୍ୟାଦି କିଛି ନ ଥିଲା। ଉତ୍ତରାଧିକାର ସୂତ୍ରରେ ଆମେ କେବଳ ମରୁଭୂମିଟିଏ ପାଇଥିଲୁ, ଯାହାକୁ ବିକଶିତ କରି ଆମେ ଏହି ରୂପକୁ ଆଣିଛୁ। ବାଛି ବାଛି ନିଜର କଳ୍ପିତ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ଛାଇକୁ ହତ୍ୟା କରିବା ପରିବର୍ତ୍ତେ ରାଜନୈତିକ ଆଦର୍ଶ ନିର୍ବିଶେଷରେ ଯଦି ଆମର ସମସ୍ତ ପୂର୍ବସୂରୀଙ୍କର କିଛି କିଛି ଅବଦାନ ଓ ଭଲଗୁଣକୁ ସ୍ୱୀକାର ତଥା ସ୍ମରଣ କରି ନିଜର କାର୍ଯ୍ୟଶୈଳୀକୁ ପରିବର୍ଦ୍ଧିତ କରିପାରନ୍ତେ, ରାଷ୍ଟ୍ରର ମଙ୍ଗଳ ହୁଅନ୍ତା। ପୂର୍ବଜ ବା ପୂର୍ବସୂରୀ ଆମର ପ୍ରତିବନ୍ଧକ ନୁହନ୍ତି। ସେମାନଙ୍କର ସଫଳତା ଆମ ପାଇଁ ପ୍ରେରଣା, ସେମାନଙ୍କର ବିଫଳତା ଆମ ପାଇଁ ଶିକ୍ଷା ସଦୃଶ। କିନ୍ତୁ ସେମାନଙ୍କୁ ଅପମାନିତ କରି, ପ୍ରହାର କରି ଆମେ ଆମର ଅହଂକାର ଜାହିର କରୁ ସିନା, ଏହାଦ୍ୱାରା ସମାଜ ବା ରାଷ୍ଟ୍ରର କିଛି ମଙ୍ଗଳ ହୁଏ ନାହିଁ। କେବଳ ଉତ୍ତରାଧିକାରୀର ଔଦ୍ଧତ୍ୟ ହିଁ ସାବ୍ୟସ୍ତ ହୁଏ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର,
ମୋ-୯୪୩୭୩୭୬୨୧୯,
subashbls56@gmail.com

## ଏଇ ଭାରତରେ

କନ୍ୟାକୁ ଦେଖି ବେଦି ଉପରେ ନିଜର ଡ୍ରେସ୍ ଚିରି ନାକ ଘଷିଲେ ବର। ବିହାରର ଫୁଲୱାରି ଥାନା ଅନ୍ତର୍ଗତ ବ୍ରହ୍ମପୁର ଗାଁରେ ଦେଖିବାକୁ ମିଳିଛି ଏପରି ଅଭାବନୀୟ ଘଟଣା। ଏହି ଗାଁରେ କାମେଶ୍ୱର ସିଂଙ୍କ ଝିଅ ବାହାଘର ହେଉଥିଲା। ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ପାଖ ଗାଁରୁ ବର ମଧ୍ୟ ଠିକ୍ ସମୟରେ ଆସି ପହଞ୍ଚିଯାଇଥିଲେ। ତେବେ ବେଦି ଉପରେ ବରଣମାଳା ବିନିମୟବେଳେ ସବୁ ଓଲଟପାଲଟ ହୋଇଯାଇଥିଲା। ବର ମାଳା ପିନ୍ଧାଇବା ପୂର୍ବରୁ କନ୍ୟାଙ୍କ କୁତ୍ସିତ ରୂପ ଦେଖି ନିଜକୁ ସମ୍ଭାଳି ପାରି ନ ଥିଲେ। ସେ ତୁରନ୍ତ ତାଙ୍କ ପିନ୍ଧା ଡ୍ରେସ୍ ଚିରି ପକାଇବା ସହ ବେଦି ଉପରେ ନାକ ଘଷିବା ଦେଖିବାକୁ ମିଳିଥିଲା। ତେବେ କେହି କିଛି ବୁଝିବା ପୂର୍ବରୁ କୌଣସି ବ୍ୟକ୍ତି ଏ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି ବର ଓ ତାଙ୍କ ପିତାଙ୍କୁ ଥାନାକୁ ନେଇଯାଇଥିଲା। ଏହାପରେ କନ୍ୟା ଉକ୍ତ ବରଙ୍କୁ ବିବାହ କରିବାକୁ ସିଧା ସିଧା ମନା କରି ଦେଇଥିଲେ। କନ୍ୟା ଅଭିଯୋଗ କରିଥିଲେ, ବର ହେଉଛନ୍ତି ଜଣେ ପାଗଳ। ହେଲେ ବର ପିତା କହିଥିଲେ ଯୌତୁକ ପାଇଁ କନ୍ୟାଘର ବାହାଘର ଭାଙ୍ଗି ଦେଇଛନ୍ତି। ଏବେ ଘଟଣାର ତଦନ୍ତ ଚାଲିଥିବା ବେଳେ ବର ଶିଶୁପାଳ ହୋଇ ଫେରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ହମା ରବ ଛାଡି ଛୁଆକୁ ଆଗରେ ଚାହିଁ
ଫେରୁଥିବ ପରା ଗୋଠୁଁ ତା'ର କାଳୀଗାଈ।
କେଉଁ ରମଣୀର ନୟନ ତାହାରି ପଥ
ଚାହିଁ ଚାହିଁ ପୁଣି ଫେରୁଥିବ ଅବିରତ।
ପରିଚିତ କେଉଁ ରୂପ ସେ ଦେଖିବା ଲାଗି
କୋଳେ ଶିଶୁ ଧରି ଚାହିଁଥିବ ଅନୁରାଗୀ,
ପାହାଡ଼ ଉପରେ ପରିଚିତ କଳା ଛାଇ
ଦେଖିବାକୁ ପରା ରହିଥିବ ପଥ ଚାହିଁ!

(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | B | | | | | | | | | | 0 |
| | | | E | 2 | C | 0 | | | | | | 9 | | |
| 6 | | | 0 | | | 9 | | 7 | | D | | | | 5 |
| | 4 | C | | 1 | 9 | 3 | 6 | | | | | 2 | | |
| | | | | | | | | | 7 | 0 | 9 | B | | C |
| A | 3 | 9 | | 0 | | | | 2 | D | | | C | | B |
| | | 7 | 3 | | | 4 | | | C | | 8 | | 6 | |
| | | 2 | | 6 | | C | | | | 9 | 0 | | | |
| | | D | | | E | | | | | | 3 | | 4 | |
| | | 1 | | A | | | | | B | | E | 7 | | |
| | 5 | | | | | 7 | | | | | B | | 3 | 2 |
| | | 8 | | | 2 | | | | | | | | | 4 |
| | | | | | 5 | | 0 | E | | 7 | 2 | | | |
| E | | | | | | 8 | | | | 5 | | | | 6 |
| D | B | 3 | | | 6 | 5 | | | | 4 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | E | 5 | 6 | 8 | C | D | 1 | 0 | 2 | A | 7 | 3 | 9 | B |
| 6 | 8 | 7 | 5 | 0 | 2 | C | E | A | 9 | 3 | B | D | 4 | 1 |
| 2 | 9 | C | 4 | D | B | 3 | 7 | 6 | 1 | 0 | E | A | 8 | 5 |
| 3 | A | D | 9 | E | 1 | 5 | 4 | B | C | 6 | 8 | 7 | 0 | 2 |
| 1 | 0 | B | A | 7 | 3 | 9 | 8 | 2 | 5 | 4 | D | E | C | 6 |
| 9 | 5 | A | 8 | C | 6 | 4 | 3 | 7 | D | B | 2 | 1 | E | 0 |
| 7 | 2 | 4 | 1 | A | 9 | 0 | 6 | D | 3 | E | 5 | C | B | 8 |
| B | 3 | 8 | D | 2 | 7 | A | 5 | E | 0 | 1 | C | 4 | 6 | 9 |
| C | D | E | 0 | B | 5 | 8 | 9 | 1 | 4 | 7 | 6 | 2 | 3 | A |
| 0 | 6 | 1 | E | 3 | 4 | 2 | B | C | 8 | 9 | A | 5 | 7 | D |
| A | C | 3 | 2 | 9 | 0 | 7 | D | 8 | 6 | 5 | 4 | B | 1 | E |
| D | 4 | 0 | C | 1 | E | 6 | A | 3 | B | 2 | 9 | 8 | 5 | 7 |
| 5 | B | 2 | 3 | 4 | A | E | 0 | 9 | 7 | 8 | 1 | 6 | D | C |
| E | 1 | 6 | 7 | 5 | 8 | B | C | 4 | A | D | 0 | 9 | 2 | 3 |
| 8 | 7 | 9 | B | 6 | D | 1 | 2 | 5 | E | C | 3 | 0 | A | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍‌କାଟ କାହିଁକି

ମହାଶୟ,

ଫନୀ ବାତ୍ୟା ପରେ ଦୀର୍ଘଦିନ ଧରି ଲାଇନ ରହିଲା ନାହିଁ। ଏବେ ବି ଅନେକ ଅଞ୍ଚଳକୁ ଲାଇନ ଆସିନାହିଁ। ଯେଉଁ ଅଞ୍ଚଳକୁ ଲାଇନ ଆସିଛି, ସେଠାରେ ଘନ ଘନ ବିଦ୍ୟୁତ୍‌କାଟ ହେଉଛି। ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍‌ର କବାଟବନ୍ଧ ଏବଂ ଆରୁହା ଫିଡରରେ ମନମୁଖି ଭାବେ ବିଦ୍ୟୁତ୍‌କାଟ ହେଉଛି। ଏହା କେବଳ ଗୋଟିଏ ଅଞ୍ଚଳର ଦୃଷ୍ଟାନ୍ତ। ସାରା ଓଡିଶା ଏହି ଯନ୍ତ୍ରଣା ଓ ସମସ୍ୟାରେ ବିବ୍ରତ, ବିଚଳିତ। ସରକାର ଫନୀ ପରେ ଉପୁଜିଥିବା ଦୁର୍ବିଷହ ପରିସ୍ଥିତିରୁ ଅନ୍ତତଃ ଲୋକଙ୍କୁ ଟିକେ ଶାନ୍ତିରେ ବଞ୍ଚିବା ପାଇଁ ବିଦ୍ୟୁତ୍ ସେବା ଟିକକ ଦେଲେ ଅସୁବିଧା କ'ଣ?

ସୁଧାଂଶୁ କୁମାର ବିଶ୍ୱାଳ, ଗଡ଼ମଧୁପୁର, ଯାଜପୁର

### ପାଠଶୂନ୍ୟ ଶିକ୍ଷା

ସମଗ୍ର ଦେଶରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ପାଠ ନ ପଢି ପରୀକ୍ଷା ଦେବା ଓ ଅସାଧୁ ଉପାୟ ଅବଲମ୍ବନ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଏକ ସାଧାରଣ ଘଟଣା ହୋଇଗଲାଣି। ଅଧିକାଂଶ ଛାତ୍ରୀଛାତ୍ର ବିନା ପାଠରେ ସାର୍ଟିଫିକେଟ ହାସଲ କରୁଛନ୍ତି। ଶିକ୍ଷା ବିଭାଗ ଓ ପ୍ରଶାସନ ଏହାକୁ ରୋକିବାରେ ଅସମର୍ଥ। ଗୋଟିଏ ଉଦାହରଣ ଦେଲେ କଥାଟି ସ୍ପଷ୍ଟ ହୋଇଯିବ। ଗତବର୍ଷ ଜୁଲାଇରେ ଗୋଆରେ ୮୦ଟି ହିସାବ ରକ୍ଷକ ପଦବୀ ପାଇଁ ୮୦୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପୂର୍ଣ୍ଣସଂଖ୍ୟା ଥିଲା ୧୦୦। ପାସ୍ ନମ୍ବର ୫୦ ରଖାଯାଇଥିଲା। ମାତ୍ର ଜଣେ ହେଲେ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇପାରି ନ ଥିଲେ। ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ନ ଆଣିଲେ ଏପରି ଦୁଃସ୍ଥିତି ଲାଗି ରହିଥିବ।


ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୬ ମେ ୧୯୯୪

- ରୱାଣ୍ଡାରେ ଚାଲିଥିବା ଗୃହଯୁଦ୍ଧକୁ ନିୟନ୍ତ୍ରଣ କରିବା ପାଇଁ ଜାତିସଂଘ ନିରାପତ୍ତା ପରିଷଦ ଆହୁରି ୫୫୦୦ ସୈନ୍ୟ ପଠାଇବାକୁ ଏକ ପ୍ରସ୍ତାବ ଗ୍ରହଣ କରିଥିବା ଜଣାପଡିଛି।
- ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସମସ୍ୟା ସମାଧାନ ପାଇଁ ଦୁଇ ରାଜ୍ୟର ଅଫିସରସ୍ତରୀୟ ଆଲୋଚନା ଆରମ୍ଭ।



ଅଳ୍ପ ବୟସରେ ଯଦି ଜଣେ ଉଦୀୟମାନ ଯୁବକ ମରିଗଲା, ତେବେ ଜାଣିବ ଯେ ସେ ଈଶ୍ୱରଙ୍କର ଅତି ପ୍ରିୟ ଥିଲା ଓ ଈଶ୍ୱରଙ୍କ ଡାକରାରେ ଚାଲିଗଲା।
- ମେନାଣ୍ଡର

## ସଂକ୍ଷେପରେ

### ଜିଲାରେ ୪ କେନ୍ଦ୍ରରେ ହେବ ଭୋଟ ଗଣତି

**ସୁନ୍ଦରଗଡ଼, ୧୫।୫ (ଡି.ଏନ୍.ଏ):** ଆସନ୍ତା ୨୩ରେ ଭୋଟ ଗଣତି ପାଇଁ ଯେତିକି ଦିନ ପାଖେଇ ଆସୁଛି, ଫଳାଫଳକୁ ନେଇ ସାଧାରଣ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ି ଚାଲିଛି। ଦଳୀୟ ପ୍ରାର୍ଥୀ, କର୍ମୀ ଓ ସମର୍ଥକ ମହଲରେ ଅଙ୍କକଷା ଚାଲିଛି। ସୁନ୍ଦରଗଡ ଲୋକସଭା ଆସନ ସମେତ ଏହା ଅଧିନ ୭ ବିଧାନସଭା ଆସନରେ ଚଳିତ ନିର୍ବାଚନରେ କଡା ମୁକାବିଲା ହୋଇଥିବାରୁ ଫଳାଫଳକୁ ନେଇ ଉତ୍ସୁକତା ପ୍ରକାଶ ପାଉଛି। କେଉଁ ଆସନରୁ କେଉଁ ଦଳ କେଉଁ ପ୍ରାର୍ଥୀ କେତେ ଭୋଟ ବ୍ୟବଧାନରେ ଜିତିବେ ସେ ନେଇ ଚା ଖଟି ଠୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଏବେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ଏପରିକି କେତେକ ସ୍ଥାନରେ ପ୍ରାର୍ଥୀଙ୍କ ହାରଜିତକୁ ନେଇ ବାଜି ମଧ୍ୟ ଲାଗୁଛି। ଏପଟେ ଭୋଟ ଗଣତି ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଛି। ଗୁରୁବାରଠାରୁ ୩ଦିନ ଧରି ଭୋଟଗଣତି ସକାଶେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯିବ। ଲୋକସଭା ଓ ୭ ବିଧାନ ସଭା ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ରିଟର୍ନିଂ ଅଫିସରମାନେ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବେ ଏହି ତାଲିମ ପ୍ରଦାନ କରିବେ । ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ ଭୋଟଗଣତି କେନ୍ଦ୍ରରେ ସୁନ୍ଦରଗଡ, ତଳସରା, ମାଦ୍ରୀ କାଲୋଭବନରେ ତଳସରା ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟଗଣତି କରାଯିବ। ରାଉରକେଲା ଉଦିତନଗର ହାଇସ୍କୁଲରେ ରାଉରକେଲା ,ରଘୁନାଥପାଲୀ ଓ ବୀରମିତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟ ଗଣତି କେନ୍ଦ୍ର କରାଯାଇଥିବା ବେଳେ ବଣେଇଁ ରାଜା ଧରଣୀଧର ହାଇସ୍କୁଲରେ ବଣେଇଁ ବିଧାନସଭା ନିର୍ବାଚମଣ୍ଡଳୀ ପାଇଁ ଭୋଟଗଣତି କେନ୍ଦ୍ର କରାଯାଇଛି । ଏହି ସବୁ ଭୋଟ ଗଣତି କେନ୍ଦ୍ର ଗୁଡିକରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଇଭିଏମ୍ ଗୁଡିକୁ ରଖାଯାଇଛି ।

### ୧୬ରୁ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ରାଉରକେଲା ଅଫିସ,୧୫।୫:** ହାଇକୋର୍ଟ ସ୍ଥାୟୀ ବେଞ୍ଚ ଓ ରାଉରକେଲାକୁ ରାଜସ୍ୱ ଜିଲା ଘୋଷଣା ଦାବିରେ ଓକିଲ ସଂଘ ପକ୍ଷରୁ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତିମାସ ଶେଷ ୩ ଦିନ ଏହି ପ୍ରତୀକାତ୍ମକ ଆନ୍ଦୋଳନ ଦୀର୍ଘବର୍ଷ ହେବ ଜାରି ରହିଛି। ଆସନ୍ତା ୨୦ରୁ ଖରାଛୁଟି ହେଉଥିବାରୁ ଏଭଳି ଆଗୁଆ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଛି। ସହରବାସୀଙ୍କ ଅକୁଣ୍ଠ ସହଯୋଗ ଓ ସମର୍ଥନରେ ହାଇକୋର୍ଟ ବେଞ୍ଚ ଦାବି ନେଇ ସଂଘ ପକ୍ଷରୁ ଏହି ଆନ୍ଦୋଳନ ପାଳନ କରାଯାଉଛି। ଏ ନେଇ ସମସ୍ତଙ୍କ ସହଯୋଗ କାମନା କରିଛି ସଂଘ।

# ଦୁର୍ଘଟଣାପ୍ରବଣ ଅଞ୍ଚଳ ବଡ଼ଗାଁ ବସ୍‌ଷ୍ଟାଣ୍ଡ

**ବଡ଼ଗାଁ, ୧୫।୫ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲାର ବଡଗାଁ ଗ୍ରାମ ଦେଇ ୧୦ନଂ. ରାଜ୍ୟ ରାଜପଥ ଯାଇଛି। ରାଜପଥର ଉଭୟ ପାର୍ଶ୍ୱରେ ବଡଗାଁ ଓ ଲଟପଡା ଅବସ୍ଥିତ। ଗ୍ରାମର ବସଷ୍ଟାଣ୍ଡ ନିକଟରେ ଥାନା, ହାଇସ୍କୁଲ, ଡାକ୍ତରଖାନା, ଦୋକାନ ବଜାର ରହିଛି। ଥାନା ପାର୍ଶ୍ୱରେ ପ୍ରାଥମିକ ସ୍କୁଲ, ସମବାୟ ବ୍ୟାଙ୍କ, ଲ୍ୟାମ୍ପ୍ସ, ଫରେଷ୍ଟ ଅଫିସ ଓ ପଞ୍ଚାୟତ ଅଫିସ ଅଛି। ବଡଗାଁ ବସଷ୍ଟାଣ୍ଡ ଚତୁଃର୍ମୁଖି ରାସ୍ତା ହୋଇଥିବା ବେଳେ ଛକର ଗୋଲେଇ ତୁଳନାରେ ପାର୍ଶ୍ୱ ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ଏଠାରେ ଦ୍ରୁତଗତିରେ ଗାଡି ଚାଳନା ଦୁର୍ଘଟଣା ଆଶଙ୍କାକୁ ବଢ଼ାଉଛି। ଏହା ଏକ ପ୍ରକାର ଦୁର୍ଘଟଣା ପ୍ରବଣ ଅଞ୍ଚଳ ହେଉଛି। ବସଷ୍ଟାଣ୍ଡର ଉଭୟ ପାର୍ଶ୍ୱରେ ଦୋକାନ ଥିବାରୁ ବାଇକ, କାର, ସାଇକେଲ ଲୋକେ ରଖିଥାନ୍ତି। ଏହା ସହିତ ଯାତ୍ରୀବାହୀ ଟେମ୍ପୋ ରାସ୍ତା ପାର୍ଶ୍ୱରେ ରଖାଯାଇଥାଏ। ଫଳରେ ଗୋଲେଇ ଛକର ସଂକୀର୍ଣ୍ଣତା ଅଧିକ ହେଉଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏହାବ୍ୟତୀତ ଥାନା, ଲ୍ୟାମ୍ପ୍ସ, ସମବାୟ ବ୍ୟାଙ୍କ, ଫରେଷ୍ଟ ଅଫିସ, ପଞ୍ଚାୟତ ଅଫିସ, ମିନି ବ୍ୟାଙ୍କକୁ ଆସୁଥିବା ଲୋକେ ସୁନ୍ଦରଗଡ ପଟକୁ କିମ୍ବା ବସଷ୍ଟାଣ୍ଡକୁ ଯିବା ପାଇଁ ବ୍ଲକ ଅଫିସ ସମ୍ମୁଖ ରାସ୍ତାରେ ବୁଲାଣୀ ଥିଲେ ମଧ ସ୍ୱଳ୍ପ ରାସ୍ତା ଦେଇ ଯିବା ପାଇଁ ଡାହାଣପଟ ରାସ୍ତାରେ ଯାଇଥାନ୍ତି। ବିଶେଷକରି ଡାହାଣ ପଟ ଚାରିଚକିଆ ଯାନ ଆଣୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଥାଏ। କାରଣ ବସ ରହଣି ପାଇଁ ବସଷ୍ଟାଣ୍ଡଠାରେ ପାର୍ଶ୍ୱରେ ଲେବାୟ ନାହିଁ। ପାର୍ଶ୍ୱରେ ଅଧିକ ଜାଗା ନ ଥିବାରୁ ରାସ୍ତା ଉପରେ ହିଁ ବସ ରଖାଯାଇଥାଏ। ଫଳରେ ଡାହାଣ ପଟ ଦେଇ ଗାଡି ଆଣିଲେ ଅନ୍ୟ ଯାନବାହାନ ସହିତ ମୁହାଁମହିଁ ହୋଇ ସମସ୍ୟା ସୃଷ୍ଟି କରିଥାଏ। ତେବେ ବସଷ୍ଟାଣ୍ଡରେ ଭାରିଯାନ ନିୟନ୍ତ୍ରଣ ହରାଇ ବହୁବାର ଦୁର୍ଘଟଣା ହୋଇଥିଲେ ମଧ ବିଳମ୍ବିତ ରାତିରେ ହୋଇଥିବାରୁ ବଡ ଧରଣର ଧନଜୀବନ ହାନୀ ଏ ଯାଏଁ ହୋଇନାହିଁ । କିନ୍ତୁ ଦୈନନ୍ଦିନ ଛୋଟ ଦୁର୍ଘଟଣା ହେଉଛି। ଏଭଳି ଏକ ଘଟଣା ମଙ୍ଗଳବାର ରାତି ପ୍ରାୟ ସାଢ଼େ ୭ଟାରେ ଘଟିଛି। ସୁନ୍ଦରଗଡ ପଟକୁ ଯାଉଥିବା ଏକ ଦଶ ଚକିଆ ଟ୍ରକ ଓଡି ୧୬ ଇ– ୭୧୩୮ ଏପଟସେପଟ ହୋଇ ବିପଦଜନକ ଭାବରେ ଯାଉଥିଲା ବେଳେ ଟେମ୍ପୋ ଧକ୍କା ହେବାରୁ ଅଳ୍ପକେ ବର୍ତ୍ତିଯାଇଛି। ଉପସ୍ଥିତ ଲୋକେ ଟ୍ରକକୁ ଅଟକାଇ ଡ୍ରାଇଭରକୁ ଓହ୍ଲାଇବାକୁ କହିବାରୁ ସେ ରଡ ବାହାରକରି ଆକ୍ରମଣ ଉଦ୍ୟମ କରିବାରୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା । ବସଷ୍ଟାଣ୍ଡରେ ଟ୍ରାଫିକ ଡ୍ୟୁଟି କରୁଥିବା ୩ଜଣ ପୋଲିସ ତୁରନ୍ତ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଡ୍ରାଇଭରଙ୍କୁ ଥାନାକୁ ନେଇଯିବାରୁ ଡ୍ରାଇଭର ନିଶ୍ଚିତ ଛେଚା ଖାଇବାରୁ ବର୍ତ୍ତିଯାଇଥିଲେ। ଟ୍ରକ ଡ୍ରାଇଭର କୁତ୍ରା କନ୍ଦେଇମୁଣ୍ଡାର ମାକ୍ସିୟୁସ କୁଲୁକୁ ଗିରଫ କରିଛି । ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ସୁଦ୍ଧା ଅନେକ ଦୁର୍ଘଟଣାରେ ଡ୍ରାଇଭରଙ୍କ ମଦ୍ୟପାନ କାରଣରୁ ହୋଇଥିଲା ବେଳେ ମଦ୍ୟପ ଡ୍ରାଇଭରଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଦୁର୍ଘଟଣାକୁ ଆଂଶିକ ଭାବେ ସୁଦ୍ଧା ନିୟନ୍ତ୍ରଣ କରାଯାଇପାରୁନାହିଁ। ଏପରିକି କେତେକ ଘଟଣାରେ ପୋଲିସ ମଦ୍ୟପ ଡ୍ରାଇଭରଙ୍କ ଡାକ୍ତରୀ ପରୀକ୍ଷା ନ କରାଇ ଫାଇନ କାଟି କେସ ରଫାଦଫା କରୁଥିବାରୁ ଡ୍ରାଇଭରମାନେ ନିର୍ଭୟରେ ମଦ୍ୟପାନ କରି ଗାଡି ଚଳାଉଛନ୍ତି । ଗୋଟିଏ ପଟେ କୋହଳ ଆଇନ, ପୋଲିସର କୋହଳ ମନୋଭାବ ରହୁଥିଲା ବେଳେ ବସଷ୍ଟାଣ୍ଡ ନିର୍ମାଣ ତ୍ରୁଟିପୂର୍ଣ୍ଣ ହୋଇଥିବାରୁ ଧନଜୀବନ ସୂତାଖିଅରେ ଝୁଲୁଛି। ଏଲଏଣ୍ଡଟି ଦ୍ୱାରା ବସଷ୍ଟାଣ୍ଡ ନିର୍ମାଣ ବେଳେ ଗ୍ରାମବାସୀ ଛକର ଗୋଲେଇ କମ କରିବା ଓ ବସ ରହଣି ପାଇଁ ପାର୍ଶ୍ୱରେ ଅଧିକ ଜାଗା ରଖିବାକୁ ଅନୁରୋଧ କରିଥିଲେ ମଧ ପିଡବ୍ଲୁଡି ଏବଂ ଏଲଏଣ୍ଡଟିର ଇଞ୍ଜିନିୟରମାନେ ଶୁଣି ନ ଥିଲେ । ବୈଷୟିକ ଦୃଷ୍ଟିରେ ଏହା ତ୍ରୁଟିପୂର୍ଣ୍ଣ ହୋଇଥିଲେ ମଧ କେହି ଏହା ଉପରେ ପଦକ୍ଷେପ ନେଇ ନ ଥିଲେ । ଏହାର ପରିଣାମ ଲୋକଙ୍କୁ ଭୋଗିବାକୁ ପଡୁଛି।


ବଡ଼ଗାଁରେ ଥିବା ବସଷ୍ଟାଣ୍ଡ।

- ଟ୍ରକ୍ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା
- ପୋଲିସ ଯୋଗୁ ଛେଚା ଖାଇବାରୁ ବର୍ତ୍ତିଲେ ଡ୍ରାଇଭର

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ବେଦବ୍ୟାସ, ୧୫।୫ (ଡି.ଏନ.ଏ)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଛକରେ ବୁଧବାର ଅପରାହ୍ନ ସାଢ଼େ ୩ଟା ବେଳେ ଠିଆ ହୋଇଥିବା ବାଇକକୁ ଏକ ଟ୍ରକ ଧକ୍କା ଦେଇଛି। ଫଳରେ ବାଇକ୍ ଆରୋହୀ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି। ଗୁରୁତର ଆହତ ହୋଇଥିବା ୨ଜଣ ବାଇକ ଆରୋହୀ ହେଲେ ସମ୍ବଲପୁର ଜିଲା ଢୁବକୁ ଗ୍ରାମର ଦୂତିଆ କିଷାନ (୨୫)। ସେହି ଜିଲାର ଟାଇଁସର ଗ୍ରାମର ଜୋସେଫ କିଷାନ (୨୩)। ବେଦବ୍ୟାସ ଛକରେ ବାଇକ ନଂ. ଓଡି ୧୪ ଏମ– ୬୪୮୮ରେ ଆରୋହୀ ୨ଜଣ ଠିଆ ହୋଇଥିବା ବେଳେ ରାଉରକେଲା ପାର୍ଶ୍ୱରୁ ରାଜଗାଙ୍ଗପୁର ଆଡକୁ ଯାଉଥିବା ୧୨ ଚକିଆ ଟ୍ରକ ନଂ. ଓଆର୍ ୧୯ ଏଲ– ୮୮୯୪ ଦ୍ରୁତଗତିରେ ଯାଇ ବାଇକକୁ ଧକ୍କା ଦେଇଥିଲା। ଦୁଇ ଗାଡିକୁ ପୋଲିସ ଜବତ କରିଛି। ଘଟଣା ସ୍ଥଳରୁ ଟ୍ରକ ଚାଳକ ଫେରାର୍ ହୋଇଯାଇଛନ୍ତି।


ହେମଗିର ପୋଲିସ ପକ୍ଷରୁ ଲୋକଙ୍କୁ ସରବତ ବଣ୍ଟନ କରାଯାଉଛି।

## ହେମଗିର ପୋଲିସ ପକ୍ଷରୁ ସରବତ ବଣ୍ଟନ

**ହେମଗିର, ୧୫।୫ (ଡି.ଏନ.ଏ)**

ପ୍ରଚଣ୍ଡ ଗ୍ରୀଷ୍ମ ତାତିକୁ ଦୃଷ୍ଟିରେ ରଖି ହେମଗିର ପୋଲିସ ପକ୍ଷରୁ ବୁଧବାର ଲୋକଙ୍କୁ ସରବତ ବଣ୍ଟନ କରାଯାଇଥିଲା। ଏହି ଦିନଟି ହେମଗିରର ସାପ୍ତାହିକ ହାଟ ହୋଇଥିବାରୁ ବହୁ ଲୋକ, ମହିଳା, ବୃଦ୍ଧା, ବୃଦ୍ଧ, ଶିଶୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏଥିରେ ଦହି ସରବତ, ବେଲପଣା, ତଥା ଲେମ୍ବୁ ସରବତ ଲୋକେ ଆନନ୍ଦର ସହ ପାନ କରିଥିଲେ। ଆଇଆଇସି ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ କରାଯାଇଥିଲା। ଏଏସଆଇ ସନ୍ତୋଷିନୀ ଧିଆ, ଉମା ବେହେରା, ନମିତା ଧିଆ, ବିମଳ ମାକର, ଜଗନ୍ନାଥ ବେହେରା, ବୈଦ୍ୟନାଥ ସୋରେନ ତଥା ଥାନାର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ହେମଗିର ତଥା ହେମଗିର ବାହାରୁ ମଧ ପ୍ରାୟ ହଜାରେରୁ ଉର୍ଦ୍ଧ୍ୱ ଲୋକେ ଏହି ସରବତ ପାନ ମଜା ଉଠାଇବା ସହ ପୋଲିସର ଏପରି ପଦକ୍ଷେପକୁ ପ୍ରଶଂସା କରିଥିଲେ।

### ରେଳ ଧାରଣାରେ କଟି ଅଜଣା ଯୁବକଙ୍କ ମୃତ୍ୟୁ

**ବଣାଇ/ଲହୁଣୀପଡ଼ା, ୧୫।୫(ସ୍ୱ.ପ୍ର./ଡି.ଏନ.ଏ)**

ବଣାଇ ଉପଖଣ୍ଡ ବରସୁଆଁଠାରେ ରେଳ ଲାଇନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବନ୍ଧମୁଣ୍ଡା ଜିଆରପି ଅଧିନରେ ଥିବା ବରସୁଆଁ ରେଳ ଲାଇନରେ ବୁଧବାର ସକାଳୁ ମାଲବାହୀ ରେଳଗାଡି ଯାଉଥିବା ସମୟରେ ଜଣେ ଯୁବକ କଟି ଯାଇଥିଲେ। ଏଥିରେ ଯୁବକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ମୃତ ଯୁବକଙ୍କ ପରିଚୟ ମିଳି ନାହିଁ। ବନ୍ଧମୁଣ୍ଡା ଜିଆରପି ପୋଲିସ ଆସି ଘଟଣା ସ୍ଥଳରୁ ମୃତଦେହ ଜବତ କରିଛି। ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### ବସ୍ ଧକ୍କାରେ ସାଇକେଲ ଆରୋହୀ ଗୁରୁତର

**ବାଲିଶଙ୍କରା, ୧୫।୫ (ଡି.ଏନ.ଏ)**

ତଳସରା ଥାନା ୨୩ମାଇଲ ଛକରେ ବସ ଧକ୍କାରେ ସାଇକେଲ ଆରୋହୀ ଗୁରୁତର ହୋଇଛନ୍ତି। ତାଙ୍କ ନାମ ଚିନ୍ତାମଣି କମାର (୫୦)। ସେ ବାଲିଶଙ୍କରା ପଟୁ ପନିପରିବା କିଣି ନିଜ ଘର ସଉନାମରା ଗ୍ରାମକୁ ଯାଉଥିବା ବେଳେ ୨୩ମାଇଲ ଛକରେ ବସ ସହିତ ଧକ୍କା ହୋଇଥିଲା।

## ମୁଖ୍ୟରାସ୍ତା ଖୋଳିବାରୁ ଦବିଲା

■ ବିନା ଅନୁମତିରେ କେବୁଲ ବିଛାଇବା କାମ ହେଉଛି କହିଲା ପୂର୍ତ୍ତ ବିଭାଗ

**ବଣାଇ, ୧୫।୫(ସ୍ୱ.ପ୍ର.)**

ବର୍ତ୍ତମାନ ବଣାଇ ସହରରେ ଜିଓ ନେଟୱାର୍କ ପାଇଁ ରାସ୍ତା କଡରେ କେବୁଲ ବିଛା କାର୍ଯ୍ୟ ଚାଲିଛି। ପୂର୍ବରୁ ଏହି ରାସ୍ତାକୁ କୋଟିକୋଟି ଟଙ୍କା ଖର୍ଚ୍ଚ କରି ପୂର୍ତ୍ତ ବିଭାଗ ଚକାଚକ କରି ସହରକୁ ସୌନ୍ଦର୍ଯ୍ୟବୋଧ କରି ଆସୁଥିଲା। ତେବେ ଏବେ ଏହି କେବୁଲ ବିଛାଇବା ଦ୍ୱାରା ରାସ୍ତାକୁ ଖୋଳି ଦେଇଥିବାରୁ ଏଥିରେ ବାରମ୍ବାର ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡୁଛି। ବଣାଇଗଡ଼ ସହରକୁ ଜିଓ ନେଟୱାର୍କ ପକ୍ଷରୁ ଉଚ୍ଚମାନର ଡାଟା ସେବା ଯୋଗାଇ ଦେବା ପାଇଁ ୧୪୩ ନମ୍ବର ଜାତୀୟ ରାଜପଥ କଡରୁ ଗାତ ଖୋଳି ମାଟିତଳେ କେବୁଲ ବିଛା କାର୍ଯ୍ୟ କରାଯାଉଛି। ଏଥିପାଇଁ ଜିଓ ନେଟୱାର୍କରୁ ଠିକାକାମ ନେଇଥିବା ଠିକାଦାର ବଣାଇ ପୂର୍ତ୍ତ ବିଭାଗଠାରୁ କୌଣସି ଅନୁମତି ନ ନେଇ ମନମୁଖୀ ଭାବେ ରାସ୍ତାକଡରେ ଗାଡି ପାର୍କିଂପାଇଁ ରଖାଯାଇଥିବା ସ୍ଥାନ ଯାହାକି ବହୁ ମୂଲ୍ୟବାନ ଇଟା ଲଗାଇ ସୌନ୍ଦର୍ଯ୍ୟ କରଣ କରାଯାଇଥିଲା ତାକୁ ତାଡି ପକାଇଛନ୍ତି। ଫଳରେ ବର୍ତ୍ତମାନ ରାସ୍ତାକଡରେ ବହୁ ସ୍ଥାନରେ ଖାଲ ସୃଷ୍ଟି ହୋଇଛି। ଯାନବାହନ ଚଳାଚଳରେ ଅସୁବିଧା ସୃଷ୍ଟି ହେଉଛି। ରାସ୍ତା ଉପରେ ଯାନବାହନ ପାର୍କିଂ ହେଉଛି। ଠିକାସଂସ୍ଥା ରାସ୍ତାକଡରେ ଖୋଳିଥିବା ଏହି ଗାତକୁ ଭର୍ତ୍ତି ନ କରି ଖୋଲା ଛାଡ଼ି ଦେଇଥିବାରୁ ଏହା ଏବେ ବିପଦପୂର୍ଣ୍ଣ ଭାବେ ପଡିରହିଛି। ଏ ବିଷୟରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ନାୟକଙ୍କୁ ପଚାରିବାରୁ ଆମଠାରୁ କମ୍ପାନୀ କୌଣସି ଅନୁମତି ନ ନେଇ ମନଇଛା ରାସ୍ତାକୁ ଖୋଳିବାରେ ଲାଗିଛି। ଏଥିନେଇ ଆମ୍ଭେମାନେ ବାରମ୍ବାର ଚେତାବନୀ ଦେବା ସତ୍ତ୍ୱେ ଆମର କଥାକୁ କମ୍ପାନୀ କର୍ଣ୍ଣପାତ କରୁ ନ ଥିବା ସେ ପ୍ରକାଶ କରିଛନ୍ତି।



ରାସ୍ତା କଡରେ କେବୁଲ ବିଛା କାର୍ଯ୍ୟ ପାଇଁ ଖୋଳା ଯାଇଛି।


ଛେଣ୍ଡ ଏଚ୍.କେ. ରାୟ କଲେଜରେ ଏସ୍‌ଓଏସ୍ ଶିଶୁ ଗ୍ରାମ ପକ୍ଷରୁ ଆୟୋଜିତ ପରିବାର ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

### ବାତ୍ୟା ବିପନ୍ନଙ୍କୁ ଆର୍ଥିକ ସହାୟତା

**ରାଉରକେଲା ଅଫିସ,୧୫।୫**

ଦକ୍ଷିଣ ରାଉରକେଲା ତଥା ଫର୍ଟିଲାଇଜର ଟାଉନଶିପ ଅଞ୍ଚଳର ବରିଷ୍ଠ ନାଗରିକଙ୍କ ପକ୍ଷରୁ ଫନୀ ବାତ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ଯେଦୁଲା ବିଜୟଙ୍କ ମାଧ୍ୟମରେ ଏହି ଅର୍ଥ ରାଶିକୁ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରଦାନ କରାଯାଇଛି। ଏଥିରେ ଡ. ରାହାସବିହାରୀ ମହାପାତ୍ର, ଡା. ଅକ୍ଷୟ ସାମଲ, ଦିଲୀପ ନାୟକ, ତ୍ରିନାଥଦାସ ମୋହିନୀ, ଚାନ୍ଦମଣି ନାୟକ, ରବୀନ୍ଦ୍ର ବେହୁରିଆ ଓ ମୁରଲୀଧର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।


ଫର୍ଟିଲାଇଜର ଟାଉନଶିପ୍ ନାଗରିକ ମଞ୍ଚ ପକ୍ଷରୁ ବାତ୍ୟା ବିପନ୍ନଙ୍କୁ ସହାୟତା ନିମନ୍ତେ ଏଡିଏମ୍‌ଙ୍କୁ ବ୍ୟାଙ୍କ ଡ୍ରାଫ୍ଟ ପ୍ରଦାନ କରାଯାଉଛି।

■ ଅନ୍ତର୍ଜାତୀୟ ପରିବାର ଦିବସ

## ନିଃସଙ୍ଗ ରହିବେନି ଶିଶୁ

**ରାଉରକେଲା ଅଫିସ,୧୫।୫**

ଏସ୍‌ଓଏସ୍ ଶିଶୁ ଗ୍ରାମ ପକ୍ଷରୁ ବୁଧବାର ପରିବାର ସଶକ୍ତୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଛେଣ୍ଡ କଲୋନୀ ହୃଷୀକେଶ ରାୟ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ପରିବାର ଦିବସ ପାଳିତ ହୋଇଛି। ଏହି ଅବସରରେ 'ନୋ ଚାଇଲ୍ଡ ଆଲୋନ୍' ଅଭିଯାନ ଆରମ୍ଭ କରାଯାଇଛି। ଏସ୍‌ଓଏସ୍ ଶିଶୁ ଗ୍ରାମ ସହାୟକ ନିର୍ଦ୍ଦେଶକ ଡା. ଏସ୍.କେ. ଓଝା ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ନିର୍ଦ୍ଦେଶକ ତପନ ସୁନା ନୋ ଚାଇଲ୍ଡ ଆଲୋନ୍ ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ ଘୋଷଣା କରିଥିଲେ। ସୁନା ବକ୍ତବ୍ୟ ରଖି କହିଥିଲେ, ସମ୍ପ୍ରତି ଭାରତବର୍ଷରେ ୨ କୋଟିରୁ ଉର୍ଦ୍ଧ୍ୱ ଶିଶୁ ମାତାପିତାଙ୍କ ସେବା ଯତ୍ନରୁ ବଞ୍ଚିତ ରହି ଅବହେଳିତ ଜୀବନ କାଟୁଛନ୍ତି। ଏହି ଘଟଣାକୁ ସ୍ୱୀକାର କରାଯିବା ଆବଶ୍ୟକ। ଏସ୍‌ଓଏସ୍ ଶିଶୁ ଗ୍ରାମ ଏହି ଅବହେଳିତ ଶିଶୁଙ୍କ ଯତ୍ନ ନେଇ ସର୍ବଦା ତତ୍ପରତା ପ୍ରକାଶ କରିଛି। ଏଭଳି ଶିଶୁଙ୍କ ଜୀବନ ଗଠନ ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ହେବା ଉଚିତ। ଅବହେଳା କିମ୍ବା ଅଣଦେଖା ମନୋଭାବ ୨ କୋଟି ଶିଶୁଙ୍କ ଭବିଷ୍ୟତକୁ ବିପନ୍ନ କରିବ ବୋଲି ସେ କହିଥିଲେ। ନୋ ଚାଇଲ୍ଡ ଆଲୋନ୍ ଅଭିଯାନକୁ ସଫଳ କରିବାକୁ ହେଲେ ସାମଗ୍ରିକ ପ୍ରଚେଷ୍ଟା ଆବଶ୍ୟକ। ଏ ଦିଗରେ ସମସ୍ତେ ଆଗଭର ହେବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଏସ୍.କେ. ବିଶ୍ୱାସ, ଡା. ଶୁଭାଶିଷ ପାଣିଗ୍ରାହୀ, ବିନୋଦ ସାହୁ, ଭାରତୀ କର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଅବହେଳିତ ତଥା ନିଃସଙ୍ଗ ଶିଶୁଙ୍କ ଭବିଷ୍ୟତ ଗଠନ ନେଇ ଗୁରୁତ୍ୱାରୋପ କରିଥିଲେ। ଏ ଦିଗରେ ଶିଶୁ ଗ୍ରାମର କର୍ତ୍ତବ୍ୟପରାୟଣତାକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ବାଲ ପଞ୍ଚାୟତ ଶିଶୁମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜିତ ଏକ ଆର୍ଟ ଗ୍ୟାଲେରି ବୁଲି ଦେଖିଥିଲେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି। ତନୁଶ୍ରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜୟଲକ୍ଷ୍ମୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସୁକାନ୍ତୀ ଏକ୍କା, ସୀତା ଏକ୍କା, ଲତିକା ହେମ୍ବ୍ରମ, ଶୁକବତୀ ମୁଣ୍ଡାରୀ, ପୁନମ ମିଞ୍ଜ ଓ ଅଭିଷେକ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

■ ପାଇପ ଯୋଗେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ

## ରାସ୍ତାକଡ଼ ପାଇପ ଫାଟି ବାହାରୁଛି ପାଣି

**ବଣାଇ, ୧୫।୫(ସ୍ୱ.ପ୍ର.)**

ବଣାଇ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବସୁଧା କାର୍ଯ୍ୟକ୍ରମରେ ପାନୀୟ ଜଳ ଯୋଗାଣ ହେଉଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ଓଭରହେଡ ଟାଙ୍କି ନିର୍ମାଣ କରାଯାଇ ସେଠାରୁ ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ତେବେ ଏଥିପାଇଁ ବିଛା ହୋଇଥିବା ପାଇପ ଲାଇନ ଗୋଟିଏ ଜାଗାରେ ଫାଟିଯାଇଛି। ସେଠାରୁ ବାହାରକୁ ବାହାରିବା ପରେ ପୁନର୍ବାର ସେହିପାଣି ଅଳିଆ ଆବର୍ଜନା ସହିତ ପାଇପରେ ପଶିଯାଉଛି। ଯଦ୍ୱାରା ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ପାଇବା ପରିବର୍ତ୍ତେ ପାଇପରେ ଅଳିଆ ଆବର୍ଜନା ମିଶ୍ରିତ ପାଣି ପାଉଛନ୍ତି। ଏ ବିଷୟରେ ଗ୍ରାମବାସୀ ବଣାଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରି ଅଭିଯୋଗ କରିଥିଲେ। କନିଷ୍ଠ ଯନ୍ତ୍ରୀ କହିଥିଲେ, ପାଇପ ଲାଇନ ମରାମତି କରୁଥିବା କର୍ମଚାରୀଙ୍କୁ ପଠାଇ ଶୀଘ୍ର ମରାମତି କାର୍ଯ୍ୟ କରାଯିବ। ତେବେ ଆଜିକୁ ୭ଦିନରୁ ଅଧିକ ହେବ ଏହା ମରାମତି କାର୍ଯ୍ୟ ହୋଇପାରୁ ନାହିଁ। ଏହାକୁ ତୁରନ୍ତ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ମରାମତି କରାଯାଇ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଦାବି ହେଉଛି।


ପାଇପ ଲାଇନ ଫାଟିଯାଇ ପାଣି ବାହାରୁଛି।

**ଗୋବିନ୍ଦପୁର**
- ମରାମତି ହେଉ ନ ଥିବାରୁ ଆବର୍ଜନା ପାଣି ପୁଣି ପାଇପ ଭିତରକୁ ଯାଉଛି
- ଦୂଷିତ ହେଉଛି ପାଇପରେ ଯୋଗାଣ ହେଉଥିବା ପାନୀୟ ଜଳ



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ

# ରାଶନ କାର୍ଡରେ ନାମ ସଂଯୋଗ ପାଇଁ ହନ୍ତସନ୍ତ

**ବାରକୋଟ, ୧୫।୫ (ଡି.ଏନ.ଏ)**

ଦେବଗଡ ଜିଲା ବାରକୋଟ ବ୍ଲକରେ ରାଶନକାର୍ଡରେ ନୂତନ ଭାବେ ନାମ ସଂଯୋଗ କରିବା ପାଇଁ ହିତାଧିକାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାଯାଇଛି । ବିଭିନ୍ନ ଦୂର ଦୂରାନ୍ତ ଗ୍ରାମାଞ୍ଚଳରୁ ମହିଳାମାନେ ନିଜ ନିଜର ଛୋଟ ପିଲା ଛୁଆଙ୍କୁ ନେଇ ରାଶନକାର୍ଡରୁ ବାଦ ପଡିଥିବା ନାମ ସଂଯୋଗ ପାଇଁ ଆସୁଥିବା ବେଳେ ଅଧିକାଂଶ ସମୟ ଅଫିସ ବନ୍ଦ ରହୁଛି । ବୁଧବାର ଝାରକଣ୍ଢଳ ଗ୍ରାମ ପଞ୍ଚାୟତ ଖୁଲୁଣ୍ଡିକୁଦର ଗ୍ରାମର ୧୨ ମହିଳା, କେଲଡା ଗ୍ରାମ ପଞ୍ଚାୟତ ଖୁଣ୍ଟବାହାଲ ଗ୍ରାମର ୬ ମହିଳା ନିଜର ଛୋଟ ପିଲାଙ୍କୁଧରି ଦିନ ୧୨ଟା ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ନିରାଶ ହୋଇ ଫେରିଥିଲେ। ଏ ବିଷୟରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଏସ. ବାରିକଙ୍କୁ ପଚାରିବାରୁ ବିଭାଗ ତରଫରୁ ଜୟପ୍ରକାଶ ସାହୁ ନାମକ ବ୍ୟକ୍ତିଙ୍କୁ ଅଫିସ ଦାୟୀତ୍ୱ ଦିଆଯାଇଥିବା ବେଳେ କାର୍ଯ୍ୟରେ ଯୋଗଦେଇ ନ ଥିବା ସ୍ୱୀକାର କରିଥିଲେ। ଆଗାମୀ ଦିନରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।



ରାଶନକାର୍ଡରେ ନାମ ସଂଯୋଗ ପାଇଁ ହିତାଧିକାରୀମାନେ ଆସିଛନ୍ତି।

## ସଂକ୍ଷେପରେ




### ଦେବଗଡ଼ ଜନସାଧାରଣଙ୍କ ପକ୍ଷରୁ ଫନୀ ପାଇଁ ସହାୟତା

**ଦେବଗଡ଼, ୧୫।୫(ସ୍ୱ.ପ୍ର):** ଉପକୂଳ ଜିଲା ଗୁଡ଼ିକରେ ତାଣ୍ଡବ ରଚାଇଥିବା ସାମୁଦ୍ରିକ ଝଡ ବାତ୍ୟା 'ଫନି' ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦେବଗଡ ଜନସାଧାରଣଙ୍କ ପକ୍ଷରୁ ୨୧ ହଜାର ଟଙ୍କାର ଆର୍ଥିକ ସହାୟତାର ଚେକ୍ ପ୍ରଦାନ କରାଯାଇଥିବା ଜଣାପଡିଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ କଚେରୀ ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଦେବଗଡ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଧରମ ହାଁସଦାଙ୍କୁ ବିଭିନ୍ନ ବଦାନ୍ୟ ବ୍ୟକ୍ତି ତଥା ଜନସାଧରଣଙ୍କଠାରୁ ସଂଗ୍ରହ କରାଯାଇଥିବା ମୋଟ ୨୧ ହଜାର ଟଙ୍କାର ଅର୍ଥ ରାଶି ପ୍ରଦତ୍ତ ଚେକ୍ ପ୍ରଦାନ କରାଯାଇଥିଲା। ଚେକ୍ ପ୍ରଦାନ କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ତଥା ଜିଲା ନାଗରିକ କମିଟି ସଭାପତି ସୁଶିଳ କପରଦାର, ବରିଷ୍ଠ ନାଗରିକ ମାର୍କେଣ୍ଡଶ୍ୱର ଶତପଥି, ଜିଲା ଓକିଲ ସଂଘ ସଭାପତି ରାଜୀବ ଲୋଚନ ପ୍ରଧାନ, ଉପସଭାପତି ବିକାଶ କୁମାର ପ୍ରଧାନ, ସମ୍ପାଦକ ତରଣୀକାନ୍ତ ଦାସ, ଶିକ୍ଷକ ସୁଶାନ୍ତ କୁମାର ନନ୍ଦ, ଆଇନଜୀବୀ ସଚିକାନ୍ତ ଦାଶଙ୍କ ସମେତ ଅନ୍ୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।

### ଏକ ଲକ୍ଷ ଟଙ୍କାର ମାଙ୍ଗାନିଜ ଜବତ

**ଟେନସା,୧୫।୫(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୋଇଡ଼ା ମାଇନିଂ ସେକ୍ଟର ଅନ୍ତର୍ଗତ ମାଲଦା ଗ୍ରାମ ପଞ୍ଚାୟତର ଜରିପଦା ଜଙ୍ଗଲରୁ ମଙ୍ଗଳବାର ବିଳମ୍ବିତ ରାତିରେ କୋଇଡ଼ା ପୋଲିସ ଏକ ମାଙ୍ଗାନିଜ ବୋଝେଇ ଟିପ୍ପର ଜବତ କରିଛି। ଜବତ ମାଙ୍ଗାନିଜର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏହା ଜବତ କରିଛି। କୋଇଡ଼ା ଥାନା ଅଧିକାରୀ ଦେବେନ୍ଦ୍ର କୁମାର ପେଙ୍ଗୁଆ ସଦଳବଳେ ଜଙ୍ଗଲରେ ଚଢ଼ାଉ କରି ଜବତ କରିଥିଲେ। ଜବତ ଟ୍ରିପର ନଂ ଓଆର୦୪ଇ୦୭୦୮।




ହାଇଟେକ୍ ମେଡିକାଲ କଲେଜ ପକ୍ଷରୁ ସେବିକା ଦିବସ ପାଳନ ଅବସରରେ ଉପସ୍ଥିତ କର୍ମକର୍ତ୍ତା ଓ ଛାତ୍ରୀଛାତ୍ର।

# ହାଇଟେକ୍ ପକ୍ଷରୁ ଅନ୍ତର୍ଜାତୀୟ ସେବିକା ଦିବସ

**ରାଉରକେଲା ଅଫିସ,୧୫।୫**

ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଛି। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଶ୍ରଦ୍ଧାନନ୍ଦ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ଅନ୍ତର୍ଜାତୀୟ ସେବିକା ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଚାରୀଙ୍କ ମଧ୍ୟରେ ଶପଥପାଠ ପୂର୍ବକ ରୋଗୀସେବାକୁ ଅଗ୍ରାଧିକାର ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ନର୍ସିଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଏସ୍‌ସି (ନର୍ସିଂ) କଲେଜ ଶିକ୍ଷୟିତ୍ରୀ ସରିତା ଡୁଙ୍ଗଡୁଙ୍ଗ, ରଶ୍ମିତା ମହାନନ୍ଦିଆ, ଲିଗାଲ ଆଡ୍‌ଭାଇଜର ରୂପୁଲ ଦାସ, ଏଚ୍‌ଆର୍ ମୁଖ୍ୟ ସଞ୍ଜୀବ ନାୟକ ଓ ସମସ୍ତ ସେବିକା ତଥା ନର୍ସିଂ କଲେଜ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଡରୋଥିଆ ଟପ୍ପୋ ଧନ୍ୟବାଦ ପ୍ରଦାନ କରିଥିଲେ।

# ନୋ ଚାଇଲ୍ଡ ଏଲୋନ ଅଭିଯାନ

**ରାଉରକେଲା ଅଫିସ,୧୫।୫**

ଅନ୍ତର୍ଜାତୀୟ ପରିବାର ଦିବସ ଅବସରରେ ରାଉରକେଲାଠାରେ ଥିବା ଏସଓଏସ ଭାରତୀୟ ଶିଶୁ ଗ୍ରାମ ପକ୍ଷରୁ ନୋ ଚାଇଲ୍ଡ ଏଲୋନ ଅଭିଯାନ ଆରମ୍ଭ କରାଯାଇଛି। ଭାରତରେ ୨କୋଟିରୁ ଅଧିକ ଶିଶୁ ମାତା ପିତାଙ୍କ ସେବା ଯତ୍ନରୁ ବଞ୍ଚିତ ରହି ବିଭିନ୍ନ ସମସ୍ୟାର ଶିକାର ହୋଇଛନ୍ତି। ଏହି ଅବସ୍ଥାକୁ ସ୍ୱୀକାର କରିବା ପାଇଁ ଏବଂ ସେହି ପିଲାଙ୍କୁ ଏସଓଏସ ଶିଶୁ ଗ୍ରାମ ମାଧ୍ୟମରେ ସାହାଯ୍ୟ ପ୍ରଦାନ କରିବାକୁ ଏଭଳି ଅଭିଯାନ ଆରମ୍ଭ କରାଯାଇଛି। ଏହି ଦୁଇ କୋଟି ପିଲା ମାତା ପିତାଙ୍କ ସେବା ଯତ୍ନରୁ ବଞ୍ଚିତ ହେବା କାରଣ ହେଲା ମାତା ପିତାଙ୍କ ମୃତ୍ୟୁ, ପରିତ୍ୟକ୍ତ କିମ୍ବା ଅସମର୍ଥତା। ଯଦି ଏଭଳି ପ୍ରସଙ୍ଗକୁ ଆନ୍ତରିକତା ସହ ଗୁରୁତ୍ୱ ଦିଆ ନ ଯାଏ ତେବେ ପରିସ୍ଥିତି ଆହୁରି ସଂଗୀନ ହେବ। ଏହି ଧାରା ଅବ୍ୟାହତ ରହେ ତେବେ ୨୦୨୧ ବେଳକୁ ଦେଶରେ ଅବହେଳିତ ଶିଶୁଙ୍କ ସଂଖ୍ୟା ୨. ୪କୋଟି ଛୁଇଁବ। ବ୍ୟକ୍ତି, ଗୋଷ୍ଠୀ, କର୍ପୋରେଟ ଓ ସରକାରୀ ସ୍ତରରେ ଗୁରୁତ୍ୱ ପ୍ରଦାନ କରାଗଲେ ପରିସ୍ଥିତିକୁ ମୁକାବିଲା କରାଯାଇ ପାରିବ ବୋଲି ଶିଶୁଗ୍ରାମ ମହାସଚିବ ଅନୁଜା ବଂଶଲ ଆହ୍ୱାନ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ପୁଅକୁ କୁମ୍ଭୀର ଖାଏ,**
**ତା' ମା ଢେଙ୍କି ଦେଖିଲେ ଡରେ ।**

ବିପଦକୁ ସାମ୍ନା କରିଥିବା ବ୍ୟକ୍ତି ମନରେ ଭୟ ଏକପ୍ରକାର ଘର କରି ରହିଯାଇଥାଏ। ଯେତେ ଚେଷ୍ଟା କଲେ ମଧ୍ୟ ସେଥିରୁ ସେ ନିଜକୁ ମୁକୁଳାଇ ପାରି ନ ଥାଏ। ସାଧାରଣ କୁମ୍ଭୀର ଓ ଢେଙ୍କି ମଧ୍ୟରେ ଅନେକ ସାମଞ୍ଜସ୍ୟ ରହି ଥାଏ। ଦୂରରୁ ଦେଖିଲେ ଏକାପରି ଲାଗି ଥାଏ। ଏପରିସ୍ଥଳେ କୁମ୍ଭୀର ଆକ୍ରମଣରେ ଶିକାର ହୋଇଥିବା ବ୍ୟକ୍ତିର ଆତ୍ମୀୟ ପୂର୍ବ ଅଭିଜ୍ଞତାର ସ୍ମୃତି ହେତୁ ଭୟର କାରଣ ନ ଥାଇ ମଧ୍ୟ ଭୟ ପାଇବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେତେ କଲେ ଦିଶେ ନାହିଁ,**
**ଯେତେ ଦେଲେ ହସେ ନାହିଁ ।**

ମଣିଷର ଆଶା ଅସୁମାରୀ। ଯିଏ ଯେତେ କଲେ ଆଖିକୁ ସେତେ ଦିଶେ ନାହିଁ କି ଯିଏ ଯେତେ ଦେଲେ ମନରେ ହରଷ ଆସେ ନାହିଁ। ମନରେ ସନ୍ତୁଷ୍ଟି ଆଣିବା ମଣିଷର ସାଧ ବାହାରେ। ସେହିପରି ଯେତେ ଧନ ପାଖରେ ଥିଲେ ବି ମନୁଷ୍ୟର ତୃପ୍ତି ଆସି ନ ପାରିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଗୁରୁ ରବିଶଙ୍କରଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅନୁଗାମୀ।

# ରବିଶଙ୍କରଙ୍କ ୬୩ତମ ଜନ୍ମ ଦିବସ

**ରାଉରକେଲା ଅଫିସ,୧୫।୫**

ଆର୍ଟ ଅଫ୍ ଲିଭିଂର ପ୍ରତିଷ୍ଠାତା ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୬୩ତମ ଜନ୍ମ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ରାଉରକେଲା ସ୍ୱତନ୍ତ୍ର କାରାଗାର ପରିସରରେ କଏଦୀଙ୍କ ପୁନର୍ବାସ ନେଇ ଉଦ୍ଦିଷ୍ଟ ପ୍ରିଜନ ସ୍ମାର୍ଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଜେଲ୍ ଅନ୍ତେବାସୀ ଯୋଗଦେଇ ରବିଶଙ୍କରଙ୍କ ନୀତି ଆଦର୍ଶ ସମ୍ପର୍କରେ ଅବଗତ ହୋଇଥିଲେ। ସାମାନ୍ତରାଳ ଭାବେ ରାଉରକେଲା କ୍ଲବ ପରିସରରେ ଏକ ଚତୁର୍ଦ୍ଦିବସୀୟ ପ୍ରାକ୍ ମେଡିଟେଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜନ୍ମୋତ୍ସବ ଉଦ୍‌ଯାପନୀ ସମାରୋହରେ ଏକାଧିକ ସ୍ଥାନରେ ଆୟୋଜିତ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ। ସେକ୍ଟର-୧ସ୍ଥିତ ରବିଶଙ୍କର ବିଦ୍ୟାମନ୍ଦିରରେ ସୁଦର୍ଶନ କ୍ରିୟା ବାବଦରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

ASTROLOGY ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସମ୍ପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଇଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାବିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday

BUSINESS BUSINESS

Dharitri : 15, 16, 17, 18, 19, 20 & 21 May 2019
SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000.00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

See Color Display Classified on every Tuesday & Friday
Size: 6 X 8
For 15 days: 40,000
For 8 days: 20,000
For 4 days: 11,000
For Single day: 2,800
GST: 5% will be added extra


### ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ, ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ।
- ଭଗବତ୍ ଗୀତା



## ସଂକ୍ଷେପରେ




### ପୁଅ ମାଡ଼ରେ ମା' ମୃତ

**ସମ୍ବଲପୁର,୧୫।୫(ବ୍ୟୁରୋ):** ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପରଧିଆପାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ନିଜ ପୁଅର ମାଡରେ ଜଣେ ମହିଳାଙ୍କ ମୃତ ଘଟିଛି । ପୋଲିସ ଅଭିଯୁକ୍ତ ପୁଅ ପ୍ରଦୀପ ସୁନାକୁ ଗିରଫ କରିଛି । ଏ ନେଇ ଥାନାରେ ଦଫା ୩୦୨ ଏକ ମାମଲା (ନଂ.୧୮୩/୧୯) ରୁଜୁ ହୋଇଛି। ସାମାନ୍ୟ କଥାକୁ ନେଇ ୧୩ ତାରିଖ ରାତି ୮ରେ ଘରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ପୁଅ ପ୍ରଦୀପ ମା' ଗୌରୀ ସୁନାଙ୍କୁ ମାଡପିଟ କରିଥିଲା । ଗୌରୀଙ୍କ ମୁଣ୍ଡ ପଛ ପଟରେ ଗଭୀର ଆଘାତ ଲାଗିଥିଲା। ଏଣୁ ସେ ତଳେ ପଡିଯାଇଥିଲେ । ପ୍ରଚୁର ରକ୍ତସ୍ରାବ ହେବାରୁ ମୃତ୍ୟୁ ଘଟିଥିବା ପୋଲିସ କହିଛି । ଘଟଣା ପରଦିନ ଗ୍ରାମର ଭୀମ ବନଛୋରଙ୍କ ପାଖରୁ ଖବର ପାଇ ପୋଲିସ ମୃତଦେହ ଉଦ୍ଧାର କରିଥିଲା । ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପ୍ରଦୀପ ମାଡପିଟ କରି ସେହିଦିନରୁ ଫେରାର ହୋଇଯାଇଥିଲେ । ତେଣୁ ପୋଲିସ ପ୍ରଦୀପଙ୍କ ଉପରେ ସନ୍ଦେହ କରି ପରେ ଗିରଫ କରିଥିଲା । ପ୍ରଦୀପ ନିଜ ଦୋଷ ସ୍ୱୀକାର କରିଥିବା ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ କହିଛନ୍ତି।

### ସିନ୍ଦୂରପଙ୍କ ଶୀତଳଷଷ୍ଠୀ ଯାତ୍ରା କମିଟି ଗଠିତ

**ସମ୍ବଲପୁର,୧୫।୫(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ତରକେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ପାଇଁ ନୂତନ କମିଟି ଗଠନ କରାଯାଇଛି । ସଭାପତି ଜନ୍ମେଜୟ ଧର ବୈଠକରେ ଅଧକ୍ଷତା କରିଥିଲେ। ଚଳିତ ବର୍ଷ ଯାତ୍ରାକୁ କିଭଳି ଭାବେ ସୁଚାରୁ ରୂପେ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା । ତେବେ ପୁଣି ଥରେ ତାଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ସମ୍ପାଦକ ଭାବେ ଅଜିତ ପଣ୍ଡା, କୋଷାଧକ୍ଷ ଭାବେ ବିନୟ କରଙ୍କ ସହ ପ୍ୟାରେଲାଲ ପଣ୍ଡା, ମହେନ୍ଦ୍ର ପଣ୍ଡା, ଆଶିଷ ନାଥ, ଶିବବ୍ରତ ପାଢୀ, ସନ୍ତୋଷ କେଡିଆ, ସୁବ୍ରତ ନାଥ, ତରଣୀ ସେଠ, ବିକାଶ ସାହୁ କମିଟିରେ ରହିଛନ୍ତି । ସେହିପରି ଉପଦେଷ୍ଟା କମିଟିରେ ପଦ୍ମଲୋଚନ ପଣ୍ଡା, ପଦ୍ମନ ସେଠ, ସୁଧୀର ନାଥ, ମଣିକର ସାହୁ, ପତିତପାବନ ଧର, କାହ୍ନୁଚରଣ ଧର ,ସନ୍ତୋଷ ସାହୁ , ଶଙ୍କର ସାହୁ ରହିଛନ୍ତି । ଚଳିତ ବର୍ଷ ବୀରେନ୍ଦ୍ର ଧର ସହ ଓ ତାଙ୍କ ସ୍ତ୍ରୀ ବୀଣାପାଣି କନ୍ୟା ପିତାମାତା ହେବାର ସୌଭାଗ୍ୟ ପାଇଛନ୍ତି । ସେହିପରି ମହାଦେବଙ୍କ ପିତା ମାତା ଭାବେ ଠେମରା ଗ୍ରାମର ନିମାଇଁ ଚରଣ ନନ୍ଦ ଓ ତାଙ୍କ ସ୍ତ୍ରୀ ସଂଯୁକ୍ତାଙ୍କୁ ସୌଭାଗ୍ୟ ମିଳିଛି।

### ଜୁନ୍‌ରେ ପଶ୍ଚିମଓଡ଼ିଶାସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା

**ସମ୍ବଲପୁର, ୧୫।୫ (ବ୍ୟୁରୋ):** ରଙ୍ଗୋଲି ଅନୁଷ୍ଠାନ ପକ୍ଷରୁ ପଶ୍ଚିମଓଡିଶା ସ୍ତରୀୟ ସଂଗୀତ ପ୍ରତିଯୋଗିତା (ଭଏସ୍ ଅଫ୍ ୱେଷ୍ଟର୍ଣ୍ଣ ଓଡିଶା) ଜୁନ ୧୬ ତାରିଖରେ ଅନୁଷ୍ଠିତ ହେବ। ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୦ଟି ଜିଲାର ୧୫ ବର୍ଷରୁ ଅଧିକ ବୟସର ୫୦ଜଣ ପ୍ରତିଯୋଗୀ ଭାଗ ନେବେ । ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଚାଲିଛି ବୋଲି ରଙ୍ଗୋଲି ନିର୍ଦ୍ଦେଶକ ଭାଗିରଥି ସିଂଦେଓ ବୁଧବାର ପ୍ରେସ ବିବୃତିରେ ସୂଚୀତ କରିଛନ୍ତି।

■ ଖୁଦପେଜ ଗାଁର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କରାମତି

# ଧାନରେ ତିଆରୁଛନ୍ ସଉଖିନ୍ କଳାକୁରତି

ଘନଶ୍ୟାମ ଭୋଇ
ନୂଆପଡ଼ା ଅଫିସ,୧୫।୫



ଗାଁର ମହିଳାମାନେ ଧାନରେ ତିଆର କରିଥିବାର ଭିନେ ଭିନେ ସଉଖିନ ସାମାନ।

ସରକାର ଗାଁରୁ ସହର ତକ୍ ମହିଳାମାନେ କେନ୍‌ଥେଇ ନିଜେର ଗୁଡ଼େ ନିଜେ ଠିଆ ହେଇପାରବେ, ଦୁଇପଏସା ରୁଜଗାର କରବେ ସେଥିରଲାଗି ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍। ହେଲେ ଅନେକ ଜାଗାରେ ଇ ଯୋଜନା ବିଫଳ ହେଉଥିବାର ଦେଖିବାକେ ମିଳୁଛେ। ଅନେକ ଜାଗାରେ ଗାଁଗଁଲିର ମହିଳାକରନେ କଳା କାରିଗରୀ ଲୁକି ରହିଥିଲେ ବି ପୋରଛାହନ୍ ଅଭାବୁ ସେଟା ଫୁଟି ବାହାରକେ ନାଇଁ ଆସିପାରବାର। ଯେନ୍‌ଥିରଲାଗି ବନର ମଲି ବନେ ଫୁଟି ବନେ ମହଲିଲା ଲେଖେଁ ଅବସ୍ତା ହେଉଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖୁଦପେଜ ଗାଁରେ। ଇ ଗାଁର ମହିଳାମାନେ ଧାନରେ ଅନେକ କିସମର ସଉଖିନ ସାମାନ ତିଆର କରୁଛନ୍। ହେଲେ ସେ ସବୁ ବିକାଭଂଗା କରବାର ଲାଗି ବଜାର ବେବସ୍ତା ବଡ଼ଭାରି ଅଭାବ ରହିଛେ। ଯେନ୍‌ଥିରଲାଗି ମହିଳା କାରିଗରମାନେ ଭଲ ଦୁଇପଏସା ରୁଜଗାର କରବାରୁ ବଁଚିତ୍ ହେଉଛନ୍। ଖଡିଆଳରୁ ବୋଡ଼େନ ରାସ୍ତାରେ ୭ କି.ମି. ଗଲେ ଖୁଦପେଜ ଗାଁ ରହିଛେ। ଗାଁର ଲୋକ୍ ସଂଖ୍ୟା ପାଖାପାଖି ୨ ହଜାର ହେଇଥିଲାବେଲେ ଅନେକ ଲୋକ୍ ଅଭାବ ଅନାଟନ ଭିତରେ ଚଲୁଛନ୍। ଗାଁରେ ଲୁକ୍‌କର ଆୟର ପଁଥା କହେଲେ ଚାଷ୍‌ବାସ। ଇଥିରେ ବଛରକ ୪ମାସ କାମବୁତା କରୁଥିଲାବେଲେ ବାକି ୮ମାସ ବସି ରହୁଛନ୍। ଲୋକ୍ ଏନ୍‌ତାଥି ବାହାର ରାଏଜ୍‌କେ ଦାଦନ ଖଟିଯାଉଛନ୍। ହେଲେ ଇ ଗାଁର କେତେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ନିଜେ ନିଜର ଆୟର ପଁଥା ଖୁଜିଛନ୍। ଚାଷ୍‌ବାସରୁ ଅମଲ ହେଉଥିବାର ଧାନକେ କେତେ ବିହନ, କେତେ ଖାଏବାର ଲାଗି ରଖୁଥିଲାବେଲେ ଆରକେତେ ଧାନକେ ମହିଳାମାନେ ବେଭାର କରି ସୁଁଦର ସୁଁଦର ମୂର୍ତ୍ତି ତିଆର କରୁଛନ୍। ସେମାନେ ଧନଲକ୍ଷ୍ମୀ ମୂର୍ତ୍ତି, ଟୁପଲି, ଭିନେ ଭିନେ ପରକାର ଫୁଲ ଆର ପୂଜା ସାମାନ ତିଆର କରୁଛନ୍। ହେଲେ ଇ କଳାକୁରତିର ବିକ୍‌ରିବଟା ଲାଗି ସରକାରୀ ବଜାର ବେବସ୍ତା ନାଁଇଁନ। ଯେନ୍‌ଥିରଲାଗି ମହିଳାମାନେ ଇ କଳାକୁରତିକେ ଆସରପାସର ହାଟ ବଜାରରେ ଅତି କମ୍ ଦରରେ ବିକ୍‌ରି କରୁଛନ୍। ମହିଳା କାରିଗରମାନକର କହେବାର ହିସାବେ ଗଲା ଦିନ୍‌ମାନକେ ନୂଆପଡ଼ା ଜିଲାର ମାରାଗୁଡ଼ା ଉଛବ୍‌ରେ ଇ କଳାକୁରତି ବିକି ହଜାର ହଜାର ଟଁକା କମେଇଥିଲୁଁ। ହେଲେ ସେଟା ବି ବଁଦ୍ ହେଇଗଲା, ଆମକୁ ଆର ବଜାର ସୁବିଧା ନାଇଁମିଲବାର ବଲି ସେମାନେ କହିଛନ୍। ଇଆଡ଼େ ଜିଲା ପରଶାସନ ତରଫୁ ତାଲିମ କି ପୋରଛାହନ୍ ନାଇଁ ମିଲବାର। ଯେନ୍‌ଥିରଲାଗି ଇ କଳା କାରିଗରୀ ଆଗ୍‌କେ ଆସି ନାଇଁପାରବାର ବଲି ସେମାନେ ଅଭିଯୋଗ କରିଛନ୍। ଇ କଳାକୁରତିର ପରଚାର ପରସାର, ବିକ୍‌ରିବଟା ଲାଗି ପରଶାସନ ଧିଆନଦେଲେ ଗାଁର ୫୦ରୁ ଅଧିକା ପରିବାର ରୁଜଗାର ପାଏତେ ଆର ଜିଲାର ନାଁ ବି ସବୁଆଡ଼େ ପଡ଼ତା ବଲି ସେମାନେ କହିଛନ୍। ଇ ଦିଗେ ଜିଲା ପରଶାସନ ଦୁରୁଷ୍ଟି ଦେଇ ଇ କଳା କାରିଗରୀର ବଢ଼ତିର ଲାଗି ପୋରଛାହନ୍, ତାଲିମ, ବଜାର ବେବସ୍ତା କରବାକେ ଦାବି ହେଉଛେ।


### ପୋଲିସ, ବରିଷ୍ଠ ନାଗରିକଙ୍କ ବୈଠକ

ସମ୍ବଲପୁର,୧୫।୫(ବ୍ୟୁରୋ)

ସମ୍ବଲପୁର କ୍ଷେତରାଜପୁର ଥାନାରେ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଥାନା ଅଞ୍ଚଳରେ ନିଶା ଦ୍ରବ୍ୟ ବିକ୍ରି ଉପରେ ରୋକ ଲାଗାଇବା, ଟ୍ରାଫିକ ସମସ୍ୟା, ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ବରିଷ୍ଠ ନାଗରିକମାନେ ଦାବି କରିଥିଲେ। ଥାନା ଅଧିକାରୀ ମମତା ନାଏକଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ନାକଟିଦେଉଳ,୧୫।୫(ଡି.ଏନ.ଏ.)



କିସିଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ କଂଗ୍ରେସ ନେତା ଭଗବାନ ପ୍ରଧାନଙ୍କ ବୁଧବାର ସନ୍ଧ୍ୟାରେ ୮୦ବର୍ଷ ବୟସରେ ମାଛୁଡ଼ିହି ସ୍ଥିତ ବାସଭବନରେ ପରଲୋକ ହୋଇ ଯାଇଛି । ଦୀର୍ଘ ଦିନ ହେଲା ସେ ବାର୍ଦ୍ଧକ୍ୟ ଯୋଗୁ ଅସୁସ୍ଥ ଥିଲେ । ସେ ସମିତି ସଭ୍ୟ, କିସିଣ୍ଡା ସେବା ସମବାୟ ସମିତିର ସଂପାଦକ, ବ୍ଲକ କଂଗ୍ରେସର ସଭାପତି ମଧ୍ୟ ରିହିଥିଲେ। ଆସଫ ଅଲ୍ଲୀ ଖାଁ, ରାଜକିଶୋର ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## 'ଫନୀ' ପ୍ରଭାବିତଙ୍କୁ ଟାରପୋଲିନ ପଠାଇଲା ଏମ୍‌ସିଏଲ୍

ସମ୍ବଲପୁର, ୧୫।୫ (ବ୍ୟୁରୋ)

'ଫନୀ' ପ୍ରଭାବିତ ପୁରୀବାସୀଙ୍କ ସକାଶେ ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ପକ୍ଷରୁ ୨ହଜାର ୫ଶହ ଟାରପୋଲିନ ଏକ ଟ୍ରକ୍ ଯୋଗେ ପଠାଯାଇଛି । ତାଳଚେର ଜଗନ୍ନାଥ କ୍ଷେତ୍ର ଜେନେରାଲ ମ୍ୟାନେଜର ଏମ.ଜି. ବ୍ରହ୍ମପୁରକର ସବୁଜ ପତାକା ଦେଖାଇବା ପରେ ଏହି ଟ୍ରକ୍ ଗଡିଥିଲା। ଏଥିସହ ବିଭିନ୍ନ ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ମଧ୍ୟ ପଠାଯାଇଛି । ଜଗବନ୍ଧୁ ବେହେରା, କିଲି ପ୍ରସାଦ, ବି.ଡି. ନାୟକ, କୈବଲ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।




ଏମସିଏଲ ପକ୍ଷରୁ ରିଲିଫ ସାମଗ୍ରୀ ନେଇ ଯାଉଥିବା ଟ୍ରକ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

### ସମ୍ବଲପୁରରୁ ଭୁବନେଶ୍ୱର ଗଲେ ୬୫ ସଫେଇ କର୍ମଚାରୀ

ସମ୍ବଲପୁର,୧୫।୫(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମର ୬୫ ଜଣ ସଫେଇ କର୍ମଚାରୀ ବୁଧବାର ବସ୍‌ଯୋଗେ ଭୁବନେଶ୍ୱର ଯାଇଛନ୍ତି। ସେଠାରେ ସେମାନେ ୫ ଦିନ ଧରି ରହିବେ। ଫନୀ ପ୍ରଭାବରେ ଭୁବନେଶ୍ୱରରେ ଗଛପତ୍ର, ଘରଦ୍ୱାର ଭାଙ୍ଗି ରାସ୍ତାକଡରେ କୁଢ କୁଢ ଅଳିଆ ଆବର୍ଜନା ପଡିଛି। ସେ ସବୁକୁ ସଫା କରିବାରେ ଏମାନେ ଭୁବନେଶ୍ୱର ମହାନଗର ନିଗମର କର୍ମଚାରୀଙ୍କୁ ସହଯୋଗ କରିବେ।



କୋଲାବିରା ବଡବାହାଲ ଛକଠାରେ ପୋଲିସ କର୍ମଚାରୀ ଓ ଅନ୍ୟମାନେ ଗାଡ଼ିଚାଳକଙ୍କୁ ସଚେତନ କରିବାକୁ ପ୍ଲାକାର୍ଡ ଧରି ଛିଡା ହୋଇଛନ୍ତି।

## ଗାଡ଼ି ଚାଳକଙ୍କୁ ସଚେତନ କଲା ପୋଲିସ

କୋଲାବିରା,୧୫।୫(ଡି.ଏନ.ଏ.)

ଝାରସୁଗୁଡା ଜିଲା କୋଲାବିରା ଥାନା ତରଫରୁ ଆମ ପୋଲିସ ସମିତିର ସଦସ୍ୟମାନଙ୍କୁ ନେଇ ବଡବାହାଲ ଛକଠାରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ଗାଡି ଚାଳକଙ୍କୁ ପୋଲିସ କର୍ମଚାରୀମାନେ ସଚେତନ କରିଥିଲେ। ଜୀବନ ସବୁଠୁ ମୂଲ୍ୟମାନ। ଏଣୁ ଗାଡିମୋଟର ଚଳାଇବା ବେଳେ ନିୟମ ମାନିବା, ସତର୍କ ରହିବା ସହ ସଚେତନ ହେବାକୁ ପୋଲିସ ବୁଝାଇଥିଲା। ବାଇକ୍ ଚାଳନା ବେଳେ ହେଲ୍‌ମେଟ୍ ପିନ୍ଧିବା, ଚାରି ଚକିଆ ଯାନ ଚାଳନା ସମୟରେ ସିଟ୍ ବେଲ୍ଟ ବ୍ୟବହାର କରିବା, ବେପରୁଆ ଭାବେ ମୋବାଇଲରେ କଥା ହୋଇ ଗାଡି ନ ଚଳାଇବା, ଦ୍ରୁତଗତିରେ ଗାଡି ଚଳାଇ ଜୀବନକୁ ବାଜି ନ ଲଗାଇବା, ଟ୍ରାଫିକ ନିୟମ ମାନି ଗାଡି ଚଳାଇବା, ନିଶା ସେବନ କରି ଗାଡି ନ ଚଲାଇବା ଆଦି ନେଇ ଗାଡି ଚାଳକଙ୍କୁ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଲାବିରା ଥାନା ଏସ୍‌ଆଇ ସସ୍ମିତା ମୁର୍ମୁ, ଏଏସ୍‌ଆଇ ବାମଦେବ ପରିଡା, ହାବିଲଦାର ଦେବେନ୍ଦ୍ର ପଶାୟତ, ରାଜେଶ୍ୱରୀ ସାହୁଙ୍କ ସମେତ ଥାନାର ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଲୋଚନ ଭୋସାଗର, ସୁଜାତା ଭୁଏ,ରାକେଶ ଭୁଏ, ନନ୍ଦିନୀ ଭୁଏ, ସଂଯୁକ୍ତା ଉରମା, ଶିବାନନ୍ଦ ଦୁଶର, ବଳରାମ ପେରା, ମିନ କଂଷ୍ଟା ପ୍ରମୁଖ ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ।

■ ପିଜି ଜୈବ ସୂଚନା, ପ୍ରଯୁକ୍ତି ବିଦ୍ୟା ଫଳ ପ୍ରକାଶ

### ଶିଖା ନାଏକ, ସୁଶ୍ରୁତ ଷଡ଼ଙ୍ଗୀ ଟପ୍ପର

ସମ୍ବଲପୁର,୧୫।୬ (ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜୈବ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ମୋଟ ୧୬ ଜଣ ପରୀକ୍ଷା ଦେଇଥିବା ବେଳେ ୧୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶିଖା ନାଏକ ଓ ସୁଶ୍ରୁତ ଷଡଙ୍ଗୀ ଟପ୍ପର ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶୁଭଶ୍ରୀ ରଥ, ଟୁଇଙ୍କଲ କୀର୍ତ୍ତି, ଅଭିଜିତ ସାହୁ, ସିଦ୍ଧାର୍ଥ ସାହୁ ପ୍ରମୁଖ ରହିଛନ୍ତି।




ସୁଶ୍ରୁତ ଷଡଙ୍ଗୀ     ଶିଖା ନାଏକ

■ ରାଜ୍ୟସ୍ତରୀୟ ସବ୍‌ଜୁନିୟର ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତା

## ଦ୍ୱିତୀୟ ସ୍ଥାନରେ ସମ୍ବଲପୁର, ୨୮ ପଦକ ମିଳିଲା

ସମ୍ବଲପୁର,୧୫।୫(ବ୍ୟୁରୋ)

ଝାରସୁଗୁଡା ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଅଡିଟୋରିୟମ୍‌ଠାରେ ରାଜ୍ୟସ୍ତରୀୟ ସବଜୁନିୟର ପେନଚାକ ସିଲାଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି ଜିଲାରୁ ୧୫୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସମ୍ବଲପୁରର କ୍ରୀଡାବିତମାନେ ଭାଗ ନେଇ ୨୮ଟି ପଦକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଏଥିରେ ୧୦ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୮ଟି କଂଶ୍ୟ ପଦକ ରହିଛି । ଫାଇଟ୍ ଇଭେଣ୍ଟରେ ପ୍ରଗତି ପାଢ଼ୀ, ସ୍ୱୀକୃତୀ ମୁଦୁଲି, କଲସ ବାରୁ, ସାଇରୋନକ୍ ସାହୁ, ଅନେଶ ଚୌଧୁରୀ, ଅତୁଲ ଚୌଧୁରୀ, ସାଲିନୀ ପଣ୍ଡା, ବୈଷ୍ଣବୀ ଦିଗଲ, ପ୍ରିୟାଂଶୁ ବାରିକ, ଲକେଶ କୁମାର ବାରିକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିପରି ଜାଗୃତୀ ପାଢ଼ୀ, ଅରିହଂନ୍ତ ପାଣିଗ୍ରାହୀ, ସୋନାଲି ସାହୁ, ସମୀର ନାଥ, ହର୍ଷବର୍ଦ୍ଧନ ଚୌହାନ, ଆଂଶିକା ପଣ୍ଡା, ଦିବ୍ୟାଂଶୀ ଗୁରୁ, ଅଭିରୂପ ଷଡଙ୍ଗୀ, ସ୍ୱରାଜ ମହାନନ୍ଦ, ଉଦୟରାଜ ପୁରୋହିତ ରୌପ୍ୟ ପଦକ ପାଇଛନ୍ତି। ସିଦ୍ଧି ପଣ୍ଡା, ପି. ଆଦିତ୍ୟ, ସାଇରୋଶନୀ ସାହୁ, ଅକସିତ୍ ବିଶି, ମହମ୍ମଦ ୟାସିମ୍ ଅମନ୍, ଲୋକେଶ ଚୌଧୁରୀ, ଶୁଭମ ବେହେରା, ଆୟୁଷ ସାହୁ କାଂଶ୍ୟ ପଦକ ପାଇଛନ୍ତି । ପ୍ରଶିକ୍ଷକ ନାରାୟଣ ବାରିକ, ଶିବା ପ୍ରଧାନ, ଦୀପକ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ ।




ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ୱେଷ୍ଟର ଅଧିଷ୍ଠାନ ଦିବସରେ ମଞ୍ଚାସୀନ ଅତିଥିମାନେ ।

## ରୋଟାରି କ୍ଲବ ୱେଷ୍ଟର ଅଧିଷ୍ଠାନ ଦିବସ

ସମ୍ବଲପୁର, ୧୫।୫ (ବ୍ୟୁରୋ)

ରୋଟାରି କ୍ଲବ ଅଫ୍ ସମ୍ବଲପୁର ୱେଷ୍ଟର ୨୨ତମ ଅଧିଷ୍ଠାନ ଦିବସ ଅଇଁଠାପାଲି ମହାନଦୀ ଗ୍ରାଣ୍ଡ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ସୁନୀଳ ଅଗ୍ରୱାଲଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆସିଷ୍ଟାଣ୍ଟ ଗଭର୍ନର ବି.କେ. ସିଂ, ହରଜିତ ସିଂ ହୁରା, ଡା. ଅଶୋକ ସିଂ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦୀପ କାସମୀର ସ୍ୱାଗତ ଭାଷଣ, ଆଲୋକ ଅଗ୍ରୱାଲ ରିପୋର୍ଟ ପ୍ରଦାନ କରିଥିବାବେଳେ ସମ୍ପାଦକ ଦିନେଶ ଅଗ୍ରୱାଲ ସୂଚନା ପ୍ରଦାନ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ଫନୀ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା ଅଫିସ, ୧୫।୫

ଚଳିତମାସ ୩ ତାରିଖରେ ବାତ୍ୟା 'ଫନି' ପ୍ରଭାବିତ ଉପକୂଳ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ସହ ଧନଜୀବନ ନଷ୍ଟ ହୋଇଛି। ଲୋକଙ୍କ ଜୀବନ ବି ଯାଇଛି। ଘରଦ୍ୱାର ଭାଙ୍ଗିବା ସହ ସରକାରୀ ଓ ବେସରକାରୀ ଧନସମ୍ପତି ନଷ୍ଟ ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଓ ମୋବାଇଲ ଟାୱାର ଆଦି କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଅନେକ ପଶୁ ଓ ପକ୍ଷୀଙ୍କର ମଧ ମୃତ୍ୟୁ ଘଟିଛି। ତେବେ ରାଉରକେଲା ଓକିଲ ସଂଘ ପକ୍ଷରୁ ଫନୀ ପ୍ରଭାବରେ ମୃତ୍ୟୁ ଘଟିଥିବା ଲୋକମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସଂଘର ରମେଶ ବଳ, ଅକ୍ଷୟ ସାହୁ, ରଙ୍ଗବାହାଦୁର ବାଗ, ଦେବାନନ୍ଦ ତନ୍ତି, କୋଷାଧକ୍ଷ ଶ୍ରୀନିବାସ ପଣ୍ଡା, ମାଧବୀ ଝା, ଅନୁସୂୟା ପଣ୍ଡା, ଗିରିଶ ମହାପାତ୍ର, କୈଳାସ ସାବତ ଓ ରାମେଶ୍ୱର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର




ସମ୍ବଲପୁର କଚେରି ଛକଠାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ସୌନ୍ଦର୍ଯ୍ୟକରଣ କରାଯାଇଛି । କିନ୍ତୁ ଏହାକୁ ସାଇକେଲ ପାର୍କିଂ ଭାବେ ବ୍ୟବହାର କରାଯାଉଥିବାରୁ ଘାସ ନଷ୍ଟ ହେଉଛି ।



ସମ୍ବଲପୁର ଅଇଁଠାପାଲି ମହାନଦୀ ଗ୍ରାଣ୍ଡ ହଲଠାରେ ଆୟୋଜିତ ଗଜଲ କାର୍ଯ୍ୟକ୍ରମରେ କଳାକାରମାନେ ।



ବୁର୍ଲାସ୍ଥିତ ଭିମସାର ମେଡିକାଲ କଲେଜ କ୍ୟାନସର ୱାର୍ଡରେ ବୁଧବାର ଏସି ଅଚଳ ହୋଇଯିବାରୁ ରୋଗୀମାନେ ବାହାରେ ବସି ରହିଛନ୍ତି।



ଜୀବନଟା କେବଳ କେତେଗୁଡିଏ ଘଟଣାବଳୀର ସମଷ୍ଟି ନୁହେଁ। ମୁଣ୍ଡ ଭିତରେ ଯେଉଁ ବାତ୍ୟା ପ୍ରବାହିତ ହୁଏ ତାହାହିଁ ପ୍ରକୃତ ଜୀବନ।

- ମାର୍କ ଟ୍ୱେନ

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ମନମୁଣ୍ଡା, ୧୫।୫ (ଡି.ଏନ.ଏ):** ମନମୁଣ୍ଡା ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଗମ୍ଭାରିପଦର ଗ୍ରାମର ଜଣେ ଯୁବକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡିତାଙ୍କ ମା' ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୦୧/୧୯) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ଗତ ଏପ୍ରିଲ ୨୬ ତାରିଖ ପୂର୍ବାହ୍ନ ୧୦ଟା ବେଳେ ନାବାଳିକା ଜଣକ ସିଂହପାଲି ଗ୍ରାମର ଜଣେ ଦର୍ଜିଙ୍କ ପାଖକୁ ଡ୍ରେସ ସିଲାଇ ପାଇଁ ଯାଇଥିଲେ । ବାଟରେ ଏକୁଟିଆ ଥିବାର ସୁଯୋଗ ନେଇ ଯୁବକ ଜଣକ ତାଙ୍କୁ ଅସଦାଚରଣ କରିଥିଲେ । ନାବାଳିକା ଜଣକ ଘରକୁ ଆସି ମା' ବାପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ । ଝିଅର ଭବିଷ୍ୟତକୁ ଦୃଷ୍ଟିରେ ରଖି ତଥା ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ଆଶା ନେଇ ଭଦ୍ରବ୍ୟକ୍ତିମାନଙ୍କ ଉପସ୍ଥିତିରେ ଏକ ସଭା କରାଯାଇଥିଲା। ସଭାରେ ଅଭିଯୁକ୍ତ ଯୁବକ ଦୋଷ ମାନିନେବା ପରିବର୍ତ୍ତେ ପାଲଟା ଧମକ ଚମକ ଦେଇଥିଲେ । ସେଥିରେ ଭୟଭୀତ ହୋଇ ପୀଡିତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ ।

### ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ

**ଝାରବନ୍ଧ, ୧୫।୫ (ଡି.ଏନ.ଏ):** ଝାରବନ୍ଧ ସ୍ଥିତ ଚାନ୍ଦନୀ ଛକଠାରେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଏହି ଅବସରରେ ବୁଧବାର ସକାଳେ ଶିବ ମନ୍ଦିର କଟାରେ ପୂଜାର୍ଚ୍ଚନା କରିବା ପରେ ଏକ ବିରାଟ କଳସ ଶୋଭାଯାତ୍ରା ବାହାରିଥିଲା ଏବଂ କଳସଗୁଡିକ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜାରେ ଡୋଲାମଣି ସାହୁ ଓ ତାଙ୍କ ସ୍ତ୍ରୀ ପଦ୍ମାଳୟା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟପୂଜକ ସନ୍ତୋଷ ଦାଶ ଓ ସାଥି ପୂଜାକାର୍ଯ୍ୟ ସମ୍ପାଦନା କରୁଛନ୍ତି । ମୀନା ବାଗ, ଶିବପ୍ରସାଦ ପଟେଲ, ସୁବାଷ ବେହେରା, ନକୁଳ ସାହୁ ପ୍ରମୁଖ ଯଜ୍ଞକାର୍ଯ୍ୟରେ ସହଯୋଗ କରୁଛନ୍ତି । ଏହି ଯଜ୍ଞରେ ଝାରବନ୍ଧ ଦଳ ସହିତ ଗ୍ରୀଣ୍ଡୋଲା, ବିଶିପାଲି, ପଗାରପାଣି, ବେହେରାଡୁବୁରି, ଚେରୁପାଲି, କୁମ୍ଭୀର, ଭଣ୍ଡାରପୁରୀ, ଭଇଁଷାଦର୍ହା ସଂକୀର୍ତ୍ତନ ଦଳ ଗୁଡିକ ଅଂଶଗ୍ରହଣ କରିଛନ୍ତି। ଏଥିରେ ସମସ୍ତ ଗ୍ରାମବାସୀ ସହଯୋଗ କରୁଥିବା ବେଳେ ଆସନ୍ତା ୧୭ ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

### ପାଣି ପାଇଁ ସଭିଏଁ ହନ୍ତସନ୍ତ

**ଜାମଟିକ୍ରା, ୧୫।୫ (ଡି.ଏନ.ଏ):** ଅତାବିରା ବ୍ଲକରେ ଗତ ସପ୍ତାହେ ହେଲା ଯେଭଳି ନିଆଁ ବର୍ଷୁଛି ତାହା ଅନ୍ୟ ବର୍ଷର ସମସ୍ତ ରେକର୍ଡ ଭାଙ୍ଗିଛି । ଗତ ସାତଦିନ ହେଲା ତାପମାତ୍ରା ୪୨ରୁ ୪୩ ଡିଗ୍ରୀ ରହୁଛି । ଏହାସହ ପ୍ରବଳ ଝାଞ୍ଜି ପବନ ଯୋଗୁ ଦିନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସାରା ଅଞ୍ଚଳ ଶୂନଶାନ ହୋଇପଡୁଛି । ବାରମ୍ବାର ବିଦ୍ୟୁତ ବିଭ୍ରାଟ ପରିସ୍ଥିତିକୁ ଅଧିକ ସଙ୍ଗୀନ କରୁଥିବା ବେଳେ ବ୍ଲକର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳକଷ୍ଟ ଦେଖିବାକୁ ମିଳିଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜଳ ଓ ପରିମଳ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ନଳକୂପ ସଜଡା ଯାଉଥିଲେ ମଧ ଭୂତଳ ଜଳସ୍ତର ହ୍ରାସ ଯୋଗୁ ନଳକୂପ ଗୁଡିକରୁ ଆବଶ୍ୟକ ଜଳ ମିଳୁନାହିଁ। ନଳକୂପଗୁଡିକରେ ୮ଟି ପାଇପ ସଂଯୋଗ କରିବାର ନିର୍ଦ୍ଦେଶ ରହିଥିବା ବେଳେ ମାତ୍ର ୪ରୁ ୫ଟି ପାଇପ ଲଗାଯାଇଥିବା ହେତୁ ନଳକୂପ ଲୋକଙ୍କ ସମସ୍ୟା ଦୂର କରିବାରେ ସମର୍ଥ ହେଉନାହିଁ। ବର୍ତ୍ତମାନ ଗାଁ ଗୁଡିକରେ ଖୋଲାକୂଅ, ପୋଖରୀ ସବୁ ଶୁଖି ଯାଉଥିବାରୁ ଗାଧୋଇବା ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।

### ପତଞ୍ଜଳି ସମିତିର ଯୋଗ ଶିବିର

**ବରପାଲି, ୧୫।୫ (ଡି.ଏନ.ଏ):** ଯୋଗଗୁରୁ ରାମଦେବ ବାବାଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ପତଞ୍ଜଳି ସମିତି ପକ୍ଷରୁ ତିନି ଦିନିଆ ଯୋଗ ଶିବିର ବରପାଲି ଫୁଟବଲ ପଡିଆରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହରିଦ୍ୱାରରୁ ଆସିଥିବା ଯୋଗ ପ୍ରଚାରକ ଓମଦେବ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଯୋଗ, ପ୍ରାଣାୟମ ସହ ନିଜର ଶାରୀରିକ ଓ ମାନସିକ ସ୍ତରରେ ରୋଗକୁ ଦୂର କରି ସୁସ୍ଥ ସବଳ ଏବଂ ନିରୋଗ, ନିରାମୟ ଜୀବନଯାପନ କରିବାକୁ ଯୋଗଗୁରୁ ପ୍ରେରଣା ଦେଇଥିଲେ। ଶିବିରରେ ବହୁ ମହିଳା ପୁରୁଷ ଯୋଗଦେଇ ଯୋଗ ଶିକ୍ଷା ଲାଭ କରିଥିଲେ ।

■ ପୁଣି ଫେରିଲା ତାତି

# ୪୦ ଡିଗ୍ରୀ ଉପରେ ତାପମାତ୍ରା

**ଭେଡ଼େନ, ୧୫।୫ (ଡ଼ି.ଏନ.ଏ)**


କାଳବୈଶାଖି ଜନିତ ବର୍ଷା ଯୋଗୁ ମାତ୍ର ଦୁଇଦିନ ତାତିରୁ ସାମାନ୍ୟ ରିହାତି ପରେ ପୁଣି ଥରେ ଖରାର ପ୍ରକୋପ ଫେରିଛି। ବରଗଡ଼ ଜିଲା ଭେଡ଼େନ ଅଞ୍ଚଳରେ ବୁଧବାର ତାତି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ତାପମାତ୍ରା ପାଖାପାଖି ୪୦ ଡିଗ୍ରୀ ଉପରେ ରହୁଛି। ଦିନ ୧୦ଟାରୁ ବାହାରକୁ ବାହାରିବା କାଠିକର ପାଠ ହୋଇପଡ଼ିଛି। ଏପରି ଗରମରେ କିନ୍ତୁ ଖରାଦିନିଆ ବେପାର ବେଶ୍ ଜମୁଛି । ବିଶେଷ କରି ତାତି ଓ ଖରାଦାଉରୁ ରକ୍ଷା ପାଇଁ ବିଭିନ୍ନ ଥଣ୍ଡା ପାନୀୟର ଚାହିଦା କାହିଁରେ କଣ। ବିଭିନ୍ନ ନାମିଦାମୀ କମ୍ପାନୀର ଥଣ୍ଡା ପାନୀୟ ଲୋକଙ୍କୁ ଆକୃଷ୍ଟ କରୁଥିବା ବେଳେ ଦହି, ଲସି, ଆଖୁରସ, ଲେମ୍ବୁ ସରବତ ଆଦି ପାରମ୍ପରିକ ଥଣ୍ଡା ପାନୀୟ ବିକ୍ରି ବଢ଼ିଛି । ସକାଳେ ଚା'ର ଆଦର ପରି ଦିନସାରା ଲସି ସରବତର ଆଦର ରହିଛି। ଏହାସହ ବରଫ, ଆଇସକ୍ରିମ, ଚୁସକି, ଗୋଲା ଆଦି ବହୁ ମାତ୍ରାରେ ଲୋକମାନଙ୍କୁ ତାତିରୁ ରକ୍ଷା କରିବାରେ ସକ୍ଷମ ହେଉଛି । ପାନୀୟ ସହ ଦେଶୀ ଫଳର ମଧ ଚାହିଦା ଅଛି। ଏବେ ସବୁଠାରୁ ବେଶୀ ଚାହିଦା ଅଛି ତରଭୁଜର। ଆଗରୁ ଗୋଟା ଦରରେ ଏହା ବିକ୍ରି ହେଉଥିବା ବେଳେ ବର୍ତ୍ତମାନ କିଲୋ ୧୦ରୁ ୧୫ ଟଙ୍କାରେ ବିକ୍ରି ଚାଲିଛି। ଏହାସହ ପାଚିଲା ଆମ୍ବ, ତାଲସଜ, କାକୁଡ଼ି ମଧ ଖରାଦିନିଆ ଫଳ ଭାବେ ବିକ୍ରି ହେଉଛି । ଖରା ଯୋଗୁ ସାଧାରଣ ଲୋକେ ବିଶେଷ କରି ତେଲଯୁକ୍ତ ଖାଦ୍ୟ ପରିବର୍ତ୍ତେ ଦହିବରା ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି । ତାତିରେ ସାମାନ୍ୟ ଥଣ୍ଡାର ସ୍ପର୍ଶ ପାଇବା ପାଇଁ ପଙ୍ଖା, କୁଲର, ଏସି, ଫ୍ରିଜ୍ ବିକ୍ରି ବଢ଼ିଛି । ଅନ୍ୟ ବର୍ଷ ଅପେକ୍ଷା ଚଳିତ ବର୍ଷ ଭେଡ଼େନ ବଜାରରେ ଏସି ବିକ୍ରି ଅଧିକ ରହିଛି । ଏଥର ମାଟି ସୁରେଇ, ମାଠିଆ ବିକ୍ରି କମ୍ ରହିଛି। ହାତପଙ୍ଖା, ବିଞ୍ଚଣା, ବେଣାଚେରର ଚାହିଦା ମଧ ବଜାରରେ ରହିଛି। ଏବେ ଖରାରୁ ରକ୍ଷା ପାଇବା ପାଇଁ ପ୍ରାୟ ସମସ୍ତେ ଗାମୁଛା ବ୍ୟବହାର କରୁଛନ୍ତି। ଭେଡ଼େନ ବଜାରରେ ପାଣି ବୋତଲ ପରିବର୍ତ୍ତେ ପାଣି ପାଉଚ୍‌ର ଚାହିଦା ରହିଛି। ପ୍ରତିଦିନ ଶତାଧିକ ବସ୍ତା ପାଣି ପାଉଚ ଭେଡ଼େନ ତଥା ଏହାର ଆଖପାଖ ଗାଁ ଗୁଡ଼ିକରେ ବିକ୍ରି ହେଉଛି। ଏପରି ଖରାତାତି ଆହୁରି ୧୫ ଦିନ ରହିବା ଆଶଙ୍କା କରାଯାଉଛି ।



ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ତେନ୍ତୁଲିଟିକ୍ରା ଅଞ୍ଚଳରେ ଜଣେ କମାର ଦା' ପ୍ରସ୍ତୁତ କରୁଛନ୍ତି ।

## ୪ ବର୍ଷର ଶିଶୁକନ୍ୟାଙ୍କୁ ରକ୍ତ କ୍ୟାନସର

**ସମ୍ବଲପୁର, ୧୫।୫(ବ୍ୟୁରୋ)**



ହୀରାକୁଦର ସତ୍ୟବାନ ବିଶ୍ୱାଳଙ୍କ ୪ ବର୍ଷର ଝିଅ ଆରାଧ୍ୟା। ଝିଅର ଚିକିତ୍ସା ଚିନ୍ତାରେ ପରିବାର ଚିନ୍ତିତ। ଆରାଧ୍ୟାଙ୍କୁ ରକ୍ତ କ୍ୟାନସର ହୋଇଛି। ଚିକିତ୍ସା ପାଇଁ ୫ ଲକ୍ଷ ଟଙ୍କା ଉପରେ ଆବଶ୍ୟକ। ହେଲେ ଏତେ ଟଙ୍କା କେଉଁଠୁ ଯୋଗାଡ ହେବ ତାହା ଆରାଧ୍ୟାଙ୍କ ମା' ବାପାଙ୍କ ଚିନ୍ତା ବଢାଇ

**ଚିକିତ୍ସା ପାଇଁ ଟଙ୍କା ଅଭାବ**

ଦେଇଛି। କେହି ସହୃଦୟ ବ୍ୟକ୍ତି କିମ୍ବା କୌଣସି ଅନୁଷ୍ଠାନ ସହଯୋଗର ହାତ ବଢାଇଲେ ଝିଅକୁ ବଞ୍ଚାଇପାରନ୍ତେ ବୋଲି ସତ୍ୟବାନ ବାଷ୍ପରୁଦ୍ଧ କଣ୍ଠରେ କହିଛନ୍ତି। ଏହି ଦୁଃଖଦ ସମୟରେ ଭିମ୍‌ସାରରେ ଅବସ୍ଥାପିତ ଡାକ୍ତର ଶଙ୍କର ରାମଚନ୍ଦାନୀ ବ୍ୟକ୍ତିଗତ ଭାବେ ଆରାଧ୍ୟାଙ୍କ ଚିକିତ୍ସା ପାଇଁ ସହଯୋଗର ହାତ ବଢାଇଛନ୍ତି। ଆରାଧ୍ୟାଙ୍କ ପାଇଁ ସେ ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି।

### ମହିଳାଙ୍କୁ ବଳାତ୍କାର

**ସମ୍ବଲପୁର, ୧୫।୫ (ଡି.ଏନ.ଏ)**

ସମ୍ବଲପୁର ଧନୁପାଲି ଥାନା ପୋଲିସ ଲକ୍ଷ୍ମଣ ବର୍ମା ନାମକ ଜଣେ ଅଭିଯୁକ୍ତଙ୍କୁ ବଳାତ୍କାର ଅଭିଯୋଗରେ ଗିରଫ କରିଛି । ତାଙ୍କ ଘର ସଦର ଥାନା ଅଧୀନ ସିନ୍ଦୂରପଙ୍କରେ । ଏକ ଦମ୍ପତିଙ୍କୁ ସେ ଆଶ୍ରୟ ଦେଇଥିଲେ । ହେଲେ ସମ୍ପୃକ୍ତ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ଏ ନେଇ ଧନୁପାଲି ଥାନାରେ ଏକ ମାମଲା (ନଂ.୧୬୯/୧୯) ରୁଜୁ ହୋଇଛି । ଏହି ଦମ୍ପତି ବାହାର ରାଜ୍ୟକୁ ଦାଦନ ଯିବା ପାଇଁ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିଲେ । ହେଲେ ଅଭିଯୁକ୍ତ ଜଣେ ବସ ଚାଳକ ହୋଇଥିବାରୁ ସହଯୋଗ କରିବା ଆଳରେ ସିଟି ଷ୍ଟେଶନ ନିକଟ ଏକ ଭଡାଘରେ ନେଇ ରଖିଥିଲେ। ପରେ ତାଙ୍କ ସ୍ୱାମୀଙ୍କୁ ଧନୁକଉଡାସ୍ଥିତ ଏକ ବିସ୍କୁଟ୍ କମ୍ପାନୀରେ କାମ ଯୋଗାଇ ଦେଇଥିଲେ। ସ୍ୱାମୀଙ୍କ ଅନୁପସ୍ଥିତିରେ ସେ ମହିଳାଙ୍କୁ ଅଇଁଲାପାଲିର ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ ।

ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା

## ପଟା ପୋଲରେ ଯାଉଛନ୍ତି ଶ୍ରୀଜୀଉ

**ପୁରୁଣା ଭୁବନେଶ୍ୱର, ୧୫।୫ (ଡି.ଏନ.ଏ.)**


ଅକ୍ଷୟ ତୃତୀୟଠାରୁ ଚାଲିଛି ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା। ୨୨ ଦିନ ଧରି ଅନୁଷ୍ଠିତ ଯାତ୍ରାରେ ଶ୍ରୀଜୀଉମାନେ ବିନ୍ଦୁସାଗରକୁ ଯାଇ ଚାପ କ୍ରୀଡା କରୁଛନ୍ତି। ଚଳିତବର୍ଷ ଠାକୁରଙ୍କ ଚନ୍ଦନ ଯାତ୍ରାରେ ଦିଅଁଙ୍କ ବିଜେ ରାସ୍ତାରେ କାଠ ପଟା ପକାଇବାପରେ ଉପରେ ଦେଇ ସ୍ୱମନ୍ଦିରକୁ ଯାତ୍ରା କରୁଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରଥମ କଥା ହେଲା ୧୫ଦିନ ପୂର୍ବରୁ ଆରମ୍ଭ ହୋଇଥିବା ରଥଦାଣ୍ଡର ତିନିମୁଣ୍ଡିଆ ମନ୍ଦିରଠାରେ ଡ୍ରେନ୍ ନିର୍ମାଣ ପୂର୍ବରୁ ଭାବିବାର ଥିଲା। ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ଯାନିଯାତ୍ରା ୧୨ ମାସରେ ୧୩ ପର୍ବ ରହିଛି। ଅନ୍ୟପକ୍ଷେ ଚନ୍ଦନଯାତ୍ରା ଭଳି ୨୨ ଦିନ ଯାତ୍ରା ପ୍ରତି ସମସ୍ତେ ଅବଗତ ରହିଛନ୍ତି। କାମ ଆରମ୍ଭ ପୂର୍ବରୁ ଦୂରଦୃଷ୍ଟି ରଖି ମନ୍ଦିର ପ୍ରଶାସନ କିମ୍ବା ସେବାୟତ ସମ୍ପୃକ୍ତ ଠିକାଦାରଙ୍କୁ ଅବଗତ କରାଇଥାନ୍ତେ ତାହା ହେଲେ ଏଭଳି ସମସ୍ୟା ଦେଖାଦେଇ ନ ଥାନ୍ତା। ଯାତ୍ରା ସହ ଠାକୁରଙ୍କ ବିଜେ ରାସ୍ତା ସମ୍ପର୍କ ରହିଛି। ଏହା ପରମ୍ପରା ସହ ମଧ ଜଡିତ। ତେଣୁ ଶୀତଳଷଷ୍ଠୀ ମାର୍ଗ ଦେଇ ରଥଦାଣ୍ଡକୁ ଶୋଭାଯାତ୍ରା ବାହାରିବାର ବାଟ ଥିଲେ ହେଁ ଏହା ବିଜେ ରାସ୍ତା ବ୍ୟତିକ୍ରମ ହେବ ତେଣୁ ତତ୍‌କାଳ ପଟା ପକାଇ ଏହି ବାଟେ ଶ୍ରୀଜୀଉମାନଙ୍କୁ ବିରାଜମାନ କରାଯାଉଥିବା ମନ୍ଦିର ସୁରପରଭାଇଜର ତଥା ସେବାୟତ ରାଜକିଶୋର ମହାପାତ୍ର କହିଛନ୍ତି। ଅନ୍ୟପକ୍ଷେ ପଟାରେ ସଂକୋଚିତ ରାସ୍ତାରେ, ଉଭୟପାର୍ଶ୍ୱରେ ବାଲି ଏବଂ ଗୋଡି ଗଦା ହୋଇ ରହିଛି। ବିମାନ ଏବଂ ପାଲିଙ୍କି ବହନ କରୁଥିବା ସେବାୟତମାନଙ୍କ ପାଇ ଏହା ବଡ ସମସ୍ୟା ସୃଷ୍ଟି କରୁଥିବା ସେମାନେ ନାମ ଗୋପନ ରଖି କହିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବିଭାଗ ଠାକୁରଙ୍କ ବିଜେ ରାସ୍ତାକୁ ସମ୍ପନ୍ନ କରାଇଲେ ବାକି ରହିଥିବା ଚନ୍ଦନଯାତ୍ରାର ଅନ୍ୟ ଦିନଗୁଡିକରେ ସମସ୍ୟା ରହନ୍ତା ନାହିଁ ବୋଲି ଦାବି ହୋଇଛି।

■ ବୈଶାଖି ମେଳାର ତୃତୀୟ ଦିବସ

## ୩୨ ହଜାର ନୃସିଂହ ବୀଜମନ୍ତ୍ର ଜପ

**ପାଇକମାଳ, ୧୫।୫(ଡି.ଏନ.ଏ)**

ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମ ଉତ୍ସବ ତଥା ବୈଶାଖି ମେଳାର ବୁଧବାର ତୃତୀୟ ଦିବସରେ ବିଶ୍ୱଶାନ୍ତି ହରିଯଜ୍ଞ ଆରମ୍ଭ ହୋଇଛି । ୧୧ ଜଣ ଦକ୍ଷ ପଣ୍ଡିତଙ୍କ ସହ ମୋଟ ୧୯ ଜଣ ପଣ୍ଡିତଙ୍କ ଦ୍ୱାରା ୩୨ ହଜାର ନୃସିଂହ ବୀଜମନ୍ତ୍ର ଜପ କରାଯାଇଛି। ପ୍ରତି ଦିନ ସକାଳ ୮ଟାରୁ ୪ଟା ପର୍ଯ୍ୟନ୍ତ ଜପ ଓ ପୂଜା କାମ ହେଉଥିବା ବେଳେ ସନ୍ଧ୍ୟା ୭ ଟାରେ ଆଳତୀ କରାଯାଉଛି। ମୁଖ୍ୟ ପଣ୍ଡିତ ସୁବାଷ ଚନ୍ଦ୍ର ଦେବତାଙ୍କ ତତ୍ତ୍ୱାବଧାନରେ ବୀଜମନ୍ତ୍ର ଚାଲୁ ରହିଛି। ମେଳା ପରିସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଣିଛତ୍ର କରାଯାଇଛି ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି । ସେହିପରି ଗୁରୁବାର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ସିଂହଦ୍ୱାର ମଣ୍ଡପରେ ସଂଚାର ସମ୍ପ୍ରଦା, ଦାସ କାଠିଆ ପ୍ରବଚନ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷିତ ହେବ। ମାର୍ଜାର କେଶରୀ ମଣ୍ଡପରେ ଭଜନ, ଅର୍କେଷ୍ଟ୍ରା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ବିନ୍ଧ୍ୟବାସିନୀ ମଣ୍ଡପରେ ହାସ୍ୟକବି ସମ୍ମିଳନୀରେ ହରିଲାଲ ସାହୁ, ରାମ ପ୍ରସାଦ ବାଗ, ଅଧିକାରୀ ସା, ମୁନିରାମ କୁମ୍ଭାର, ଧର୍ମ ଭୁଏ ହାସ୍ୟ କବିତା ପରିବେଷଣ କରିବେ । ସେହିପରି ଲୋକ ନାଟକ ମୁଷିକ ଦୈତ୍ୟ ଦରବାର ପରିବେଷିତ ହେବ ବୋଲି ଜଣାପଡିଛି ।



ବିଶ୍ୱଶାନ୍ତି ହରିଯଜ୍ଞରେ ନୃସିଂହ ବୀଜମନ୍ତ୍ର ଜପ ଚାଲିଛି ।

### ବିଦ୍ୟୁତ୍ ସଂଯୋଗ ହୋଇନି, ବିଲ୍ ଆସୁଛି


**ମନମୁଣ୍ଡା, ୧୫।୫ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡା ବିଦ୍ୟୁତ ବିଭାଗ ଅନ୍ତର୍ଗତ ବିଳାସପୁର ପଞ୍ଚାୟତ ଖଇରହଣା ଗ୍ରାମର କେତେକ ଉପଭୋକ୍ତାଙ୍କୁ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ଦେବାର ବ୍ୟବସ୍ଥା କରାଯାଇଥିଲା। ତଦନୁଯାୟୀ ଉକ୍ତ ଗ୍ରାମର ଦଫେ ଜାନୀ, ବଦନ ମହାନନ୍ଦିଆ, ଲଙ୍କେଶ୍ୱର ଜାନୀ, ହେମନ୍ତ ବାଘ, ହରିଜାନୀ, ଦୁଃଖି କଠାର, ଜଗଦୀଶ ଭୋଇ, ମଦନ ମହାନନ୍ଦିଆ, କାଳିଆ କଠାର, ଅଚ୍ୟୁତ ଭୋଇ, ମିଥିଳା ଜାନୀ ଓ ବାହାଦୁଲ କଠାର ପ୍ରମୁଖ ୧୨ଜଣଙ୍କ ଘରେ ବିଦ୍ୟୁତ ଉପକରଣ ଖଞ୍ଜା ଯାଇଛି । ଉପଭୋକ୍ତାଙ୍କୁ ବଲ୍‌ବ ଦିଆଯାଇନାହିଁ। ବିଦ୍ୟୁତ ଖୁଣ୍ଟରୁ ଘର ପର୍ଯ୍ୟନ୍ତ ତାର ଲମ୍ବାଇ ଠିକାଦାର ତା କାମ ସାରିଦେଇଛି । ୮ ମାସ ବିତିଯାଇଥିବା ବେଳେ ଅଦ୍ୟାବଧି ବିଦ୍ୟୁତ ସଂଯୋଗ ଦିଆଯାଇନାହିଁ। ମାତ୍ର ଉକ୍ତ ହିତାଧିକାରୀମାନଙ୍କୁ ବିନା ବିଦ୍ୟୁତ ସଂଯୋଗରେ ଗତ ଫେବୃୟାରୀରୁ ଏପ୍ରିଲ ପର୍ଯ୍ୟନ୍ତ ତିନି ମାସ ପାଇଁ ୬୫୫ ଟଙ୍କା ବିଭାଗ ତରଫରୁ ବିଲ୍ ଦିଆଯାଇଛି। ଏହାକୁ ନେଇ ହିତାଧିକାରୀ ଚିନ୍ତାରେ ପଡିଛନ୍ତି । ଏ ନେଇ ବିଦ୍ୟୁତ ବିଭାଗ ଯନ୍ତ୍ରୀ ସୁଶାନ୍ତ ଖଟୁଆଙ୍କୁ ପଚାରିବାରୁ ସେ କହିଲେ, ଏ ନେଇ ସେ ତଦନ୍ତ କରି ବିହିତ ପଦକ୍ଷେପ ନେବେ । ହିତାଧିକାରୀ ଯେପରି ହଇରାଣ ନ ହେବେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ସେ କହିଥିଲେ ।

## ସଡ଼କ ସୁରକ୍ଷା ସେମିନାର

**ରେଙ୍ଗାଲି, ୧୫।୫ (ଡି.ଏନ.ଏ.)**

ରେଙ୍ଗାଲିରେ ବୁଧବାର ସଡକ ସୁରକ୍ଷା ଉପରେ ଏକ ସେମିନାର ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ, ହରିହର ନାଥ, ରେଙ୍ଗାଲି ଦମକଳ କେନ୍ଦ୍ରର ଅଗ୍ନିଶମ ଅଧିକାରୀ ପ୍ରସନ୍ନ ବେହେରା ଅତିଥି ଭାବରେ ଯୋଗ ଦେଇଥିଲେ। ରାସ୍ତାରେ ଚାଲିବା ବେଳେ ଓ ଗାଡିମାଟର ଚଳାଇଲା ସମୟରେ ଆମେ କେଉଁ ସବୁ ସାବଧାନତା ଅବଲମ୍ବନ କରିବା ସେ ବିଷୟରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଧନେଶ୍ୱରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




ରେଙ୍ଗାଲିରେ ବୁଧବାର ସଡକ ସୁରକ୍ଷା ଉପରେ ଆୟୋଜିତ ସେମିନାରରେ ଅତିଥିମାନେ।

## ସଙ୍ଗୀତଗୁରୁ ଧରଣୀଧର ଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

**କୋଲାବିରା, ୧୫।୫(ଡି.ଏନ.ଏ.)**

ସମାସିଂହାସ୍ଥିତ ଧରଣୀଧର ସଙ୍ଗୀତ ପରିଷଦ ପରିସରରେ ସଙ୍ଗୀତଗୁରୁ ଧରଣୀଧର ଚାନ୍ଦଙ୍କ ପଞ୍ଚମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାପତି ତୁଳାରାମ ସେନାପତି ଏଥିରେ ସଭାପତିତ୍ୱ କରିଥିଲେ। ଗୁରୁଚରଣ ସାହୁ, କରୁଣାକର ସେଠ୍, ମଦନ ମୋହନ ପଟେଲ, ମୋହନ ପଟେଲ, ଗୌରୀଶଙ୍କର ନାଏକ, ସଚ୍ଚିନ୍ଦ୍ର ପଟେଲ, ଜନେକରାମ ପଟେଲ, କୌଶଳ ଜୟପୁରିଆ, ପୂର୍ଣ୍ଣ ଚାନ୍ଦ, କ୍ଷୀରୋଦ କୁମ୍ଭାର, ଲକ୍ଷ୍ମୀନାରାୟଣ ବାଗ, ଭୀଷ୍ମଦେବ ପଟେଲ, ଦିଲୀପ ସେନାପତି, ନିର୍ମଳ ଚାନ୍ଦ, ଅତୁଲ୍ୟଚାନ୍ଦ ପ୍ରମୁଖ ଯୋଗ ଦେଇ ଧରଣୀଧରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେଇଥିଲେ।



ସଙ୍ଗୀତଗୁରୁ ଧରଣୀଧର ଚାନ୍ଦଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବ୍ୟକ୍ତିବିଶେଷ ।

■ ଜବରଦଖଲରେ ଗୋଚର ଜମି

## ଗୋରୁ ଚରିବାକୁ ଜାଗା ନାହିଁ

**ଜାମଟିକ୍ରା, ୧୫।୫ (ଡି.ଏନ.ଏ)**

ଅତାବିରା ବ୍ଲକ ଅଞ୍ଚଳରେ ଶହ ଶହ ଏକର ଗୋଚର ଜମି ଥିଲେ ମଧ ଆଜି ଜବରଦଖଲ ଯୋଗୁ ଗାଈ ଗୋରୁ ଚରିବା ଲାଗି ସାମାନ୍ୟ ଜାଗା ନାହିଁ। ଫଳରେ ଏହାର ପ୍ରତିକୂଳ ପ୍ରଭାବ ଅଞ୍ଚଳର ପ୍ରାଣୀ ସମ୍ପଦ ଉପରେ ପଡୁଛି। ବିଗତ ଦିନରେ ଗୋରୁ ଗାଈ, ଛେଳି, ମେଣ୍ଢା, ମହିଷିଙ୍କ ପାଇଁ ଗୋଚର ଜମି ସବୁ ଖାଦ୍ୟ ଭଣ୍ଡାର ସାଜିଥିଲା । ଏବେ ପ୍ରାଣୀ ସମ୍ପଦ ପାଇଁ ଛିଡା ହେବାକୁ ସ୍ଥାନ ନାହିଁ । ଆଜି ଦୟନୀୟ ଅବସ୍ଥାରେ ପ୍ରାଣୀ ସମ୍ପଦ ରାଜରାସ୍ତା, ଗଛମୂଳେ, ନଦୀ କୁଳିଆ ଟାଙ୍ଗରା ଭୂଇଁ ଗୁଡିକରେ ଖାଦ୍ୟ ଅନ୍ୱେଷଣରେ ବୁଲୁଛନ୍ତି । ବିଶେଷ କରି ଅତାବିରା ବ୍ଲକର ଜଳସେଚିତ ଅଞ୍ଚଳରେ ଜବରଦଖଲକାରୀଙ୍କ ସଂଖ୍ୟା ବଢ଼ିବା ଫଳରେ ଗୋ ଚାରଣ ଭୂମି ବିଲୁପ୍ତ ହେବାକୁ ବସିଲାଣି । ତେଣୁ ସରକାର ପ୍ରାଣୀ ସମ୍ପଦର ସୁରକ୍ଷାକୁ ଦୃଷ୍ଟିରେ ରଖି ଗୋଚର ଜମି ଜବରଦଖଲ ଉଚ୍ଛେଦ କରିବାକୁ ସଚେତନ ନାଗରିକ ମହଲରେ ଦାବି ହେଉଛି । ଏ ସମ୍ପର୍କରେ ଅତାବିରା ତହସିଲଦାର ହୃଦାନନ୍ଦ ଅଡାଙ୍କୁ ପଚାରିବାରୁ ଗୋଚର ଜମି କିଭଳି ଜବରଦଖଲମୁକ୍ତ ହେବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

## ସିଲିଂ ଜମି ଦଖଲ ପାଇଁ ଫେରାଦ

**ବରଗଡ଼ ଅଫିସ୍, ୧୫।୫**

ବରଗଡ଼ ଜିଲା ପାଇକମାଳ ବ୍ଲକ ଅଞ୍ଚଳରେ ଗରିବ ଲୋକଙ୍କୁ ଲିଜ୍ ତଥା ସିଲିଂ ସୂତ୍ରରେ ମିଳିଥିବା ଜମି ଏପର୍ଯ୍ୟନ୍ତ ଅଞ୍ଚଳର କିଛି ପ୍ରଭାବଶାଳୀ ଲୋକଙ୍କ କବ୍‌ଜାରେ ରହିଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ଗତ କିଛିଦିନ ତଳେ ଅଞ୍ଚଳର ଜଣେ ଲୋକ ଜିଲାପାଳ ଅଫିସ ଆଗରେ ଅନଶନରେ ବସିଥିବାବେଳେ ସୋମବାର ଏହି ବ୍ଲକ ଅନ୍ତର୍ଗତ ଭେଙ୍ଗରାଜପୁର ଗ୍ରାମର ୪ଜଣ ସ୍ୱପ୍ନ କୁମ୍ଭାର, ଶ୍ରୀକର ବିଭାର, ଶାନ୍ତିଲାଲ ସୁନା ଏବଂ ଲବ ବରିହା ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଏ ନେଇ ସେମାନେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସରକାର ଗତ ୧୯୭୬ ମସିହାରୁ ସେମାନଙ୍କୁ ସିଲିଂ ସୂତ୍ରରେ ଜମି ଦେଇଥିଲେ। ସେହିଦିନଠାରୁ ସେମାନେ ଖଜଣା ମଧ୍ୟ ପଇଠ କରି ଆସୁଛନ୍ତି । ଏଭଳି ଭାବେ ସ୍ୱପ୍ନ ୧ଏକର ୭୫ଡେସିମିଲର ଜମିପଟ୍ଟା ପାଇଥିଲେ । ଏ ବାବଦକୁ ସେ ପ୍ରତିବର୍ଷ ଖଜଣା ମଧ୍ୟ ପଇଠ କରି ଆସୁଛନ୍ତି। ହେଲେ ସେହି ଜମି ନିଜ ଦଖଲକୁ ନେଇ ପାରୁ ନ ଥିବା ସେ କହିଛନ୍ତି । କେବଳ ସ୍ୱପ୍ନ ନୁହଁନ୍ତି, ତାଙ୍କ ଗ୍ରାମର ଏଭଳି ୧୨ ପରିବାର ସିଲିଂ ଜମି ଲିଜ୍ ସୂତ୍ରରେ ପାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଦଖଲକୁ ନେଇ ପାରୁ ନାହାନ୍ତି ଏବଂ ଗ୍ରାମର ପ୍ରଭାବଶାଳୀ ଲୋକେ ତାକୁ ନିଜ ଦଖଲରେ ରଖିଥିବା ଅଭିଯୋଗ ହୋଇଛି । ଏ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।




ସିଲିଂ ଜମି ଦଖଲ ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଲୋକେ ।



ଇରାନ୍ ସହ ଆମେ ଯୁଦ୍ଧ ଚାହୁଁନାହୁଁ। ୱାଶିଂଟନ୍‌ର ସ୍ୱାର୍ଥ ଉପରେ ଆକ୍ରମଣ ହେଲେ, ଏହାର ଦୃଢ଼ ଜବାବ୍ ଦିଆଯିବ।
-ମାଇକ ପମ୍ପିଓ,
ଆମେରିକାର ପରରାଷ୍ଟ୍ର ସଚିବ

# ଦିଲ୍ଲୀରେ ପହଞ୍ଚିଲା କୋଲକାତା ବିବାଦ

**ନୂଆଦିଲ୍ଲୀ,୧୫।୫(ପି.ଟି.)**




କୋଲକାତାରେ ସୃଷ୍ଟି ହୋଇଥିବା ବିବାଦ ଦିଲ୍ଲୀରେ ପହଞ୍ଚିଛି। ମଙ୍ଗଳବାର କୋଲକାତାରେ ଭାଜପା ଅଧ୍ୟକ୍ଷ ଅମିତ୍ ଶାହଙ୍କ ମେଗା ରୋଡ୍ ଶୋ' ବେଳେ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା। ରୋଡ ଶୋ' ବେଳେ ଟିଏମ୍‌ସି କର୍ମୀ କଳାପତାକା ଦେଖାଇଥିଲେ। ପରେ କୋଲ୍‌କାତାର ବିଧାନ ସରଣୀଠାରେ ଶାହଙ୍କ ଶୋଭାଯାତ୍ରା ଉପରକୁ ଢେଲାମାଡ଼ କରାଯିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଟିଏମ୍‌ସି ଛାତ୍ର ଶାଖାର କର୍ମକର୍ତ୍ତା ଓ ଭାଜପା କର୍ମୀଙ୍କ ମଧ୍ୟରେ ବଚସା ପରେ ଗଣ୍ଡଗୋଳ ଉଗ୍ର ରୂପ ଧାରଣ କରିଥିଲା। କୋଲକାତା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପରିସରରେ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା। ସେହିଭଳି କଲେଜ୍ ଷ୍ଟ୍ରିଟ୍ ନିକଟରେ ସଂଘର୍ଷ ହେବାରୁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଖ୍ୟାତନାମା ସମାଜ ସଂସ୍କାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ କଲେଜ ହଷ୍ଟେଲ୍ ନିକଟରେ ମାଡ଼ପିଟ୍ ହେବା ସହ ବିଭିନ୍ନ ସ୍ଥାନରେ ପୋଡ଼ାଜଳା କରାଯାଇଥିଲା। ଶାହଙ୍କ କାର୍‌କେଡ ଉପରେ ଆକ୍ରମଣ ଓ ହିଂସାକାଣ୍ଡ ବିରୋଧରେ ବୁଧବାର ଦିଲ୍ଲୀର ଯନ୍ତରମନ୍ତରଠାରେ ଭାଜପା ପକ୍ଷରୁ ନୀରବ ପ୍ରତିବାଦ କରାଯାଇଥିଲା। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ଲାଗି ଭାଜପାକୁ ଦାୟୀ କରି ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି।

■ ଯନ୍ତରମନ୍ତରରେ ଭାଜପାର ବିକ୍ଷୋଭ
■ ହିଂସା ଲାଗି ଟିଏମ୍‌ସିକୁ ଦାୟୀ କଲେ ଅମିତ୍ ଶାହ

ଯନ୍ତରମନ୍ତରରେ ଭାଜପାର ନୀରବ ପ୍ରତିବାଦ ସଭାରେ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀଥାରାମନ୍, ଜିତେନ୍ଦ୍ର ସିଂ, ବିଜୟ ଗୋୟଲ ଏବଂ ହର୍ଷବର୍ଦ୍ଧନ ପ୍ରମୁଖ ଯୋଗଦେଇଥିଲେ। ସେମାନେ କଳାପଟି ପିନ୍ଧି ଓଠରେ ଆଙ୍ଗୁଠି ଚାପି ବସିରହିଥିବା ଦେଖାଯାଇଥିଲା। ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗଣତନ୍ତ୍ରର କଣ୍ଠରୋଧ କରିଛନ୍ତି ବୋଲି ଭାଜପା ନେତାମାନେ ଅଭିଯୋଗ କରିଥିଲେ। ମଙ୍ଗଳବାର ଟିଏମ୍‌ସି କର୍ମୀମାନେ ଯେଭଳି ଆକ୍ରମଣ କଲେ ସିଆର୍‌ପିଏଫ୍ ଯବାନ ନ ଥିଲେ ଭାଜପା ଅଧ୍ୟକ୍ଷ ଶାହ ନିରାପଦରେ ଫେରି ନ ଥାନ୍ତେ ବୋଲି ସୀଥାରାମନ୍ ଖବରଦାତାମାନଙ୍କୁ କହିଛନ୍ତି। ନିର୍ବାଚନରେ ପରାଜିତ ହେବା ଜାଣି ମମତା ବିବ୍ରତ ହୋଇପଡିଛନ୍ତି ଏବଂ ହିଂସାକାଣ୍ଡ ସୃଷ୍ଟିକରିବାକୁ ଦଳୀୟ କର୍ମୀମାନଙ୍କୁ ଉସୁକାଉଥିବା ସୀଥାରାମନ ଅଭିଯୋଗ କରିଛନ୍ତି। ଖ୍ୟାତନାମା ସଂସ୍କାରକ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ବନ୍ଦ କୋଠରିରେ ଥିବାବେଳେ କିପରି ଭାଙ୍ଗିଲା ବୋଲି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କ୍ୟାମ୍ପସ୍ ପରିସରରେ ଥିବା ତୃଣମୂଳ କଂଗ୍ରେସ କର୍ମୀ ଏଥିପାଇଁ ଦାୟୀ ବୋଲି ସେ କହିଛନ୍ତି।

କୋଲକାତା ରୋଡ ଶୋ'ରେ ହିଂସା ଲାଗି ଶାସକ ଟିଏମ୍‌ସିକୁ ଦାୟୀ କରିଛନ୍ତି ଅମତ୍ ଶାହ। ନିର୍ବାଚନ କମିଶନ ନୀରବ ରହି ରାଜ୍ୟରେ ରିଗିଂ ଓ ହିଂସାକୁ ପ୍ରଶ୍ରୟ ଦେଉଥିବା ସେ ଅଭିଯୋଗ କରିଛନ୍ତି। ମେ ୨୩ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ମମତାଙ୍କ କ୍ଷମତାରେ ରହିବା ଦିନର ଓଲଟା ଗଣନା ଆରମ୍ଭ ହୋଇଯିବ ବୋଲି ସେ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ବସିରହାଟଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରିବା ଅବସରରେ ମମତାଙ୍କ ଉପରେ ବର୍ଷିଛନ୍ତି। ନିର୍ବାଚନରେ ହାରିବା ନିଶ୍ଚିତ ଜାଣି ଟିଏମ୍‌ସି ଏହାର ଗୁଣ୍ଡାମାନଙ୍କୁ ହିଂସାକାଣ୍ଡ ପାଇଁ ଛାଡିଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ପଶ୍ଚିମବଙ୍ଗରେ ଭାଜପା ଲହର ଦିଦିଙ୍କୁ ଭୟଭୀତ କରିଛି ଏବଂ ସେ ଯେକୌଣସି ସ୍ତରକୁ ଯିବାକୁ ପ୍ରସ୍ତୁତ ଅଛନ୍ତି। ଶାହଙ୍କ ରୋଡ ଶୋ'ରେ ହିଂସାକାଣ୍ଡ ପାଇଁ ପ୍ରଧାନମନ୍ତ୍ରୀ ଟିଏମ୍‌ସିକୁ ଦାୟୀ କରିଛନ୍ତି।

## ଇସିଙ୍କ ଦ୍ୱାରସ୍ଥ ହେଲା ଟିଏମ୍‌ସି

**ନୂଆଦିଲ୍ଲୀ,୧୫।୫(ପି.ଟି.):** ଟିଏମ୍‌ସି ମଧ କୋଲକାତା ରୋଡ ଶୋ ହିଂସାକାଣ୍ଡ ଏବଂ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ପାଇଁ ଭାଜପାକୁ ଦାୟୀ କରିଛି। ଭାଜପା ଗୁଣ୍ଡାମାନେ ପ୍ରତିମୂର୍ତ୍ତି ଭାଙ୍ଗିଥିବାର ଭିଡିଓ ଟିଏମ୍‌ସି ପକ୍ଷରୁ ଜାରି କରାଯାଇଛି। ଦଳୀୟ ଏମ୍‌ପି ଡେରେକ୍ ଓବ୍ରାଏନ୍, ସୁଖେନ୍ଦୁ ଶେଖର ରାୟ୍, ମନୀଷ୍ ଗୁପ୍ତା, ନଦିମୁଲ୍ ହକ୍ ଏହି ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ ଭେଟି ସେମାନଙ୍କ ଅଭିଯୋଗର ପ୍ରମାଣ ସ୍ୱରୂପ ଉକ୍ତ ଭିଡିଓ ଉପସ୍ଥାପନ କରିଛନ୍ତି। ଏହି ଭିଡିଓ ଭାଜପାର କାର୍ଯ୍ୟକଳାପକୁ କେବଳ ସ୍ପଷ୍ଟ କରୁନାହିଁ, ଏହାର ଅଧ୍ୟକ୍ଷ ଅମିତ ଶାହ ଜଣେ ମିଛୁଆ ଓ ଧୋକାବାଜ୍ ବୋଲି ପ୍ରମାଣିତ କରିଛି। କୋଲକାତାର ରାସ୍ତାଘାଟରେ ଉତ୍ତେଜନା ଦେଖାଦେଇଛି। ମଙ୍ଗଳବାରର ଘଟଣା ବେଙ୍ଗଲୀ ଗର୍ବକୁ ଆଘାତ ଦେଇଥିବା ଓବ୍ରାଏନ୍ କହିଛନ୍ତି। କିଛି ଲୋକ ଉଦ୍ଦେଶ୍ୟମୂଳକ ଭାବେ ବିଦ୍ୟାସାଗର କଲେଜ୍ ଗେଟ ଭାଙ୍ଗିବାକୁ ଉଦ୍ୟମ କରୁଥିବା ଏବଂ ପ୍ରାଚୀର ଡେଇଁ କ୍ୟାମ୍ପସ୍ ଭିତରେ ପ୍ରବେଶ କରୁଥିବା ଗୋଟିଏ ଭିଡିଓରୁ ଦେଖିବାକୁ ମିଳିଛି। ଅନ୍ୟ ଏକ ଭିଡିଓ ଏବଂ ହ୍ୱାଟ୍ସଆପ୍ ବାର୍ତ୍ତାରେ ଭାଜପା ସମର୍ଥକମାନଙ୍କୁ ଲୁହାରଡ଼ ଏବଂ ଅସ୍ତ୍ର ଧରି ଶାହଙ୍କ ରୋଡ ଶୋ'ରେ ଭାଗ ନେବା ଲାଗି କୁହାଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ପ୍ରମାଣିତ କରିବା ଲାଗି ତାଙ୍କ ଦଳ ପାଖରେ ଏଭଳି ୪୪ଟି ଭିଡିଓ ରହିଥିବା ଟିଏମ୍‌ସି ଏମ୍‌ପି କହିଛନ୍ତି।



ବୁଧବାର ଗୁର୍‌ଦାସପୁରର ଦିନନଗରଠାରେ ପୁଅ ତଥା ଭାଜପା ପ୍ରାର୍ଥୀ ସନି ଦେଓଲଙ୍କ ପାଇଁ ପ୍ରଚାର କରୁଛନ୍ତି ବର୍ଷୀୟାନ ବଲିଉଡ ଅଭିନେତା ଧର୍ମେନ୍ଦ୍ର।

## ଶେଷ ପର୍ଯ୍ୟାୟ ଭୋଟ ଲାଗି ପ୍ରଚାର ଜୋରଦାର

**ନୂଆଦିଲ୍ଲୀ,୧୫।୫**

ଲୋକ ସଭା ନିର୍ବାଚନର ଚୂଡାନ୍ତ ପର୍ଯ୍ୟାୟ ମତଦାନ ଆସନ୍ତା ରବିବାର ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିପାଇଁ ପ୍ରଚାର ଜୋରଦାର ହୋଇଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପୂର୍ବରୁ ଭିନ୍ନ ଭିନ୍ନ ସ୍ଥାନରେ ଏକାଧିକ ସଭା ଅନୁଷ୍ଠିତ ହୋଇଥିଲା। ସପ୍ତମ ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତର୍ଗତ ୫୯ଟି ଆସନରେ ଭୋଟଗ୍ରହଣ କରାଯିବ। ଏହିସବୁ ଆସନଗୁଡିକର ଫଳାଫଳ ନିର୍ଣ୍ଣାୟକ ଭୂମିକା ନେବାକୁ ଥିବାରୁ ପ୍ରମୁଖ ଦଳଗୁଡିକ ସେମାନଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ବିହାର ପଲିଗଞ୍ଜରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବା ସହ ଝାଡଖଣ୍ଡର ଦେଓଘର, ପଶ୍ଚିମବଙ୍ଗର ହାସନାବାଦ ଏବଂ ଡାଇମଣ୍ଡ ହାର୍ବର ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲା। ସେହିପରି ଭାଜପା ଅଧ୍ୟକ୍ଷ ଅମିତ ଶାହା ମଧ୍ୟପ୍ରଦେଶର ଧର୍ ଏବଂ ଅଲିରାଜପୁରରେ, ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ, ଯୋଗୀ ଆଦିତ୍ୟନାଥ ଏବଂ ମନୋଜ ତିୱାରୀ ବିଭିନ୍ନ ସଭାରେ ଉଦ୍‌ବୋଧନ ଦେଇଥିଲେ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପଞ୍ଜାବର ଫରିଦକୋଟ ଏବଂ ଲୁଧିଆନା ସଭାକୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ଥିବାବେଳେ ଦଳ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବାରାଣସୀର ଏକ ରୋଡ ଶୋରେ ଭାଗ ନେଇଥିଲେ। ଏହାବ୍ୟତୀତ ଏସପି-ବିଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟ ପକ୍ଷରୁ ଉତ୍ତରପ୍ରଦେଶର ମାଉ ଓ ଦେଓରିଆ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲା। ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶର ୧୩ ଆସନ, ପଞ୍ଜାବର ସମସ୍ତ ୧୩ ଆସନ, ପଶ୍ଚିମବଙ୍ଗର ୯, ବିହାର ଓ ମଧ୍ୟପ୍ରଦେଶର ୮ଟି ଲେଖାଏ, ହିମାଚଳପ୍ରଦେଶର ସମସ୍ତ ୪ ଆସନ, ଝାଡଖଣ୍ଡର ୩ ଏବଂ ଚଣ୍ଡିଗଡ଼ର ଏକମାତ୍ର ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପରେ ୨୩ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ କରାଯିବ। ୧୯ ତାରିଖ ଶେଷ ପର୍ଯ୍ୟାୟ ମତଦାନ ଲାଗି ନିର୍ବାଚନ କମିଶନ ବୁଧବାର ପର୍ଯ୍ୟବେକ୍ଷକ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ସମୀକ୍ଷା ବୈଠକ କରିଥିଲେ।

## ହାଫିଜ୍ ସଇଦ୍‌ଙ୍କ ଭିଣୋଇ ଗିରଫ

**ଲାହୋର,୧୫।୫ :** ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟର୍‌ମାଇଣ୍ଡ୍ ତଥା ଆତଙ୍କବାଦୀ ସଙ୍ଗଠନ ଜମାତ୍ ଉଦ୍ ଦାୱା(ଜେୟୁଡି)ର ସର୍ବୋଚ୍ଚ ନେତା ହାଫିଜ୍ ସଇଦ୍‌ଙ୍କ ଭିଣୋଇ ହାଫିଜ୍ ଅବଦୁର୍ ରହମନ୍ ମକ୍କିଙ୍କୁ ଗିରଫ କରାଯାଇଛି। ପାକିସ୍ତାନ ସରକାରଙ୍କ ବିରୋଧରେ ଗୁଜରାନ୍‌ୱାଲାରେ ଘୃଣ୍ୟ ମନ୍ତବ୍ୟ ଦେଇ ସମାଲୋଚନା କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ ବୁଧବାର କହିଛି। ମକ୍କି ଜେୟୁଡିର ରାଜନୈତିକ ଓ ଅନ୍ତର୍ଜାତୀୟ ଶାଖା ଦାୟିତ୍ୱରେ ଥିଲେ। ହାଫିଜ୍‌ଙ୍କୁ ଆମେରିକା ବିଶ୍ୱ ଆତଙ୍କବାଦୀ ଘୋଷଣା କରିସାରିଥିଲା ବେଳେ ୨୦୧୨ରୁ ତାଙ୍କ ବିରୋଧରେ ୧୦ ନିୟୁତ ଆମେରିକୀୟ ଡଲାର ଘୋଷଣା କରିସାରିଛି।





ବିହାର ରାଜଧାନୀ ପାଟନାସ୍ଥିତ ବାଲିଗଞ୍ଜରେ ଅନୁଷ୍ଠିତ ଏକ ନିର୍ବାଚନ ର୍‌ୟାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରାଜ୍ୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଏଲ୍‌ଜେପି ମୁଖ୍ୟ ରାମବିଳାସ ପାଶ୍ୱାନ।

## ଭାଜପା ୩୦୦ରୁ ଊର୍ଦ୍ଧ୍ୱ ଆସନ ଜିତିବ: ଶାହ

**ନୂଆଦିଲ୍ଲୀ,୧୫।୫**

ଚଳିତ ଲୋକ ସଭା ନିର୍ବାଚନରେ ଭାଜପା ୩୦୦ରୁ ଊର୍ଦ୍ଧ୍ୱ ଆସନରେ ବିଜୟୀ ହେବ ବୋଲି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ପ୍ରକାଶ କରିଛନ୍ତି। ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଶେଷ ସୁଦ୍ଧା ଦଳକୁ ମ୍ୟାଜିକ୍ ନମ୍ବର (୨୭୨) ମିଳିସାରିଛି। ସପ୍ତମ ତଥା ଶେଷ ପର୍ଯ୍ୟାୟ ମତଦାନ ଶେଷହେବା ପରେ ଭାଜପା ଆସନ ସଂଖ୍ୟା ୩୦୦ ଟପିଯିବ ବୋଲି ଶାହ କହିଛନ୍ତି। ମୋଟ ୫୪୩ ଆସନରୁ ୧୯ ତାରିଖରେ ହେବାକୁ ଥିବା ଶେଷ ପର୍ଯ୍ୟାୟରେ ୫୯ଟି ଆସନ ଲାଗି ଭୋଟ ହେବ। ମୋଦିଙ୍କ ନେତୃତ୍ୱରେ ପୁଣି ଏନ୍‌ଡିଏ ସରକାର କ୍ଷମତାକୁ ଫେରିବ ବୋଲି ସେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ପ୍ରକାଶଥାଉକି, ୨୦୧୪ରେ ଭାଜପାକୁ ମୋଟ ୨୮୨ଟି ଆସନ ମିଳିଥିବାବେଳେ କଂଗ୍ରେସକୁ ମାତ୍ର ୪୪ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।



■ କଂଗ୍ରେସ ବିଧାୟକଙ୍କୁ ଆକ୍ରମଣ

## ୟୁପି ସରକାରକୁ ଦୋଷଦେଲେ ପ୍ରିୟଙ୍କା

**ରାଏ ବରେଲି,୧୫।୫**



ୟୁପିର ରାଏବରେଲି ବିଧାୟକ ଅଦିତି ସିଂଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦିଛନ୍ତି। ଏହା ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ସେ ପ୍ରକାଶ କରିଛନ୍ତି। ଆକ୍ରମଣବେଳେ ଠେଙ୍ଗା, ଇଟା ଓ ଧାରୁଆ ଅସ୍ତ୍ରମାନ ବ୍ୟବହାର କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଭାଜପା ଶାସିତ ରାଜ୍ୟରେ ହିଂସାକାଣ୍ଡ କରାଯାଇ ଆତଙ୍କରାଜ ଚାଲିଛି ବୋଲି ଦଳୀୟ କର୍ମକର୍ତ୍ତାଙ୍କୁ ପ୍ରିୟଙ୍କା କହିଛନ୍ତି। ଲକ୍ଷ୍ନୌରେ ରାଜ୍ୟପାଳ ଓ ଦିଲ୍ଲୀରେ ନିର୍ବାଚନ କମିଶନଙ୍କ ସହ ଆଲୋଚନା କରିଛୁ ଓ ସ୍ଥାନୀୟ ପ୍ରଶାସନ ବିରୋଧରେ ଅଭିଯୋଗ କରାଯିବ ବୋଲି ସେ କହିଛନ୍ତି।

## ଆଇଏସ୍ ଖୋରାସନ୍ ଉପରେ ଜାତିସଂଘର କଟକଣା

**ଜାତିସଂଘ,୧୫।୫**

ଜାତିସଂଘ ପକ୍ଷରୁ ଆଇଏସ୍‌ର ଦକ୍ଷିଣ ଏସିଆ ଆତଙ୍କବାଦୀ ଶାଖା 'ଆଇଏସ୍ ଖୋରାସନ୍' ଉପରେ କଟକଣା ଲଗାଯାଇଛି। ପାକିସ୍ତାନର ଜଣେ ପୂର୍ବତନ କମାଣ୍ଡର ୨୦୧୫ରେ ଏହାକୁ ଗଠନ କରିଥିଲେ। ଅଲ୍ କାଏଦା ସହ ସମ୍ପର୍କ ଓ ପାକିସ୍ତାନ ଓ ଆଫଗାନିସ୍ତାନ ଉପରେ ଭୟଙ୍କର ଆକ୍ରମଣ କରି ୧୫୦ ଜଣଙ୍କୁ ମାରିବା ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଅଲ୍ କାଏଦା ପ୍ରତିବନ୍ଧ ସମିତି ପକ୍ଷରୁ ଆଇଏସ୍ ଖୋରାସନ୍ ଉପରେ କଟକଣା ଲଗାଯାଇଛି। ପାକିସ୍ତାନର ଜେଇଏମ୍ ଆତଙ୍କବାଦୀ ସଙ୍ଗଠନ ମୁଖ୍ୟ ମାସୁଦ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରାଯିବାର ଦୁଇସପ୍ତାହ ପରେ ଜାତିସଂଘ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଜାତିସଂଘ ପ୍ରତିବନ୍ଧ ସମିତି ପକ୍ଷରୁ କୁହାଯାଇଛି ଯେ, ଆଇଏସ୍ ଖୋରାସନ୍ ଜାନୁୟାରୀ ୧୦, ୨୦୧୫ରେ ଗଠନ କରାଯାଇଥିଲା। ଏହାକୁ ପାକିସ୍ତାନର ତେହେରିକ୍-ଇ-ତାଲିବାନ ପାକିସ୍ତାନ କମାଣ୍ଡର ଗଠନ କରିଥିଲେ।

## ୮ରୁ କୈଳାସ ମାନସରୋବର ଯାତ୍ରା
### କମ୍ପ୍ୟୁଟର ଡ୍ର'ରେ ପ୍ରଥମଥର ଯାଉଥିବା ଯାତ୍ରୀଙ୍କୁ ଅଗ୍ରାଧିକାର


**ନୂଆଦିଲ୍ଲୀ,୧୫।୫ (ପି.ଟି.):** କୈଳାସ ମାନସରୋବର ଯାତ୍ରା ଜୁନ ୮ ତାରିଖରୁ ଆରମ୍ଭ ହେବ। ପ୍ରଥମ କରି ଯାଉଥିବା ଯାତ୍ରୀଙ୍କୁ କମ୍ପ୍ୟୁଟର ଡ୍ର ଜରିଆରେ ଅଗ୍ରାଧିକାର ଦିଆଯିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବୈଦେଶିକ ସଚିବ ବିଜୟ୍ ଗୋଖଲେ ଜବାହାରଲାଲ୍ ଭବନଠାରେ ବୁଧବାର ଏହି କମ୍ପ୍ୟୁଟର ଡ୍ର ଉଠାଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।

[ଇତିହାସର ଆଇନାରେ]

## ମେ ୧୬ର ପ୍ରମୁଖ ଘଟଣା

୧୯୭୫ ମେ ୧୬ରେ ଭାରତ ସହ ସିକ୍କିମର ମିଶ୍ରଣ ହୋଇଥିଲା। ହିମାଳୟ ପାର୍ବତ୍ୟାଞ୍ଚଳର ଏହି ରାଜ୍ୟ ପାଇଁ ଏହା ଥିଲା ଟର୍ନିଂ ପଏଣ୍ଟ। ଯଦିଓ ଏହି ମିଶ୍ରଣ ପ୍ରକ୍ରିୟା ଯଥେଷ୍ଟ ପୂର୍ବରୁ ଆରମ୍ଭ ହୋଇଥିଲା ତେବେ ୧୯୭୫ ମେ ୧୬କୁ ଭାରତ ସହ ସିକ୍କିମ ମିଶ୍ରଣର ଆନୁଷ୍ଠାନିକ ଦିବସ ଭାବେ ଗ୍ରହଣ କରାଯାଇଥାଏ।

୨୦୦୩ ମେ ୧୬ରେ ମରକ୍କୋରେ ଆତଙ୍କବାଦୀଙ୍କ ଆକ୍ରମଣରେ ୩୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆହତ ହୋଇଥିଲେ। ସେହି ରାତିରେ ୧୪ ବୋମାଧାରୀ ୪ଟି ସ୍ଥାନରେ ବିସ୍ଫୋରଣ ଘଟାଇଥିଲେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଆଂଶିକ ମେଘାଚ୍ଛନ୍ନ ରହିବା ସମ୍ଭାବନା ଅଛି।
**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ଶୁଖିଲା ରହିବା ସହ ଅପରାହ୍ନରେ ଆକାଶ ଆଂଶିକ ମେଘାଚ୍ଛନ୍ନ ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୧ | ୨୧.୨ |
| ଚାନ୍ଦବାଲି | ୩୯.୮ | ୨୮.୨ |
| କଟକ | ୩୭.୨ | ୨୬.୬ |
| ପାରାଦ୍ୱୀପ | ୩୩.୧ | ୨୮.୩ |
| ଭୁବନେଶ୍ୱର | ୩୭.୦ | ୨୭.୫ |
| ଗୋପାଳପୁର | ୩୧.୮ | ୨୬.୯ |
| ପୁରୀ | ୩୩.୬ | ୨୭.୪ |
| ଅନୁଗୋଳ | ୪୧.୧ | ୨୩.୦ |
| ବାରିପଦା | ୩୭.୦ | ୨୩.୬ |
| ଝାରସୁଗୁଡ଼ା | ୪୦.୫ | ୨୭.୪ |
| କେନ୍ଦୁଝର | ୩୮.୦ | ୨୩.୦ |
| ସମ୍ବଲପୁର | ୪୨.୪ | ୨୭.୦ |
| ସୁନ୍ଦରଗଡ଼ | --- | ୨୪.୦ |
| ହୀରାକୁଦ | ୪୨.୨ | ୨୭.୦ |
| ତାଳଚେର | ୪୧.୩ | ୨୬.୫ |
| ଭବାନୀପାଟଣା | ୪୧.୦ | ୨୬.୫ |
| ବଲାଙ୍ଗୀର | ୪୩.୧ | ୨୭.୦ |
| କୋରାପୁଟ | ୩୫.୦ | ୧୯.୬ |
| ଫୁଲବାଣୀ | ୪୦.୨ | ୨୩.୦ |
| ଟିଟିଲାଗଡ଼ | ୪୩.୫ | ୨୬.୦ |
| ମାଲକାନଗିରି | ୪୦.୦ | ୨୨.୦ |
| ସୋନପୁର | ୪୩.୦ | ୨୪.୪ |
| ଦାରିଙ୍ଗିବାଡ଼ି | ୩୬.୫ | ୨୧.୦ |

ଡିଗ୍ରୀ ସେଲ୍‌ସିୟସ୍

## 'ଗୁଲାବୋ ସିତାବୋ'ରେ ଅମିତାଭ, ଆୟୁଷ୍ମାନ୍

**ମୁମ୍ବାଇ:** ମେଗାଷ୍ଟାର୍ ଅମିତାଭ ବଚ୍ଚନ ଓ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କୁ ପ୍ରଥମଥର ଲାଗି ଏକାଠି ଗୋଟିଏ ଫିଲ୍ମରେ ଦେଖିବାକୁ ମିଳିବେ। ସୁଜିତ୍ ସିର୍‌କାର୍‌ଙ୍କ ପରବର୍ତ୍ତୀ କମେଡ଼ି ଫିଲ୍ମ 'ଗୁଲାବୋ ସିତାବୋ'ରେ ଦୁହେଁ ଏକାଠି ଅଭିନୟର ଯାଦୁ ଦେଖାଇବେ। ସୁଜିତ୍‌ଙ୍କ ଦୀର୍ଘଦିନର ସହଯୋଗୀ ଜୁହି ଚତୁର୍ବେଦୀ ଏହି ଫିଲ୍ମଟିକୁ ଲେଖିଛନ୍ତି। ଏହାପୂର୍ବରୁ 'ଭିକି ଡୋନର୍'‘ପିଙ୍କୁ’ ରେ ସେମାନେ ଏକାଠି କାମ କରିଥିଲେ। ଜୁହିଙ୍କ ଏହି ଫିଲ୍ମର କାହାଣୀ ମୋତେ ବେଶ୍ ଆକର୍ଷିତ କରିଥିଲା ଓ ମୋର ନିର୍ଦ୍ଦେଶକ ବନ୍ଧୁ ରୋନି ଲାହିରିଙ୍କ ସହ ଏନେଇ ମୁଁ ଆଲୋଚନା କରିବା ପରେ ମେଗାଷ୍ଟାର୍ ଅମିତାଭ୍ ଓ ଆୟୁଷ୍ମାନ ଆମ ସହ ସାମିଲ୍ ହୋଇଥିଲେ ବୋଲି ସୁଜିତ୍ କହିଛନ୍ତି। ଚଳିତବର୍ଷ ଏହି ଫିଲ୍ମ ମୁକ୍ତିଲାଭ କରିବା ଲାଗି ଯୋଜନା ରହିଥିବା ସେ ପ୍ରକାଶ କରିଛନ୍ତି। 'ଗୁଲାବୋ ସିତାବୋ' ଏକ ମଜାଦାର୍ କାହାଣୀ ଉପରେ ଆଧାରିତ। ମେଗାଷ୍ଟାର୍ ଅମିତାଭଙ୍କ ସହ ପ୍ରଥମଥର ଲାଗି କାମ କରୁଥିବାରୁ ମୁଁ ଗର୍ବିତ ବୋଲି ଆୟୁଷ୍ମାନ୍ କହିଛନ୍ତି। ସୁଜିତ୍‌ଦା ମୋତେ ଏହି ଫିଲ୍ମରେ ଅଭିନୟ କରିବାର ସୁଯୋଗ ଦେଇଥିବାରୁ ବହୁତ୍ ଖୁସିଥିବା ଆୟାଷ୍ମାନ୍ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, 'ଗୁଲାବୋ ସିତାବୋ' ଆସନ୍ତା ନଭେମ୍ବର ମାସରେ ମୁକ୍ତିଲାଭ କରିବାକୁ ଯାଉଛି।



ଧରିତ୍ରୀ
DHARITRI
ଗୁରୁବାର, ୧୬ ମେ, ୨୦୧୯





ଦୀପିକା

ଅପେରା ହାଲଚାଲ

# ନିଆରା ଅଭିନେତା ସୁଜୟ

ମଞ୍ଚ ଉପରେ ତାଙ୍କୁ ଦେଖିଲେ ଦର୍ଶକଙ୍କ ମନରେ ଖେଳିଯାଏ ଖୁସିର ଲହରି। କାରଣ ତାଙ୍କ ଅଭିନୟ ସ୍ୱତନ୍ତ୍ରତା ପ୍ରଦର୍ଶିତ ନାଟକରେ ଭରିଦିଏ ରୋମାଞ୍ଚ। ଭୂମିକାଟି ଯାହା ହେଉ ନା କାହିଁକି ତାକୁ ସେ ଏପରି ଉପସ୍ଥାପନା କରନ୍ତି ଯାହା ଦର୍ଶକଙ୍କୁ ଦିଏ ଭିନ୍ନ ସ୍ୱାଦର ମନୋରଞ୍ଜନ। ଦିନ ଥିଲା ନାୟକ ଭାବରେ ସେ ଜଲିଉଡ୍‌ରେ ଦର୍ଶକଙ୍କର ନିକଟତର ହୋଇଥିଲେ। ଆଉ ଏବେ ଜଣେ ଚରିତ୍ର ଅଭିନେତା ଭାବରେ ସେ ନିଜର ଆସନକୁ ଏପରି ଦୃଢ଼ କରିଛନ୍ତି ଯାହା ଅନ୍ୟ କଳାକାରଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି। ସେ ହେଲେ ଓଡ଼ିଆ ଯାତ୍ରା ଜଗତର ଅନ୍ୟତମ ଲୋକପ୍ରିୟ କଳାକାର ସୁଜୟ ମହାପାତ୍ର। ଦୀର୍ଘ ୪୦ବର୍ଷର ଯାତ୍ରା ଜୀବନର ଖଟାମିଠା ଅନୁଭୂତି ଆଜି ବି ତାଙ୍କ ମନରେ ବେଶ୍ ସତେଜ ହୋଇ ରହିଛି। ତୃତୀୟ ଶ୍ରେଣୀରେ ପଢ଼ିବା ସମୟରେ ସେ ପାଦ ଥାପନ୍ତି ମଞ୍ଚରେ। ତା'ପରେ କଲେଜରେ ଡ୍ରାମାଟିକ ସେକ୍ରେଟାରି ଦାୟିତ୍ୱ ତୁଲାଇବା ଏବଂ ଶ୍ରେଷ୍ଠ ଅଭିନେତା ଭାବରେ ପୁରସ୍କୃତ ହେବା ପରେ ଭବିଷ୍ୟତରେ ଅଭିନୟକୁ କ୍ୟାରିୟର କରିବା ନିଶା ଆହୁରି ଘାରେ। ଭୁବନେଶ୍ୱରସ୍ଥ ସଙ୍ଗୀତ ମହାବିଦ୍ୟାଳୟରୁ ଅଭିନୟରେ ଡିପ୍ଲୋମା ହାସଲ ପରେ ସେ ଯୋଗ ଦିଅନ୍ତି ଅନ୍ନପୂର୍ଣ୍ଣା ଥିଏଟରରେ। ମଞ୍ଚ ନାଟକରେ ମୁଖ୍ୟ ଭୂମିକାରେ ଅଭିନୟ କରି ସେ ସାଉଁଟନ୍ତି ଅନେକ ସଫଳତା। ସୁଜୟଙ୍କ ଅପେରା ଜୀବନ ଆରମ୍ଭ ହୁଏ ତାରିଣୀ ଗଣନାଟ୍ୟରୁ। ପ୍ରଥମ ନାଟକ ଥିଲା 'କନିଆ ହଜିଛି ତମ ଗାଁରେ'। ପ୍ରଥମେ ନାୟକ ଭାବରେ ମିଳିଥିବା ସୁଯୋଗକୁ ଆଦୌ ହାତଛଡ଼ା କରନ୍ତି ନାହିଁ ସେ। ତା'ପରେ ମା', ତ୍ରିନାଥ, ପାର୍ବତୀ, ବାଘାଯତୀନ ଲୋକନାଟ୍ୟ, ସୋମନାଥ ଅପେରା, ଜଗଧାତ୍ରୀ,



କଳିଙ୍ଗ, କୋଣାର୍କ ଆଉ ଏବେ ଯାତ୍ରା ସଚ୍ଚିଦାନନ୍ଦମରେ ପତ୍ନୀ ତଥା ଲୋକପ୍ରିୟ ଅଭିନେତ୍ରୀ ମିନୁଙ୍କ ସହ ଅଭିନୟ ଜାରି ରଖିଛନ୍ତି। ତ୍ରିନାଥ ଗଣନାଟ୍ୟରେ ଏହି ଯୋଡ଼ିଙ୍କୁ ପ୍ରଥମ ଥର ପାଇଁ ନାୟକ-ନାୟିକା ଭାବରେ ଦେଖିବାକୁ ମିଳିଥିଲା। ସୁଜୟଙ୍କ ସ୍ମରଣୀୟ ଅଭିନୟର ସାକ୍ଷରତା ବହନ କରୁଥିବା ୨୫୦ ନାଟକ ମଧ୍ୟରୁ 'ଜହ୍ନ ରାତିର ଝଡ଼, ମଇଳା କାଗଜ, ଅଚଳ ପଇସା, ବୁଢ଼ିଆଣୀ ଜାଲ, ଶବ ଉପରେ ମୋ ବାସର ରାତି', ଗୀତା ସୁନୀତା ମଧୁମିତା, ଭଲ ମଣିଷ ଖୋଜା ଚାଲିଛି' ଆଦି ଅନ୍ୟତମ। 'ଦିନ ଥିଲା ନାଟକ ଦେଖିଲେ ତାହା ଦର୍ଶକଙ୍କ ମନରେ ଦୀର୍ଘବର୍ଷ ଧରି ମନେ ରହୁଥିଲା। ହେଲେ ଏବେକାର ନାଟକରେ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ଚରିତ୍ର ନାହିଁ କି କେତେକ କଳାକାରଙ୍କଠାରେ ନିଷ୍ଠା ଏବଂ ଚେଷ୍ଟାର ଅଭାବ ପରିଲକ୍ଷିତ ହେଉଛି। ଅଭିନୟ ତ ଚାଲିଛି। ଏହା ମୋ ପାଇଁ ଏପରି ଏକ ନିଶା ପାଲଟି ଯାଇଛି, ଯେଉଁଥିରୁ ମୁକୁଳିବା ସହଜ ନୁହେଁ। ଦର୍ଶକ ମୋ ପାଇଁ ସବୁକିଛି। ସେମାନଙ୍କୁ ମୁଁ ସବୁବେଳେ ପ୍ରାଥମିକତା ଦେଇଥାଏ' ବୋଲି କହନ୍ତି ବାଲେଶ୍ୱର ସୋର ଅନ୍ତର୍ଗତ ଦୁର୍ଗାପୁର ଗ୍ରାମରେ ଜନ୍ମିତ (ବାପା–ଗଙ୍ଗାଧର ମହାପାତ୍ର, ମା'–ପଦ୍ମାବତୀ) ସୁଜୟ।'

## ଦେବାନନ୍ଦଙ୍କ ଟାଇଟଲ ସିଲେକ୍ସନ



ଦେବାନନ୍ଦ–ହିନ୍ଦୀ ସିନେମା ଜଗତର ଅନ୍ୟତମ ମାଇଲଖୁଣ୍ଟ। ତାଙ୍କର ଅଭିନୟ କେତେ ହୃଦୟସ୍ପର୍ଶୀ ତାହା ଯିଏ ତାଙ୍କ ଅଭିନୀତ ଫିଲ୍ମ ଦେଖିଛି ସିଏ ହିଁ ଜାଣିଛି। ସେ କେବଳ ଜଣେ ଅଭିନେତା ନ ଥିଲେ ଜଣେ ସଫଳ ପ୍ରଯୋଜକ ମଧ୍ୟ ଥିଲେ। ଯେତେବେଳେ ସେ ସିନେମାଟିଏ ନିର୍ମାଣ କରିବାକୁ ଯାଆନ୍ତି ତନ୍ନ ତନ୍ନ କରି ଖବର କାଗଜ ପଢ଼ନ୍ତି। ଏହି ସମୟରେ ସେ ବିଶେଷ ଭାବରେ ନ୍ୟୁଜ୍ ହେଡଲାଇନ୍ ପ୍ରତି ଅଧିକ ଧ୍ୟାନ ଦିଅନ୍ତି। କାରଣ ତା' ଭିତରେ ଏକ ରୋଚକ କଥା ଲୁଚି ରହିଥାଏ। ସେହି ହେଡଲାଇନ୍‌ଗୁଡିକରୁ ହିଁ ଦେବାନନ୍ଦ ତାଙ୍କ ଫିଲ୍ମର ଟାଇଟଲ ଫାଇନାଲ କରିଥାଆନ୍ତି।

# ଦୀପିକାଙ୍କ ସ୍ଲିମ୍ ଟ୍ରିମ୍ ମିଶନ

ଦୀପିକା ପାଦୁକୋନ ଏବେ ନିଜ ସ୍ଲିମ୍ ଟ୍ରିମ୍ ମିଶନକୁ ନେଇ ବ୍ୟସ୍ତ। ସୀମିତ ସମୟ ଭିତରେ ତାଙ୍କୁ ଆହୁରି ସ୍ଲିମ୍ ହେବା ସହ ନିଜର ଫିଜିକାଲ ଫିଟନେସକୁ ଆହୁରି ଆକ୍ଟିଭ ରଖିବାକୁ ପଡ଼ିବ। ତେଣୁ ସେ ସବୁ କାମ କ୍ୟାନସେଲ କରି ସ୍ଲିମ୍ ଟ୍ରିମ୍ ମିଶନରେ ଲାଗିପଡ଼ିଛନ୍ତି। ତେଣୁ ତାଙ୍କର ଅଧିକାଂଶ ସମୟ ଏବେ ଜିମ୍‌ରେ ହିଁ କଟୁଛି। ତା'ସହ ପ୍ରତିଦିନ ଯୋଗ, ପ୍ରାଣାୟାମ ମଧ୍ୟ କରୁଛନ୍ତି। ବାକି ରହିଲା ଡାଏଟିଂ କଥା। ଏହାକୁ ନେଇ ସେ ଆରମ୍ଭରୁ ସଚେତନ ବୋଲି କହିଛନ୍ତି। ଏ ବିଷୟରେ ଦୀପିକା କହନ୍ତି, 'ନିଜେ ପ୍ରଥମେ ଫିଟ୍ ରହିବା ବଡ଼ କଥା। ଯା ଭିତରେ ମୋତେ କେତୋଟି ମେଗା ଇଭେଣ୍ଟରେ ଭାଗ ନେବାର ଅଛି। ତେଣୁ ତା' ପୂର୍ବରୁ ମୁଁ ନିଜ ଫିଜିକାଲ ଫିଟ୍‌ନେସ୍ ପ୍ରତି ଧ୍ୟାନ ଦେଉଛି। ଏଭଳି ମିଶନ ପଛରେ ଆଉ କିଛି କାରଣ ନାହିଁ।'



ଶ୍ରଦ୍ଧା

## ସମୟ ନାହିଁ

ଶ୍ରଦ୍ଧା କପୁର ଏବେ ପୂରା ବ୍ୟସ୍ତ। ଯେତିକି ଫିଲ୍ମ ସାଇନ୍ କରିଛନ୍ତି ତାହାର ଶୁଟିଂ କେମିତି ଶେଷ କରିବେ ସେ ନେଇ ଲାଗିପଡ଼ିଛନ୍ତି। ନିକଟରେ ସେ ଏକ ଫିଲ୍ମ ସାଇନ୍ କରିଛନ୍ତି, ଯାହାର ଫଟୋ ସେସନ ସମୟରେ ସେ ଏକଥା କହିଛନ୍ତି। 'ପ୍ରଥମେ ଯେତିକି ଫିଲ୍ମ ସାଇନ୍ କରିଛି ତାହାକୁ ଶେଷ କରିବା ପରେ ନୂଆ ସିନେମା କଥା ଚିନ୍ତା କରିବି। ଏଥିପାଇଁ ମୋତେ ୩–୪ଟି ଭଲ ଭଲ ଅଫର ହାତଛଡ଼ା କରିବାକୁ ପଡ଼ିଛି। ଯେହେତୁ ମୋ ପାଖରେ ସମୟ ନାହିଁ ତେଣୁ ଅଯଥାରେ ଗୁଡ଼ିଏ ଫିଲ୍ମ ସାଇନ୍ କରି କିଛି ଲାଭ ନାହିଁ। ଏବେ ମୁଁ କେତୋଟି ଭଲ ଷ୍ଟୋରି ସିଲେକ୍ସନ କରିଛି। ଯଦି କୌଣସି ପ୍ରଯୋଜକ ଏହାକୁ ନେଇ ସିନେମା ନିର୍ମାଣ କରିବାକୁ ମୋତେ ପ୍ରସ୍ତାବ ଦିଅନ୍ତି ତେବେ ମୁଁ ବହୁତ ଖୁସି ହେବି ବୋଲି କହନ୍ତି ଶ୍ରଦ୍ଧା।

## ବୁଝି ହେବେ ଅନୁଷ୍କା

ଅନୁଷ୍କା ଶର୍ମା ଆଉ ତରତର ହୋଇ ଆଗେଇବେ ନାହିଁ। କାରଣ ଆକ୍ଟିଂ କ୍ୟାରିୟର ଯାହା ଥିଲା ଛାଡନ୍ତୁ, କେତୋଟି ଫିଲ୍ମ ପ୍ରଯୋଜନା କରି ସେ ଯେଉଁ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ତାହା ନ କହିବା ଭଲ। ସିନେମାଗୁଡିକ ଫ୍ଲପ ତାଲିକାଭୁକ୍ତ ହେବା ପରେ ଏବେ ତାଙ୍କ ମନ ଘର ଧରିଛି। ଆଉ ତରବର ହୋଇ ସିନେମା ସାଇନ୍ କରିବେ ନାହିଁ କି ଫିଲ୍ମଟିଏ ପ୍ରଯୋଜନା କରିବେ ନାହିଁ। ଏହା ପୂର୍ବରୁ ଶହେ ଥର ଚିନ୍ତା କରିବେ। ଜାଣିଶୁଣି କେତେକ ଭୁଲକୁ ଗୁରୁତ୍ୱ ନ ଦେବାକୁ ଏପରି ଦଶା ତାଙ୍କୁ ଭୋଗିବାକୁ ପଡିଛି ବୋଲି କହିଛନ୍ତି ଅନୁଷ୍କା। ତେବେ ଏଣିକି ମାପିଚୁପି ଚାଲିବାକୁ ମାଇଣ୍ଡ ମେକ୍‌ଅପ କରିଥିବା ଏହି ଅଭିନେତ୍ରୀ ତାଙ୍କ କଥାରେ କେତେ ଦୃଢ଼ ରହୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।

## ଫନୀକୁ ନେଇ ସିନେମା



ସନ୍ତୋଷ ପଣ୍ଡା

ନିକଟରେ ବାତ୍ୟା 'ଫନୀ' ଆମ ରାଜ୍ୟର କେତେକ ଅଞ୍ଚଳରେ ପ୍ରଳୟ ରଚାଇ ସାରିଛି। ବିଶେଷ ଭାବରେ ଏଥିରେ ପୁରୀ ଏବଂ ଖୋର୍ଦ୍ଧା ଜିଲା ଅଧିକ ପ୍ରଭାବିତ ହୋଇଛି। ଏହାର ଅନୁଭୂତିକୁ ଚଳଚ୍ଚିତ୍ରର ରୂପ ଦେବାକୁ ଅଣ୍ଟା ଭିଡିଛନ୍ତି ନିର୍ଦ୍ଦେଶକ ସନ୍ତୋଷ ପଣ୍ଡା। ଏହାର ପ୍ରାରମ୍ଭିକ କାମ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ସନ୍ତୋଷ କହନ୍ତି, 'ଏହି ବାତ୍ୟା ଦେଖିବା ପରେ ଏହାକୁ ନେଇ ଏକ ସିନେମା ନିର୍ମାଣ କରିବାକୁ ସ୍ଥିର କରିଛି। ସ୍ୱଳ୍ପ ସମୟ ଭିତରେ କାହାଣୀ ପ୍ରସ୍ତୁତ କରି ସ୍କ୍ରିପ୍ଟିଂ କାମ ଚାଲିଛି। ସିନେମାଟି କିପରି ସବୁ ଦୃଷ୍ଟିକୋଣରୁ ଦର୍ଶକଙ୍କ ମନକୁ ଛୁଇଁବ ସେ ନେଇ ଯଥାସମ୍ଭବ ଚେଷ୍ଟା କରାଯିବ। ଏହାର କାଷ୍ଟିଂ ଏବଂ ଅନ୍ୟାନ୍ୟ କାମ ଶେଷ ହେବା ପରେ ଖୁବ୍ ଶୀଘ୍ର ଶୁଟିଂ ଆରମ୍ଭ ହେବ।'

ନୂଆ ସିନେମା

# ତୁ ମୋ ଲଭ୍ ଷ୍ଟୋରି-୨

ଥରେ ମନେ ପକାନ୍ତୁ ନା ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ତୁ ମୋ ଲଭ୍ ଷ୍ଟୋରି'କୁ। ତାପସ ସରଘରିଆଙ୍କ ନିର୍ଦ୍ଦେଶନାରେ ନବାଗତ ଯୋଡ଼ି ସ୍ୱରାଜ–ଭୂମିକାଙ୍କୁ ଏହି ଫିଲ୍ମରେ ବ୍ରେକ୍ ମିଳିଥିଲା। ଟିନ୍ ଏଜ ଲଭ ଷ୍ଟୋରି ଉପରେ ପ୍ରସ୍ତୁତ ଏହି ଚିତ୍ରଟି ହିଟ୍ ହୋଇଥିଲା। ଆଉ ଏବେ ଏହି ବ୍ୟାନରରେ ଏହାର ସିକୁଏଲର ଶୁଟିଂ ଚାଲୁ ରହିଛି, ଯାହାର ଟାଇଟଲ ହେଲା 'ତୁ ମୋ ଲଭ୍ ଷ୍ଟୋରି–୨'। ଖାସ୍ କଥା ହେଲା ପ୍ରଯୋଜକ ସୁଧାଂଶୁ ମୋହନ ସାହୁ ଏବଂ ନିର୍ଦ୍ଦେଶକ ତାପସ ଏଥିରେ ପୁଣି ଥରେ ସ୍ୱରାଜ–ଭୂମିକା ଯୋଡିକୁ ରିପିଟ୍ କରିଛନ୍ତି। ସ୍ୱରାଜ ଏହି ଫିଲ୍ମରେ ଜଣେ ମ୍ୟୁଜିକ ଲଭର ଚରିତ୍ରରେ ଅବତୀର୍ଣ୍ଣ ହୋଇଥିବା ବେଳେ ଭୂମିକାକୁ ମିଳିଛି ଏକ ଭିନ୍ନ ଧରଣର ରୋଲ୍। ଏହି କ୍ୟାରେକ୍ଟରରେ ରୋମାଣ୍ଟିକ ଥିଲେ ମଧ୍ୟ ମେମୋରିକୁ ନେଇ ସସ୍‌ପେନ୍ସ ରହିଛି। ଆଣ୍ଡାମାନରେ ଏହାର ୧୨ଦିନବ୍ୟାପୀ ଶୁଟିଂ ପରେ ଏବେ ବାରିପଦାରେ ଏକ ଗୀତର ଶୁଟିଂ ଚାଲୁ ରହିଛି। ଏଥିରେ ସଂଯୋଜିତ ଗୀତଗୁଡିକ ଦର୍ଶକଙ୍କୁ ନିଶ୍ଚୟ ଛୁଇଁବ ବୋଲି ଆଶା ରଖିଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ। ଏହି ଫିଲ୍ମରେ ଏକ ହୋଲି ଗୀତର ମଜା ଦର୍ଶକ ପାଇବେ ବୋଲି ସୂଚନା ଦେଇଛନ୍ତି ପ୍ରେମ। ପୂର୍ବରୁ ବେଶ୍ କେତୋଟି ସିନେମାରେ ଶିଶୁ କଳାକାର ଭାବରେ ଅଭିନୟ କରିଥିବା ଭୂମିକାଙ୍କୁ ନାୟିକା ଭାବରେ 'ତୁ ମୋ ଲଭ୍ ଷ୍ଟୋରି'ରେ ବ୍ରେକ୍ ମିଳିଥିଲା। ସ୍ୱରାଜ–ଭୂମିକା ଯୋଡି ବ୍ୟତୀତ ଏହି ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀ, ଶୁଭାଶିଷ ଶର୍ମା (ମଣ୍ଟୁ) ଏବଂ ପାର୍ଥ ସାରଥି ରାୟ ଆଦି କଳାକାର ଅଭିନୟ କରୁଛନ୍ତି।



ଭୂମିକା–ଅନୁ

"ପାନାସୋନିକ ଇଣ୍ଡିଆ ଏହାର ବ୍ୟବସାୟ ଅଭିବୃଦ୍ଧି ଲାଗି ବିଭିନ୍ନ ସେଗ୍‌ମେଣ୍ଟରେ ବିବିଧତା ଆଣିବା ଆରମ୍ଭ କରିଛି। କମ୍ପାନୀ ଏବେ ଏନର୍ଜି ସେଗ୍‌ମେଣ୍ଟ ଉପରେ ଅଧିକ ଜୋର୍ ଦେଉଛି।"
– ମନୀଷ ଶର୍ମା, ପ୍ରେସିଡେଣ୍ଟ ତଥା ସିଇଓ, ପାନାସୋନିକ ଇଣ୍ଡିଆ



"ମୁରୁଗାପ୍ପା ଗ୍ରୁପ୍ ଅର୍ଥନିବେଶ ପ୍ରତି ଏହାର ବଚନବଦ୍ଧତା ଦୋହରାଇବା। ନିଜର କ୍ଷମତା ଓ ଦକ୍ଷତା ବୃଦ୍ଧି ଲାଗି ନିବେଶ ବୃଦ୍ଧି ଠିକ୍ ରାସ୍ତାରେ ଚାଲିଛି।"
–ଏମ୍.ଏମ୍. ମୁରୁଗାପ୍ପାନ, ଏକ୍ଜିକ୍ୟୁଟିଭ ଚେୟାରମ୍ୟାନ, ମୁରୁଗାପ୍ପା ଗ୍ରୁପ୍



## ସଂକ୍ଷେପରେ

### କୋଟିଏ ଲୋକଙ୍କୁ ନିଯୁକ୍ତି ଲାଗି ବ୍ଲୁପ୍ରିଣ୍ଟ



ନୂଆଦିଲ୍ଲୀ,୧୫-୫: ଦେଶରେ ଇଲେକ୍ଟ୍ରିକ ଯାନ ପ୍ରଚଳନକୁ ପ୍ରୋତ୍ସାହିତ କରିବାକୁ ଯାଇ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର କର୍ମବଳ ସୃଷ୍ଟି କରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଏହି ମିଶନକୁ ସଫଳତା ପୂର୍ବକ ଲାଗୁ କରାଗଲେ ଦେଶରେ ପ୍ରାୟ ୧ କୋଟି ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ଜଣାପଡିଛି। ମିଶନକୁ ସଫଳ କରିବା ଉଦ୍ଦେଶ୍ୟରେ ଏକ କୁଶଳୀ କର୍ମଶକ୍ତି ତିଆରି କରିବା ପାଇଁ ସରକାର ଅଣ୍ଟାଭିଡ଼ିଛନ୍ତି। ଏହି କ୍ଷେତ୍ରରେ ବିଶେଷଜ୍ଞ ଥିବା କର୍ମବଳ ତିଆରି କରାଯିବ। ଏଥିଲାଗି ଡିଜାଇନ ଏବଂ ଟେଷ୍ଟିଙ୍ଗ, ବ୍ୟାଟେରି ମାନୁଫାକ୍‌ଚରିଂ ସହିତ ମ୍ୟାନେଜମେଣ୍ଟ, ସେଲ୍ସ, ସର୍ଭିସେସ୍ ଏବଂ ଭିତ୍ତିଭୂମି ଭଳି କ୍ଷେତ୍ରରେ ନୂଆ ନିଯୁକ୍ତି ସୃଷ୍ଟି କରାଯିବ। ଏହାବ୍ୟତୀତ ଅଟୋମୋଟିଭ ମିଶନ ପ୍ଲାନ ୨୦୨୬ରେ ଅଟୋ ସେକ୍ଟରରେ ଅତିରିକ୍ତ ୬.୫୦ କୋଟି ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ଅନୁମାନ କରାଯାଉଛି। ଇ-ଯାନ କ୍ଷେତ୍ରରେ ମାନବ ସମ୍ବଳର ଚାହିଦା ପୂରଣ କରିବା ଲାଗି କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଏକ ଯୋଜନା ପ୍ରସ୍ତୁତିରେ ଲାଗି ପଡିଛି। ଏଥିଲାଗି ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉଛି, ଯାହାଦ୍ୱାରା ଇଲେକ୍ଟ୍ରିକ ଯାନ କ୍ଷେତ୍ରରେ ଚାହିଦା ପୂରଣ କରାଯାଇପାରିବ। ଏକ ନିଶ୍ଚିତ ସମୟାବଧିରେ ନୂଆ କାର୍ଯ୍ୟବଳ ସୃଷ୍ଟି କରିବା ଉପରେ କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ନଜର ରଖିବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

### ଏପ୍ରିଲରେ ବାଣିଜ୍ୟ ନିଅଣ୍ଟ ବୃଦ୍ଧି

ନୂଆଦିଲ୍ଲୀ,୧୫-୫: ଦେଶର ରପ୍ତାନି ଏପ୍ରିଲରେ ୦.୬୪% ବୃଦ୍ଧି ପାଇ ୨୬ ବିଲିୟନ ଡଲାରରେ ପହଞ୍ଚିଛି। ଅନ୍ୟପକ୍ଷରେ ଏହି ଅବଧିରେ ଆମଦାନୀ ୪.୫%ବୃଦ୍ଧି ପାଇ ୪୧.୪ ବିଲିୟନ ଡଲାର ହୋଇଛି। ବୁଧବାର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ଏହା ଜଣାପଡିଛି। ଫଳରେ ଦେଶର ବାଣିଜ୍ୟ ନିଅଣ୍ଟ ଏପ୍ରିଲରେ ୧୫.୩୩ ବିଲିୟନ ଡଲାରକୁ ବୃଦ୍ଧି ପାଇଛି; ଯାହା କି, ଗତବର୍ଷର ଏହି ଅବଧିରେ ୧୩.୭୨ ବିଲିୟନ ଡଲାର ଥିଲା। ଆଲୋଚ୍ୟ ମାସରେ ଦେଶର ଅଶୋଧିତ ତୈଳ ଆମଦାନୀ ୯.୨୬% ବୃଦ୍ଧି ପାଇ ୧୧.୩୮ ବିଲିୟନ ଡଲାରରେ ପହଞ୍ଚିଛି। ଅନ୍ୟପକ୍ଷରେ ଅଣତୈଳ ସାମଗ୍ରୀ ଆମଦାନୀ ୨.୭୮% ବଢ଼ିଛି। ସେହିପରି ଏପ୍ରିଲରେ ସୁନା ଆମଦାନୀ ୫୪% ସହ ୩.୯୭ ବିଲିୟନ ଡଲାରକୁ ବୃଦ୍ଧି ପାଇଛି।

### ମାଲ୍ୟା, ମୋଦିଙ୍କ ପ୍ରତ୍ୟର୍ପଣ ତଥ୍ୟ ଦେଲାନି ଏମ୍ଇଏ

ନୂଆଦିଲ୍ଲୀ,୧୫-୫: ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଏବଂ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ପ୍ରତ୍ୟର୍ପଣ ସମ୍ପର୍କରେ ତଥ୍ୟ ଦେବାକୁ ମନା କରିଦେଇଛନ୍ତି ବୈଦେଶିକ ମନ୍ତ୍ରଣାଳୟ(ଏମ୍ଇଏ)। ଏ ସମ୍ପର୍କରେ ଆର୍‌ଟିଆଇରେ ପ୍ରଶ୍ନ ପଚାରାଯାଇଥିଲା ବେଳେ ଏହି ଆଇନର ଦ୍ୱାହି ଦେଇ ବୈଦେଶିକ ମନ୍ତ୍ରଣାଳୟ ଉକ୍ତ ତଥ୍ୟ ଦେବ ନାହିଁ ବୋଲି କହିଛି। ଆର୍‌ଟିଆଇ ଉତ୍ତରରେ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ମାଲ୍ୟା ଓ ମୋଦିଙ୍କୁ ପ୍ରତ୍ୟର୍ପଣ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ରିଟେନକୁ ଅନୁରୋଧ କରାଯାଇଛି। ଏବେ ବ୍ରିଟେନ ସରକାର ଏ ସମ୍ପର୍କରେ ବିଚାର କରୁଛନ୍ତି। ତେବେ ଏ ସଂକ୍ରାନ୍ତରେ ଆର୍‌ଟିଆଇ ଆଇନର ଧାରା ୮(୧)(ଏଚ୍) ଅଧୀନରେ ତଦନ୍ତ,ଗିରଫଦାରିରେ ବାଧା ଉପୁଜିବା ତଥା ମାମଲା ପରିଚାଳନାରେ ଅସୁବିଧାକୁ ଦୃଷ୍ଟିରେ ରଖି ପ୍ରତ୍ୟର୍ପଣ ସଂକ୍ରାନ୍ତ ତଥ୍ୟ ପ୍ରକାଶ କରିହେବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଡାୟଲ ଗ୍ରୁପ୍‌ର ୪୮୩ କୋଟିର ସମ୍ପତ୍ତି ଜୋରଖ

ନୂଆଦିଲ୍ଲୀ,୧୫-୫: ବହୁ କୋଟି ଟଙ୍କାର ବ୍ୟାଙ୍କ ଜାଲିଆତି ମାମଲାରେ କୋଲ୍‌କାତାର ଡାୟଲ ଗ୍ରୁପ୍‌ର ୪୮୩ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଜୋରଖ କରିଛି। ପ୍ରିଭେନ୍ସନ ଅଫ୍ ମନିଲଣ୍ଡରିଂ ଆକ୍ଟ(ପିଏମ୍ଏଲ୍ଏ) ଅଧୀନରେ ଡାୟଲ ଗ୍ରୁପ୍‌ର କେଏସ୍ଏଲ୍ ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡର କୋଲକାତାସ୍ଥିତ ୪୮୩ କୋଟି ଟଙ୍କାର ୨,୭୦,୩୭୪ ବର୍ଗଫୁଟ୍‌ର ଫ୍ଲାଟ୍ ଏବଂ ନାଗପୁରର ଶପିଂ ମଲ୍‌କୁ ଜୋରଖ କରାଯାଇଛି। ଇଡି ପକ୍ଷରୁ କୁହାଯାଇଛି ଯେ, ଡାୟଲ ଗ୍ରୁପ୍ ୫୨୪ କୋଟି ଟଙ୍କାର ଋଣ ନେଇଥିଲେ।

# ବ୍ୟାଙ୍କିଙ୍ଗ୍ ସିଷ୍ଟମରେ ନଗଦ ସଙ୍କଟ

ନୂଆଦିଲ୍ଲୀ,୧୫-୫



- ସରକାରଙ୍କ ଖର୍ଚ୍ଚହ୍ରାସ କାରଣରୁ ୪୦,୮୫୯ କୋଟି ନଗଦ ଅଭାବ
- ବର୍ଷକ ପୂର୍ବରୁ ୧୫,୮୫୭ କୋଟି ବଳକା ଥିଲା
- ମେ ୧୩ରେ ସରକାରଙ୍କ ଥିଲା ୪୪,୩୧୫ କୋଟି ବଳକା ନଗଦ
- ଜୁନ୍‌ରୁ ସଙ୍କଟ ଟଳିବା ସମ୍ଭାବନା

ଦେଶରେ ସାଧାରଣ ନିର୍ବାଚନ କାରଣରୁ କେନ୍ଦ୍ର ସରକାର ଖର୍ଚ୍ଚ କମାଇ ଦେଇଛନ୍ତି। ଫଳରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଲିକ୍ୟୁଡିଟି(ନଗଦ) କମିଗଲାଣି। ଏବେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ୪୦,୮୫୯ କୋଟି ଟଙ୍କାର ନଗଦ ସଙ୍କଟ ଦେଖାଦେଇଛି। ପୂର୍ବବର୍ଷ ଏହି ଅବଧିରେ ୧୫,୮୫୭ କୋଟି ଟଙ୍କା ବଳକା ଥିଲା ବୋଲି ବ୍ଲୁମବର୍ଗ ଏକ ରିପୋର୍ଟ ପ୍ରକାଶ କରିଛି।

ଏସ୍‌ବିଆଇର ମୁଖ୍ୟ ଅର୍ଥନୀତିଜ୍ଞ ସୌମ୍ୟକାନ୍ତି ଘୋଷ ଉକ୍ତ ରିପୋର୍ଟକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ, ସରକାର ଏପ୍ରିଲରେ ଖର୍ଚ୍ଚ ସମ୍ପୂର୍ଣ୍ଣ ବନ୍ଦ କରିଦେଲେ। ଏହି କାରଣରୁ ଏବେ ବ୍ୟାଙ୍କିଙ୍ଗ୍ ସିଷ୍ଟମରେ ଅପ୍ରତ୍ୟାଶିତ ଭାବେ ନଗଦ ସଙ୍କଟ ଦେଖାଦେଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ରେପୋ ରେଟ୍ ହ୍ରାସ କରିଥିଲେ ମଧ୍ୟ ଏହି କାରଣରୁ ଲୋକେ ଏହାର ଫାଇଦା ପାଇଲେ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଅର୍ଥନୀତିରେ ଅଭିବୃଦ୍ଧି ଲାଗି ଆର୍‌ବିଆଇ ଗତ ଦୁଇଟି ମୁଦ୍ରାନୀତିରେ ରେପୋ ରେଟ୍‌କୁ ୦.୨୫% ହିସାବରେ ଦୁଇଥର ବୃଦ୍ଧି କରିଥିଲେ। କିନ୍ତୁ ନଗଦ ସଙ୍କଟ କାରଣରୁ ବ୍ୟାଙ୍କଗୁଡ଼ିକ ଋଣ ଉପରେ ସୁଧ ହାର ହ୍ରାସ କରିବାରେ ଅସମର୍ଥ ହେଲେ। କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ବରିଷ୍ଠ ଅର୍ଥନୀତିଜ୍ଞ ଉପାସନା ଭରଦ୍ୱାଜ କହିଛନ୍ତି, ଏପ୍ରିଲରେ ବ୍ୟାଙ୍କିଙ୍ଗ ସିଷ୍ଟମରେ ନଗଦ ଅଭାବ ଚକିତ କରିଛି। ସରକାର ଖର୍ଚ୍ଚ ହ୍ରାସ କରିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଆସନ୍ତା ୨ ସପ୍ତାହ ଭିତରେ ସିଷ୍ଟମରେ ନଗଦ ହ୍ରାସ ଆହୁରି ବଢ଼ିବ ବୋଲି ତାଙ୍କର ମତ। ତେବେ ଏପ୍ରିଲ ତୁଳନାରେ ଏବେ ନଗଦ ସ୍ଥିତି ଅଧିକ ଉନ୍ନତ ହୋଇଛି। ଗତ ମାସରେ ଏହା ୧.୪୯ ଲକ୍ଷ କୋଟି ଟଙ୍କା ପହଞ୍ଚିଯାଇଥିଲା। ଏହାପରେ ଆର୍‌ବିଆଇ ବ୍ୟାଙ୍କିଙ୍ଗ ସିଷ୍ଟମରେ ଅଧିକ ନଗଦ ବଢ଼ାଇଥିଲେ। କେନ୍ଦ୍ରରେ ନୂଆ ସରକାର ଆସିବା ପରେ ଜୁନ୍‌ରୁ ସ୍ଥିତି ସ୍ୱାଭାବିକ ହେବା ଆରମ୍ଭ କରିବ ବୋଲି ଘୋଷ ପ୍ରକାଶ କରିଛନ୍ତି। ଭରଦ୍ୱାଜ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି। ନୂଆ ସରକାର ଖର୍ଚ୍ଚ କରିବା ଆରମ୍ଭ କରିବା ମାତ୍ରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ନଗଦ ବଳକା ହେବ। ମେ ୧୩ରେ କେନ୍ଦ୍ରର ବଳକା ପରିମାଣ ୪୪,୩୧୫ କୋଟି ଟଙ୍କା ଥିଲା। ଅନ୍ୟପକ୍ଷରେ ଗତବର୍ଷ ଏହି ସମୟରେ ଏହା ଶୂନ ଥିଲା। କେନ୍ଦ୍ର ନିକଟରେ ଏତେ ପରିମାଣ ନଗଦ ରହିବା ଅର୍ଥ ଏହା ଖର୍ଚ୍ଚ କାଟ କରିଛି। ଏପ୍ରିଲ ୩୦ ସୁଦ୍ଧା ବଳକା ୭୯,୪୦୦ କୋଟି ଟଙ୍କା ଥିଲା। କେୟାର ରେଟିଙ୍ଗସ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନବୀସ୍ କହିଛନ୍ତି, ନଗଦ ସଙ୍କଟ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିଲେ ସରକାରୀ ବଣ୍ଡ ସୁଧ ହାର ବୃଦ୍ଧି ପାଇବା ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ଆର୍‌ବିଆଇ ପକ୍ଷରୁ ରେପୋ ରେଟ୍ ହ୍ରାସର କୌଣସି ଫାଇଦା ମିଳିବ ନାହିଁ। ବର୍ତ୍ତମାନ ଋଣ ଅଭିବୃଦ୍ଧି ଜମାଠାରୁ ବହୁ ଅଧିକ ହୋଇଗଲାଣି। ଏହି କାରଣରୁ ମଧ୍ୟ ବ୍ୟାଙ୍କିଙ୍ଗ ସିଷ୍ଟମରେ ନଗଦ ସଙ୍କଟ ଦେଖାଦେଇଛି। ସେ କହିଛନ୍ତି, ଆର୍ଥିକ ବର୍ଷ ୨୦୧୮ ପରେ ଏପ୍ରିଲ ୨୬ ସୁଦ୍ଧା ବ୍ୟାଙ୍କଗୁଡ଼ିକର ଋଣ ଅଭିବୃଦ୍ଧି ୧୩ ପ୍ରତିଶତ ଥିଲା ବେଳେ ଜମା ୯.୭% ରହିଛି। ଅନ୍ୟପକ୍ଷରେ ଆର୍‌ବିଆଇ ସିଷ୍ଟମରେ ଅଧିକ ନଗଦ ପହଞ୍ଚାଇବା ଲକ୍ଷ୍ୟରେ ଓପନ ମାର୍କେଟ ଅପରେଶନ୍ସ(ଓଏମ୍ଓ) ଜରିଆରେ ସରକାରୀ ବଣ୍ଡ କିଣିଛି। ଆର୍‌ବିଆଇ ଡଲାର-ଟଙ୍କା ଅଦଳବଦଳ ଜରିଆରେ ମଧ୍ୟ ବ୍ୟାଙ୍କିଙ୍ଗ ସିଷ୍ଟମରେ ୧୦ ବିଲିୟନ ଡଲାର ଭାରତୀୟ ଟଙ୍କା ବଜାରରେ ପ୍ରବେଶ କରାଇଛି।

# ଧୀରେ ଧୀରେ କମୁଛି ଏଟିଏମ୍

ନୂଆଦିଲ୍ଲୀ,୧୫-୫



ସାରା ଦେଶରେ ଏଟିଏମ୍ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଛି। ଲାଭ କମିବା କାରଣରୁ ବ୍ୟାଙ୍କ ଏବଂ ଘରୋଇ କମ୍ପାନୀଗୁଡ଼ିକ ଏଟିଏମ୍ ବନ୍ଦ କରିବା ଆରମ୍ଭ କରିଛନ୍ତି। ତେବେ ଏଥିରେ ଟ୍ରାଞ୍ଜାକଶନ ସଂଖ୍ୟା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଜାରି ଆର୍‌ବିଆଇ ତଥ୍ୟ ଅନୁଯାୟୀ, ୨୦୧୧ ପରେ ଗତ ୨ ବର୍ଷରେ ହିଁ ଏଟିଏମ୍ ସଂଖ୍ୟା ହ୍ରାସ ପାଇଛି। ଆର୍‌ବିଆଇ ତଥ୍ୟ ଅନୁସାରେ ୨୦୧୧ରେ ଦେଶରେ ମୋଟ ଏଟିଏମ୍ ସଂଖ୍ୟା ୭୫,୬୦୦ ଥିଲା ବେଳେ ୨୦୧୭ ସୁଦ୍ଧା ଏହା ବୃଦ୍ଧି ପାଇ ୨ ଲକ୍ଷ ୨୨ ହଜାର ୫୦୦ରେ ପହଞ୍ଚିଯାଇଥିଲା। ଏହାପରେ ଗତ ୨ ବର୍ଷରେ ଏଟିଏମ୍ ସଂଖ୍ୟା କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଏଟିଏମ୍ ସଂଖ୍ୟା ୮୦୦ ହ୍ରାସ ପାଇ ୨,୨୧,୭୦୦ରେ ପହଞ୍ଚିଛି। ଅନ୍ୟପକ୍ଷରେ ୨୦୧୭ରେ ଦେଶରେ ୭୧.୦୬ କୋଟି ଥର ଏଟିଏମ୍ ବ୍ୟବହାର ହୋଇଥିଲା ବେଳେ ୨୦୧୯ରେ ଏହା ବୃଦ୍ଧି ପାଇ ୮୯.୨୩ କୋଟି ଥର ହୋଇଛି। ଅର୍ଥାତ୍ ଗତ ୨ ବର୍ଷରେ ଏଟିଏମ୍‌ରେ ୧୮.୧୭ କୋଟି ଥର ଟ୍ରାଞ୍ଜାକଶନ ହୋଇଛି। ଏ ସମ୍ପର୍କରେ ଫେଡେରେଶନ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରି ମହାନିର୍ଦ୍ଦେଶକ ଲଳିତ ସିହ୍ନା କହିଛନ୍ତି ଯେ, ଆର୍‌ବିଆଇ ଏବଂ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏଟିଏମ୍ ପରିଚାଳନା ଓ ଟ୍ରାଞ୍ଜାକଶନ ନିୟମକୁ ଅଧିକ କଠୋର କରାଯିବାରୁ ଏହାର ଖର୍ଚ୍ଚ ବଢ଼ିଯାଇଛି। ଏବେ ଏଟିଏମ୍ ଦେଖାଶୁଣା କରିବା ଲାଗି ଗତବର୍ଷ ଅପେକ୍ଷା ୪୦% ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଏଟିଏମ୍ ସଂଖ୍ୟା ହ୍ରାସ ପାଉଥିବାରୁ ଲୋକେ ଅଧିକ ମାତ୍ରାରେ ମୋବାଇଲ ବ୍ୟାଙ୍କିଙ୍ଗ ଉପରେ ଭରସା କରିବେ ବୋଲି ଫେଡେରାଲ ବ୍ୟାଙ୍କ ଲିମିଟେଡର ଚିଫ୍ ଫାଇନାନ୍ସିଆ ଅଫିସର ଆଶୁତୋଷ ଖଜୁରିଆ କହିଛନ୍ତି।

# ନଜରରେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକା

ନୂଆଦିଲ୍ଲୀ,୧୫-୫

**ଆଇଏଲ୍ଆଣ୍ଡଏଫ୍ଏସ୍ ସଙ୍କଟ**

ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍ଆଣ୍ଡଏଫ୍ଏସ୍) ରେ ଦେଖାଦେଇଥିବା ସଙ୍କଟ ମୂଳରେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ସରକାରଙ୍କ ସନ୍ଦେହ ଯେ, ସେମାନେ ନିଜ କାର୍ଯ୍ୟ ସୁଚାରୁରୂପେ ତୁଲାଇବାରେ ବିଫଳ ହେବାରୁ ଆଇଏଲ୍ଆଣ୍ଡଏଫ୍ଏସରେ ସଙ୍କଟ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଆଇଏଲ୍ଆଣ୍ଡଏଫ୍ଏସର ସମସ୍ତ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକାର ଯାଞ୍ଚ କରିବାକୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ବିଚାର କରୁଛି। ଏକାଧିକ ଗ୍ରୁପ୍ କମ୍ପାନୀ ବକେୟା ଋଣ ଫେରସ୍ତ ଦେବାରେ ବିଫଳ ହେବା କାରଣରୁ ଆଇଏଲ୍ଆଣ୍ଡଏଫ୍ଏସ ଉପରେ ଏବେ ପ୍ରାୟ ୯୪ ହଜାର କୋଟି ଟଙ୍କାର ଋଣଭାର ରହିଛି। ଆଇଏଲ୍ଆଣ୍ଡଏଫ୍ଏସ ସଙ୍କଟ ପାଇଁ ଦାୟୀ ଏକାଧିକ ଅଡିଟର, କ୍ରେଡିଟ ରେଟିଂ ଏଜେନ୍ସି ଓ ପୂର୍ବତନ ଅଧିକାରୀଙ୍କ ପରେ ଏବେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି।

# ୨୫୦ କମ୍ପାନୀକୁ ଜରିମାନା କଲା ଏନ୍ଏସ୍ଇ

ମୁମ୍ବାଇ,୧୫-୫



ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବାର ନିୟମ ତଥା ଅନ୍ୟାନ୍ୟ ବହୁ କାରଣରୁ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ) ମାର୍ଚ୍ଚ ତ୍ରୈମାସରେ ୨୫୦ କମ୍ପାନୀଠାରୁ ଜରିମାନା ଆଦାୟ ଲାଗି ନିର୍ଦ୍ଦେଶ ଦେଇଥିବା ବେଳେ ବହୁ କମ୍ପାନୀକୁ ନୋଟିସ ଜାରି କରିଛି। ଜରିମାନା ଆଦାୟ ହୋଇଥିବା ବଡ଼ କମ୍ପାନୀଙ୍କ ମଧ୍ୟରେ ରହିଛନ୍ତି ଆଦାନୀ ପୋର୍ଟ୍ସ ଆଣ୍ଡ ସ୍ପେଶିଆଲ ଇକୋନୋମିକ ଜୋନ୍, ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ, ଇନ୍ଦ୍ରପ୍ରସ୍ଥ ଗ୍ୟାସ, ମନ୍ନପୁରମ୍ ଫାଇନାନ୍ସ, ଭାରତ ପେଟ୍ରୋଲିୟମ କର୍ପୋରେଶନ, ଜେଟ୍ ଏୟାରୱେଜ(ଇଣ୍ଡିଆ), ଭାରତ ଇଲେକ୍ଟ୍ରୋନିକ୍ସ ଏବଂ ଅଏଲ ଇଣ୍ଡିଆ ପ୍ରମୁଖ। ୩୧ କମ୍ପାନୀଙ୍କ ଠାରୁ ଜରିମାନା ବାବଦରେ ୪ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଆଦାୟ କରାଯିବ। ଏହି ଅର୍ଥକୁ ପରେ ଇନ୍‌ଭେଷ୍ଟର ପ୍ରୋଟେକ୍ସନ ଫଣ୍ଡକୁ ପ୍ରଦାନ କରାଯିବ ବୋଲି ଏକ୍ସଚେଞ୍ଜ ପକ୍ଷରୁ ପ୍ରକାଶ କରାଯାଇଛି। ତାଲିକାଭୁକ୍ତ ନିୟମରେ ଖିଲାପ କଲେ ଏହା ସମ୍ପୃକ୍ତ କମ୍ପାନୀ, ଏହାର ପ୍ରମୋଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ସମ୍ପତ୍ତି ଜବତ କରିପାରିବ ଅଥବା ଜରିମାନା ଆଦାୟ କରିପାରିବ ବୋଲି ଏକ୍ସଚେଞ୍ଜ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଶସ୍ତାରେ ମିଳିବ ଇଣ୍ଡିଗୋର ବିଜ୍‌ନେସ କ୍ଲାସ୍ ସିଟ୍

ନୂଆଦିଲ୍ଲୀ,୧୫-୫

ସ୍ୱଳ୍ପ ମୂଲ୍ୟର ବିମାନ କମ୍ପାନୀ ଭାବେ ପରିଚିତ ଇଣ୍ଡିଗୋ ଏୟାରଲାଇନ୍ସ ଖୁବ୍‌ଶୀଘ୍ର ବିମାନ ଯାତ୍ରୀଙ୍କୁ ଶସ୍ତା ଦରରେ ବିଜ୍‌ନେସ କ୍ଲାସ୍‌ରେ ଯାତ୍ରା କରିବାର ସୁଯୋଗ ଆଣିଦେବ। ୟୁରୋପ୍ ଓ ଏସିଆର ଦେଶଗୁଡ଼ିକରେ କମ୍ ଖର୍ଚ୍ଚରେ ଲୋକଙ୍କୁ ବିମାନ ଯାତ୍ରା ସୁବିଧା ଯୋଗାଇ ଦେବାକୁ କମ୍ପାନୀ ପ୍ରୟାସ କରୁଛି। ଏଥିଲାଗି କମ୍ପାନୀ ଏକ ଯୋଜନା ପ୍ରସ୍ତୁତ କରୁଛି। ଏୟାରଲାଇନ୍ସ ଲମ୍ବା ଦୂରତାର ଉଡ଼ାଣ ନେଟ୍‌ୱାର୍କ ପ୍ରସ୍ତୁତି ଉପରେ ଧ୍ୟାନ ଦେଇଛି। ଇଣ୍ଡିଗୋ ସିଇଓ ରନଜୟ ଦତ୍ତ ଗତ ସପ୍ତାହରେ ଏକ ସାକ୍ଷାତ୍‌କାରରେ କହିଥିଲେ ଯେ, ୬ ମାସ ଭିତରେ ଇଣ୍ଡିଗୋ ପକ୍ଷରୁ ୟୁରୋପକୁ ନନ୍ ଷ୍ଟପ୍ ଉଡାଣ ଆରମ୍ଭ କରାଯିବ। ବର୍ତ୍ତମାନ କମ୍ପାନୀ ୧୮ ଅନ୍ତଃରାଷ୍ଟ୍ରୀୟ ରୁଟ୍‌ରେ ନିଜର ଉଡ଼ାଣ ଜାରି ରଖିଛି। ଇଣ୍ଡିଗୋର ଯୋଜନା ଅନୁଯାୟୀ, ୬ରୁ ୧୦ ଘଣ୍ଟା ଅଥବା ଏହାଠାରୁ ଅଧିକ ସମୟର ଉଡ଼ାଣରେ ଯାଉଥିବା ଯାତ୍ରୀଙ୍କୁ ବିଜ୍‌ନେସ କ୍ଲାସରେ ଯାତ୍ରା ପାଇଁ ଏକାଧିକ ଅତିରିକ୍ତ ସୁବିଧା ପ୍ରଦାନ କରାଯିବ। ସେମାନଙ୍କୁ ବାରମ୍ବାର ଖାଦ୍ୟପଦାର୍ଥ ପ୍ରଦାନ ସହ ୱେଲକମ୍ ଡ୍ରିଙ୍କ୍ସ ଏବଂ ଆଲ୍‌କୋହଲିକ୍ ଡ୍ରିଙ୍କ ପ୍ରଦାନ କରାଯିବ।

# ଘର କ୍ରେତା ବକେୟା ଉପରେ ଦେବେ ୧୨% ଜିଏସ୍‌ଟି

ନୂଆଦିଲ୍ଲୀ,୧୫-୫



ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ବିଲ୍‌ଡରଙ୍କ ଦ୍ୱାରା ନିର୍ମିତ ପ୍ରକଳ୍ପକୁ ଯଦି ନିର୍ମାଣ ଶେଷ ହୋଇଥିବା ସାର୍ଟିଫିକେଟ ମିଳିଯାଏ, ତେବେ ଘର କ୍ରେତା ବକେୟା ଅର୍ଥ ଉପରେ ୧୨% ଜିଏସ୍‌ଟି ଦେବାକୁ ବାଧ୍ୟ ରହିବେ ବୋଲି ସିବିଆଇସି ସ୍ପଷ୍ଟ କରିଛି। ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ୍(ସିବିଆଇସି) କହିଛି ଯେ, ବିଲ୍‌ଡର ଯଦି ୫%ରେ ଜିଏସ୍‌ଟି ପାଇଁ ଆବେଦନ କରିଥିବେ, ତେବେ ତାଙ୍କୁ ଚାଲିଥିବା ପ୍ରକଳ୍ପ ଉପରେ ସଂଗୃହୀତ କ୍ରେଡିଟ୍ ଆଡ୍‌ଜଷ୍ଟ କରିବାର ସୁବିଧା ମିଳିବ ନାହିଁ। ସୂଚନାଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ବସିଥିବା ଜିଏସ୍‌ଟି କାଉନସିଲ ରିୟଲ ଇଷ୍ଟେଟ ସେକ୍ଟରକୁ ଆଶ୍ୱସ୍ତ କରି ଜିଏସ୍‌ଟି ହାରକୁ ୫%କୁ ହ୍ରାସ କରିଥିଲେ।

- ଅଂଶଧନ କିଣିବାକୁ ଅନୁରୋଧ କଲା ଏଟିହାଦ, ବ୍ୟାଙ୍କ ସମୂହ

# ଜେଟ୍ ପାଇଁ ହିନ୍ଦୁଜା ଭ୍ରାତାଙ୍କୁ ଗୁହାରି

ନୂଆଦିଲ୍ଲୀ,୧୫-୫



ଜେଟ୍ ଏୟାରୱେଜ ପାଇଁ ଏନ୍ଆର୍ଆଇ ହିନ୍ଦୁଜା ଭ୍ରାତା ଏବେ ଶେଷ ଆଶା ହୋଇଛନ୍ତି। କମ୍ପାନୀ ବଡ଼ ଆକାରର ଅଂଶଧନ କିଣିବା ଲାଗି ଏଟିହାଦ ଏୟାରୱେଜ ଏବଂ ଏସ୍‌ବିଆଇ ନେତୃତ୍ୱାଧୀନ ବ୍ୟାଙ୍କ ସମୂହ ପକ୍ଷରୁ ସେମାନଙ୍କୁ ଅନୁରୋଧ କରାଯାଇଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜେଟ୍ ଏୟାରୱେଜର ଅଂଶଧନ କିଣିବା ଲାଗି ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବଡ଼ କମ୍ପାନୀ ଆଗେଇ ଆସିନାହାନ୍ତି। ଆବୁଧାବୀର ଏୟାରଲାଇନ୍ସ କମ୍ପାନୀ ଏଟିହାଦ ସମେତ ୩ କମ୍ପାନୀ ବିଡ୍ ଦାଖଲ କରିଛନ୍ତି ସତ ସେମାନେ ବଡ଼ ଆକାରର ନିବେଶ ଲାଗି ଆଗ୍ରହୀ ନ ଥିବା ଜଣାଇ ଦେଇଛନ୍ତି। ଏହି କାରଣରୁ ଏବେ ଜେଟ୍‌ରେ ନିବେଶଲାଗି ଇଚ୍ଛୁକ କମ୍ପାନୀ କିମ୍ବା ଗ୍ରୁପ୍‌କୁ ଖୋଜିବା ଉଦ୍ୟମ ଆରମ୍ଭ ହୋଇଛି। ତେବେ ହିନ୍ଦୁଜା ଭ୍ରାତା ଜେଟ୍‌ରେ ନିବେଶ ଲାଗି କୌଣସି ପ୍ରତିଶ୍ରୁତି ଦେଇନାହାନ୍ତି। ଅନ୍ୟପକ୍ଷରେ ଏଟିହାଦର ପ୍ରତିନିଧିମାନେ ହିନ୍ଦୁଜା ଭ୍ରାତାଙ୍କ ମଧ୍ୟରେ ବଡ଼ ଜେ.ପି. ହିନ୍ଦୁଜାଙ୍କ ସହ ଯୋଗାଯୋଗ କରିଛନ୍ତି। ଉଭୟଙ୍କ ମଧ୍ୟରେ ଆଲୋଚନା ପରେ ଜେଟ୍‌ରେ ନିବେଶ ନେଇ ସେ ଆଗ୍ରହ ପ୍ରକାଶ କରିଥିବା ଜଣାପଡିଛି। ହିନ୍ଦୁଜା ଗ୍ରୁପ୍‌ର ପରିଚାଳନା ଦାୟିତ୍ୱ ଜେ.ପିଙ୍କ ହାତରେ ରହିଛି। ନିବେଶ ସମ୍ପର୍କରେ ସବୁ ଶୁଣିବା ପରେ ଜେ.ପି. ତାଙ୍କ ସାନଭାଇ ଅଶୋକ ହିନ୍ଦୁଜାଙ୍କ ନିକଟକୁ ଏଟିହାଦ ପ୍ରତିନିଧିଙ୍କୁ ପଠାଇ ଦେଇଛନ୍ତି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜେଟ୍ ଏୟାରୱେଜରେ ନିବେଶ ଲାଗି ହିନ୍ଦୁଜା ଗ୍ରୁପ୍ କୌଣସି ପ୍ରତିଶ୍ରୁତି ଦେଇନାହାନ୍ତି, କିନ୍ତୁ ସମସ୍ତ ବିକଳ୍ପ ଖୋଲା ରଖିଛନ୍ତି। ଆଗାମୀ ଦିନରେ ସେମାନେ ଏଟିହାଦ ଓ ବ୍ୟାଙ୍କ କନ୍‌ସୋର୍ଟିୟମ ପ୍ରତିନିଧିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ତେବେ ଏଥିଲାଗି ଦିନ ଧାର୍ଯ୍ୟ ହୋଇନାହିଁ। ସୂଚନାଥାଉ କି, ସାରା ବିଶ୍ୱରେ ହିନ୍ଦୁଜା ଗ୍ରୁପ୍ ଅଟୋମୋଟିଭ, ଅଏଲ ଆଣ୍ଡ ସ୍ପେଶିଆଲିଟି କେମିକାଲ୍ସ, ମିଡିଆ, ଆଇଟି, ପାୱାର, ହେଲ୍‌ଥକେୟର ଏବଂ ରିଏଲ ଇଷ୍ଟେଟ୍ ଆଦି ୧୦ ସେକ୍ଟରରେ ବ୍ୟବସାୟ କରୁଛନ୍ତି। ବିକ୍ରି ଦୃଷ୍ଟିରୁ ଭାରତରେ ଏକ ନମ୍ବର ସ୍ଥାନରେ ଥିବା ଟ୍ରକ କମ୍ପାନୀ ଅଶୋକ ଲେଲ୍ୟାଣ୍ଡର ମାଲିକାନା ହିନ୍ଦୁଜା ଗ୍ରୁପ୍ ନିକଟରେ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ଜେଟ୍‌ର ପୁନରୁଦ୍ଧାର ଲାଗି ହିନ୍ଦୁଜା ଗ୍ରୁପ୍ ନିକଟରେ ପର୍ଯ୍ୟାପ୍ତ ଅର୍ଥ ରହିଛି।

**ODISHA POWER GENERATION CORPORATION LTD.**
(A Government Company of the State of Odisha)
Regd. Office: Zone A, 7th Floor, Fortune Towers, Chandrasekharpur, Bhubaneswar – 751023, Odisha, India
Ph: +91 674- 2303765/66, Fax: +91 674 2303755/56
OPGC Power for Progress

**REQUEST FOR PROPOSAL FOR ENGAGEMENT OF COAL COORDINATION AGENCY**
OPGC invites proposals for selection of Coal Coordination Agency for coordination and handling coal supplies to its power plant situated at IB Thermal Power Station, Banharpali, Jharsuguda, Odisha. Interested Parties may download the RFP detailing terms and conditions from website **www.opgc.co.in** till **27th May 2019**.

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.) E.H.T. (O&M) DIVISION, JODA
P.O.- BONEIKALA, DIST.- KEONJHAR, PIN: 758038 (ODISHA) , PHONE NO.: 7328829375, E-mail: ehtm.div.jod@optcl.co.in
CIN: U40102OR2004SGC007553
Letter No.: 123 Dated: 15.05.2019
**TENDER CALL NOTICE NO.- 02/2019-2020**
Sealed tenders are invited from the Civil & HT Contractors having valid "C" & "D" Class Civil Contractor licence issued by Govt. of Odisha/Military/Railways & having valid IT PAN Card/GST registration for the work of "SUPPLY, FITTING & FIXING OF FLOOR TILES AT DIFFERENT ROOMS OF DIVISION OFFICE, JODA" under EHT(O&M) Division Joda. Cost of tender paper Rs.2240/-, EMD = Rs.5000/-. Sale of tender documents from Dt.17.05.2019 to 26.05.2019. Last date of submission of tender - 27.05.2019 upto 1.00 P.M. Date of opening of tender - 27.05.2019 at 3.00 P.M. For details visit our website: **www.optcl.co.in**. Corrigendum if any will be published in the OPTCL website only.
Sd./- Dy. General Manager (Elect.), EHT (O&M) Division, Joda

**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**
ନଂ. ୫୬୨୮ ତା.୧୪।୦୫।୨୦୧୯
**ବିଜ୍ଞାପନ**
**ସରକାରୀ ବସ୍ ଭଡ଼ା ସୂତ୍ରରେ ଚଳାଇବା ନିମନ୍ତେ ବିଜ୍ଞପ୍ତି**
ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କେତେକ ମାର୍ଗର ବସ୍‌କୁ ଭଡ଼ା ସୂତ୍ରରେ ଚଳାଚଳ କରିବା ନିମନ୍ତେ ଜଉମୁଦଦିଆ ଦରଖାସ୍ତ ଆହ୍ୱାନ କରୁଛନ୍ତି। ତଥ୍ୟାବଳୀ ତା.୧୮।୦୫।୨୦୧୯ରୁ ୨୮।୦୫।୨୦୧୯ରିଖ ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଣ୍ଟା ଠାରୁ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପରିବହନ ନିଗମର ମୁଖ୍ୟ କାର୍ଯ୍ୟାଳୟ ତଥା ଶାଖା କାର୍ଯ୍ୟାଳୟମାନଙ୍କରେ ଟ.୧୭୫/- (ଏକଶତ ପଞ୍ଚସ୍ତରୀ ଟଙ୍କା) ମାତ୍ର ଜମା କରି www.osrtc.in ରେ ଡାଉନଲୋଡ କରି ଟେଣ୍ଡର ଫର୍ମ ସହ ଟ.୧୭୫/- (ଏକଶତ ପଞ୍ଚସ୍ତରୀ ଟଙ୍କା) ମାତ୍ର ମୂଲ୍ୟର I.P.O ଯାହାକି G.P.O ଭୁବନେଶ୍ୱରରୁ ଉଠାଣ ନିମନ୍ତେ ଗ୍ରହଣଯୋଗ୍ୟ ଏବଂ ଆବେଶିକ ଫିସ୍ ଟ.୧୨୦୦/- (ଏକ ହଜାର ଦୁଇ ଶହ ଟଙ୍କା) ମାତ୍ର (ଫେରସ୍ତଯୋଗ୍ୟ ନୁହେଁ), ଯେକୌଣସି ଜାତୀୟକରଣ ବ୍ୟାଙ୍କର Bank Draft, Accounts Officer, OSRTC ଭୁବନେଶ୍ୱରଙ୍କ ନାମରେ ଗ୍ରହଣ କରାଯିବ।
ସମସ୍ତ ଟେଣ୍ଡର ଫର୍ମ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ତା.୨୮।୦୫।୧୯ରିଖ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ସମୟ ଓ ତାରିଖ ପରେ କୌଣସି ଟେଣ୍ଡର ଫର୍ମ ଗ୍ରହଣ କରାଯିବ ନାହିଁ।
ଟେଣ୍ଡରର ସବିଶେଷ ସର୍ତ୍ତାବଳୀ ଟେଣ୍ଡର ପୁସ୍ତିକାରେ ତଥା OSRTC Website-www.osrtc.in ରେ ଉପଲବ୍ଧ।
ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶ କ୍ରମେ
ସ୍ୱା./- ରୁଦ୍ର ପ୍ରସନ୍ନ ସାହୁ
ସାଧାରଣ ପରିଚାଳକ (ପ୍ରଶାସନ)
ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର

ବ୍ୟାଟିଂ ଓ ବୋଲିଂରେ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଯେଉଁ ଦକ୍ଷତା ରହିଛି ଟିମ୍ ଇଣ୍ଡିଆରେ ଆଉ କେହି ତାଙ୍କ ନିକଟତର ହୋଇପାରିବେ ନାହିଁ।

–ବୀରେନ୍ଦ୍ର ସେହ୍ୱାଗ, ପ୍ରାକ୍ତନ ଭାରତୀୟ କ୍ରିକେଟର



ଗତ ଆଇପିଏଲ୍‌ରେ ଭିନ୍ନ କୋଚ୍ ଓ ଖେଳାଳିଙ୍କ ନିକଟରୁ କିଛି ନୂତନ କଥା ଶିଖିପାରିଲି।

–ଜନି ବେୟାରଷ୍ଟୋ, ଇଂଲଣ୍ଡ କ୍ରିକେଟର



## ସଂକ୍ଷେପରେ

### ଆଟ୍‌ଲେଟିକୋ ଛାଡ଼ିବେ ଗ୍ରିଜମ୍ୟାନ



ମାଡ୍ରିଡ୍,୧୫।୫(ଏଏଫ୍‌ପି)- ଫ୍ରାନ୍ସ ଷ୍ଟ୍ରାଇକର ଆଣ୍ଟିନୋ ଗ୍ରିଜମ୍ୟାନ ଚଳିତ ସିଜନ ଶେଷରେ ଆଟ୍‌ଲେଟିକୋ ମାଡ୍ରିଡ୍ ଦଳ ଛାଡ଼ିବେ। ଏ ନେଇ ଗ୍ରିଜମ୍ୟାନ ଟୁଇଟରରେ ପ୍ରକାଶ କରିଛନ୍ତି। କୋଚ ଓ ପ୍ରଶଂସକଙ୍କ ସହ ଆଲୋଚନା କରିବା ପରେ ମୁଁ ଏହି ନିଷ୍ପତ୍ତି ନେଇଛି। ମୁଁ ଏଠାରେ ୫ଟି ସଫଳ ସିଜନ ଖେଳିଛି। ଏହା ସର୍ବଦା ମୋ ହୃଦୟରେ ରହିବ ବୋଲି ୨୦୧୮ ଫିଫା ବିଶ୍ୱକପ୍ ଚାମ୍ପିୟନ ଫ୍ରାନ୍ସ ଦଳର ସଦସ୍ୟ କହିଛନ୍ତି। ୨୮ ବର୍ଷୀୟ ଗ୍ରିଜମ୍ୟାନ ସ୍ପାନିଶ କ୍ଲବ ଆଟ୍‌ଲେଟିକୋ ସହ ୨୦୨୩ ପର୍ଯ୍ୟନ୍ତ ଚୁକ୍ତି କରିଥିଲେ। ହେଲେ ୧୩୪ ନିୟୁତ ଆମେରିକୀୟ ଡଲାର ଦେଇ ଚୁକ୍ତିକୁ ଖାରଜ କରିଛନ୍ତି। ଆଟଲେଟିକୋ ପାଇଁ ୨୫୨ ମ୍ୟାଚ୍ ଖେଳି ଫ୍ରେଞ୍ଚ ଷ୍ଟାର ୧୩୩ ଗୋଲ ସ୍କୋର କରିଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଆଟଲେଟିକୋ ମାଡ୍ରିଡ୍ ୨୦୧୬ ଚାମ୍ପିୟନ୍ସ ଲିଗ୍ ରନର୍ସଅପ୍ ହୋଇଥିଲା। ୨୦୧୮ରେ ଦଳ ୟୁରୋପ ଲିଗ୍‌ରେ ଚାମ୍ପିୟନ ହୋଇଥିଲା। ଏହାବାଦ୍ ୨୦୧୬ ବାଲନ ଡି' ଅର ପୁରସ୍କାର ପାଇବା ଦୌଡ଼ରେ ୩ୟ ସ୍ଥାନରେ ରହିଥିଲେ।

### ବର୍ଷର ଶ୍ରେଷ୍ଠ ମ୍ୟାନେଜର ଗାର୍ଡିୟୋଲା



ଲଣ୍ଡନ,୧୫।୫(ଏଏଫ୍‌ପି)- ମାଞ୍ଚେଷ୍ଟର ସିଟି କୋଚ୍ ପେପ ଗାର୍ଡିୟୋଲା ଜୁର୍ଗନ କ୍ଲାପଙ୍କୁ ପଛରେ ପକାଇ ତିନି ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ୨୦୧୮ ବର୍ଷର ଶ୍ରେଷ୍ଠ ମ୍ୟାନେଜର ସମ୍ମାନ ପାଇଛନ୍ତି। ସ୍ପାନିଶ କୋଚ୍ ଭୋଟ ପ୍ରକ୍ରିୟାରେ କ୍ଲାପ, ଟୋଟେନହାମ ମ୍ୟାନେଜର ମୌରିସିୟୋ ପୋଚେଟିନୋଙ୍କୁ ପଛରେ ପକାଇ ଏହି ସଫଳତା ପାଇଛନ୍ତି। ନିକଟରେ ଗାର୍ଡିୟୋଲା ଲିଗ୍ ମ୍ୟାନେଜରଙ୍କ ଆସୋସିଏଶନ ପକ୍ଷରୁ ସମାନ ବର୍ଷ ପାଇଁ ଶ୍ରେଷ୍ଠ କୋଚ୍ ପୁରସ୍କାର ମିଳିଥିଲା। ଗାର୍ଡିୟୋଲାଙ୍କ ଦଳ ରବିବାର କ୍ଲାପଙ୍କ ଲିଭରପୁଲକୁ ହରାଇ ପ୍ରିମିୟର ଲିଗ୍ ଟାଇଟଲ ବଜାୟ ରଖିଛି। ପୂର୍ବରୁ ମାଞ୍ଚେଷ୍ଟର ସିଟି ଲିଗ୍ କପ୍ ହାସଲ କରିଥିଲା।

# ଫିଟ୍ ରହିବାକୁ ଯୋଗ କରୁଛନ୍ତି ଗେଲ୍

ନୂଆଦିଲ୍ଲୀ,୧୫।୫(ପି.ଟି.)



ୱେଷ୍ଟଇଣ୍ଡିଜ୍ ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ଏଥର କ୍ୟାରିୟରର ପଞ୍ଚମ ତଥା ଅନ୍ତିମ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ୩୯ ବର୍ଷରେ ମଧ୍ୟ ସେ ନିଜକୁ ଆବଶ୍ୟକ ଅନୁସାରେ ଫିଟ୍ ରଖିପାରିଛନ୍ତି। ଏଥିପାଇଁ ସେ ନିଜସ୍ୱ ଢଙ୍ଗରେ ପ୍ରୟାସ ଜାରି ରଖିଛନ୍ତି। ସେ ଜିମ୍ ଯିବା ବଦଳରେ ଯୋଗ କରୁଛନ୍ତି। ସେ ସ୍ୱତଃପ୍ରବୃତ ଭାବେ ଶକ୍ତିଶାଳୀ ଓ ଦୃଢ଼। ତେଣୁ ତାଙ୍କ ଜିମ୍ ଯିବାର ଆବଶ୍ୟକାତା କମ୍ ରହିଛି। ତେଣୁ ସେ ବ୍ୟାପକ ଭାବେ ଯୋଗ କରୁଛନ୍ତି। ସଦ୍ୟ ସମାପ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ୪୦.୮୩ ହାରରେ ମୋଟ ୪୯୦ ରନ କରି ଜବରଦସ୍ତ ଫର୍ମର ନମୁନା ପ୍ରଦର୍ଶନ କରିଛନ୍ତି। ଆସନ୍ତା ୩୦ ତାରିଖରୁ ଇଂଲଣ୍ଡରେ ଆରମ୍ଭ ହେବାକୁଥିବା ବିଶ୍ୱକପ୍‌ରେ ସେ ଏହି ଫର୍ମ ଜାରି ରଖିବାକୁ ଚେଷ୍ଟା କରୁଛନ୍ତି। ମୋର ଅଭିଜ୍ଞତା ରହିଛି। ତେଣୁ ବିଶ୍ୱକପ୍‌ରେ କିଭଳି ଖେଳିବାକୁ ହେବ ତାହା ଅବଶ୍ୟ ମୁଁ ଜାଣିଛି। ଏବେ ଭଲ ବ୍ୟାଟିଂ କରୁଛି ଓ ବିଶ୍ୱକପ୍‌ରେ ଏହା ଜାରି ରହିବ ବୋଲି ଗେଲ୍ ଆଶାପ୍ରକାଶ କରିଛନ୍ତି।

ପ୍ରଦର୍ଶନ ଉପରେ ବୟସର ପ୍ରଭାବ ରହିବା କଥା ସେ ସ୍ୱୀକାର କରିଛନ୍ତି। ଆଇପିଏଲ୍‌ରେ ସେ ୩୪ ଓ ଇଂଲଣ୍ଡ ବିପକ୍ଷ ୪ଟି ଦିନିକିଆରେ ସେ ୩୯ଟି ଛକା ମାରିଛନ୍ତି। ତେବେ ଫିଟ୍ ରହିବା ନିହାତି ଜରୁରୀ ବୋଲି ସେ କହିଛନ୍ତି। ଇଂଲଣ୍ଡ ବିପକ୍ଷ ଗତ ଦିନିକିଆ ସିରିଜରେ ସେ ୧୦୬ ରନ ଆଭରେଜରେ ୪୨୪ ରନ ସଂଗ୍ରହ କରିଛନ୍ତି। ଏଥିରେ ଦୁଇଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ରହିଛି। ୧୯୯୯ରେ ପଦାର୍ପଣ କରିଥିବା ଗେଲ ଦିନିକିଆରେ ୧୦,୧୫୧ ରନ ସଂଗ୍ରହ କରିଛନ୍ତି।

# ଷ୍ଟିମାକ୍ ଭାରତୀୟ ଫୁଟ୍‌ବଲ କୋଚ

ନୂଆଦିଲ୍ଲୀ,୧୫।୫(ପିଟି)

କ୍ରୋଏସିଆ ୧୯୯୮ ବିଶ୍ୱକପ୍ ଦଳର ସଦସ୍ୟ ଇଗୋର ଷ୍ଟିମାକ ବୁଧବାର ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ପଦରେ ନିଯୁକ୍ତ ହୋଇଛନ୍ତି। ତାଙ୍କୁ ୨ ବର୍ଷ ପାଇଁ ଏହି ଗୁରୁଦାୟିତ୍ୱ ଦିଆଯାଇଛି। ଏଏଫ୍‌ସି ଏସିଆନ୍ କପ୍‌ରେ ଭାରତୀୟ ଦଳ ଆଶାନୁଯାୟୀ ପ୍ରଦର୍ଶନ କରିବାରେ ବିଫଳ ହେବା ପରେ ଷ୍ଟିଫେନ କନଷ୍ଟାଟିନେ ଇସ୍ତଫା ଦେଇଥିଲେ। ସେବେଠୁ ଜାତୀୟ ଦଳର କୋଚ୍ ପଦ ଖାଲି ପଡ଼ିଥିଲା। ନୂଆ କୋଚ୍ ଷ୍ଟିମାକଙ୍କୁ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) କାର୍ଯ୍ୟକାରୀ କମିଟି ନିଯୁକ୍ତ କରିଛି। ୫୧ ବର୍ଷୀୟ ଷ୍ଟିମାକଙ୍କ ନେତୃତ୍ୱରେ କ୍ରୋଏସିଆ ୧୯୯୮ ବିଶ୍ୱକପ୍‌ରେ ୩ୟ ସ୍ଥାନ ଅଧିକାର କରିଥିଲା। ୟୁଫା ୟୁରୋପିଆନ ଚାମ୍ପିୟନଶିପ୍ ୧୯୯୬ କ୍ୱାର୍ଟର ଫାଇନାଲ ଖେଳିଥିବା କ୍ରୋଏସିଆ ଦଳର ମଧ୍ୟ ସଦସ୍ୟ ଥିଲେ। ଏହାବାଦ୍ ତାଙ୍କ ପ୍ରତିନିଧିତ୍ୱରେ ୧୯୮୭ରେ ୟୁଗୋସ୍ଲୋଭିଆ ୨୦ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ହାତେଇଥିଲା। ୨୦୦୧ରେ ସେ ଅବସର ନେଇଥିଲେ। ଏହାପରେ ୧୮ ବର୍ଷ ହେଲା ସେ ବିଭିନ୍ନ ଦଳର କୋଚ୍ ଦାୟିତ୍ୱରେ କାର୍ଯ୍ୟ କରି ଆସୁଛନ୍ତି। କ୍ରୋଏସିଆ ଦଳକୁ ୨୦୧୪ ଫିଫା ବିଶ୍ୱକପ୍ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବା କୋଚ୍ ଭାବେ ଷ୍ଟିମାକଙ୍କ ସବୁଠୁ ବଡ଼ ସଫଳତା। ତାଙ୍କୁ ଭାରତୀୟ ଫୁଟ୍‌ବଲକୁ ସ୍ୱାଗତ କରିଛନ୍ତି ଏଆଇଏଫ୍‌ଏଫ୍ ସଭାପତି ପ୍ରଫୁଲ୍ଲ ପଟେଲ। ଭାରତୀୟ ଦଳର କୋଚ ହେବା ପାଇଁ ଇଗୋର ସବୁଠୁ ଭଲ ପ୍ରାର୍ଥୀ। ତାଙ୍କ ଅଭିଜ୍ଞତା ଭାରତୀୟ ଦଳକୁ ବିଶେଷ ସହାୟତା କରିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଟେକନିକାଲ କମିଟି ମୁଖ୍ୟ ଶ୍ୟାମ ଥାପ୍ପା କହିଛନ୍ତି, ସଭିଙ୍କ ଏକମତ କ୍ରମେ ଷ୍ଟିମାକଙ୍କୁ କୋଚ୍ ପଦ ଲାଗି ଚୟନ କରାଯାଇଛି। ଟେକନିକାଲ ନିର୍ଦ୍ଦେଶକ ଆଇଜାକ ଡୋରୁଙ୍କ ସମେତ ସମସ୍ତ ସଦସ୍ୟ ଷ୍ଟିମାକଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ସେ ଜଣେ ବିଶ୍ୱକପ୍‌ରେ ସଫଳତା ପାଇଥିବା ଦଳର ସଦସ୍ୟ ଓ କୋଚ୍ ଭାବେ କ୍ରୋଏସିଆ ଦଳକୁ ବିଶ୍ୱକପ୍‌ରେ ପହଞ୍ଚାଇଛନ୍ତି। ଏଣୁ ତାଙ୍କଠାରୁ ଭଲ ପ୍ରାର୍ଥୀ ଆଉ କିଏ ହୋଇପାରିବ। ଥାଇଲାଣ୍ଡରେ ଆଗାମୀ ମାସରେ ହେବାକୁ ଥିବା କିଙ୍ଗ୍ସ କପ୍ ଷ୍ଟିମାକଙ୍କ ଲାଗି ପ୍ରଥମ ଆସାଇମେଣ୍ଟ ହେବ।



ଇଗୋର ଷ୍ଟିମାକ

# ଭାରତର ଅପରାଜେୟ ଧାରା ଭାଙ୍ଗିଲା

ପର୍ଥ, ୧୫।୫(ପି.ଟି.)

## ଅଷ୍ଟ୍ରେଲିଆ ଟୁର୍

ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ ହକି ଦଳର ଅପରାଜେୟ ଧାରାରେ ରୋକ୍ ଲାଗିଛି। ବୁଧବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଭାରତୀୟ ଦଳ ୦-୪ ଗୋଲରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ ନିକଟରୁ ପରାସ୍ତ ହୋଇଛି। ଗସ୍ତରେ ୪ର୍ଥ ମ୍ୟାଚ୍‌ରୁ ଭାରତର ଏହା ପ୍ରଥମ ପରାଜୟବରଣ ଥିଲା। ଘରୋଇ ଦଳ ପକ୍ଷରୁ ବ୍ଲାକେ ଗ୍ରୋଭର୍ସ ଓ ଜେର୍ମି ହେୱାର୍ଡ ୨ଟି ଲେଖାଏ ଗୋଲସ୍କୋର କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଏହି ଗସ୍ତର ପ୍ରଥମ ୩ଟି ମ୍ୟାଚ୍‌ରେ ଅପରାଜେୟ ରହିଥିବା ଭାରତକୁ ଏକପାଖିଆ ଭାବେ ହରାଇବାରେ ଅଷ୍ଟ୍ରେଲିଆ ସଫଳ ହୋଇଥିଲା। ମ୍ୟାଚ୍ ଆରମ୍ଭରୁ ଭାରତୀୟ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ର ୫ମ ମିନିଟ୍‌ରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲେ ମଧ୍ୟ ହରମନ୍‌ପ୍ରୀତ୍ ସିଂଙ୍କ ପ୍ରୟାସ ପ୍ରତିପକ୍ଷ ଖେଳାଳିଙ୍କ ଦ୍ୱାରା ନିଷ୍ପ୍ରଭ ଯାଇଥିଲା। ଏହାର କିଛି ସମୟ ପରେ ଉଭୟ ହରମନ୍‌ପ୍ରୀତ୍ ଓ ନୀଳକାନ୍ତ ଶର୍ମାଙ୍କ ମିଳିତ ପ୍ରୟାସରେ ଅଷ୍ଟ୍ରେଲିଆ ଉପରେ ଆଟାକ୍ ହୋଇଥିଲେ ମଧ୍ୟ ଏହା ମଧ୍ୟ ବିଫଳ ହୋଇଥିଲା। କିନ୍ତୁ ଘରୋଇ ଅଷ୍ଟ୍ରେଲିଆ ଏହାପରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ୫ ମିନିଟ୍‌ର ଅନ୍ତରରେ ୨ଟି ଗୋଲ କରି ଅଷ୍ଟ୍ରେଲିଆ ଭ୍ରମଣକାରୀ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ମ୍ୟାଚ୍‌ର ୧୫ତମ ମିନିଟ୍‌ରେ ଅଷ୍ଟ୍ରେଲିଆକୁ ମିଳିଥିବା ପ୍ରଥମ ପେନାଲ୍ଟି କର୍ନରକୁ ଗ୍ରୋଭର୍ସ କୌଣସି ତ୍ରୁଟି ନ କରି ଭାରତୀୟ ନେଟ୍ ମଧ୍ୟକୁ ବଲ୍ ପଠାଇ ଦେଇଥିଲେ। ଫଳରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ୨୦ତମ ମିନିଟ୍‌ରେ ଅଷ୍ଟ୍ରେଲିଆକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥର ହେୱାର୍ଡଙ୍କ ପାଳି ପଡ଼ିଥିଲା। ହେୱାର୍ଡ କୌଣସି ତ୍ରୁଟି ନ କରି ଭାରତୀୟ ଗୋଲକିପର କ୍ରିଷ୍ଣା ବାହାଦୁର ପାଠକଙ୍କୁ ଚକ୍‌ମା ଦେଖାଇ ବଲ୍‌କୁ ନେଟ୍ ମଧ୍ୟକୁ ପଠାଇ ଦେଇଥିଲେ। ଏହାର ୩ ମିନିଟ୍ ପରେ ଅଷ୍ଟ୍ରେଲିଆ ୩ୟ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ପାଠକ ନିଶ୍ଚିତ ଗୋଲକୁ ଅଟକାଇ ଦେଇଥିଲେ। ଭାରତ ପକ୍ଷରୁ ସୁମିତ୍ କୁମାରଙ୍କ ଏକ ପେନାଲ୍ଟି କର୍ନର ଶଟ୍‌କୁ ଅଷ୍ଟ୍ରେଲିଆ ଗୋଲକିପର ଜୋହାନ ଡ୍ରଷ୍ଟ ଅଟକାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ତୃତୀୟ କ୍ୱାର୍ଟରରେ ଉଭୟ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ କଡ଼ା ଟକ୍କର ହୋଇଥିଲେ ମଧ୍ୟ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ତେବେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଅଷ୍ଟ୍ରେଲିଆ ସପକ୍ଷରେ ଯାଇଥିଲା। ଅନ୍ତିମ ୨ ମିନିଟ୍‌ରେ ୨ଟି ଗୋଲସ୍କୋର କରି ଘରୋଇ ଦଳ ୪-୦ ଗୋଲରେ ଏକପାଖିଆ ବିଜୟ ଲାଭ କରିଥିଲା। ଗୋଲ ଆଶାରେ ଭାରତ ଅନ୍ତିମ ମୁହୂର୍ତ୍ତରେ ଗୋଲକିପରଙ୍କୁ ଅତିରିକ୍ତ ଖେଳାଳି ଭାବେ ମଧ୍ୟଭାଗରେ ଖେଳାଇଥିଲା। କିନ୍ତୁ ଏହାର ଫାଇଦା ଉଠାଇ ୫୯ତମ ମିନିଟ୍‌ରେ ହେୱାର୍ଡ ଓ ୬୦ତମ ମିନିଟ୍‌ରେ ଗ୍ରୋଭର୍ସ ବ୍ୟକ୍ତିଗତ ଭାବେ ନିଜର ୨ୟ ଗୋଲ ଦେଇଥିଲେ। ଏହି କ୍ୱାର୍ଟରରେ କେତୋଟି ସୁଯୋଗ ମିଳିଥିଲେ ମଧ୍ୟ ଗୋଲରେ ରୂପାନ୍ତରିତ କରିବାରେ ଭାରତୀୟ ଖେଳାଳି ବିଫଳ ହୋଇଥିଲେ।



ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ରୋମାଞ୍ଚକ ମୁହୂର୍ତ୍ତ।

### ମନଙ୍ଗ-ମିନର୍ଭା ମ୍ୟାଚ୍ ଡ୍ର

କାଠମାଣ୍ଡୁ, ୧୫।୫(ପି.ଟି.)

ଏଏଫ୍‌ସି କପ୍‌ରେ ବୁଧବାର ଖେଳାଯାଇଥିବା ଗ୍ରୁପ୍-ଇ'ର ଏକ ମ୍ୟାଚ୍‌ରେ ମିନର୍ଭା ପଞ୍ଜାବ ୧-୧ ଗୋଲରେ ଘରୋଇ ନେପାଳଭିତ୍ତିକ କ୍ଲବ ମନଙ୍ଗ ମର୍ଶିଆଙ୍ଗଡି ବିପକ୍ଷରେ ଡ୍ର' ରଖିଛି। ଏହି ଡ୍ର' ଫଳରେ ପ୍ରତିଯୋଗିତାର ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଥିବା ମିନର୍ଭା ପାଇଁ ଅଡୁଆ ବଢ଼ିଯାଇଛି। ସ୍ଥାନୀୟ ଏଏନ୍‌ଏଫ୍‌ଏ କମ୍ପ୍ଲେକ୍ସରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପ୍ରଥମାର୍ଦ୍ଧ ଶେଷ ଭାଗରେ ମିନର୍ଭା ପକ୍ଷରୁ ପ୍ରଥମେ ଗୋଲସ୍କୋର ହୋଇଥିଲା। ମ୍ୟାଚ୍‌ର ୪୦ତମ ମିନିଟ୍‌ରେ ମିନର୍ଭାର ଥୋଇବା ସିଂଙ୍କ ଗୋଲବଳରେ ଦଳ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ପ୍ରଥମାର୍ଦ୍ଧ ଶେଷ ହେବାକୁ କିଛି ସମୟ ଥିବାବେଳେ ପ୍ରତୀକ ଜୋଷୀଙ୍କୁ ରେଡ୍ କାର୍ଡ ମିଳିଥିଲା। ଫଳରେ ମିନର୍ଭା ୧୦ ଜଣ ଖେଳାଳିଙ୍କୁ ନେଇ ଦ୍ୱିତୀୟାର୍ଦ୍ଧ ସାରା ଖେଳିଥିଲା। ଏହାର ଫାଇଦା ଉଠାଇ ଘରୋଇ ଦଳ ଗୋଲ ଶୁଝାଇବାରେ ସଫଳ ହୋଇଥିଲା। ମ୍ୟାଚ୍‌ର ୮୧ତମ ମିନିଟ୍‌ରେ ଡିଫେଣ୍ଡର ଓଲୁୱାଶିନ ଅଜିଜଙ୍କ ଗୋଲବଳରେ ମନଙ୍ଗ ମ୍ୟାଚ୍‌କୁ ୧-୧'ର ବରାବରସ୍ଥିତିକୁ ଆଣିଥିଲା। ଏହାପରେ ଆଉ କୌଣସି ଗୋଲ ନ ହେବାରୁ ମ୍ୟାଚ୍ ଡ୍ର'ରେ ଶେଷ ହୋଇଥିଲା।

# ୧୯୯୨: ଭାରତର ନୈରାଶ୍ୟଜନକ ପ୍ରଦର୍ଶନ

ଆଇସିସି ବିଶ୍ୱକପ
ଆଉ ୧୩ ଦିନ

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ମିଳିତ ଆୟୋଜନରେ ୧୯୯୨ ବିଶ୍ୱକପ୍ ଅନୁଷ୍ଠିତ ହୋଇଥିଲା। ପଡୋଶୀ ପାକିସ୍ତାନ ଫାଇନାଲରେ ଇଂଲଣ୍ଡକୁ ହରାଇ ପ୍ରଥମଥର ପାଇଁ ଚାମ୍ପିୟନ ହୋଇଥିଲେ ମଧ୍ୟ ଭାରତ ଏହି ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଅବଶ୍ୟ ଭାରତୀୟ ଦଳ ସେତେଟା ଶକ୍ତିଶାଳୀ ବିବେଚିତ ହେଉ ନ ଥିଲା। ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ, ବିସ୍ଫୋରକ ଓପନର କେ. ଶ୍ରୀକାନ୍ତ, ଅଲରାଉଣ୍ଡର କପିଳଦେବ, ରବି ଶସ୍ତ୍ରୀ ଓ ସଞ୍ଜୟ ମଞ୍ଜରେକରଙ୍କୁ ନେଇ ଭାରତୀୟ ବ୍ୟାଟିଂ ଲାଇନ୍ ବେଶ୍ ଦୃଢ ମନେହେଉଥିଲା। ପୁଣି ଦଳରେ ଉଦୀୟମାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଓ ବିନୋଦ କାମ୍ବଲି ମଧ୍ୟ ସ୍ଥାନ ପାଇଥିଲେ। ଭାରତର ବୋଲିଂ ବିଭାଗ କିନ୍ତୁ ସେତେଟା ଦୃଢ ନ ଥିଲା। କପିଳଦେବଙ୍କ ନେତୃତ୍ୱରେ ସ୍ପିନର ରବି ଶାସ୍ତ୍ରୀ, ଭେଙ୍କଟପତି ରାଜୁଙ୍କ ସମେତ ଦ୍ରୁତ ବୋଲର ମନୋଜ ପ୍ରଭାକରଙ୍କୁ ନେଇ ଭାରତୀୟ ବୋଲିଂ ସେଭଳି ଚମତ୍କାର କରିବ ବୋଲି ଆଶା କରାଯାଉ ନ ଥିଲା। ଗ୍ରୁପ୍ ପର୍ଯ୍ୟାୟ ବଦଳରେ ରାଉଣ୍ଡ ରବିନ୍ ପଦ୍ଧତିରେ ମ୍ୟାଚ୍‌ଗୁଡ଼ିକ ଖେଳାଯାଇଥିଲା। ସବୁ ଦଳ ବାକି ୮ଟି ଦଳ ବିପକ୍ଷରେ ମ୍ୟାଚ୍ ଖେଳିଥିଲେ। ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ପ୍ରଥମଥର ପାଇଁ ଏହି ବିଶ୍ୱକପ୍‌ରେ ଖେଳାଳିମାନେ ରଙ୍ଗିନ ପୋଷାକ ସହ ଏହି ବିଶ୍ୱକପ୍‌ରେ ଡେ ଆଣ୍ଡ ନାଇଟ୍ ମ୍ୟାଚ୍ ଖେଳିଥିଲେ। ଭାରତ ରାଉଣ୍ଡ ରବିନ ପର୍ଯ୍ୟାୟରେ ୮ଟି ମ୍ୟାଚ୍ ଖେଳି ମାତ୍ର ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ୫ଟିରେ ପରାଜୟ ବରଣକରି ସାଂଘାତିକ ଭାବେ ବିଫଳ ହୋଇଥିଲା। ଗୋଟିଏ ମ୍ୟାଚ୍ ବର୍ଷା କାରଣରୁ ଫଳାଫଳ ବାହାରି ପାରି ନ ଥିଲା। ୫ ପଏଣ୍ଟ ପାଇ ଭାରତ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

ପ୍ରଥମ ମ୍ୟାଚ୍‌ରେ ଭାରତ ପର୍ଥରେ ଇଂଲଣ୍ଡକୁ ଭେଟିଥିଲା ଓ ୯ ରନରେ ପରାସ୍ତ ହୋଇଥିଲା। ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୨୩୭ ରନର ଟାର୍ଗେଟର ପିଛା କରି ଭାରତ ୪୯.୨ ଓଭରରେ ୨୨୭ ରନ କରି ଅଲଆଉଟ ହୋଇଥିଲା। ଶାସ୍ତ୍ରୀ ୫୭ ଓ ଶ୍ରୀକାନ୍ତ ୩୯ ରନ କରି ଓପନିଂ ଯୋଡିରେ ୬୩ ରନ କରି ଭଲ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ପରାସ୍ତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତେନ୍ଦୁଲକର ୩୫, ପ୍ରବୀଣ ଆମ୍ରେ ୨୨, କପିଳଦେବ ୧୭, ସୁବ୍ରାତୋ ବାନର୍ଜୀ ୨୫ ରନ କରିଥିଲେ। ଇଂଲଣ୍ଡ ତରଫରୁ ଡେର୍ମୋଟ ରିଭ୍ ସର୍ବାଧିକ ୩, ଇଆନ ବୋଥାମ ୨ ଉଇକେଟ ନେଇଥିଲେ। ୩ ଭାରତୀୟ ବ୍ୟାଟ୍ସମ୍ୟାନ ରନ୍‌ଆଉଟ ହୋଇଥିଲେ। ଏହାପରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିଥିଲା। ବର୍ଷା ଯୋଗୁ ଏହି ମ୍ୟାଚ ବାତିଲ ହୋଇଥିଲା ଓ ପଏଣ୍ଟ ଭାଗ ହୋଇଥିଲା। ମ୍ୟାଚ୍‌ରେ ମାତ୍ର ୨ଟି ବଲ୍ ପଡିଥିଲା। ଭାରତୀୟ ଓପନର ଶ୍ରୀକାନ୍ତ ୨ ରନ ସ୍କୋର କରିଥିଲେ। ଭାରତ ୧ ପଏଣ୍ଟ ପାଇ ଖାତା ଖୋଲିଥିଲା। ତୃତୀୟ ମ୍ୟାଚ୍‌ରେ ଭାରତ ଗତଥରର ଚାମ୍ପିୟନ ତଥା ଅନ୍ୟତମ ଆୟୋଜକ ଅଷ୍ଟ୍ରେଲିଆକୁ ଭେଟିଥିଲା। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୨୩୭ ରନ କରିଥିଲା। ଜବାବରେ ବର୍ଷା କାରଣରୁ ଭାରତ ସମ୍ମୁଖରେ ୪୭ ଓଭରରେ ପରିବର୍ତ୍ତିତ ୨୩୬ ରନ ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ତେବେ ଗୋଟିଏ ବଲ ବାକିଥାଇ ଭାରତ ୨୩୪ ରନରେ ଅଲଆଉଟ ହୋଇ ମାତ୍ର ୧ ରନରେ ପରାସ୍ତ ହୋଇଥିଲା। ଭାରତ ପକ୍ଷରୁ ମହମ୍ମଦ ଆଝାରୁଦ୍ଦିନ ୯୧, ଶାସ୍ତ୍ରୀ ୨୫, କପିଳ ଦେବ ୨୧, ମଞ୍ଜରେକର ୪୭ ରନ କରିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଡିନ୍ ଜୋନ୍ସ ସର୍ବାଧିକ ୯୦, ଡେଭିଡ ବୁନ ୪୩ ରନ କରିଥିବା ବେଳେ ଭାରତ ତରଫରୁ ବୋଲିଂରେ କପିଳ ଓ ପ୍ରଭାକର ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଭାରତ ତା'ର ଚତୁର୍ଥ ମ୍ୟାଚ୍‌ରେ ସିଡନୀରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିଥିଲା ଓ ଏଥିରେ ଭାରତ ୪୩ ରନରେ ବିଜୟୀ ହୋଇଥିଲା। ଟସ୍ ଜିତ ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ବର୍ଷା କାରଣରୁ ମ୍ୟାଚ୍‌କୁ ୪୯ ଓଭରକୁ କମାଇ ଦିଆଯାଇଥିଲା। ଭାରତ ୪୯ ଓଭରରେ ୭ ଉଇକେଟ ହରାଇ ୨୧୬ ରନ ସଂଗ୍ରହ କରିଥିଲା। ଭାରତ ତରଫରୁ ସଚିନ ୫୪, ଅଜୟ ଜାଡେଜା ୪୬, ଆଝାରୁଦ୍ଦିନ ୩୨, କାମ୍ବଲି ୨୪, କପିଳ ୩୫ ରନ କରିଥିଲେ। ପାକିସ୍ତାନର ମୁସ୍ତାକ ଅହମ୍ମଦ ୩, ଆକ୍ୱିବ ଜାଭେଦ ୨ ଉଇକେଟ ନେଇଥିଲେ। ଜବାବରେ ୪୮.୧ ଓଭରରେ ମାତ୍ର ୧୭୩ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ପାକିସ୍ତାନ ପକ୍ଷରୁ ଅମୀର ସୋହେଲ ୬୨, ଜଭେଦ ମିଆଁଦାଦ ୪୦ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଭାରତ ତରଫରୁ କପିଳ, ପ୍ରଭାକର ଓ ଜାଭାଗାଲ ଶ୍ରୀନାଥ ୨ଟି ଲେଖାଏ ଉଇକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ମିଆଁଦାଦ କିରନ ମୋରେଙ୍କୁ ନକଲ କରି ବିବାଦ ସୃଷ୍ଟି କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସଚିନ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ପରବର୍ତ୍ତୀ ମ୍ୟାଚ୍‌ରେ ଭାରତ ନ୍ୟୁଜିଲାଣ୍ଡ ଯାଇ ଜିମ୍ବାୱେକୁ ଭେଟିଥିଲା ଓ ୫୫ ରନରେ ବିଜୟୀ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଭାରତ ନିର୍ଦ୍ଧାରିତ ୩୨ ଓଭରରେ ୭ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିଥିଲା। ଜିମ୍ବାୱେ ସମ୍ମୁଖରେ ୧୯ ଓଭରରେ ୧୫୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଜିମ୍ବାୱେ ୧ ଉଇକେଟ ହରାଇ ୧୦୪ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ସଚିନ ୮୧ ରନ କରିବା ସହ ୧ ଉଇକେଟ ନେଇ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲା। ଏହାପରେ ସେମିଫାଇନାଲରେ ସ୍ଥାନ ପାଇବା ପାଇଁ ଭାରତକୁ ତା'ର ଅନ୍ତିମ ୩ଟି ମ୍ୟାଚ୍‌ରେ ବିଜୟୀ ହେବା ଜରୁରୀ ହୋଇ ପଡିଥିଲା। କେବଳ ସେତିକି ନୁହେଁ, ଅନ୍ୟ ମ୍ୟାଚର ଫଳାଫଳ ଉପରେ ମଧ୍ୟ ଭାରତ ନିର୍ଭର କରୁଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଭାରତକୁ ୩୪ଟି ବଲ୍ ବାକି ରଖି ୫ ଉଇକେଟରେ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଭାରତ ୪୯.୪ ଓଭରରେ ୧୯୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୪୦.୨ ଓଭରରେ ୫ ଉଇକେଟ ହରାଇ ବର୍ଷା ଯୋଗୁ ପରବର୍ତ୍ତୀତ ଲକ୍ଷ୍ୟ ୧୯୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ପରାଜୟ ସହ ଭାରତ ସେମି ଦୌଡରୁ ବାଦ୍ ପଡିଥିଲା। ଏହାପରେ ମ୍ୟାଚ୍‌ରେ ଭାରତ ୧୭ଟି ବଲ ବାକିଥାଇ ନ୍ୟୁଜିଲାଣ୍ଡଠାରୁ ୪ ଉଇକେଟରେ ପରାସ୍ତ ହୋଇଥିଲା। ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ସଚିନଙ୍କ ୮୪ ଓ ଆଝାରୁଦ୍ଦିନଙ୍କ ୫୫ ରନ ସହ ୫୦ ଓଭରରେ ୬ ଉଇକେଟ ହରାଇ ୨୩୦ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ମାର୍କ ଗ୍ରେଟବ୍ୟାଚ୍‌ଙ୍କ ୭୩, ଆଣ୍ଡ୍ରୁ ଜୋନ୍ସଙ୍କ ୬୭, ମାର୍ଟିନ କ୍ରୋଙ୍କ ୨୬ ରନ ବଳରେ ୪୭.୧ ଓଭରରେ ୬ ଉଇକେଟ ହରାଇ ୨୩୧ ରନ କରି ବିଜୟୀ ହୋଇଥିଲା। ଅନ୍ତିମ ରାଉଣ୍ଡ ରବିନ ମ୍ୟାଚ୍‌ରେ ଭାରତକୁ ୫ଟି ବାକିଥାଇ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ପରାସ୍ତ କରିଥିଲା। ବର୍ଷା ଯୋଗୁ ମ୍ୟାଚ୍‌କୁ ୩୦ ଓଭରରେ ସୀମିତ ରଖାଯାଇଥିଲା। ଟସ ହାରି ଭାରତ ୬ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଆଝାରୁଦ୍ଦିନ ୭୯, ମଞ୍ଜରେକର ୨୮, କପିଳ ୪୨ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୨୯.୧ ଓଭରରେ ୪ ଉଇକେଟ ହରାଇ ୧୮୧ ରନ କରି ବିଜୟୀ ହୋଇଥିଲା। ଏହି ପରାଜୟ ସହ ଭାରତର ବିଶ୍ୱକପ୍ ଅଭିଯାନ ଶେଷ ହୋଇଥିଲା।

ଏହି ବିଶ୍ୱକପ୍‌ରେ ଭାରତ ସବୁ ଦୃଷ୍ଟିକୋଣରୁ ବିଫଳ ହୋଇଥିଲା। କୌଣସି ବ୍ୟାଟ୍ସମ୍ୟାନ ଶତକ ହାସଲ କରିପାରି ନ ଥିଲେ। ସେହିପରି କୌଣସ ଭାରତୀୟ ବୋଲର ୩ରୁ ଅଧିକ ଉଇକେଟ ନେଇପାରି ନ ଥିଲେ। ଦଳ ତରଫରୁ ଆଝାରୁଦ୍ଦିନ ସର୍ବାଧିକ ୩୩୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ପ୍ରଭାକର ସର୍ବାଧିକ ୧୨ ଉଇକେଟ ଅକ୍ତିଆର କରିଥିଲେ। ଏହି ବିଶ୍ୱକପ୍ ପରେ ଶ୍ରୀକାନ୍ତଙ୍କ କ୍ୟାରିୟର ଶେଷ ହୋଇଥିଲା ଓ ସେ ଅବସର ଘୋଷଣା କରିଥିଲେ।



ଭାରତ-ପାକିସ୍ତାନ ମ୍ୟାଚର ଏକ ବିବାଦୀୟ ମୁହୂର୍ତ୍ତ।



❝ ଆଇସିସି ବିଶ୍ୱକପ୍ ପାଇଁ ମନୋନୀତ ଭାରତୀୟ ଦଳରେ ଜଣେ କ୍ୱାଲିଟ୍ ଦ୍ରୁତ ବୋଲର ଅଭାବ ରହିଛି।
–ଗୌତମ ଗମ୍ଭୀର, ପ୍ରାକ୍ତନ ଭାରତୀୟ କ୍ରିକେଟର



❝ ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍‌ରେ ଉଦ୍‌ଘାଟନୀ ମ୍ୟାଚ୍ ବେଳକୁ ଦୁଇ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ ଓ କାଗିସୋ ରାବାଡା ଫିଟ୍ ହୋଇ ଦକ୍ଷିଣ ଆଫ୍ରିକା ପକ୍ଷରୁ ପ୍ରତିନିଧିତ୍ୱ କରିବେ।
–ଓଟି ଗିବସନ, ଦକ୍ଷିଣ ଆଫ୍ରିକା କୋଚ୍

## ସଂକ୍ଷେପରେ

### ୩ ଓଡ଼ିଆ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୧୫।୫(ସ୍ପୋର୍ଟ୍ସ ବ୍ୟୁରୋ)- ଜୁନ ୧୦ରୁ ସ୍ପେନଠାରେ ହେବାକୁଥିବା ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଜୁନିୟର ହକି ଟୁର୍ଣ୍ଣାମେଣ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ୩ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ଘୋଷିତ ୧୮ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ପ୍ରତାପ ଲାକ୍ରା, ସୁମନ ବେକ୍ ଓ ସୁଦୀପ ଚିରମାକୋ ସ୍ଥାନ ପାଇଛନ୍ତି। ସୁମନଙ୍କୁ ଦଳର ଉପଅଧିନାୟକ ମନୋନୟନ କରାଯାଇଛି। ମୁଖ୍ୟମନ୍ତ୍ରୀ ଟୁଇଟର ଜରିଆରେ ଏହି ଓଡ଼ିଆ ଖେଳାଳି ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାରେ ଭାରତ, ନେଦରଲାଣ୍ଡ୍ସ, ବେଲଜିୟମ, ଗ୍ରେଟ୍ ବ୍ରିଟେନ, ଅଷ୍ଟ୍ରିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଆୟୋଜକ ସ୍ପେନ ଭାଗନେବ।

### ‘ହାର୍ଦ୍ଦିକଙ୍କ ପ୍ରତିଭାର ନିକଟତର କେହି ନାହାନ୍ତି’



ନୂଆଦିଲ୍ଲୀ,୧୫।୫(ପିଟି): ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରତିଭା ସ୍ୱତନ୍ତ୍ର। ତାଙ୍କ ପ୍ରତିଭାର ନିକଟତର ଭାରତୀୟ ଦଳରେ କେହି ନାହାନ୍ତି ବୋଲି ପୂର୍ବତନ ବିସ୍ଫୋରକ ଓପ୍‌ନର ବୀରେନ୍ଦ୍ର ସେହ୍ୱାଗ କହିଛନ୍ତି। ସେହ୍ୱାଗଙ୍କ ଅନୁଯାୟୀ, ଭାରତୀୟ ଦଳରେ ହାର୍ଦ୍ଦିକଙ୍କ ସ୍ଥାନ କେହି ନେଇପାରିବେ ନାହିଁ। ସେ ଏବେ ଉଭୟ ବ୍ୟାଟ୍ ଓ ବଲ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। ଯଦି ତାଙ୍କ ପ୍ରତିଭା ନିକଟତର କୌଣସି ଖେଳାଳି ଥାନ୍ତେ, ତେବେ ବିସିସିଆଇ କଦାପି ପାଣ୍ଡ୍ୟାଙ୍କୁ ବିଶ୍ୱକପ୍ ଦଳରେ ସ୍ଥାନ ଦେଇ ନ ଥାନ୍ତା। ମୁମ୍ବାଇ ଇଣ୍ଡିଆନ୍ସର ରେକର୍ଡ ୪ର୍ଥ ଟାଇଟଲ ହାସଲ କରିବାରେ ହାର୍ଦ୍ଦିକଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ୧୫ଟି ଇନିଂସ୍‌ରେ ୧୯୧.୪୨ ଷ୍ଟ୍ରାଇକ୍ ରେଟ୍‌ରେ ୪୦୨ ରନ୍ କରିଥିଲେ।

### ଯୁବ ବାସ୍କେଟବଲ: ବାଳକ ଦଳ ବିଜୟୀ

କଟକ ଅଫିସ,୧୫।୫- ତାମିଲନାଡୁରେ ଚାଲିଥିବା ୩୬ତମ ଜାତୀୟ ଯୁବ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ବୁଧବାର ଓଡ଼ିଶା ବାଳକ ଦଳ ବିଜୟୀ ହୋଇଛି । ପ୍ରତିଯୋଗିତାର ଗ୍ରୁପ-ଏଫରେ ସ୍ଥାନ ପାଇଥିବା ଓଡ଼ିଶା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଆସାମକୁ ୬୬-୬୩ ପଏଣ୍ଟରେ ହରାଇଛି । ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଗୋଆ ବିପକ୍ଷରେ ଖେଳିବ ।

■ ରାଜ୍ୟରେ ଏମ୍‌ଏସ୍ ଧୋନୀ କ୍ରିକେଟ ଏକାଡେମୀ

# ନିମପୁର କୋଚିଂ କ୍ଲିନିକ୍ ୨୫ରୁ

କଟକ ଅଫିସ,୧୫।୫



ଏମଏସ୍ ଧୋନୀ କ୍ରିକେଟ କୋଚିଂ କ୍ଲିନିକ ସମ୍ପର୍କରେ ସୂଚନା ଦେଉଛନ୍ତି ସୋହେଲ ରଫ୍। ନିକଟରେ ଅଛନ୍ତି ଏକାଡେମୀର ଓଡ଼ିଶା ମ୍ୟାନେଜର ବିଭୁ ଶତପଥୀ।

ଏମଏସ୍ ଧୋନୀ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ଦେଶର ୨୦ଟି ସହରରେ କ୍ରିକେଟ କୋଚିଂ କ୍ଲିନିକ ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୫ରୁ ୩୧ ପର୍ଯ୍ୟନ୍ତ ସ୍ଥାନୀୟ ନିମପୁର ଗ୍ରାଉଣ୍ଡରେ ଏହି କ୍ଲିନିକ ଆୟୋଜନ କରାଯିବ। ବୁଧବାର ଏ ନେଇ ନିମପୁର ସ୍ପୋର୍ଟସ କମ୍ପ୍ଲେକ୍ସରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏକାଡେମୀର ମୁଖ୍ୟ ଅପରେଟର ସୋହେଲ ରଫ୍ ଉପସ୍ଥିତ ରହି କ୍ରିକେଟ କୋଚିଂ କ୍ଲିନିକର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏମଏସ୍ ଧୋନୀ କ୍ରିକେଟ ଏକାଡେମୀ ଅର୍କ ସ୍ପୋର୍ଟସର ଏକ ଅନୁଷ୍ଠାନ। ଧୋନୀଙ୍କ ବାଲ୍ୟବନ୍ଧୁ ମିହିର ଦିୱାକର ହେଉଛନ୍ତି ଅର୍କ ସ୍ପୋର୍ଟ୍ସର ପ୍ରତିଷ୍ଠାତା। ମିହିର ଭାରତୀୟ ୧୯ବର୍ଷରୁ କମ ବିଶ୍ୱକପ ବିଜେତା ଦଳର ଖେଳାଳି ମଧ୍ୟ ଥିଲେ। ଧୋନୀଙ୍କ ପରାମର୍ଶରେ ଉକ୍ତ ଏକାଡେମୀ ଚାଲିଛି। ନିମପୁରରେ ହେବାକୁ ଥିବା କ୍ରିକେଟ କୋଚିଂ କ୍ଲିନିକରେ ଜାତୀୟ କ୍ରିକେଟ ଏକାଡେମୀ(ଏନ୍‌ସିଏ)ର ଲେଭଲ-୩ କୋଚ୍ ସତ୍ୟଜିତ ଲହିରୀ ଓ ମନଦାର ଦଳିଭି ପ୍ରଶିକ୍ଷଣ ଦେବେ। ସତ୍ୟଜିତ ଓ ମନଦାର ଏମଏସ୍ ଧୋନୀ କ୍ରିକେଟ ଏକାଡେମୀର ମୁଖ୍ୟ କୋଚ୍। ୭ ଦିନର କ୍ଲିନିକ ନିମନ୍ତେ ୫ହଜାର ଟଙ୍କା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଛି। ୨୨ବର୍ଷରୁ କମ୍ ବୟସର ଖେଳାଳିମାନେ କେବଳ ପ୍ରଶିକ୍ଷଣ ନେଇ ପାରିବେ। ଏକାଡେମୀ ପକ୍ଷରୁ ପ୍ରଶିକ୍ଷାର୍ଥୀଙ୍କୁ ଜର୍ସି ଓ ଟୋପି ଦିଆଯିବ। ବିଭିନ୍ନ ବୟସ ବର୍ଗରେ ଅତ୍ୟାଧୁନିକ ଶୈଳୀରେ ଏଠାରେ ପ୍ରଶିକ୍ଷଣ ଦିଆଯିବ। ସମସ୍ତ ଟ୍ରେନିଂର ଭିଡ଼ିଓ ରେକର୍ଡିଂ କରାଯିବା ସହ ଭିଡ଼ିଓ ଆନାଲିସିସ ମାଧ୍ୟମରେ କେଉଁଠାରେ ତ୍ରୁଟି ରହୁଛି ତାହାକୁ ପ୍ରଥମେ ଠାବ କରାଯିବ ଏବଂ ସେହି ଅନୁସାରେ ଶିବିରାର୍ଥୀଙ୍କୁ ଶିକ୍ଷା ଦିଆଯିବ ବୋଲି ଏକାଡେମୀର ମୁଖ୍ୟ ଅପରେଟର ରଫ୍ କହିଛନ୍ତି। ଏହାଛଡ଼ା ସମସ୍ତ ପ୍ରଶିକ୍ଷାର୍ଥୀଙ୍କ ନିମନ୍ତେ ସ୍ୱତନ୍ତ୍ର ଫିଜିକାଲ ଫିଟନେସ ଓ ଡାଏଟ ପ୍ଲାନ ଯୋଗାଇ ଦିଆଯିବ। ଶିବିର ସରିବା ପରେ ମଧ୍ୟ ଏହାକୁ କିପରି ଜାରି ରଖିବେ ତାହା ଉପରେ ଧ୍ୟାନ ଦିଆଯିବ ବୋଲି ରଫ କହିଥିଲେ। ମୋବାଇଲରେ ଏକ ଆପ୍ଲିକେଶନ ମାଧ୍ୟମରେ ନାମପଞ୍ଜୀକରଣ କରି ପ୍ରଶିକ୍ଷଣ ନେଇଥିବା ଖେଳାଳିମାନଙ୍କ ସହ ଯୋଗାଯୋଗ ରକ୍ଷା କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଏତଦବ୍ୟତୀତ ଆଗାମୀ ଦିନରେ ଏକାଡେମୀ ପକ୍ଷରୁ ଖେଳାଳି ଚୟନ କରାଯିବା ବେଳେ କ୍ରିକେଟ କୋଚିଂ କ୍ଲିନିକରେ ଭାଗ ନେଇଥିବା ପ୍ରଶିକ୍ଷାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ରଫ କହିଛନ୍ତି। ଏକାଡେମୀର ଓଡ଼ିଶା ମ୍ୟାନେଜର ବିଭୁ ଶତପଥୀ ଉପସ୍ଥିତ ରହି ଏହି କ୍ରିକେଟ କୋଚିଂ କ୍ଲିନିକ ଯୋଗୁ ରାଜ୍ୟରେ କ୍ରିକେଟ ପ୍ରତିଭା କିପରି ବିକଶିତ ହେବ ସେ ଦିଗରେ ଆଲୋକପାତ କରିଥିଲେ। ସୂଚନା ଥାଉକି, ଜୁନ ୨ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି କ୍ରିକେଟ କୋଚିଂ କ୍ଲିନିକ ଭୁବନେଶ୍ୱରର ସିଭି ରମଣ ଇଞ୍ଜିନିୟରିଂ କଲେଜ ଗ୍ରାଉଣ୍ଡରେ ମଧ୍ୟ ହେବ।

## ହିରୱାନି, କୋଟାକ, ଯାଦବ ଭାରତ ଏ’ କୋଚ୍

ମୁମ୍ବାଇ,୧୫।୫

ୱେଷ୍ଟଇଣ୍ଡିଜ ଗସ୍ତ ଓ ଶ୍ରୀଲଙ୍କା ଏ’ ବିପକ୍ଷରେ ଭାରତ ଏ’ ଖେଳିବାକୁ ଥିବା ସିରିଜ୍ ଲାଗି ବିସିସିଆଇ ବୁଧବାର କୋଚ୍ ନିଯୁକ୍ତ କରିଛି। ଭାରତୀୟ ଲେଗ୍ ସ୍ପିନର ନରେନ୍ଦ୍ର ହିରୱାନି, ପୂର୍ବତନ ଉଇକେଟକିପର ବିଜୟ ଯାଦବ ଓ ଘରୋଇ କ୍ରିକେଟ ସୀତାଂଶୁ କୋଟାକଙ୍କୁ ଯଥାକ୍ରମେ ବୋଲିଂ, ଫିଲ୍ଡିଂ ଓ ବ୍ୟାଟିଂ କୋଚ୍ ଦାୟିତ୍ୱ ଦିଆଯାଇଛି। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ରାହୁଲ ଦ୍ରାବିଡ୍‌ଙ୍କୁ ଚଳିତ ଥର କୋଚ୍ ଭାବେ ନିଯୁକ୍ତ କରାଯାଇ ନାହିଁ। ଏହାର କାରଣ ଆଗାମୀ ବର୍ଷ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏଣୁ ଜୁନିୟର କ୍ରିକେଟକୁ ଦ୍ରାଭିଡ ଅଧିକ ସମୟ ଦେବା ଦରକାର। ଏହାବାଦ୍ ପୂର୍ବତନ ଭାରତୀୟ ଅଧିନାୟକଙ୍କ ହାତରେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ରହିଛି।

## ‘ନିର୍ବାଚିତ ସଂସ୍ଥା କ୍ରିକେଟ ପରିଚାଳନା କରିବା ଉଚିତ୍’

ନୂଆଦିଲ୍ଲୀ,୧୫।୫(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିର୍ବାଚିତ ସଂସ୍ଥା ବା ବ୍ୟକ୍ତିମାନଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ୍ ବୋଲି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ କ୍ୟୁରି ପି.ଏସ୍. ନରସିହ୍ମା କହିଛନ୍ତି। କୋର୍ଟ କିମ୍ବା ତଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ସଂସ୍ଥା କ୍ରିକେଟ ପରିଚାଳନା ଦାୟିତ୍ୱରେ ରହିବା ଉଚିତ୍ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଖୁବ୍‌ଶୀଘ୍ର ଏକ ନିର୍ବାଚିତ ସଂସ୍ଥା ଦେଶର କ୍ରିକେଟ ପରିଚାଳନା ଦାୟିତ୍ୱ ହାତକୁ ନେବ ବୋଲି ସେ ବିଶ୍ୱାସ ପ୍ରକଟ କରିଛନ୍ତି।

କିଛିଦିନ ତଳେ ବିଭିନ୍ନ ରାଜ୍ୟ ଆସୋସିଏଶନର ପ୍ରତିନିଧି ଓ ଆସୋସିଏଶନ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ବ୍ୟକ୍ତିମାନଙ୍କ ସହ ସାକ୍ଷାତ କରି ନରସିହ୍ମା ସୁପ୍ରିମକୋର୍ଟଙ୍କ ନିକଟରେ ଏକ ରିପୋର୍ଟ ଦାଖଲ କରିଛନ୍ତି। ଜଷ୍ଟିସ୍ ଆର.ଏମ୍. ଲୋଧା କମିଟି ମାଣ୍ଡେଟ୍‌ରେ ୯ଜଣିଆ ଆପେକ୍ସ କାଉନସିଲ ଉଲ୍ଲେଖ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ଶେଷରେ ଆୟୋଜକ ତଥା ଅଧିକାରୀମାନେ ହିଁ କ୍ରିକେଟ ପରିଚାଳନା ଦାୟିତ୍ୱରେ ରହିବା ଉଚିତ ହେବ। କ୍ରିକେଟ ପରିଚାଳନା କୋର୍ଟ କିମ୍ବା କୌଣସି ଆଇନଜୀବୀଙ୍କ ଦାୟିତ୍ୱ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ନିର୍ବାଚିତ ବ୍ୟକ୍ତିମାନଙ୍କୁ ଖୁବ୍‌ଶୀଘ୍ର ଦାୟିତ୍ୱ ଦେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବହୁଦିନ ପୂର୍ବରୁ କ୍ରିକେଟ ସଂସ୍କାର ପ୍ରକ୍ରିୟାର ଆରମ୍ଭ ହୋଇଛି। ଏବେ ଏହାକୁ ଲାଗୁ କରିବାର ସମୟ ଆସି ଉପନୀତ ହୋଇଛି ବୋଲି ସେ କହିଛନ୍ତି। ରାଜ୍ୟ ଆସୋସିଏଶନଗୁଡିକ ସହ ଦୀର୍ଘ ସମୟ ଧରି ଆଲୋଚନା କରିଛି ଓ ଏହା ଫଳପ୍ରଦ ହୋଇଛି। ଖୁବଶୀଘ୍ର ଏହି ପ୍ରକ୍ରିୟାର ସୁଖଦ ଅନ୍ତ ଘଟିବାକୁ ଯାଉଛି। କ୍ରିକେଟ ପ୍ରଶାସକ କମିଟି (ସିଓଏ) ଗତ ଦୁଇ ବର୍ଷ ଧରି କ୍ରିକେଟ ପରିଚାଳନା ଦାୟିତ୍ୱରେ ରହିଛି। ସିଓଏ ଏହି ଦାୟିତ୍ୱରେ ଅଧିକ ସମୟ ରହିବା ଉଚିତ୍ କି ବୋଲି ପ୍ରଶ୍ନକୁ ସେ ନାପସନ୍ଦ କରିଛନ୍ତି। ଏବେ ସଂସ୍କାର ଲାଗୁ କରିବାର ସମୟ। ତେଣୁ ଏଭଳି ପ୍ରଶ୍ନର କୌଣସି ମୂଲ୍ୟ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ବୋର୍ଡ କିମ୍ବା ରାଜ୍ୟ ଆସୋସିଏନଗୁଡ଼ିକର ଯେକୌଣସି ଅଧିକାରୀଙ୍କ କାର୍ଯ୍ୟକାଳ ୧୮ ବର୍ଷ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିସିସିଆଇରେ ୯ ଓ ରାଜ୍ୟ ଆସୋସିଏଶନଗୁଡ଼ିକରେ ୯ ବର୍ଷ, ଅର୍ଥାତ ମୋଟ ଉପରେ ୧୮ ବର୍ଷ ବୋଲି ସେ କହିଛନ୍ତି। ରାଜ୍ୟ ଆସୋସିଏଶନଗୁଡ଼ିକର ସମସ୍ୟାର ସମାଧାନ ଉପରେ ଓ ଆପେକ୍ସ କାଉନସିଲ ଗଠନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଥରେ ବିସିସିଆଇର ନିର୍ବାଚନ ହୋଇଗଲେ ରାଜ୍ୟ ଆସୋସିଏଶନଗୁଡିକ ମଧ୍ୟ ସେମାନଙ୍କ ନିର୍ବାଚନ ପ୍ରକ୍ରିୟାକୁ ଆଗକୁ ନେଇଯିବେ। ତେଣୁ ଖୁବଶୀଘ୍ର ଭାରତୀୟ କ୍ରିକେଟ ପ୍ରଶାସନରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ହେବ ବୋଲି ନରସିହ୍ମା ସ୍ପଷ୍ଟ କରିଛନ୍ତି।

## କିଟ୍‌ରେ ସାଇ ଏନଏସଏନଆଇଏସ ସାର୍ଟିଫିକେଟ କୋର୍ସ ଆରମ୍ଭ




କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସାଇ ପକ୍ଷରୁ ୬ ସପ୍ତାହ ବିଶିଷ୍ଟ ଏନଏସଏନଆଇଏସ ସ୍ପୋର୍ଟ୍ସ କୋଚିଂ ସାର୍ଟିଫିକେଟ କୋର୍ସର ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

ଭୁବନେଶ୍ୱର, ୧୫।୫(କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ପକ୍ଷରୁ ୬ ସପ୍ତାହ ବିଶିଷ୍ଟ ଏନଏସଏନଆଇଏସ ସ୍ପୋର୍ଟ୍ସ କୋଚିଂ ସାର୍ଟିଫିକେଟ କୋର୍ସ ୧୦ମ ଥରପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ୧୪ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଥଲେଟିକ୍ସ, ଆର୍ଚେରୀ, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, କ୍ରିକେଟ, ଫୁଟବଲ, ହକି, ଜୁଡୋ, ସନ୍ତରଣ, ଟେବୁଲ ଟେନିସ, ଟେନିସ, ଭଲିବଲ ଓ ଭାରୋତ୍ତୋଳନ ଆଦି ୧୩ଟି କ୍ରୀଡ଼ା ଇଭେଣ୍ଟରେ ଏହି କୋର୍ସ ଚାଲିଛି। ଏଥିରେ ଦେଶର ୨୫ ରାଜ୍ୟରୁ ୪୩୨ଜଣ ଅଂଶଗ୍ରହଣ କରିଛନ୍ତି। ଆଥଲେଟିକ୍ସରେ ୪୧, ଆର୍ଚେରୀରେ ୩୫, ବ୍ୟାଡ୍‌ମିଣ୍ଟନରରେ ୫୨, ବାସ୍କେଟବଲରେ ୩୪, କ୍ରିକେଟରେ ୩୨, ଫୁଟବଲରେ ୨୩, ହକିରେ ୨୮, ଜୁଡୋରେ ୫୨, ସନ୍ତରଣରେ ୫୧, ଟେବୁଲ ଟେନିସରେ ୨୪, ଟେନିସରେ ୨୦, ଭଲିବଲରେ ୨୪ ଓ ଭାରୋତ୍ତୋଳନରେ ୧୬ ଜଣ ଏହି କୋର୍ସ କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ ବୁଧବାର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, କ୍ରୀଡ଼ା ନିର୍ଦ୍ଦେଶକ ତଥା କୋର୍ସ ସଂଯୋଜକ ଗଗନେନ୍ଦୁ ଦାଶ, ସାଇ କ୍ରିକେଟ କୋଚ୍ ଅଜିତ ମିଶ୍ର, ସାଇ ଟେବୁଲ ଟେନିସ କୋଚ୍ ରଞ୍ଜିତା ମିଶ୍ର, ଆଥଲେଟିକ୍ସ କୋଚ୍ ସଞ୍ଜୟ ଗଡ଼ନାୟକ, କ୍ରୀଡ଼ା ବିଭାଗର ଭାରୋତ୍ତୋଳନ କୋଚ୍ ପି. ଧର୍ମାରାଓ, ସାଇ ଭଲିବଲ କୋଚ୍ ଜଗନ୍ନାଥ ସିହି ପ୍ରମୁଖ ଉପସ୍ଥିତ ଥିଲେ।

# ତୃତୀୟ ଦିନିକିଆ ଜିତିଲା ଇଂଲଣ୍ଡ



ଜନି ବେଆରଷ୍ଟୋ

### ମୋର୍ଗାନ ବାସନ୍ଦ, ବେୟାରଷ୍ଟୋଙ୍କୁ ଭର୍ତ୍ସନା

ଇଂଲଣ୍ଡ ଦଳର ଅଧିନାୟକ ଇଅନ ମୋର୍ଗାନଙ୍କୁ ପାକିସ୍ତାନ ବିପକ୍ଷ ୪ର୍ଥ ଦିନିକିଆରୁ ବାସନ୍ଦ କରାଯାଇଛି। ଏଠାରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଦିନିକିଆରେ ଧିମା ବୋଲିଂ ହାର ପାଇଁ ଇଂଲଣ୍ଡ ଅଧିନାୟକଙ୍କୁ ଏଭଳି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଛି। ଆହୁରି ମଧ୍ୟ ତାଙ୍କ ମ୍ୟାଚ୍ ଫି’ର ୪୦ ଓ ଦଳର ଅନ୍ୟ ଖେଳାଳିଙ୍କ ୩୦ ପ୍ରତିଶତ କାଟ୍ କରାଯିବ। ଧାର୍ଯ୍ୟ ସମୟ ଶେଷସୁଦ୍ଧା ଇଂଲଣ୍ଡ ୪୮ ଓଭର ଶେଷ କରିପାରିଥିଲା। ଧିମା ବୋଲିଂ ହାର ଲାଗି ଉଦ୍ଦିଷ୍ଟ ନିୟମ ଅନୁଯାୟୀ ଧାର୍ଯ୍ୟ ସମୟ ସୁଦ୍ଧା ପ୍ରତ୍ୟେକ ବଳକା ଓଭର ପାଇଁ ଦଳୀୟ ଖେଳାଳିଙ୍କ ୧୦ ପ୍ରତିଶତ ଓ ଅଧିନାୟକଙ୍କ ଦୁଇ ଗୁଣ ମ୍ୟାଚ୍ ଫି’ କାଟ୍ କରାଯାଏ। କିନ୍ତୁ ମୋର୍ଗାନ ସମାନ ଭୁଲ୍ ବାର୍ବାଡସ୍‌ଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ରେ କରିଥିଲେ। ଏହାବାଦ୍ ଇଂଲଣ୍ଡର ଉଇକେଟକିପର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋଙ୍କୁ ଭର୍ତ୍ସନା କରାଯାଇଛି। ସେ ମ୍ୟାଚ୍‌ର ୨୯ତମ ଓଭରରେ ବୋଲ୍ଡ ଆଉଟ୍ ହେବା ପରେ ବ୍ୟାଟ୍‌ରେ ଉଇକେଟକୁ ମାରିଥିଲେ। ଏଥିଯୋଗୁ ଉଭୟ ଖେଳାଳି ଦୋଷ ଓ ଦଣ୍ଡାଦେଶ ସ୍ୱୀକାର କରିଛନ୍ତି।

ବ୍ରିଷ୍ଟଲ,୧୫।୫

ଏଠାରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌କୁ ଇଂଲଣ୍ଡ ଦଳ ୬ ଉଇକେଟରେ ଜିତି ନେଇଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୩୫୯ ରନ୍‌ର ବୃହତ୍ ଟାର୍ଗେଟକୁ ଇଂଲଣ୍ଡ ୫.୧ ଓଭର ପୂର୍ବରୁ ହାସଲ କରି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଘରୋଇ ଦଳ ୨-୦ରେ ଆଗୁଆ ରହିଛି। ବିଜୟୀ ଦଳ ପାଇଁ ବିସ୍ଫୋରକ ଶତକୀୟ ଇନିଂସ ଖେଳିଥିବା ଜନି ବେଆରଷ୍ଟୋଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି। ପରବର୍ତ୍ତୀ ମ୍ୟାଚ୍ ନଟିଂହାମଠାରେ ଆସନ୍ତା ୧୭ ତାରିଖରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୫୦ ଓଭରରେ ୯ ଉଇକେଟ ହରାଇ ୩୫୮ ରନ୍ କରିଥିଲା। ଦଳ ପାଇଁ ଇମାମ ଉଲ ହକ୍ ୧୫୧, ଅସିଫ ଅଲି ୫୨ ଓ ହାରିସ ସୋହେଲ ୪୧ ରନ୍ କରିଥିଲେ। ବୋଲିଂରେ କ୍ରିସ୍ ୱୋକ୍ସ ୪ ଓ ଟମ୍ କରନ ଦୁଇ ଉଇକେଟ ନେଇଥିଲେ। ବୃହତ୍ ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଇଂଲଣ୍ଡ ଦଳ ଲାଗି ଓପନର ଜାସନ ରୟ ଓ ବେଆରଷ୍ଟୋ ୧୭.୩ ଓଭରରେ ବିସ୍ଫୋରକ ୧୫୯ ରନ୍ କରିଥିଲେ। ରୟ ୭୬ ରନ୍ କରି ପ୍ୟାଭିଲିଅନ ଫେରିବା ପରେ ବେଆରଷ୍ଟୋ ୯୩ ବଲରୁ ୧୨୮ ରନ୍‌ର ଶତକୀୟ ଇନିଂସ ଖେଳି ଆଉଟ୍ ହୋଇଥିଲେ। ବେଆରଷ୍ଟୋଙ୍କ ଇନିଂସରେ ୫ ଛକା ଓ ୧୫ ଚୌକା ସାମିଲ ଥିଲା। ତାଙ୍କ ବ୍ୟତୀତ ଜୋ ରୁଟ ୪୩, ବେନ ଷ୍ଟୋକ୍ସ ୩୭ ଓ ମୋଏନ ଅଲି ୪୬ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଫଳରେ ଘରୋଇ ଇଂଲଣ୍ଡ ଦଳ ୪୪.୫ ଓଭରରେ ୪ ଉଇକେଟ ହରାଇ ୩୫୯ ରନ୍ କରି ମ୍ୟାଚ୍ ଜିତି ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

■ ପାକିସ୍ତାନ- ୫୦ ଓଭର, ୩୫୮/୯ (ଇମାମ ୧୫୧, ଅସିଫ ୫୨, କ୍ରିସ ୱୋକ୍ସ ୪/୬୭, କୁରାନ ୨/୭୪)।

■ ଇଂଲଣ୍ଡ- ୪୪.୫ ଓଭର, ୩୫୯/୪ (ବେଆରଷ୍ଟୋ ୧୨୮, ରୟ ୭୬, ଅଲି ୪୬, ଜୁନେଦ ଖାଁ ୧/୫୭, ୱାସିମ ୧/୫୮)।

## ବିବାହ ବନ୍ଧନରେ ନଟରାଜ



ବାନ୍ଧବୀ ଶୁଭଲକ୍ଷ୍ମୀ ଶତପଥୀଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ନଟରାଜ ବେହେରା।

କଟକ ଅଫିସ,୧୫।୫

ରାଜ୍ୟ କ୍ରିକେଟର ତାରକା ଖେଳାଳି ତଥା ପୂର୍ବତନ ଅଧିନାୟକ ନଟରାଜ ବେହେରା ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବେଙ୍ଗାଲୁରୁରେ ବୈଦିକ ରୀତିରେ ବୁଧବାର ନଟରାଜଙ୍କ ବିବାହ ସମ୍ପନ୍ନ ହୋଇଛି। ବାନ୍ଧବୀ ଶୁଭଲକ୍ଷ୍ମୀ ଶତପଥୀଙ୍କୁ ନଟରାଜ ପ୍ରେମ ବିବାହ କରିଥିବା ବେଳେ ବିବାହ ଅବସରରେ ନଟରାଜ ଓ ଶୁଭଲକ୍ଷ୍ମୀଙ୍କ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ପିତା ସୁବ୍ରତ ଶତପଥୀ ଓ ମା’ ତ୍ରିଦେବୀ ଶତପଥୀଙ୍କ ଝିଅ ଶୁଭଲକ୍ଷ୍ମୀ ବେଙ୍ଗାଲୁରୁରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରନ୍ତି। ଗତ ୯ବର୍ଷ ହେବ ନଟରାଜ-ଶୁଭଲକ୍ଷ୍ମୀ ପ୍ରେମ ସମ୍ପର୍କରେ ଥିଲେ। ପିତା ସ୍ୱର୍ଗତ ଭୁବନ ବେହେରା ଓ ମା ଚିତ୍ରା ବେହେରାଙ୍କ ପୁଅ ନଟରାଜ ଓଡ଼ିଶା କ୍ରିକେଟ ଜଗତରେ ଜଣେ ପରିଚିତ ଓ ଖ୍ୟାତନାମା କ୍ରିକେଟର। ନଟରାଜଙ୍କ ବଳିଷ୍ଠ ନେତୃତ୍ୱ ବଳରେ ୨୦୧୧-୧୨ ଓ ୨୦୧୨-୧୩ ସିଜନରେ ପୂର୍ବାଞ୍ଚଳ ଦଳ ଦୁଲୀପ ଟ୍ରଫି ଚାମ୍ପିୟନ ହୋଇଛି। ଦୁଲୀପ ଟ୍ରଫିର ୫୦ଟି ସଂସ୍କରଣ ପରେ ପୂର୍ବାଞ୍ଚଳକୁ ଟାଇଟଲ ଦେଇ ନଟରାଜ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ପୂର୍ବରୁ ରାଜ୍ୟ ଦଳର ଅଧିନାୟକ ରହିଥିବା ନଟରାଜ ୫୪ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୩୦୩୧ ରନ ସଂଗ୍ରହ କରିଛନ୍ତି। ୨୦୧୫-୧୬ ସିଜିନରେ ହରିୟାଣା ବିପକ୍ଷରେ ୨୫୫ରନର ଇନିଂସ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ମାତ୍ର ଏବେ ନଟରାଜ କ୍ରିକେଟରୁ ଦୂରେଇ ରହୁଥିବା ଦେଖିବାକୁ ମିଳୁଛି। ଏପରିକି ଗତ ରଣଜୀ ସିଜନ ନିମନ୍ତେ ରାଜ୍ୟ ଶିବିରରେ ମଧ୍ୟ ସେ ସ୍ଥାନ ପାଇ ନ ଥିଲେ। କଳାହାଣ୍ଡି କପରେ ଅଂଶ ଗ୍ରହଣ ନ କରିବାରୁ ତାଙ୍କୁ ଶିବିରରେ ସାମିଲ କରାଯାଇ ନଥିଲା।

**ମନେ ପଡ଼ନ୍ତି**

ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସ



ସ୍ୱର୍ଗତ ଶ୍ରୀ ହରିହର ଦାଶ
(ଅବସରପ୍ରାପ୍ତ ପ୍ରଧାନଶିକ୍ଷକ)
ଆବିର୍ଭାବ: ୦୬।୦୮।୧୯୪୫
ତିରୋଧାନ: ୨୭।୦୪।୨୦୧୮
ରଂଗିପୁର, ବ୍ରହ୍ମପୁର, ଗଂଜାମ
ଆପଣଙ୍କର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ସହଧର୍ମିଣୀ, ଭାଇ, ଭଉଣୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପଣନାତି-ପଣ ନାତୁଣୀ।
ଧ-୪୯୨୭

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଫାଇଲ ନଂ.DRM/Engg/KUR/19-20/ E-Tender/08, ତା.10.05.2019ରିଖ
(1) ଟେଣ୍ଡର ବିଜ୍ଞପ୍ତି ସଂ.e-Tender CEN-KUR-30-2019,ତା.02.05.2019ରିଖ
ବିବରଣୀ : କୋଚିଙ୍ଗ୍ ଡିପୋ, ଭୁବନେଶ୍ୱରର ପିଟ୍ ଲାଇନ୍‌ଗୁଡ଼ିକର ଉନ୍ନୟନ (Up-gradation)।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 718.28 ଲକ୍ଷ, EMD (ଟଙ୍କାରେ) : 5,09,100/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 18 ମାସ।
(2) ଟେଣ୍ଡର ବିଜ୍ଞପ୍ତି ସଂ.e-Tender SOUTH-KUR-31-2019,ତା.26.04.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସାଉଥ୍) ପରିସୀମା ଅଧୀନରେ ପ୍ରଚଳିତ ଗାର୍ଡ ରେଲ୍‌ଗୁଡ଼ିକର ପ୍ରସ୍ତାବିତ ନବୀକରଣ, ବାଲାଷ୍ଟ ଡେକ୍ ବ୍ରିଜ୍ ଏବଂ ଫୁଟ୍ ଓଭର ବ୍ରିଜ୍ (FOB)ଗୁଡ଼ିକ ସ୍ଥାନରେ ଗାର୍ଡ ରେଲ୍ ଲଗାଇବା, ଜବତ (Seized) ରେଲ ସ୍କ୍ରୁ ଏବଂ ERC ର ଅପସାରଣ, ସ୍ୱାଇଚ୍ ଟେୟାରଗୁଡ଼ିକର ୱେଲ୍ଡିଙ୍ଗ୍ ଏବଂ ଅନ୍ୟ ସଂରକ୍ଷା ସମ୍ବନ୍ଧୀୟ P.Way କାର୍ଯ୍ୟ ସମୂହ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 160.25 ଲକ୍ଷ, EMD (ଟଙ୍କାରେ) : 2,30,100/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.05.2019 ରିଖ 1500 ଘଣ୍ଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-80/K/19-20

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ମେ ୧୬/୨୦୧୯ Sambalpur, Thursday, May 16/ 2019

■ମହିଳା ସଶକ୍ତୀକରଣ ଯୋଜନାର ଭିନ୍ନ ଚିତ୍ର

# ରାସ୍ତାକଡ଼ରେ ସନ୍ତୁଳି ହେଉଛି ଜୀବନ

**ରାଉରକେଲା ଅଫିସ,୧୫।୫**



ବିଶ୍ୱାସୀ କାଣ୍ଡୁଲିନା।



ଦହି ଦେବୀ।



ଶୁକ ବିରାନୀ।



କମଳା ଗୋପ।

ମହିଳା ସଶକ୍ତୀକରଣ ଯୋଜନାର ସଫଳତା ନେଇ ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି। ଏହି ଯୋଜନା ସରକାରଙ୍କ ପାଇଁ ଏକ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଗାଁ ବସ୍ତିରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନେ ସକ୍ଷମ ତଥା ସ୍ୱାବଲମ୍ବୀ ହେବା ସମ୍ପର୍କରେ ପ୍ରଚାର ଚାଲିଛି। ହେଲେ ବାସ୍ତବ ସ୍ଥିତି ଏମିତି ଯେ ଆଜି ବି ୫୦ ଟଙ୍କା ରୋଜଗାର ପାଇଁ ମହିଳାଙ୍କୁ ୩୦ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ପଡୁଛି। କେବଳ ଏତିକି ନୁହେଁ ସକାଳ ୯ଟାରୁ ଉହଡହ ରାସ୍ତା କଡ଼ ଖରାତାତିରେ ସନ୍ତୁଳି ହେଉଛି ଏମାନଙ୍କ ଜୀବନ। ତଥାପି ପେଟ ପୂରୁନି। ବେଳେ ବେଳେ ଘରକୁ ଫେରିବାକୁ ଭଡ଼ା ଉଠାଇବା ବି ସମ୍ଭବ ହେଉନି। ତଥାପି ଜୀବନଯାତ୍ରାରେ ବଞ୍ଚିବାକୁ ଏମାନଙ୍କ ସଂଘର୍ଷ ଜାରି ରହିଛି।

ଷ୍ଟିଲ ସିଟି ଟ୍ରାଫିକ ମାର୍କେଟ ଏକ ଚଳଚଞ୍ଚଳ ପରିବା ହାଟ। ରାତି ପାହିଲେ ଏଠାକୁ ସୀମାନ୍ତ ଅଞ୍ଚଳରୁ ବହୁ ମହିଳା ନିଜ ଉତ୍ପାଦିତ ପନିପରିବା ନେଇ ବିକିବାକୁ ଆସନ୍ତି। କେହି ସନ୍ଧ୍ୟାରେ ଆସି ସକାଳୁ ଚାଲିଯାଏ ତ ପୁଣି ଅନ୍ୟ କେହି ସକାଳୁ ଆସି ସଞ୍ଜକୁ ଘରକୁ ଫେରେ। କାହାର ରାତି କଟେ ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡରେ ତ ଆଉ କାହାର ଦିନ ବିତେ ଗଛତଳ ଛାଇରେ। ଏହି ଭିଡ଼ ଭିତରେ କିଏ ତେନ୍ତୁଳି, କାଗେଜି ଲେମ୍ବୁ ତ ଆଉ କିଏ ଚଣା ଗଣ୍ଡେ ଧରି ଗ୍ରାହକ ଅପେକ୍ଷାରେ ବସି ରହନ୍ତି। ଏହି ଭିଡ଼ ଭିତରେ ବସୁଥିବା ବିଶ୍ୱାସୀ କାଣ୍ଡୁଲିନା (୬୮)ବିଶ୍ରା ସୀମାନ୍ତ ପଞ୍ଚାୟତ ଜରେଇକେଲା ଗାଁରୁ ଆସନ୍ତି ଏହି ବଜାରକୁ। ସାଥିରେ ଆଣନ୍ତି ପ୍ରାୟ ୨ କେଜି ତେନ୍ତୁଳି। ଯାହାର କିଲୋ ପ୍ରତି ମୂଲ୍ୟ ୫୦ ଟଙ୍କା। ଯିବା ଆସିବା ଭଡ଼ା ଗଣନ୍ତି ୬୦ଟଙ୍କା। ଏଥିରୁ ଲାଭ ମିଳେ ତାଙ୍କୁ ଦୈନିକ ୪୦ ଟଙ୍କା। ଭାଗ ଲଗାଇ ଯେଉଁ କାଗେଜି ଲେମ୍ବୁ ବିକନ୍ତି ସେଥିରୁ ହାରାହାରି ମିଳେ ୧୦ରୁ ୨୦ଟଙ୍କା। କେଉଁ କାରଣରୁ ଏତେ ବାଟ ଆସନ୍ତି କାଣ୍ଡୁଲିନା ପଚାରିବାରୁ ସେ କହିଥିଲେ ମୋର ଝିଅପୁଅ କେହି ନାହାନ୍ତି। ସ୍ୱାମୀ ଆଉ ପାରିରେ। ସରକାରୀ ଚାଉଳ ଗଣ୍ଡେ ସାହାରା। ଭତ୍ତା ଆଜି ପର୍ଯ୍ୟନ୍ତ ପାଇପାରିନି। ଦିନକୁ ୫୦ ଟଙ୍କା ମିଳିଲେ ବି ଗୁଜୁରାଣ ମେଣ୍ଟିଯାଉଛି। ଖରାବର୍ଷାକୁ ଭୟ କଲେ ଚଳିବି କେମିତି ବୋଲି ଓଲଟା କହନ୍ତି କାଣ୍ଡୁଲିନା। ଆଉ ଜଣେ ମହିଳା ହେଲେ ଦହି ଦେବୀ (୪୩)। ଦୀର୍ଘ ୬୦ କିମି ଦୂର ସିମ୍‌ଡେଗା ଅଞ୍ଚଳରୁ ନିଜେ ଉତ୍ପାଦନ କରୁଥିବା ଲାଲ ବୁଟ ଚଣା ନେଇ ଏହି ବଜାରକୁ ଆସନ୍ତି ସେ। କଞ୍ଚା ଚଣା କିଲୋ ୬୦ ଟଙ୍କାରେ ବିକନ୍ତି। ୫ରୁ ୧୦ କିଲୋ ଚଣା ବିକିଲେ ଏଥିରୁ ଦେଢ଼ ୨ଶହ ଟଙ୍କା ମିଳେ। ଯାତାୟାତ ଭଡ଼ା ଲାଗେ ୬୦ ଟଙ୍କା। ଚଣା ପରିବର୍ତ୍ତେ ବେଳେ ବେଳେ ନିଜେ ତିଆରି କରିଥିବା ବଡ଼ି, ବାଦାମ, ପିସ୍ତା ଆଣନ୍ତି। ମୋଟାମୋଟି ଦିନକୁ ଶହେ ମିଳିଲେ କାମ ଚଳିଯାଏ ତାଙ୍କର। ସରକାରୀ ଯୋଜନାରେ ତାଙ୍କୁ ଆଜିପର୍ଯ୍ୟନ୍ତ ରାଶନକାର୍ଡ ଖଣ୍ଡେ ମିଳିପାରିନି। ଗଲା ୧୦/୧୨ ବର୍ଷ ହେବ ସପ୍ତାହରେ ୨ରୁ ୩ ଦିନ ସେ ଏହି ବଜାରକୁ ଆସନ୍ତି। ତଥାପି ଅବସ୍ଥାରେ ପରିବର୍ତ୍ତନ ଆସୁ ନ ଥିବାରୁ ତାଙ୍କ ମନରେ ଅବସୋସ ରହିଛି। ବିଶ୍ରା ପାତ୍ରାପାଲି ଅଞ୍ଚଳର ଅନ୍ୟ ଜଣେ ବୃଦ୍ଧା ହେଲେ ଶୁକ ବିରାନୀ (୬୧)। ସବୁଦିନ ତେନ୍ତୁଳି ଗଣ୍ଡେ ଧରି ଏହି ହାଟରେ ବସନ୍ତି। ସକାଳୁ ଆସି ସନ୍ଧ୍ୟାରେ ଘରକୁ ଫେରନ୍ତି। ଦୈନିକ ୮୦ରୁ ଶହେ ଟଙ୍କା ରୋଜଗାର କରନ୍ତି। ଏଥିରେ ଅଧା ବସ୍ ଭଡ଼ା ଚାଲିଯାଏ ବୋଲି ତାଙ୍କ ମନରେ ଅନେକ କୋହ ରହିଛି। ବିଶେଷକରି ବଡ଼ ରୋଜଗାରିଆମାନେ ମୂଲଚାଲ କରିବା ତାଙ୍କୁ ପସନ୍ଦ ନୁହେଁ।

କଞ୍ଚା ଆମ୍ବ କିଣି ଏହାକୁ ପନିକିରେ କାଟି ଗ୍ରାହକଙ୍କୁ ଯୋଗାଇ ଦିଅନ୍ତି ନୂଆଗାଁ ଅଞ୍ଚଳର କମଳା ଗୋପ (୪୩)। ନିଜ ବଗିଚାରେ ଆମ୍ବଗଛ ନାହିଁ। ଏହାକୁ ଅନ୍ୟଠାରୁ ସଂଗ୍ରହ କରିବାକୁ ପଡ଼େ। ଗୋଟା ଆମ୍ବ କିଲୋ ୧୫ ଓ କଟା ଆମ୍ବ ୨୦ରେ ବିକନ୍ତି। ସକାଳ ୮ରୁ ସନ୍ଧ୍ୟା ୭ଟା ଯାଏ ବେପାର ଚାଲେ। ହାତକୁ ଶହେରୁ କିଛି ଅଧିକ ଟଙ୍କା ଆସେ। ଯେଉଁଥିରେ ପରିବାର ଚଳେ। ପେଟ ପାଇଁ ସଂଘର୍ଷ କରୁଥିବା ଏମିତି ମହିଳାଙ୍କ ତାଲିକା ବେଶ୍ ଲମ୍ବା। ଯେଉଁମାନଙ୍କୁ ମହିଳା ସଶକ୍ତୀକରଣ ଯୋଜନା ସମର୍ଥ କରିପାରିନି।

## ଗାଡ଼ି ଧକ୍କାରେ ଛାତ୍ର ମୃତ

ଚିପିଲିମା, ୧୫।୫ (ଡି.ଏନ.ଏ.)

ସମ୍ବଲପୁର-ବରଗଡ ୫୩ ନମ୍ବର ଜାତୀୟ ରାଜପଥର ବୈଜାମୁଣ୍ଡା ଡାଲମିଆ ଫାର୍ମ ହାଉସ ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଠି ରୋଡ ନିବାସୀ ସୁଜନ ସାହାଙ୍କ ପୁଅ ଶିବମ କୁମାର ସାହା (୯)। ଗୋଶାଳା ନବୋଦୟ ସ୍କୁଲର ସେ ଚତୁର୍ଥ ଶ୍ରେଣୀର ଛାତ୍ର ଥିଲେ । ବୁର୍ଲା ମେଡିକାଲରେ ମୃତଦେହକୁ ରଖାଯାଇଛି। ଗୁରୁବାର ବ୍ୟବଚ୍ଛେଦ ପରିବାର ଲୋକଙ୍କ ଜିମା ଦିଆଯିବ। ଶିବମ୍ ବୈଜାମୁଣ୍ଡାରେ ଟ୍ୟୁସନ୍ ପରେ ସାଇକେଲରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ସ୍ଥାନୀୟ ଦୋକାନୀ ଅଜୟ ଅଗ୍ରୱାଲଙ୍କ ସହାୟତାରେ ପୋଲିସ ଶିବମଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ମାଲବାହୀ ଟ୍ରେନ୍ ୱାଗନ ଲାଇନଚ୍ୟୁତ

**ରାଉରକେଲା ଅଫିସ,୧୫।୫**



ରାଉରକେଲା ଷ୍ଟେଶନ ନିକଟ ମାଲଗୋଦାମ ବସ୍ତି ନିକଟରେ ଲାଇନଚ୍ୟୁତ ହୋଇଥିବା ମାଲବାହୀ ଟ୍ରେନ୍ ୱାଗନ।

ମାଲଗୋଦାମ ନିକଟ ଡାଉନ ଲାଇନରେ ମଙ୍ଗଳବାର ରାତି ସାଢ଼େ ୧୨ଟାରେ ଏକ ମାଲବାହୀ ଟ୍ରେନ୍‌ର ଦୁଇଟି ୱାଗନ ଲାଇନଚ୍ୟୁତ ହୋଇଥିଲା । ଫଳରେ ୨ ଘଣ୍ଟା ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳରେ ବ୍ୟାଘାତ ଘଟିଥିଲା । ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀ ପହଞ୍ଚି ଟ୍ରେନ୍ ଚଳାଚଳକୁ ସ୍ୱାଭାବିକ କରିବାକୁ କାର୍ଯ୍ୟାରମ୍ଭ କରିଥିଲେ। ଏହି ସିମେଣ୍ଟ ବୋଝେଇ ମାଲବାହୀ ଟ୍ରେନ୍‌ଟି ପାନପୋଷରୁ ରାଉରକେଲା ଷ୍ଟେଶନ ଦେଇ ପଶ୍ଚିମବଙ୍ଗ ଯାଉଥିଲା। ଜଣେ ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ ଦୁର୍ଘଟଣାରେ ବିଶେଷ କିଛି କ୍ଷତି ଘଟି ନାହିଁ।

■ଆଂଗ୍‌ଠି ନାଇଁ ଲେଖାପଢ଼ା କରମି କେନ୍‌ତା

# ମୋର ଜୀବନ୍‌ଟା ମାଏଟ୍ କରିଦେଲା

**ମନମୁଣ୍ଡା, ୧୫।୫ (ଡି.ଏନ.ଏ)**

ସବୁ ଛୁଆ ଛୋଟବେଳେ ଖାଇପିଇ ଖେଲକୁଦ କରସନ୍। ସ୍କୁଲରେ ପାଠ୍‌ପଢ଼ା ବାହାରେ ସାଂଗସରସାକର ସଂଗେ ମିଶି ହସି ମଜାକ୍‌ରେ ସମିଆ ବିତାସନ୍। ଇତାର ବାହାରେ ତାକର କିଛି ଅଲଗ୍ କାମ୍ କି ଚିନ୍‌ତା ନାଇଁଥାଏ। ହେଲେ ବିନା ଦୋଷ୍‌ରେ ଗୁଟେ ନାବାଲକ୍‌ନୁ ଇ ହକ୍ ଛଡ଼େଇ ନେଲେ ତାର ଉପରେ କଣା ବିତବା ଇଥିରୁ ଝନେ ଅନ୍‌ମାନ କରିପାରବା। ଏନ୍‌ତା ଗୁଟେ ହୁରୁଦ୍‌ଫଟା ଦୁଖଦ୍ ଘଟନା ଦେଖିବାକେ ମିଳିଛେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଚନ୍ଦନିଆଁମୁଣ୍ଡାରେ।

ସୂଚନା ଅନ୍‌ସାରେ କଣ୍ଟାମାଳ ଥାନା ଚନ୍ଦନିଆଁମୁଣ୍ଡାର କ୍ଷେତ୍ର କର୍ମୀ। ପରିବାର କହେଲେ ମାଏକିନା, ଦୁଇ ଝିଁ ଆର ଗୁଟେବଲି ପୁଓ ଚତୁର୍ଭୁଜ କର୍ମୀ(୧୪)କୁଁ ନେଇ ତାକର ସୁଖର ସଁସାର। ପରିବାରଟା ନିହାତି ଗରିବ ହେଇଥିଲାବେଲେ ବାହାଜାଂଗଲ ମାଜି କମେଇ ଖାଉଛନ୍। କ୍ଷେତ୍ର ବଡ଼ ଝିଁକେ ବିହାଚୁରା କରିସାରିଛନ୍। ସାନ୍ ଝିଁ ମାଟ୍ରିକ ପରୀକ୍ଷା ଦେଇଥିଲାବେଲେ ପୁଓ ଚତୁର୍ଭୁଜ ଦପଲା ହାଇସ୍କୁଲରେ ୮ମ ଶ୍ରେଣୀର ଛାତ୍ର। ଗଲା ୫ ମାର୍ଚ୍ଚ ୨୦୧୯ ବେଲବୁଡ଼େ କ୍ଷେତ୍ରଙ୍କର ମାଏକିନା ସଂଗେ ଗାଁର ଗୁଲଠୁ ବସ୍ତିଆର କେହେନ୍‌ସି କାରନ୍‌ରୁ ଝଗଡ଼ା ହେଇଥିଲା। ଗୁଲଠୁର ପରିବାର ଲୋକ୍ ମିଶି ତାହାକୁ ପିଟାମରା କରିଥିଲେ। ହେଲେ କ୍ଷେତ୍ର ଝନେ ନିହାତି ଗରିବ ଆର ସରଲ ଲୋକ୍, ସେଥିରଲାଗି ଥାନା ପୁଲିସ ନାଇଁକରି କରି କଥାଟାକେ ଚାପି ଦେଇଥିଲେ। ହେଲେ ଗୁଲଠୁର ରାଗ୍ ଏତ୍‌କିରେ ନାଇଁ ଥମଲା। କ୍ଷେତ୍ରଙ୍କର ପୁଓ ଚତୁର୍ଭୁଜ ମାର୍ଚ୍ଚ ୬ ତାରିଖ୍ ଦପଲା ହାଇସ୍କୁଲରୁ ପଢ଼ିକରି ଫିରୁଥିଲେ। ଚନ୍ଦନିଆଁମୁଣ୍ଡା ଆର ଦପଲା ମଝି ଛିନା ରାସ୍‌ତାରେ ଗୁଲଠୁ ଚତୁର୍ଭୁଜକେ ଧରିପକେଇ ଦୁଇ ହାତର କେତେ ଆଂଗୁଠ୍‌କେ ଧାରୁଆ ଛୁରିରେ କାଟି ଦେଇଥିଲା। ପଛେ ପରିବାର ଲୋକ ଚତୁର୍ଭୁଜକେ ବୁର୍ଲା ନେଇଥିଲେ। ସେଠାନେ ଅପରେଶନ କରି ଚତୁର୍ଭୁଜର ୩ଟା ଆଂଗୁଠ୍‌ରେ ଲୁହାତାର ଖଁଜାଯାଇଛେ। ହେଲେ ଇଥିରେ ସେ ତାକର ଦୁଇ ହାତର ବୁଢ଼ା ଆଂଗୁଠ୍ ହରେଇଛନ୍। ଇ ବାବ୍‌ଦେ କଣ୍ଟାମାଳ ଥାନାରେ କେସ ନଂ.୪୪/୭.୩.୨୦୧୯ରେ ଗୁଟେ ମାମଲା ରୁଜୁ ହେଇଛେ। ଏନ୍‌ତା ଅବସ୍‌ତାରେ ଚତୁର୍ଭୁଜ ଆଗକେ କେନ୍‌ଥେଇ ପାଠ୍ ପଢ଼ବେ, କେନ୍ ହାତେ ଲେଖାପଢ଼ା କରବେ ଭାବି ସବୁବେଲେ କାଁଦୁଛନ୍। କାଁଦି କାଁଦି କହୁଛନ୍ ମୋର ଆଂଗୁଠ୍ କାଟିଦେଲା, ମୁଇଁ କେନ୍‌ଥେଇ ପଢ଼ମି, ମୋର ଜୀବନଟା ପୂରା ମାଏଟ୍ କରିଦେଲା ବଲି ସେ କହୁଛନ୍। ଇଆଡ଼େ କ୍ଷେତ୍ର ନିହାତି ଗରିବ୍ ହେଇଥିବାର ଲାଗି ପୁଓର ଚିକିତ୍ସା ନାଇଁପାରି କରି ଘରେ ରଖିଛନ୍। ଗଲା ମଙ୍ଗଳବାର କ୍ଷେତ୍ର ପୁଓର ଚିକିତ୍ସା ସାହାଯ୍ ଲାଗି ଜିଲାପାଳଙ୍କୁଁ ଗୁହାରି କରବାକେ ଆସିଥିଲେ। ଚିକିତ୍ସା ସାହାଯ୍ ନାଇଁ ମିଲ୍‌ଲେ ମୋର ପୁଓର ଜୀବନ୍‌ଟା ଅଁଧାର ହେଇଯିବା ବଲି କହି ସେ କାଁଦି ପକେଇଥିଲେ। ଇଆଡ଼େ ଚତୁର୍ଭୁଜ ଇଥର ୮ମ ଶ୍ରେଣୀ ପାସ୍ କରିଛନ୍, ହେଲେ ଇ ଘଟନାର ଲାଗି ସେ ନବମ ଶ୍ରେଣୀରେ ନାଁ ଲେଖେଇ ନାଇଁପାରି। ସାଂଗସାଥିକର ଖେଲାବୁଲା, ପଢ଼ାଗୁନା ଦେଖି ଚତୁର୍ଭୁଜ ସବୁବେଲେ ଆଁଖିରୁ ଲହ ଗଡ଼ଉଛନ୍ ଆର ମୋର ଜୀବନ୍‌ଟା ଅକାରନ୍ ହେଇଗଲା ବଲି କହୁଛନ୍। ଇ ନାବାଲକ୍ ଛାତ୍ରଙ୍କର ଉପରେ ଜିଲା ପରଶାସନ ଦୁରୁଷ୍ଟି ଦେଇ ତାକର ସବୁ ଚିକିତ୍ସା ଖରଚ୍ ବହନ୍ କରବାକେ ଜନସାଧାରନରେ ଦାବି ହେଉଛେ।



ଚତୁର୍ଭୁଜ ନିଜର ଦୁଇ କଟା ପାପଲି ଦେଖଉଛନ୍।

## ବ୍ୟବଚ୍ଛେଦ ହେଲା ଯୁବତୀଙ୍କ ମୃତଦେହ

**ସମ୍ବଲପୁର,୧୫।୫ (ବ୍ୟୁରୋ)**


ବୁର୍ଲା ମେଡିକାଲର ଫ୍ରିଜରରେ ରବିବାରଠାରୁ ଥିବା ଯୁବତୀଙ୍କ ମୃତଦେହକୁ ବୁଧବାର ବ୍ୟବଚ୍ଛେଦ କରାଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସିଥିବା ମାନେଶ୍ୱରର ଅତିରିକ୍ତ ତହସିଲଦାର ସୁଚରିତା ମୁଣ୍ଡାରୀଙ୍କ ଉପସ୍ଥିତିରେ ଉଭୟ ପକ୍ଷ ବୟାନ ରେକର୍ଡ କରାଯାଇ ବ୍ୟବଚ୍ଛେଦ ହୋଇଥିଲା । ତେବେ ଝିଅ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନାହିଁ। ତେଣୁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଶେଷରେ ଏହି ଯୁବତୀଙ୍କ ପରିଚୟ ମଧ୍ୟ ମିଳିଛି। ସେ ଦେବଗଡ ଜିଲା ତିଲେଇମାଲ ଗ୍ରାମର ରେବତି ମାଝୀ (୧୯) । ମେଡିକାଲରେ ରେବତୀଙ୍କ ମୃତଦେହକୁ ଦେବଗଡ଼ ଛେଳିଆମେଲିଆ ଗ୍ରାମର କୁନା ପ୍ରଧାନ ଛାଡି ଯାଇଥିଲେ। ମଙ୍ଗଳବାର ଏକ ପୋଲିସ ଟିମ୍ ଦେବଗଡ ଯାଇ କୁନାକୁ ଠାବ କରିବା ପରେ ପଚରାଉଚୁରା କରିଥିଲା। ପରେ କୁନାଙ୍କୁ ନେଇ ଯୁବତୀଙ୍କ ଘର ତିଲେଇମାଲ ଗ୍ରାମରେ ପହଞ୍ଚିଥିଲା। ସେଠାରୁ ତାଙ୍କ ପରିବାର ଲୋକଙ୍କୁ ନେଇ ବୁର୍ଲା ଆସିଥିଲା। ସୂଚନାଯୋଗ୍ୟ, ଯୁଯୁମୁରାରେ କୁନା ଓ ରେବତୀ ଏକ ଭଡା ଘରେ ସ୍ୱାମୀ ସ୍ତ୍ରୀ ଭଳି ରହୁଥିଲେ । କୁନା ଡ୍ରାଇଭର ଭାବେ କାମ କରନ୍ତି। ଶନିବାର ବିଳମ୍ବିତ ରାତିରେ ଗୁରୁତର ଅବସ୍ଥାରେ କୁନା ବୁର୍ଲା ମେଡିକାଲରେ ରେବତୀଙ୍କୁ ଭର୍ତ୍ତି କରିଥିଲେ। ତାଙ୍କ ଶରୀର ପୋଡି ଯାଇଥିଲା। ହେଲେ ସେଠାରେ ଚିକିତ୍ସିତ ଅବସ୍ଥାରେ ରେବତୀଙ୍କ ମୃତ୍ୟୁ ଘଟିଥିଲା। ରବିବାର କୁନା ମୃତଦେହ ଛାଡି ଫେରାର ହୋଇ ଯାଇଥିଲେ। ଏଣୁ କେହି ସମ୍ପର୍କୀୟ ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ପାରୁ ନ ଥିଲା।

## ପାଇପ୍ ଚୋରି ଅଭିଯୋଗରେ ୨ ଗିରଫ

**ସମ୍ବଲପୁର,୧୫।୫(ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପୋଲିସ ପାଇପ୍ ଚୋରି ଅଭିଯୋଗରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏମାନେ ହେଲେ ରେମଡର ସୁମନ୍ତ ବୀରତିଆ ଓ କାହ୍ନା ବିଶ୍ୱାଳ । ଏ ନେଇ ଥାନାରେ ଏକ ମାମଲା (ନଂ.୬୯/୧୯)ରୁଜୁ ହୋଇଛି। ଅଭିଯୋଗ କ୍ରମେ ପିଏଚ୍‌ଡି ଠିକାଦାରଙ୍କ କ୍ୟାମ୍ପରୁ ପାଣି ପାଇପ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା । ଏ ନେଇ ରେମଡର ଶ୍ରୀ ଏଚ. ଶ୍ରୀନୁ ଥାନରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ପୂର୍ବରୁ ୨ ଜଣ ଅଭିଯୁକ୍ତ ମଧ୍ୟ ଗିରଫ ହୋଇଥିଲେ।











Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୬ ମେ, ୨୦୧୯



ଜୀବନଟା କେବଳ କେତେଗୁଡ଼ିଏ ଘଟଣାବଳୀର ସମଷ୍ଟି ନୁହେଁ। ମୁଣ୍ଡ ଭିତରେ ଯେଉଁ ବାତ୍ୟା ପ୍ରବାହିତ ହୁଏ ତାହାହିଁ ପ୍ରକୃତ ଜୀବନ।
- ମାର୍କ ଟ୍ୱେନ



## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ମନମୁଣ୍ଡା, ୧୫।୫ (ଡି.ଏନ.ଏ):** ମନମୁଣ୍ଡା ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଗମ୍ଭାରିପଦର ଗ୍ରାମର ଜଣେ ଯୁବକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡିତାଙ୍କ ମା' ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୦୧/୧୯) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ଗତ ଏପ୍ରିଲ ୨୬ ତାରିଖ ପୂର୍ବାହ୍ନ ୧୦ଟା ବେଳେ ନାବାଳିକା ଜଣକ ସିଂହପାଲି ଗ୍ରାମର ଜଣେ ଦର୍ଜିଙ୍କ ପାଖକୁ ଡ୍ରେସ ସିଲାଇ ପାଇଁ ଯାଇଥିଲେ । ବାଟରେ ଏକୁଟିଆ ଥିବାର ସୁଯୋଗ ନେଇ ଯୁବକ ଜଣକ ତାଙ୍କୁ ଅସଦାଚରଣ କରିଥିଲେ । ନାବାଳିକା ଜଣକ ଘରକୁ ଆସି ମା' ବାପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ । ଝିଅର ଭବିଷ୍ୟତକୁ ଦୃଷ୍ଟିରେ ରଖି ତଥା ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ଆଶା ନେଇ ଭଦ୍ରବ୍ୟକ୍ତିମାନଙ୍କ ଉପସ୍ଥିତିରେ ଏକ ସଭା କରାଯାଇଥିଲା। ସଭାରେ ଅଭିଯୁକ୍ତ ଯୁବକ ଦୋଷ ମାନିନେବା ପରିବର୍ତ୍ତେ ପାଲଟା ଧମକ ଚମକ ଦେଇଥିଲେ । ସେଥିରେ ଭୟଭୀତ ହୋଇ ପୀଡିତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ ।

### ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ

**ଝାରବନ୍ଧ, ୧୫।୫ (ଡି.ଏନ.ଏ):** ଝାରବନ୍ଧ ସ୍ଥିତ ଚାନ୍ଦନୀ ଛକଠାରେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଏହି ଅବସରରେ ବୁଧବାର ସକାଳେ ଶିବ ମନ୍ଦିର କଟାରେ ପୂଜାର୍ଚ୍ଚନା କରିବା ପରେ ଏକ ବିରାଟ କଳସ ଶୋଭାଯାତ୍ରା ବାହାରିଥିଲା ଏବଂ କଳସଗୁଡିକ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜାରେ ଡୋଲାମଣି ସାହୁ ଓ ତାଙ୍କ ସ୍ତ୍ରୀ ପଦ୍ମାଳୟା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟପୂଜକ ସନ୍ତୋଷ ଦାଶ ଓ ସାଥି ପୂଜାକାର୍ଯ୍ୟ ସମ୍ପାଦନା କରୁଛନ୍ତି । ମୀନା ବାଗ, ଶିବପ୍ରସାଦ ପଟେଲ, ସୁବାଷ ବେହେରା, ନକୁଳ ସାହୁ ପ୍ରମୁଖ ଯଜ୍ଞକାର୍ଯ୍ୟରେ ସହଯୋଗ କରୁଛନ୍ତି । ଏହି ଯଜ୍ଞରେ ଝାରବନ୍ଧ ଦଳ ସହିତ ଗ୍ରୀଣ୍ଡୋଲା, ବିଶିପାଲି, ପଗାରପାଣି, ବେହେରାଡୁବୁରି, ଚେରୁପାଲି, କୁମ୍ଭୀର, ଭଣ୍ଡାରପୁରୀ, ଭଇଁଷାଦର୍ହା ସଂକୀର୍ତ୍ତନ ଦଳ ଗୁଡିକ ଅଂଶଗ୍ରହଣ କରିଛନ୍ତି। ଏଥିରେ ସମସ୍ତ ଗ୍ରାମବାସୀ ସହଯୋଗ କରୁଥିବା ବେଳେ ଆସନ୍ତା ୧୭ ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

### ପାଣି ପାଇଁ ସଭିଏଁ ହନ୍ତସନ୍ତ

**ଜାମଟିକ୍ରା, ୧୫।୫ (ଡି.ଏନ.ଏ):** ଅତାବିରା ବ୍ଲକରେ ଗତ ସପ୍ତାହେ ହେଲା ଯେଭଳି ନିଆଁ ବର୍ଷୁଛି ତାହା ଅନ୍ୟ ବର୍ଷର ସମସ୍ତ ରେକର୍ଡ ଭାଙ୍ଗିଛି । ଗତ ସାତଦିନ ହେଲା ତାପମାତ୍ରା ୪୨ରୁ ୪୩ ଡିଗ୍ରୀ ରହୁଛି । ଏହାସହ ପ୍ରବଳ ଝାଞ୍ଜି ପବନ ଯୋଗୁ ଦିନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସାରା ଅଞ୍ଚଳ ଶୂନଶାନ ହୋଇପଡୁଛି । ବାରମ୍ଵାର ବିଦ୍ୟୁତ ବିଭ୍ରାଟ ପରିସ୍ଥିତିକୁ ଅଧିକ ସଙ୍ଗୀନ କରୁଥିବା ବେଳେ ବ୍ଲକର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳକଷ୍ଟ ଦେଖିବାକୁ ମିଳିଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜଳ ଓ ପରିମଳ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ନଳକୂପ ସଜଡା ଯାଉଥିଲେ ମଧ ଭୂତଳ ଜଳସ୍ତର ହ୍ରାସ ଯୋଗୁ ନଳକୂପ ଗୁଡିକରୁ ଆବଶ୍ୟକ ଜଳ ମିଳୁନାହିଁ। ନଳକୂପଗୁଡିକରେ ୮ଟି ପାଇପ ସଂଯୋଗ କରିବାର ନିର୍ଦ୍ଦେଶ ରହିଥିବା ବେଳେ ମାତ୍ର ୪ରୁ ୫ଟି ପାଇପ ଲଗାଯାଇଥିବା ହେତୁ ନଳକୂପ ଲୋକଙ୍କ ସମସ୍ୟା ଦୂର କରିବାରେ ସମର୍ଥ ହେଉନାହିଁ। ବର୍ତ୍ତମାନ ଗାଁ ଗୁଡିକରେ ଖୋଲାକୂଅ, ପୋଖରୀ ସବୁ ଶୁଖି ଯାଉଥିବାରୁ ଗାଧୋଇବା ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।

### ପତଞ୍ଜଳି ସମିତିର ଯୋଗ ଶିବିର

**ବରପାଲି, ୧୫।୫ (ଡି.ଏନ.ଏ):** ଯୋଗଗୁରୁ ରାମଦେବ ବାବାଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ପତଞ୍ଜଳି ସମିତି ପକ୍ଷରୁ ତିନି ଦିନିଆ ଯୋଗ ଶିବିର ବରପାଲି ଫୁଟବଲ ପଡିଆରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହରିଦ୍ୱାରରୁ ଆସିଥିବା ଯୋଗ ପ୍ରଚାରକ ଓମଦେବ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଯୋଗ, ପ୍ରାଣାୟମ ସହ ନିଜର ଶାରୀରିକ ଓ ମାନସିକ ସ୍ତରରେ ରୋଗକୁ ଦୂର କରି ସୁସ୍ଥ ସବଳ ଏବଂ ନିରୋଗ, ନିରାମୟ ଜୀବନଯାପନ କରିବାକୁ ଯୋଗଗୁରୁ ପ୍ରେରଣା ଦେଇଥିଲେ। ଶିବିରରେ ବହୁ ମହିଳା ପୁରୁଷ ଯୋଗଦେଇ ଯୋଗ ଶିକ୍ଷା ଲାଭ କରିଥିଲେ ।

■ ପୁଣି ଫେରିଲା ତାତି

# ୪୦ ଡିଗ୍ରୀ ଉପରେ ତାପମାତ୍ରା

**ଭେଡ଼େନ, ୧୫।୫ (ଡ଼ି.ଏନ.ଏ)**

କାଳବୈଶାଖି ଜନିତ ବର୍ଷା ଯୋଗୁ ମାତ୍ର ଦୁଇଦିନ ତାତିରୁ ସାମାନ୍ୟ ରିହାତି ପରେ ପୁଣି ଥରେ ଖରାର ପ୍ରକୋପ ଫେରିଛି। ବରଗଡ଼ ଜିଲା ଭେଡ଼େନ ଅଞ୍ଚଳରେ ବୁଧବାର ତାତି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ତାପମାତ୍ରା ପାଖାପାଖି ୪୦ ଡିଗ୍ରୀ ଉପରେ ରହୁଛି। ଦିନ ୧୦ଟାରୁ ବାହାରକୁ ବାହାରିବା କାଠିକର ପାଠ ହୋଇପଡ଼ିଛି। ଏପରି ଗରମରେ କିନ୍ତୁ ଖରାଦିନିଆ ବେପାର ବେଶ୍ ଜମୁଛି । ବିଶେଷ କରି ତାତି ଓ ଖରାଦାଉରୁ ରକ୍ଷା ପାଇଁ ବିଭିନ୍ନ ଥଣ୍ଡା ପାନୀୟର ଚାହିଦା କାହିଁରେ କଣ। ବିଭିନ୍ନ ନାମିଦାମୀ କମ୍ପାନୀର ଥଣ୍ଡା ପାନୀୟ ଲୋକଙ୍କୁ ଆକୃଷ୍ଟ କରୁଥିବା ବେଳେ ଦହି, ଲସି, ଆଖୁରସ, ଲେମ୍ବୁ ସରବତ ଆଦି ପାରମ୍ପରିକ ଥଣ୍ଡା ପାନୀୟ ବିକ୍ରି ବଢ଼ିଛି । ସକାଳେ ଚା'ର ଆଦର ପରି ଦିନସାରା ଲସି ସରବତର ଆଦର ରହିଛି। ଏହାସହ ବରଫ, ଆଇସକ୍ରିମ, ଚୁସକି, ଗୋଲା ଆଦି ବହୁ ମାତ୍ରାରେ ଲୋକମାନଙ୍କୁ ତାତିରୁ ରକ୍ଷା କରିବାରେ ସକ୍ଷମ ହେଉଛି । ପାନୀୟ ସହ ଦେଶୀ ଫଳର ମଧ ଚାହିଦା ଅଛି। ଏବେ ସବୁଠାରୁ ବେଶୀ ଚାହିଦା ଅଛି ତରଭୁଜର। ଆଗରୁ ଗୋଟା ଦରରେ ଏହା ବିକ୍ରି ହେଉଥିବା ବେଳେ ବର୍ତ୍ତମାନ କିଲୋ ୧୦ରୁ ୧୫ ଟଙ୍କାରେ ବିକ୍ରି ଚାଲିଛି। ଏହାସହ ପାଚିଲା ଆମ୍ବ, ତାଲସଜ, କାକୁଡ଼ି ମଧ ଖରାଦିନିଆ ଫଳ ଭାବେ ବିକ୍ରି ହେଉଛି । ଖରା ଯୋଗୁ ସାଧାରଣ ଲୋକେ ବିଶେଷ କରି ତେଲଯୁକ୍ତ ଖାଦ୍ୟ ପରିବର୍ତ୍ତେ ଦହିବରା ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି । ତାତିରେ ସାମାନ୍ୟ ଥଣ୍ଡାର ସ୍ପର୍ଶ ପାଇବା ପାଇଁ ପଙ୍ଖା, କୁଲର, ଏସି, ଫ୍ରିଜ୍ ବିକ୍ରି ବଢ଼ିଛି । ଅନ୍ୟ ବର୍ଷ ଅପେକ୍ଷା ଚଳିତ ବର୍ଷ ଭେଡ଼େନ ବଜାରରେ ଏସି ବିକ୍ରି ଅଧିକ ରହିଛି । ଏଥର ମାଟି ସୁରେଇ, ମାଠିଆ ବିକ୍ରି କମ୍ ରହିଛି। ହାତପଙ୍ଖା, ବିଞ୍ଚଣା, ବେଣାଚେରର ଚାହିଦା ମଧ ବଜାରରେ ରହିଛି। ଏବେ ଖରାରୁ ରକ୍ଷା ପାଇବା ପାଇଁ ପ୍ରାୟ ସମସ୍ତେ ଗାମୁଛା ବ୍ୟବହାର କରୁଛନ୍ତି। ଭେଡ଼େନ ବଜାରରେ ପାଣି ବୋତଲ ପରିବର୍ତ୍ତେ ପାଣି ପାଉଚ୍‌ର ଚାହିଦା ରହିଛି। ପ୍ରତିଦିନ ଶତାଧିକ ବସ୍ତା ପାଣି ପାଉଚ ଭେଡ଼େନ ତଥା ଏହାର ଆଖପାଖ ଗାଁ ଗୁଡ଼ିକରେ ବିକ୍ରି ହେଉଛି। ଏପରି ଖରାତାତି ଆହୁରି ୧୫ ଦିନ ରହିବା ଆଶଙ୍କା କରାଯାଉଛି ।



ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ତେନ୍ତୁଲିଟିକ୍ରା ଅଞ୍ଚଳରେ ଜଣେ କମାର ଦା' ପ୍ରସ୍ତୁତ କରୁଛନ୍ତି ।



ଓଡ଼ିଶୀ ନୃତ୍ୟ ଶିକ୍ଷା ଲାଭ କରିଥିବା ନୃତ୍ୟଶିଳ୍ପୀ ।

## ଗ୍ରୀଷ୍ମକାଳୀନ ଓଡ଼ିଶୀ ନୃତ୍ୟ କର୍ମଶାଳା ଉଦ୍‌ଯାପିତ

**ବୌଦ୍ଧ,୧୫।୫(ସ୍ୱ.ପ୍ର)**

ବୌଦ୍ଧର ସାଂସ୍କୃତିକ ଅନୁଷ୍ଠାନ ପ୍ରଣାମ ପକ୍ଷରୁ ଚାଲିଥିବା ଗ୍ରୀଷ୍ମକାଳୀନ ଓଡ଼ିଶୀ ନୃତ୍ୟ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଗତ ୯ ତାରିଖ ଠାରୁ ଭୁବନେଶ୍ୱର ଓଡିଶୀ ନୃତ୍ୟଗୁରୁ ଡଃ ମନୋଜ କୁମାର ବେହେରାଙ୍କ ନିର୍ଦ୍ଦେଶନାରେ ଏହି କର୍ମଶାଳା ଆରମ୍ଭ ହୋଇଥିଲା । ଉଦ୍‌ଯାପନୀ ଦିବସରେ ପ୍ରଣାମ ଅନୁଷ୍ଠାନର ସଭାପତି ବସନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ସାମାଜିକ କର୍ମୀ ତଥା ବୌଦ୍ଧ ଶିଶୁ ମନ୍ଦିରର ସମ୍ପାଦକ ରାଜକିଶୋର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମଶାଳାରେ ଭାଗ ନେଇଥିବା ୨୨ ଜଣ ଓଡିଶୀ ନୃତ୍ୟଶିଳ୍ପୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହାସହ ମୁଖ୍ୟ ଅତିଥି ନୃତ୍ୟଗୁରୁ ବେହେରା ଓ ଓଡିଶୀ ପ୍ରଶିକ୍ଷକ ସତ୍ୟବାନ ପ୍ରଧାନୀ (ଭବାନୀପାଟଣା)ଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କୁମାର ଭାଇନା ଅତିଥି ପରିଚୟ ପ୍ରଦାନ କରିଥିଲେ । ସାମାଜିକ କର୍ମୀ ଦେବାଶିଷ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । କର୍ମଶାଳା ଦ୍ୱାରା ଜିଲାର ପିଲାମାନେ ଓଡିଶୀ ନୃତ୍ୟ ପ୍ରତି ଆକୃଷ୍ଟ ହେବେ ବୋଲି ସେ ମତପ୍ରକାଶ କରିଥିଲେ । ଅନୁଷ୍ଠାନର ନୀତିଶ ସିହ୍ନା, ପ୍ରିୟବ୍ରତ ବେହେରା, ସୁକାନ୍ତି ସିଂ ଓ ଶୀତାଞ୍ଜଳି ସାହୁ , ସୁନୀତା ଦାସ ନୃତ୍ୟର ଉପକାରିତା ଉପରେ ଆଲୋକପାତ କରିଥିଲେ । ଶେଷରେ ଓଡିଶୀ ନୃତ୍ୟଗୁରୁ ବେହେରା ମା'ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏଥିରେ ୨୦ ଜଣ ମା' ଅଂଶଗ୍ରହଣ କରିଥିଲେ ।

## ରାମାୟଣ ପାରାୟଣ ଉଦ୍‌ଯାପିତ

**ପଦ୍ମପୁର, ୧୫।୫ (ଡି.ଏନ.ଏ)**


ପଦ୍ମପୁର ଶାନ୍ତିନଗରଠାରେ ୯ଦିନ ଧରି ଚାଲିଥିବା ରାମାୟଣ ପାରାୟଣ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରାମାୟଣର ବିଭିନ୍ନ କଥାବସ୍ତୁକୁ ନେଇ ୯ଦିନ ପାରାୟଣ ହୋଇଥିଲା। ଶାନ୍ତିନଗର ରାଧେଶ୍ୟାମ ମହିଳା ମଣ୍ଡଳର ସଭ୍ୟା ତଥା ଅନ୍ୟାନ୍ୟ ସହକର୍ମୀ ଏଥିରେ ସହଯୋଗ କରିଥିଲେ। କୁମୁଣ୍ଡେ ନିବାସୀ ଇପସିତ ମିଶ୍ର ପ୍ରବଚକ ଭାବେ ଯୋଗ ଦେଇଥିବା ବେଳେ ତାଙ୍କ ସହକର୍ମୀମାନେ ବାଦ୍ୟ ଯନ୍ତ୍ରରେ ସହଯୋଗ କରିଥିଲେ। ପ୍ରତ୍ୟହ ଶତାଧିକ ଭକ୍ତ ଏହାକୁ ଉପଭୋଗ କରିଥିଲେ ।

■ ବୈଶାଖୀ ମେଳାର ତୃତୀୟ ଦିବସ

## ୩୨ ହଜାର ନୃସିଂହ ବୀଜମନ୍ତ୍ର ଜପ

**ପାଇକମାଲ,୧୫।୫(ଡି.ଏନ.ଏ)**

ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମ ଉତ୍ସବ ତଥା ବୈଶାଖୀ ମେଳାର ବୁଧବାର ତୃତୀୟ ଦିବସରେ ବିଶ୍ୱଶାନ୍ତି ହରିଯଜ୍ଞ ଆରମ୍ଭ ହୋଇଛି । ୧୧ ଜଣ ଦକ୍ଷ ପଣ୍ଡିତଙ୍କ ସହ ମୋଟ ୧୯ ଜଣ ପଣ୍ଡିତଙ୍କ ଦ୍ୱାରା ୩୨ ହଜାର ନୃସିଂହ ବୀଜମନ୍ତ୍ର ଜପ କରାଯାଇଛି। ପ୍ରତି ଦିନ ସକାଳ ୮ଟାରୁ ୪ଟା ପର୍ଯ୍ୟନ୍ତ ଜପ ଓ ପୂଜା କାମ ହେଉଥିବା ବେଳେ ସନ୍ଧ୍ୟା ୭ ଟାରେ ଆଳତୀ କରାଯାଉଛି। ମୁଖ୍ୟ ପଣ୍ଡିତ ସୁବାଷ ଚନ୍ଦ୍ର ଦେବତାଙ୍କ ତତ୍ତ୍ୱାବଧାନରେ ବୀଜମନ୍ତ୍ର ଚାଲୁ ରହିଛି। ମେଳା ପରିସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଣିଛତ୍ର କରାଯାଇଛି ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି । ସେହିପରି ଗୁରୁବାର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ସିଂହଦ୍ୱାର ମଣ୍ଡପରେ ସଂଚାର ସମ୍ପ୍ରଦା, ଦାସ କାଠିଆ ପ୍ରବଚନ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷିତ ହେବ। ମାର୍ଜାର କେଶରୀ ମଣ୍ଡପରେ ଭଜନ, ଅର୍କେଷ୍ଟ୍ରା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ବିନ୍ଧ୍ୟବାସିନୀ ମଣ୍ଡପରେ ହାସ୍ୟକବି ସମ୍ମିଳନୀରେ ହରିଲାଲ ସାହୁ, ରାମ ପ୍ରସାଦ ବାଗ, ଅଧିକାରୀ ସା, ମୁନିରାମ କୁମ୍ଭାର, ଧର୍ମ ଭୁଏ ହାସ୍ୟ କବିତା ପରିବେଷଣ କରିବେ । ସେହିପରି ଲୋକ ନାଟକ ମୁଷିକ ଦୈତ୍ୟ ଦରବାର ପରିବେଷିତ ହେବ ବୋଲି ଜଣାପଡିଛି ।



ବିଶ୍ୱଶାନ୍ତି ହରିଯଜ୍ଞରେ ନୃସିଂହ ବୀଜମନ୍ତ୍ର ଜପ ଚାଲିଛି ।

## ବିଦ୍ୟୁତ୍ ସଂଯୋଗ ହୋଇନି, ବିଲ୍ ଆସୁଛି

**ମନମୁଣ୍ଡା, ୧୫।୫ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡା ବିଦ୍ୟୁତ ବିଭାଗ ଅନ୍ତର୍ଗତ ବିଳାସପୁର ପଞ୍ଚାୟତ ଖଇରହଣା ଗ୍ରାମର କେତେକ ଉପଭୋକ୍ତାଙ୍କୁ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ଦେବାର ବ୍ୟବସ୍ଥା କରାଯାଇଥିଲା। ତଦନୁଯାୟୀ ଉକ୍ତ ଗ୍ରାମର ଦଫେ ଜାନୀ, ବଦନ ମହାନନ୍ଦିଆ, ଲଙ୍କେଶ୍ୱର ଜାନୀ, ହେମନ୍ତ ବାଘ, ହରିଜାନୀ, ଦୁଃଖ କଠାର, ଜଗଦୀଶ ଭୋଇ, ମଦନ ମହାନନ୍ଦିଆ, କାଳିଆ କଠାର, ଅଚ୍ୟୁତ ଭୋଇ, ମିଥିଳା ଜାନୀ ଓ ବାହାଦୁଲ କଠାର ପ୍ରମୁଖ ୧୨ଜଣଙ୍କ ଘରେ ବିଦ୍ୟୁତ ଉପକରଣ ଖଞ୍ଜା ଯାଇଛି । ଉପଭୋକ୍ତାଙ୍କୁ ବଲ୍‌ବ ଦିଆଯାଇନାହିଁ। ବିଦ୍ୟୁତ ଖୁଣ୍ଟରୁ ଘର ପର୍ଯ୍ୟନ୍ତ ତାର ଲମ୍ବାଇ ଠିକାଦାର ତା କାମ ସାରିଦେଇଛି । ୮ ମାସ ବିତିଯାଇଥିବା ବେଳେ ଅଦ୍ୟାବଧି ବିଦ୍ୟୁତ ସଂଯୋଗ ଦିଆଯାଇନାହିଁ। ମାତ୍ର ଉକ୍ତ ହିତାଧିକାରୀମାନଙ୍କୁ ବିନା ବିଦ୍ୟୁତ ସଂଯୋଗରେ ଗତ ଫେବୃୟାରୀରୁ ଏପ୍ରିଲ ପର୍ଯ୍ୟନ୍ତ ତିନି ମାସ ପାଇଁ ୬୫୫ ଟଙ୍କା ବିଭାଗ ତରଫରୁ ବିଲ୍ ଦିଆଯାଇଛି। ଏହାକୁ ନେଇ ହିତାଧିକାରୀ ଚିନ୍ତାରେ ପଡିଛନ୍ତି । ଏ ନେଇ ବିଦ୍ୟୁତ ବିଭାଗ ଯନ୍ତ୍ରୀ ସୁଶାନ୍ତ ଖଟୁଆଙ୍କୁ ପଚାରିବାରୁ ସେ କହିଲେ, ଏ ନେଇ ସେ ତଦନ୍ତ କରି ବିହିତ ପଦକ୍ଷେପ ନେବେ । ହିତାଧିକାରୀ ଯେପରି ହଇରାଣ ନ ହେବେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ସେ କହିଥିଲେ ।

## କଟାପାଲିରେ ଜମୁଛି ରାମଲୀଳା

**ବରଗଡ଼ ଅଫିସ୍,୧୫।୫**

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ରାମଲୀଳା ଯାତ୍ରା ମହୋତ୍ସବ ଚାଲିଛି। ଗତ ୧୧ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଦେଖିବା ପାଇଁ ପ୍ରତି ସନ୍ଧ୍ୟାରେ ବହୁ ଦର୍ଶକଙ୍କ ଭିଡ଼ ଜମୁଛି । ବୁଧବାର ସନ୍ଧ୍ୟାରେ ଶବରୀ କୋଳିଖିଆ, ରାମ, ଲକ୍ଷ୍ମଣଙ୍କ ସହିତ ହନୁମାନଙ୍କ ଭେଟ, ସୁଗ୍ରୀବଙ୍କ ସହିତ ମିତ୍ରତା, ବାଳୀ ବଧ, ସୀତା ଠାବ, ଅଶୋକ ବନରେ ଅକ୍ଷୟ କୁମାର ବଧ, ହନୁମାନ ଇନ୍ଦ୍ରଜିତଙ୍କ ଯୁଦ୍ଧ, ଲଙ୍କା ଦହନ, ବିଭୀଷଣଙ୍କ ଲଙ୍କା ତ୍ୟାଗ ଏବଂ ଶ୍ରୀରାମଙ୍କଠାରେ ବିଭୀଷଣଙ୍କ ଶରଣ ଦୃଶ୍ୟ ଅଭିନୀତ ହୋଇଥିଲା । ଗୁରୁବାର ରାମଲୀଳା ମହୋତ୍ସବ ଉଦଯାପନୀ କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ଅଙ୍ଗଦଙ୍କୁ ଶାନ୍ତିଦୂତ ରୂପେ ପ୍ରେରଣ, ଲଙ୍କାଯୁଦ୍ଧ, କୁମ୍ଭକର୍ଣ୍ଣଙ୍କ ନିଦ୍ରାଭଙ୍ଗ, କୁମ୍ଭକର୍ଣ୍ଣ ବଧ, ନିକୁମ୍ଭିଳା ଯଜ୍ଞ, ଇନ୍ଦ୍ରଜିତ ବଧ, ଲକ୍ଷ୍ମଣଙ୍କ ଶକ୍ତିଭେଦ, ତରଣୀସେନ ବଧ, ମହୀରାବଣ ବଧ, ରାମ ରାବଣ ଯୁଦ୍ଧ, ରାବଣ ବଧ ସହିତ ଶ୍ରୀରାମଙ୍କ ରାଜାଭିଷେକ ଦୃଶ୍ୟାଭିନୟ ରହିଛି । ଏଥର ଏହି ମହୋତ୍ସବର ଶ୍ରୀରାମ ଭୂମିକାରେ ସିଦ୍ଧେଶ୍ୱର ପାଣିଗ୍ରାହୀ, ଲକ୍ଷ୍ମଣ ସ୍ୱରାଜ ମିଶ୍ର, ଭରତ ସନ୍ଦେଶ ଆଚାର୍ଯ୍ୟ, ଶତ୍ରୁଘ୍ନ ଅମରନାଥ ପୁରୋହିତ, ଦଶରଥ ରଞ୍ଜନ ସାହୁ, ସୁମନ୍ତ ମନ୍ତ୍ରୀ ଭୂମିକାରେ ଅମନ ସାହୁ ଅଭିନୟ କରୁଛନ୍ତି । ସେହିପରି ନିଖିଳ ଦୀପ ସୀତା, ଗୋପାଳ ପଣ୍ଡା ରାବଣ ଏବଂ ପ୍ରହଲ୍ଲାଦ କୁମାର ମାହାଣା ମନ୍ତ୍ରୀ ଭୂମିକାରେ ଚିତ୍ତାକର୍ଷକ ଅଭିନୟ କରୁଛନ୍ତି । ଦାମୋଦର ସାହୁ, ନେତ୍ରାନନ୍ଦ ଝୁପା ଓ ସାଥୀ ସଙ୍ଗୀତ, ବାଦ୍ୟଯନ୍ତ୍ରରେ ସହଯୋଗ କରୁଛନ୍ତି ।



ରାମଲୀଳାର ଏକ ଦୃଶ୍ୟ ।

## ରେଳ ଓଭରବ୍ରିଜ୍ ରାସ୍ତା ମରଣଯନ୍ତା

**ବରପାଲି, ୧୫।୫ (ଡି.ଏନ.ଏ)**

ବରପାଲିରୁ ଜଗନ୍ନାଥନଗରକୁ ସଂଯୋଗ କରୁଥିବା ନିର୍ମାଣାଧୀନ ରେଳ ଓଭର ବ୍ରିଜ ରାସ୍ତା ଖାଲଖମା ହୋଇ ମରଣଯନ୍ତା ପାଲଟିଛି । ଏହି ରାସ୍ତା ଦେଇ ପଡୋଶୀ ସୋନପୁର ଜିଲାର ରାମପୁର, ବୌଦ୍ଧ, ଫୁଲବାଣୀ ଓ ପୁରୀକୁ ଯାତ୍ରୀବାହୀ ବସ୍ ଯୋଗେ ଲୋକମାନେ ଯାତାୟାତ କରିଥାନ୍ତି। ସେହିପରି ଓଭରବ୍ରିଜ ପାଇଁ ହାଇସ୍କୁଲ ଖେଳ ପଡିଆ ରାସ୍ତା ପାଲଟିଛି । ଓଭରବ୍ରିଜ ଶିଳାନ୍ୟାସର ୭ମାସ ବିତିଲା, ହେଲେ ରାସ୍ତା ନିର୍ମାଣ ପୂର୍ବରୁ ଅସ୍ଥାୟୀ ପିଚୁ ରାସ୍ତା ନ କରି ମାଟିବାଲି ରାସ୍ତା କରାଯାଇଥିବାରୁ ଏହା ଲୋକଙ୍କ ପାଇଁ ସମସ୍ୟାର କାରଣ ହୋଇଛି । ଅନେକ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।

■ ଜବରଦଖଲରେ ଗୋଚର ଜମି

## ଗୋରୁ ଚରିବାକୁ ଜାଗା ନାହିଁ

**ଜାମଟିକ୍ରା, ୧୫।୫ (ଡି.ଏନ.ଏ)**

ଅତାବିରା ବ୍ଲକ ଅଞ୍ଚଳରେ ଶହ ଶହ ଏକର ଗୋଚର ଜମି ଥିଲେ ମଧ ଆଜି ଜବରଦଖଲ ଯୋଗୁ ଗାଈ ଗୋରୁ ଚରିବା ଲାଗି ସାମାନ୍ୟ ଜାଗା ନାହିଁ। ଫଳରେ ଏହାର ପ୍ରତିକୂଳ ପ୍ରଭାବ ଅଞ୍ଚଳର ପ୍ରାଣୀ ସମ୍ପଦ ଉପରେ ପଡୁଛି। ବିଗତ ଦିନରେ ଗୋରୁ ଗାଈ, ଛେଳି, ମେଣ୍ଢା, ମହିଷିଙ୍କ ପାଇଁ ଗୋଚର ଜମି ସବୁ ଖାଦ୍ୟ ଭଣ୍ଡାର ସାଜିଥିଲା । ଏବେ ପ୍ରାଣୀ ସମ୍ପଦ ପାଇଁ ଛିଡା ହେବାକୁ ସ୍ଥାନ ନାହିଁ । ଆଜି ଦୟନୀୟ ଅବସ୍ଥାରେ ପ୍ରାଣୀ ସମ୍ପଦ ରାଜରାସ୍ତା, ଗଛମୂଳେ, ନଦୀ କୂଳିଆ ଟାଙ୍ଗରା ଭୂଇଁ ଗୁଡିକରେ ଖାଦ୍ୟ ଅନ୍ୱେଷଣରେ ବୁଲୁଛନ୍ତି । ବିଶେଷ କରି ଅତାବିରା ବ୍ଲକର ଜଳସେଚିତ ଅଞ୍ଚଳରେ ଜବରଦଖଲକାରୀଙ୍କ ସଂଖ୍ୟା ବଢ଼ିବା ଫଳରେ ଗୋ ଚାରଣ ଭୂମି ବିଲୁପ୍ତ ହେବାକୁ ବସିଲାଣି । ତେଣୁ ସରକାର ପ୍ରାଣୀ ସମ୍ପଦର ସୁରକ୍ଷାକୁ ଦୃଷ୍ଟିରେ ରଖି ଗୋଚର ଜମି ଜବରଦଖଲ ଉଚ୍ଛେଦ କରିବାକୁ ସଚେତନ ନାଗରିକ ମହଲରେ ଦାବି ହେଉଛି । ଏ ସମ୍ପର୍କରେ ଅତାବିରା ତହସିଲଦାର ହୃଦାନନ୍ଦ ଅଡାଙ୍କୁ ପଚାରିବାରୁ ଗୋଚର ଜମି କିଭଳି ଜବରଦଖଲମୁକ୍ତ ହେବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।


## ସିଲିଂ ଜମି ଦଖଲ ପାଇଁ ଫେରାଦ

**ବରଗଡ଼ ଅଫିସ୍,୧୫।୫**

ବରଗଡ଼ ଜିଲା ପାଇକମାଳ ବ୍ଲକ ଅଞ୍ଚଳରେ ଗରିବ ଲୋକଙ୍କୁ ଲିଜ୍ ତଥା ସିଲିଂ ସୂତ୍ରରେ ମିଳିଥିବା ଜମି ଏପର୍ଯ୍ୟନ୍ତ ଅଞ୍ଚଳର କିଛି ପ୍ରଭାବଶାଳୀ ଲୋକଙ୍କ କବ୍‌ଜାରେ ରହିଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ଗତ କିଛିଦିନ ତଳେ ଅଞ୍ଚଳର ଜଣେ ଲୋକ ଜିଲାପାଳ ଅଫିସ ଆଗରେ ଅନଶନରେ ବସିଥିବାବେଳେ ସୋମବାର ଏହି ବ୍ଲକ ଅନ୍ତର୍ଗତ ଭେଙ୍ଗରାଜପୁର ଗ୍ରାମର ୪ଜଣ ସ୍ୱପ୍ନ କୁମ୍ଭାର, ଶ୍ରୀକର ବିଭାର, ଶାନ୍ତିଲାଲ ସୁନା ଏବଂ ଲବ ବରିହା ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଏ ନେଇ ସେମାନେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସରକାର ଗତ ୧୯୭୬ ମସିହାରୁ ସେମାନଙ୍କୁ ସିଲିଂ ସୂତ୍ରରେ ଜମି ଦେଇଥିଲେ। ସେହିଦିନଠାରୁ ସେମାନେ ଖଜଣା ମଧ୍ୟ ପଇଠ କରି ଆସୁଛନ୍ତି । ଏଭଳି ଭାବେ ସ୍ୱପ୍ନ ୧ଏକର ୭୫ଡେସିମିଲର ଜମିପଟ୍ଟା ପାଇଥିଲେ । ଏ ବାବଦକୁ ସେ ପ୍ରତିବର୍ଷ ଖଜଣା ମଧ୍ୟ ପଇଠ କରି ଆସୁଛନ୍ତି। ହେଲେ ସେହି ଜମି ନିଜ ଦଖଲକୁ ନେଇ ପାରୁ ନ ଥିବା ସେ କହିଛନ୍ତି । କେବଳ ସ୍ୱପ୍ନ ନୁହଁନ୍ତି, ତାଙ୍କ ଗ୍ରାମର ଏଭଳି ୧୨ ପରିବାର ସିଲିଂ ଜମି ଲିଜ୍ ସୂତ୍ରରେ ପାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଦଖଲକୁ ନେଇ ପାରୁ ନାହାନ୍ତି ଏବଂ ଗ୍ରାମର ପ୍ରଭାବଶାଳୀ ଲୋକେ ତାକୁ ନିଜ ଦଖଲରେ ରଖିଥିବା ଅଭିଯୋଗ ହୋଇଛି । ଏ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।




ସିଲିଂ ଜମି ଦଖଲ ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଲୋକେ ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା
ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ

## ସଂକ୍ଷେପରେ

### ଶିକ୍ଷକ ପଦବୀ ପୂରଣ ଦାବି

ଟିକ୍ରାପଡ଼ା,୧୫।୫(ଡି.ଏନ୍.ଏ.)- ବଲାଙ୍ଗୀର ଜିଲା ସଇନ୍ତଲା ବ୍ଲକ ଟିକ୍ରାପଡ଼ାସ୍ଥିତ ନୋଡାଲ ହାଇସ୍କୁଲରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ନେଇ ଅଞ୍ଚଳବାସୀ ଦାବି କରିଛନ୍ତି। ବିଦ୍ୟାଳୟରେ ଟିକ୍ରାପଡ଼ା ତଥା ଆଖପାଖ ୧୦ଟି ଗ୍ରାମର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ନବମ ଓ ଦଶମ ଶ୍ରେଣୀରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ରହିଛନ୍ତି। ମୋଟ ୮ଜଣ ଶିକ୍ଷକ ସ୍କୁଲରେ ନିୟୋଜିତ ରହିବାର ନିୟମ ଥିଲେ ମଧ ମାତ୍ର ୩ଜଣ ଶିକ୍ଷକ ଅଛନ୍ତି। ୨ ଜଣ ନିୟମିତ ଶିକ୍ଷକ ଓ ଜଣେ ଠିକା ଶିକ୍ଷକ ଭାବେ ବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି। ଏପରି କି କିରାଣି, ରାତ୍ରଜଗୁଆଳି ପଦବୀ ମଧ ଖାଲି ପଡିଛି। ଶିକ୍ଷକ ପଦବୀ ପୂରଣ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ହାଇସ୍କୁଲ ଫାଟକରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଅଭିଭାବକ ଏବଂ ପରିଚାଳନା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କୁ ପଚାରିବାରୁ ବର୍ତ୍ତମାନ ନିଯୁକ୍ତି ବନ୍ଦ ରହିଛି। ସରକାରଙ୍କ ପକ୍ଷରୁ ନୂତନ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲେ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ ବୋଲି କହିଥିଲେ।

ଖୁଦପେଜ ଗାଁର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କରାମତି

# ଧାନରେ ତିଆରୁଛନ୍ ସଉଖିନ କଳାକୁରତି

**ଘନଶ୍ୟାମ ଭୋଇ**
**ନୂଆପଡା ଅଫିସ,୧୫।୫**

ସରକାର ଗାଁରୁ ସହର ତକ୍ ମହିଲାମାନେ କେନ୍‌ଥେଇ ନିଜେର ଗୁଡ଼େ ନିଜେ ଠିଆ ହେଇପାରବେ, ଦୁଇପଏସା ରୁଜଗାର କରବେ ସେଥିରଲାଗି ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍। ହେଲେ ଅନେକ ଜାଗାରେ ଇ ଯୋଜନା ବିଫଲ ହେଉଥିବାର ଦେଖିବାକେ ମିଳୁଛେ। ଅନେକ ଜାଗାରେ ଗାଁଗଁଲିର ମହିଲାକରନେ କଳା କାରିଗରୀ ଲୁକି ରହିଥିଲେ ବି ପୋରଛାହନ୍ ଅଭାବୁ ସେଟା ଫୁଟି ବାହାରକେ ନାଇଁ ଆସିପାରବାର। ଯେନ୍‌ଥିରଲାଗି ବନର ମଲି ବନେ ଫୁଟି ବନେ ମଉଲିଲା ଲେଖେଁ ଅବସ୍ତା ହେଉଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖୁଦପେଜ ଗାଁରେ। ଇ ଗାଁର ମହିଲାମାନେ ଧାନରେ ଅନେକ କିସମର ସଉଖିନ ସାମାନ ତିଆର କରୁଛନ୍। ହେଲେ ସେ ସବୁ ବିକାଭଂଗା କରବାର ଲାଗି ବଜାର ବେବସ୍ତା ବଡ଼ଭାରି ଅଭାବ ରହିଛେ। ଯେନ୍‌ଥିରଲାଗି ମହିଲା କାରିଗରମାନେ ଭଲ ଦୁଇପଏସା ରୁଜଗାର କରବାରୁ ବଁଚିତ୍ ହେଉଛନ୍।



ଗାଁର ମହିଳାମାନେ ଧାନରେ ତିଆର କରିଥିବାର ଭିନେ ଭିନେ ସଉଖିନ ସାମାନ।

ଖଡିଆଳରୁ ବୋଡ଼େନ ରାସ୍ତାରେ ୭ କି.ମି. ଗଲେ ଖୁଦପେଜ ଗାଁ ରହିଛେ। ଗାଁର ଲୋକ୍ ସଂଖ୍ୟା ପାଖାପାଖି ୨ ହଜାର ହେଇଥିଲାବେଲେ ଅନେକ ଲୋକ୍ ଅଭାବ ଅନାଟନ ଭିତରେ ଚଲୁଛନ୍। ଗାଁରେ ଲୁକ୍‌କର ଆୟର ପଁଥା କହେଲେ ଚାଷ୍‌ବାସ। ଇଥିରେ ବଛରକ ୪ମାସ କାମବୁତା କରୁଥିଲାବେଲେ ବାକି ୮ମାସ ବସି ରହୁଛନ୍। ଲୋକ୍ ଏନ୍ତାଥି ବାହାର ରାଏଜ୍‌କେ ଦାଦନ ଖଟିଯାଉଛନ୍। ହେଲେ ଇ ଗାଁର କେତେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଲାମାନେ ନିଜେ ନିଜର ଆୟର ପଁଥା ଖୁଜିଛନ୍। ଚାଷ୍‌ବାସରୁ ଅମଲ ହେଉଥିବାର ଧାନକେ କେତେ ବିହନ, କେତେ ଖାଏବାର ଲାଗି ରଖୁଥିଲାବେଲେ ଆରକେତେ ଧାନକେ ମହିଲାମାନେ ବେଭାର କରି ସୁଁଦର ସୁଁଦର ମୂର୍ତ୍ତି ତିଆର କରୁଛନ୍। ସେମାନେ ଧନଲକ୍ଷ୍ମୀ ମୂର୍ତ୍ତି, ଟୁପଲି, ଭିନେ ଭିନେ ପରକାର ଫୁଲ ଆର ପୂଜା ସାମାନ ତିଆର କରୁଛନ୍। ହେଲେ ଇ କଳାକୁରତିର ବିକ୍‌ରିବଟା ଲାଗି ସରକାରୀ ବଜାର ବେବସ୍ତା ନାଁଇଁନ। ଯେନ୍‌ଥିରଲାଗି ମହିଲାମାନେ ଇ କଳାକୁରତିକେ ଆସରପାସର ହାଟ ବଜାରରେ ଅତି କମ୍ ଦରରେ ବିକ୍‌ରି କରୁଛନ୍। ମହିଲା କାରିଗରମାନକର କହେବାର ହିସାବେ ଗଲା ଦିନ୍‌ମାନକେ ନୂଆପଡ଼ା ଜିଲାର ମାରାଗୁଡ଼ା ଉଛବ୍‌ରେ ଇ କଳାକୁରତି ବିକି ହଜାର ହଜାର ଟଁକା କମେଇଥିଲୁଁ। ହେଲେ ସେଟା ବି ବଁଦ୍ ହେଇଗଲା, ଆମକୁ ଆର ବଜାର ସୁବିଧା ନାଇଁମିଲବାର ବଲି ସେମାନେ କହିଛନ୍। ଇଆଡ଼େ ଜିଲା ପରଶାସନ ତରଫୁ ତାଲିମ କି ପୋରଛାହନ୍ ନାଇଁ ମିଲବାର। ଯେନ୍‌ଥିରଲାଗି ଇ କଳା କାରିଗରୀ ଆଗ୍‌କେ ଆସି ନାଇଁପାରବାର ବଲି ସେମାନେ ଅଭିଯୋଗ କରିଛନ୍। ଇ କଳାକୁରତିର ପରଚାର ପରସାର, ବିକ୍‌ରିବଟା ଲାଗି ପରଶାସନ ଧିଆନଦେଲେ ଗାଁର ୫୦ରୁ ଅଧିକା ପରିବାର ରୁଜଗାର ପାଏତେ ଆର ଜିଲାର ନାଁ ବି ସବୁଆଡ଼େ ପଡ଼ତା ବଲି ସେମାନେ କହିଛନ୍। ଇ ଦିଗେ ଜିଲା ପରଶାସନ ଦୃରୁଷ୍‌ଟି ଦେଇ ଇ କଳା କାରିଗରୀର ବଢ଼ତିର ଲାଗି ପୋରଛାହନ୍, ତାଲିମ, ବଜାର ବେବସ୍ତା କରବାକେ ଦାବି ହେଉଛେ।

ଜୁନାଗଡ଼ ସହରେ କଳା ପଲ୍‌ସର ଆତଙ୍କ

# ଦିନ ଦ୍ୱିପ୍ରହରରେ ବାଇକ୍‌ରୁ ଦୁର୍ବୃତ୍ତ ଝାମ୍ପି ନେଲେ ଅଢ଼େଇ ଲକ୍ଷ

**ଜୁନାଗଡ,୧୫।୫(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ କଳା ପଲସର ଲୁଟେରାଙ୍କ ଆତଙ୍କ ଦେଖିବାକୁ ମିଳିଛି। ବୁଧବାର ଦିନ ଦ୍ୱିପ୍ରହରରେ ଜୁନାଗଡ ଲଙ୍କେଶ୍ୱରୀ ମନ୍ଦିର ଛକ ନିକଟ ଏକ୍ସିସ ବ୍ୟାଙ୍କ ସମ୍ମୁଖରେ କଳା ପଲସରେ ୨ ଦୁର୍ବୃତ୍ତ ଆସି ଏକ ବାଇକ୍‌ରୁ ଅଢେଇ ଲକ୍ଷ ଟଙ୍କା ଝାମ୍ପି ନେଇଁ ଚମ୍ପଟ ମାରିଛନ୍ତି। ସୂଚନା ଅନୁଯାୟୀ, କୋକସରା ଥାନା ଧନେର ଗ୍ରାମର ଠିକାଦାର ପ୍ରମୋଦ କୁମାର ସାହୁ ବୁଧବାର ଅଢେଇ ଲକ୍ଷ ଟଙ୍କାର ଚେକ୍ ଆଣି ଜୁନାଗଡ ସହରସ୍ଥିତ ଏଡିବି ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଣ କରିଥିଲେ। ପରେ ପ୍ରମୋଦ ଓ ତାଙ୍କ ସାଥୀ ନିଲେନ୍ଦ୍ର କର ଟଙ୍କା ଧରି ଜୁନାଗଡ ସହରର ଏକ ହୋଟେଲରେ ମଧ୍ୟାହ୍ନ ଭୋଜନ ଖାଇବାକୁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବାବେଳେ ଜୁନାଗଡ ସହର ଲଙ୍କେଶ୍ୱରୀ ମନ୍ଦିର ଛକ ନିକଟ ଏକ୍ସିସ ବ୍ୟାଙ୍କ ସମ୍ମୁଖରେ ହଠାତ୍ ୨ ଦୁର୍ବୃତ୍ତ କଳା ପଲସରେ ଆସି ତାଙ୍କ ବାଇକ୍‌ରୁ ଅଢେଇ ଲକ୍ଷ ଟଙ୍କା ଝାମ୍ପି ନେଇଁ ଚମ୍ପଟ ମାରିଥିଲେ। ପ୍ରମୋଦ ବାଇକ୍ ଚଳାଉଥିବାବେଳେ ନିଲେନ୍ଦ୍ର ଟଙ୍କା ବ୍ୟାଗକୁ ଧରିଥିବା ବେଳେ ହମ୍ପସ ଯୋଗୁ ବାଇକ୍‌ର ମନ୍ଥର କମିଯିବାରୁ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଜୋର ଝଟକା ଦେଇ ବ୍ୟାଗ ନେଇ ଯିବାରେ ସକ୍ଷମ ହୋଇଥିଲେ। ଲୁଟେରାମାନେ ଧର୍ମଗଡ ଅଭିମୁଖେ ଫେରାର ହୋଇଥିଲେ। ଏ ନେଇ ପ୍ରମୋଦ ଜୁନାଗଡ ଥାନାରେ ଏତଲା ଦେବା ପରେ ପୋଲିସ ଏଏସଆଇ ସୁରେଶ ଚନ୍ଦ୍ର ବିଷି ଏକ ମାମଲା ରୁଜୁ କରି ଘଟଣାର ଛାନଭିନ କରୁଛନ୍ତି। ରିପୋର୍ଟ ଲେଖା ହେଲା ପର୍ଯ୍ୟନ୍ତ ପୋଲିସ ଲୁଟେରାଙ୍କ କୌଣସି ଟେର ପାଇ ନ ଥିବା ଜଣାପଡିଛି।

# ୨ ମାସରେ ୨୦ରୁ ଅଧିକ ଗାଈ ମୃତ

**ଭବାନୀପାଟଣା,୧୫।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁ. ରାମପୁର ବ୍ଲକ୍ ଅନ୍ତର୍ଗତ ଦୁର୍ମୁଷି, କନରପାସ ଓ କେନ୍ଦୁମୁଣ୍ଡି ଗ୍ରାମବାସୀ ବଫଲାମାଳି ଖଣି ଖନନ ଦ୍ୱାରା ପ୍ରଭାବିତ ହେଉଛନ୍ତି । ଉତ୍କଳ ଆଲୁମିନା କମ୍ପାନୀ ରିତିମତ ବିଭିନ୍ନ ରାସାୟନିକ ପଦାର୍ଥ ଓ ବିସ୍ଫୋରକ ବ୍ୟବହାର କରି ଖଣି ଖନନ କରୁଛି। ଏହାର ବର୍ଜ୍ୟବସ୍ତୁକୁ ଖଣି ଉପରୁ ଫୋପାଡି ଦିଆଯାଇଥିବାରୁ ତାହା ଏହି ତଳମୁଣ୍ଡ ଅଞ୍ଚଳରେ ବିଚ୍ଛୁରିତ ହୋଇ ପଡୁଛି। ଯାହା ଦ୍ୱାରା ଜଙ୍ଗଲ ଜମି ଚାଷ ନଷ୍ଟ ହେଉଛି। କେବଳ ଚାଷ ନୁହେଁ, ଏହି ବର୍ଜ୍ୟବସ୍ତୁର ଧୂଳିକଣା ସବୁ ଗଛ ପତ୍ର ଓ ଘାସରେ ପଡୁଛି। ସେହି ସବୁ ବିଷାକ୍ତ ପଦାର୍ଥ ମିଶା ଘାସପତ୍ର ଖାଇ ଗାଁର ବହୁ ଗାଈ ଗୋରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ଗତ ୨ ମାସ ମଧ୍ୟରେ ଦୁର୍ମୁଷି ଗ୍ରାମର ବାତି ମାଝି, ରୁକମଲ ମାଝି, କୁମୁଟୀ ମାଝି, ରଘୁ ମାଝି, ଯୁଗଳ ମାଝି, ବାଗି ମାଝି, ଲାଲୁ ମାଝି, ସୁନ୍ଦର ସିଂ ମାଝି, ଧନସିଂ ମାଝି ପ୍ରମୁଖଙ୍କ ୨୦ରୁ ଅଧିକ ବଳଦ ଓ ଗାଈ ମୃତ୍ୟୁ ଘଟିଛି । କେବଳ ଗାଈ ଗୋରୁ ନୁହେଁ, ଏହି ବିଷାକ୍ତ ବର୍ଜ୍ୟ ବସ୍ତୁର ପ୍ରଭାବ ପାହାଡ ତଳ ଦେଇ ବହି ଆସିଥିବା ଝରଣା ପାଣିରେ ମିଶୁ ଥିବାରୁ ଏହାର ପ୍ରଭାବ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଥିବା ମାଛ ଓ ଅନ୍ୟ ଜଳ ଜୀବ ଉପରେ ପଡୁଛି। ଗତ ଦୁଇ ବର୍ଷ ତଳେ ମଧ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ବଫଲା ଅଞ୍ଚଳର ଝର ପାଣି ମିଶିବା ପରେ ବହୁ ମାଛ ମରି ପଡିଥିଲେ। ଏବେ ଏହି ମାଳି ଖନନ ଦ୍ୱାରା ଏହି ଅଞ୍ଚଳ ଲୋକଙ୍କ ଜୀବନ ଜୀବିକା ବିପନ୍ନ ହେବାରେ ଲାଗିଛି। ଏହି ଅଞ୍ଚଳରେ ଶୁଦ୍ଧ ପାନୀୟ ଜଳ ନ ଥିବାରୁ ଲୋକେ ବାଧହେଇ ବିଷାକ୍ତ ବର୍ଜ୍ୟବସ୍ତୁ ମିଶା ପାଣି ପିଉଛନ୍ତି। ଯାହାର ପ୍ରଭାବରେ ଲୋକେ କାଛୁକୁଣ୍ଡିଆ ଆଦି ଚର୍ମ ରୋଗରେ ପୀଡିତ ହେଉଛନ୍ତି। ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଘର ଭାଙ୍ଗିଲା ହାତୀ, ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ

**ଉଲୁଣ୍ଡା ୧୫।୫ (ଡି.ଏନ.ଏ.)**

ଗତ ୮ ମାସ ଧରି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଜଙ୍ଗଲ ସଂଲଗ୍ନ ଆଭ୍ୟନ୍ତରିଣ ଅଞ୍ଚଳରେ ଉତ୍ପାଦ ମଚାଉଥିବା ଏକ ଦନ୍ତା ହାତୀ ମଙ୍ଗଳବାର ରାତିରେ ଉଲୁଣ୍ଡା ବ୍ଲକ ମେଟାକାନୀ ପୀଠ ନିକଟ ସିଂପାଲି ଗ୍ରାମରେ ପସି ବ୍ୟାପକ ଉପଦ୍ରବ କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୁଚନା ମୁତାବକ, ରାତି ପ୍ରାୟ ୨ଟା ବେଳେ ଗ୍ରାମର ବିଲସେନ ଟପ୍ପୋ ତାଙ୍କର ସ୍ତ୍ରୀ ଏବଂ ୩ ଛୁଆ ଶୋଇଥିବା ବେଳେ ହାତୀଟି ତାଙ୍କ ଘର ଭାଙ୍ଗିବା ସହ ୫ ବସ୍ତା ଧାନ, ଏକ ବସ୍ତା ଚାଉଳ ଖାଇବା ସହ ଆସବାବପତ୍ର ନଷ୍ଟ କରି ଦେଇଥିଲା। ହେଲେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏପରି କି ହାତୀଟି ତାଙ୍କ ପଡୋଶି ସିଲକନ ସୁରେନଙ୍କ ଘରେ ପସିବାକୁ ଉଦ୍ୟମ କରିଥିବା ବେଳେ ଘର ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପକ୍ଷେ ହାତୀଟି ବୁଧବାର ମେଟାକାନୀ ଜଙ୍ଗଲର ଭୁଲିଆମୁଣ୍ଡା ଜଳାଶୟ ନିକଟରେ ରହିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏନେଇ ରେଞ୍ଜର ଶିବ ପ୍ରସାଦ ନାଏକଙ୍କୁ ପଚରାଯିବାରୁ ହାତୀକୁ ଘଉଡାଇବାର ବନ ବିଭାଗ ପକ୍ଷରୁ ଚେଷ୍ଟା ଚାଲିଛି। କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ତେବେ ତୁରନ୍ତ କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ପ୍ରଶାସନ ପକ୍ଷରୁ ପକ୍କାଘର ଯୋଗାଇ ଦେବାକୁ ଦାବି ହୋଇଛି।



ହାତୀ ଭାଙ୍ଗି ଦେଇଥିବା ଘର ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ପୁଅକୁ କୁମ୍ଭୀର ଖାଏ,**
**ତା' ମା ଢେଙ୍କି ଦେଖିଲେ ଡରେ ।**

ବିପଦକୁ ସାମ୍ନା କରିଥିବା ବ୍ୟକ୍ତି ମନରେ ଭୟ ଏକପ୍ରକାର ଘର କରି ରହିଯାଇଥାଏ। ଯେତେ ଚେଷ୍ଟା କଲେ ମଧ ସେଥିରୁ ସେ ନିଜକୁ ମୁକୁଳାଇ ପାରି ନ ଥାଏ। ସାଧାରଣ କୁମ୍ଭୀର ଓ ଢେଙ୍କି ମଧ୍ୟରେ ଅନେକ ସାମଞ୍ଜସ୍ୟ ରହି ଥାଏ। ଦୂରରୁ ଦେଖିଲେ ଏକାପରି ଲାଗି ଥାଏ। ଏପରିସ୍ଥଳେ କୁମ୍ଭୀର ଆକ୍ରମଣରେ ଶିକାର ହୋଇଥିବା ବ୍ୟକ୍ତିର ଆତ୍ମୀୟ ପୂର୍ବ ଅଭିଜ୍ଞତାର ସ୍ମୃତି ହେତୁ ଭୟର କାରଣ ନ ଥାଇ ମଧ ଭୟ ପାଇବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେତେ କଲେ ଦିଶେ ନାହିଁ,**
**ଯେତେ ଦେଲେ ହସେ ନାହିଁ ।**

ମଣିଷର ଆଶା ଅସୁମାରୀ। ଯିଏ ଯେତେ କଲେ ଆଖିକୁ ସେତେ ଦିଶେ ନାହିଁ କି ଯିଏ ଯେତେ ଦେଲେ ମନରେ ହରଷ ଆସେ ନାହିଁ। ମନରେ ସନ୍ତୁଷ୍ଟି ଆଣିବା ମଣିଷର ସାଧ ବାହାରେ। ସେହିପରି ଯେତେ ଧନ ପାଖରେ ଥିଲେ ବି ମନୁଷ୍ୟର ତୃପ୍ତି ଆସି ନ ପାରିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 40,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବା ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

ASTROLOGY ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday

BUSINESS BUSINESS

Dharitri : 15, 16, 17, 18, 19, 20 & 21 May 2019
SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639


BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

See Color Display Classified on every Tuesday & Friday
Size: 6 X 8
For 15 days: 40,000
For 8 days: 20,000
For 4 days: 11,000
For Single day: 2,800
GST: 5% will be added extra


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ



### କାଳବୈଶାଖୀରେ ଗଛ ପଡ଼ି ଘର ଭାଙ୍ଗିଲା, ପରିବାର ବେସାହାରା

**କୋକସରା,୧୫ା୫(ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ଗ୍ରାମରେ ଗତ ସୋମବାର କାଳବୈଶାଖୀରେ ଗାଁର ଜଣେ ବିଧବା ପରିବାରଙ୍କ ଘର ଉପରେ ଏକ ବିରାଟକାୟ ଗଛ ପଡ଼ିଯାଇଥିଲା। ଏଥିରେ ଘର ଭାଙ୍ଗି ଯାଇଥିବା ବେଳେ ପରିବାର ୫ ଜଣ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ବିଧବା ସୁପ୍ରିୟା ଚଣ୍ଡି ୪ ପୁଅଝିଅଙ୍କୁ ଧରି ଘରେ ରହୁଥିଲେ। ଏବେ ପରିବାର ବେସାହାରା ହୋଇପଡ଼ିଥିବାବେଳେ ବିଧବାଙ୍କ ସମେତ ତାଙ୍କ ଦୁଇପୁଅ ଦୁଇଝିଅ ଏବେ ନିଜ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। କାଶିବାହାଲ ରାଜସ୍ୱ ନିରୀକ୍ଷକ ଈଶ୍ୱର ପୁରୋହିତଙ୍କୁ କ୍ଷୟକ୍ଷତି ଆକଳନ ପାଇଁ ନାଏବ ସରପଞ୍ଚ ବିରି ଚଣ୍ଡି ଫୋନ କରିଥିଲେ ମଧ୍ୟ ସେ ବୁଧବାର ଆସି ଘର ଭଙ୍ଗା ରିପୋର୍ଟ ନେଇ ତହସିଲ ଅଫିସରେ ଦେଇଥିବା ଜଣାପଡ଼ିଛି। ପୀଡ଼ିତ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପାଇଁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଜଙ୍ଗଲ ଜମି ହିତାଧିକାରୀ ହନ୍ତସନ୍ତ

**ଭବାନୀପାଟଣା,୧୫ା୫(ଡି.ଏନ.ଏ.)-** ଜଙ୍ଗଲ ଜମି ଅଧିକାର ଆଇନରେ ହିତାଧିକାରୀଙ୍କ ପାଇଁ ଅନେକ ବ୍ୟବସ୍ଥା ରହିଛି। ୧୦ ବର୍ଷ ଧରି ଜଙ୍ଗଲ ଜମିରେ ଗୁଜୁରାଣ ମେଣ୍ଟାଉଥିବା ଲୋକଙ୍କୁ ଏହି ଆଇନ ଅଧିନରେ ବିଭିନ୍ନ ସରକାରୀ ସହାୟତା ଯୋଗାଇ ଦେବାର ନିୟମ ରହିଛି। କିନ୍ତୁ ଆଦିବାସୀ ବହୁଳ କଳାହାଣ୍ଡି ଜିଲାରେ ଏହି ଆଇନ ବାଟବଣା ହୋଇଛି । ଜିଲାର ଆଦିବାସୀଙ୍କୁ ଜଙ୍ଗଲ ଜମି ଅଧିକାର କେବଳ କାଗଜ କଲମରେ ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଛି। ଫଳରେ ସରକାରୀ ସହାୟତାକୁ ହିତାଧିକାରୀ ବଞ୍ଚିତ ରହିଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ଯୋଗ୍ୟ ହିତାଧିକାରୀ ଜମିପଟ୍ଟା ପାଇଥିଲେ ହେଁ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ବଦଳରେ ହିତାଧିକାରୀ ଜମି ପଟ୍ଟା ପାଇ ଇନ୍ଦିରା ଆବସ ଗୃହ ନିର୍ମାଣ କରିଥିବା ବେଳେ ୪ ବର୍ଷ ହେଲା ସରକାରୀ ସହାୟତା ମିଳିନାହିଁ। କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକରେ ଜଙ୍ଗଲଜମି ଅଧିକାର ଆଇନରେ ହିତାଧିକାରୀ ପଟ୍ଟ ପାଇ ଇନ୍ଦିରା ଆବାସ ଗୃହ ନିର୍ମାଣ କରିଥିଲେ ହେଁ ଏ ପର୍ଯ୍ୟନ୍ତ ସରକାରୀ ଆର୍ଥିକ ସହାୟତା ପାଇ ନ ଥିବା ବାହାଦୁର ସିଂ ମାଝି ଓ ନିନା ଦେଇ ଅଭିଯୋଗ କରିଛନ୍ତି। ଥୁ.ରାମପୁର ବ୍ଲକ ବହୁ ଗ୍ରାମରେ ଏଭଲି ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଏକ ବେସରକାରୀ ନିର୍ମାଣ ସଂସ୍ଥା ଜରିଆରେ ଏହି ନିର୍ମାଣ କାର୍ଯ୍ୟ ଚାଲିଛି। ସମ୍ପୃକ୍ତ ନିର୍ମାଣକାରୀ ସଂସ୍ଥା ହିତାଧିକାରୀଙ୍କୁ ଭୁଆଁ ବୁଲାଇ ଶୋଷଣ କରୁଥିବା ବ୍ଲକ ପ୍ରଶାସନ ନଜରକୁ ଆସିଛି। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ସମ୍ପୃକ୍ତ ସଂସ୍ଥା ବିରୋଧରେ ଥାନାରେ ଅଭିଯୋଗ କରିବା ସହ କିଭଳି ହିତାଧିକାରୀ ସେମାନଙ୍କ ପ୍ରାପ୍ୟ ପାଇ ପାରିବେ ସେଥିପାଇଁ ପଦକ୍ଷେପ ନିଆଯିବ ବୋଲି ଥୁ. ରାମପୁର ବିଡିଓ ନବିନ ଚନ୍ଦ୍ର ନାଏକ କହିଛନ୍ତି।

---

କେସିଙ୍ଗା ଅଞ୍ଚଳରେ ପାନୀୟ ଜଳର ଘୋର ସମସ୍ୟା

# ଲୋକେ ହନ୍ତସନ୍ତ, ନଳକୂଅ ହିଁ ଭରସା

**କେସିଙ୍ଗା,୧୫ା୫ (ଡି.ଏନ.ଏ.)**

■ ପ୍ରଚଣ୍ଡ ଗ୍ରୀଷ୍ମରେ ନଈ, ନାଳ, ପୋଖରୀ ଶୁଖିଲା




ବାଲସି ଗ୍ରାମରେ ନବନିର୍ମିତ ଓଭରହେଡ ପାଣି ଟାଙ୍କି (ବାମ)। କେସିଙ୍ଗା ବ୍ଲକ ଉକ୍ଳେଲା ଗ୍ରାମପଞ୍ଚାୟତର ରିଗିଡିମାଲ ଗ୍ରାମରେ ନଳକୂଅ ପାଣି ଟିକିଏ ପାଇବା ପାଇଁ ମହିଳାଙ୍କ ଲମ୍ବା ଧାଡି ।

ପଶ୍ଚିମ ଓଡିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ଗତ ଏପ୍ରିଲଠାରୁ ମେ ୧୫ ତାରିଖ ସୁଦ୍ଧା ୩୮ରୁ ୪୫ ଡିଗ୍ରୀ ଉପରେ ରହୁଛି ତାପମାତ୍ରା । ଗ୍ରୀଷ୍ମ ପ୍ରବାହ ସହ ପାନୀୟ ଜଳ ସମସ୍ୟା ଲୋକଙ୍କ ସମସ୍ୟାକୁ ଦିଗୁଣିତ କରୁଛି। କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଗ୍ରାମାଞ୍ଚଳରେ ଲୋକେ ପାନୀୟ ଜଳ ଅଭାବରେ ପଡ଼ି ନାହିଁ ନ ଥିବା ସମସ୍ୟା ସମ୍ମୁଖିନ ହୋଇ ନଳକୂଅ ଉପରେ ନିର୍ଭର କରୁଛନ୍ତି । କେସିଙ୍ଗା ବ୍ଲକରେ ୨୬ଟି ଗ୍ରାମପଞ୍ଚାୟତର ୧୦୨ଟି ଗ୍ରାମ ରହିଛି । ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ୩୫୦ଟି ପୋଖରୀ ଏବଂ ୫୧୦ଟି ନଳକୂଅ ରହିଛି । ବ୍ଲକର ବହୁ ଗ୍ରାମରେ ପୋଖରୀ ଶୁଖିଯାଇ ମାଟି ଆଁ କରି ରହିଛି । କେସିଙ୍ଗା ବ୍ଲକ ବାଲସି ଗ୍ରାମରେ ଥିବା ୧୧ ଏକର ବିଶିଷ୍ଟ ଏକ ପୋଖରୀ ଶୁଖିଯିବାରୁ ଉକ୍ତ ଗ୍ରାମର ପ୍ରାୟ ୪ ହଜାର ଲୋକେ କେବଳ ନଳକୂଅ ଉପରେ ନର୍ଭର କରୁଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ତାପ ଯୋଗୁ ସମସ୍ତ ନଈ, ନାଳ, ଯୋର, ପୋଖରୀରେ ପାଣି ଶୁଖି ଯାଇଥିବାରୁ ଗାଈ, ମଇଁଷି, ବଳଦ, ଛେଳି, ମେଣ୍ଢା, ବତକ ପ୍ରଭୃତି ଗୃହ ପାଳିତ ପ୍ରାଣୀ ପାନୀୟ ଜଳ ପାଇଁ ଡହଳବିକଳ ହେଉଛନ୍ତି । ପ୍ରାଶସନ ପକ୍ଷରୁ ପାନୀୟ ଜଳର ସୁବିଧା ମଧ୍ୟ କରାଯାଉନାହିଁ । କେସିଙ୍ଗା ବ୍ଲକ ବାଲସି ଓ ବେଲାମାଲ ଗ୍ରାମରେ ୩ କୋଟି ବ୍ୟୟ ଅଟକଳରେ ଓଭରହେଡ ପାଣି ଟାଙ୍କି ନିର୍ମାଣ କରାଯାଇଛି । କିନ୍ତୁ ଆଜକୁ ଏକ ବର୍ଷରୁ ଉର୍ଦ୍ଧ୍ୱ ହେଲା ବାଲସି, ମଶାଣିବନ୍ଧ, ବେଲାମାଲ, କଲୋନୀପଡାକୁ ପାଣି ସଂଯୋଗ କାର୍ଯ୍ୟ ମନ୍ଥରଗତିରେ ଚାଲିଥିବାରୁ ଲୋକେ ପାନୀୟ ଜଳରୁ ପାଇବାରୁ ବଞ୍ଚିତ ହେଉଛନ୍ତି। ବାଲସି ଗ୍ରାମପଞ୍ଚାୟତ ତଥା ଆଖପାଖ ୨୬ଟି ଗ୍ରାମପଞ୍ଚାୟତରେ ମଧ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ୪୫ ଡିଗ୍ରୀ ତାପମାତ୍ରା ପରେ ମଧ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣରେ ବିଭାଗୀୟ ଅଧିକାରୀମାନେ ନୀରବ ରହୁଥିବା ଦେଖାଯାଉଛି। କେସିଙ୍ଗା ବିଡିଓ ଭୀମସେନ ଶବରଙ୍କୁ ପଚାରିବାରୁ ୨୬ଟି ଗ୍ରାମପଞ୍ଚାୟତରେ ୧୧୩ଟି ଜାଗାରେ ଜଳଛତ୍ର ଯୋଗାଇ ଦିଆଯାଉଛି ବୋଲି ପ୍ରକାଶ କରିଥିଲେ। କିନ୍ତୁ ବାଲସି ଗ୍ରାମରେ ନିର୍ମାଣାଧୀନ ଓଭରହେଡ ପାଣି ଟାଙ୍କି ଓ ପାଣି ସଂଯୋଗରେ ବିଳମ୍ବ ହେଉଥିବାରୁ ବାଲସି, ମଶାଣି ବନ୍ଧ, କଲୋନୀପଡା ଓ ବେଲାମାଲ ଗ୍ରାମର ହଜାର ହଜାର ଲୋକେ ପାନୀୟ ଜଳ ପାଇଁ ନଳକୂଅ ଉପରେ ହିଁ ନିର୍ଭର କରୁଛନ୍ତି । ଆରଡବ୍ଲୁଏସଏସ ବିଭାଗ କନିଷ୍ଠ ଯନ୍ତ୍ରୀ ସେଠୀ ବାବୁଙ୍କୁ ପଚାରିବାରୁ ୩ରୁ ୪ ମାସ ଭିତରେ ପାନୀୟ ଜଳ ସମସ୍ତ ଗ୍ରାମକୁ ଯୋଗାଇ ଦିଆଯିବ ବୋଲି କହିଥିଲେ ।

---

### ବାଇକ୍ ଓ ସାଇକେଲ ଧକ୍କା, ବାଇକ୍ ଆରୋହୀ ମୃତ

**ଭବାନୀପାଟଣା,୧୫ା୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଦୁଲକିବନ୍ଧ ଛକଠାରେ ବୁଧବାର ଅପରାହ୍ନରେ ଏକ ବାଇକ୍ ଓ ସାଇକେଲ ମଧରେ ଧକ୍କା ହୋଇଛି । ଏଥିରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ ଆରୋହୀ ହେଲେ କୋକସରା ବ୍ଲକ ଗମ୍ଭାରୀଗୁଡା ଗ୍ରାମର ଜଗା ପରାଭୋଇ (୩୦) ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଜଗା ଓ ତାଙ୍କ ମାମୁଁ ଏକ ହିରୋହୋଣ୍ଡା ବାଇକ୍ (ନଂ. ଓଡି୦୮ଏଚ୍-୮୬୭୪)ରେ ଜୟପାଟଣା ପଟରୁ ଆସୁଥିବାବେଳେ ବାଟରେ ଦୁଲକିବନ୍ଧ ଛକଠାରେ ଏକ ସାଇକେଲ ଆରୋହୀଙ୍କ ସହ ଧକ୍କା ହୋଇଥିଲା। ବାଇକ୍‌ରେ ବସିଥିବା ଉଭୟ ଜଗା ଓ ତାଙ୍କ ମାମୁଁ ରାସ୍ତାରେ ଛିଟିକି ପଡିଥିଲେ। ଦୁର୍ଘଟଣା ପରେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜୟପାଟଣ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜଗାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ, ସାଇକେଲ ଆରୋହୀ ଦୁଲକିବନ୍ଧ ଗୋଣ୍ଡିଆପଡାର ଜୟଶଙ୍କର ହରିଜନ ମଧ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି ।

---

ଓପନ ଷ୍ଟେଟ ଟାଏକୋଣ୍ଡୋ ଚାମ୍ପିୟନଶିପ୍

## ଜୁନାଗଡ଼ ଛାତ୍ରଙ୍କ ସଫଳତା

**ଜୁନାଗଡ,୧୫ା୫ (ଡି.ଏନ.ଏ.)**



ସଫଳ ହୋଇଥିବା ଛାତ୍ରମାନେ ।

ବ୍ରହ୍ମପୁରଠାରେ ଗତ ୧୧ ଓ ୧୨ ଦୁଇ ଦିନ ଧରି ହୋଇଥିବା ଓପନ ଷ୍ଟେଟ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ କଳାହାଣ୍ଡି ଜିଲା ଜୁନାଗଡ ସହର ଶ୍ରୀଇଷ୍ଟର ନ୍ୟାଶନାଲ ଟାଏକୋଣ୍ଡୋ ଡୋଜନ ଓ କଳାବିକାଶ କେନ୍ଦ୍ରର ୧୨ଜଣ ଛାତ୍ର ଭାଗ ନେଇଥିଲେ। ସେଥିରେ ସେମାନେ ସଫଳ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଶ୍ରୀଇଷ୍ଟର ନ୍ୟାଶନାଲ ଟାଏକୋଣ୍ଡୋ ଡୋଜନର ସ୍ୱୟଂଶିବ ସାହୁ କ୍ୟୁରୋଗି ଓ ପୋମସୀରେ (ରୋପ୍ୟ ଓ ସ୍ୱର୍ଣ୍ଣ) ପଦକ, ସୁନୀଲ କୁମାର ପୁଝାରୀ କ୍ୟୁରୋଗିରେ (ସ୍ୱର୍ଣ୍ଣ), ଅବିନାଶ ପଟ୍ଟନାୟକ (ସ୍ୱର୍ଣ୍ଣ), ଶ୍ରୀବନ୍ତ ସାହୁ(ରୋପ୍ୟ),ଜୟ କିଶାନ ଦୁର୍ଗା (ରୋପ୍ୟ) ଓ ଦେବବ୍ରଦ ଦୁର୍ଗା (ସ୍ୱର୍ଣ୍ଣ) ପଦକ ପାଇଛନ୍ତି। ସେହିପରି କଳା ବିକାଶ କେନ୍ଦ୍ରର ଉମୀଦ ସାହୁ (ରୋପ୍ୟ), ରୋନିତ ମେହେର (ସ୍ୱର୍ଣ୍ଣ), ଇଶାନ ଜୈନ (ସ୍ୱର୍ଣ୍ଣ), କ୍ରିଶ ଅଗ୍ରୱାଲ (ରୋପ୍ୟ), ପ୍ରେମ ପୁରୋହିତ (ବ୍ରୋଞ୍ଜ) ଓ ସୁଶିଲ ସୁନାନୀ (ସ୍ୱର୍ଣ୍ଣ) ପଦକ ପାଇଛନ୍ତି। ଏହି ସଫଳତା ପାଇଁ ସେମାନଙ୍କୁ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଯାଇଛି। ଆସନ୍ତା ୩ ତାରିଖ ଦିଲ୍ଲୀଠାରେ ହେବାକୁ ଥିବା କୋକନି କପରେ ଭାଗ ନେବା ପାଇଁ ସେମାନେ ସଜବାଜ ହେଉଥିବା ଜଣାପଡିଛି।

---

### ବଜ୍ରପାତରେ ମହିଳା ଗୁରୁତର, ଡାକ୍ତରଖାନାରେ ଭର୍ତ୍ତି

**କୋକସରା,୧୫ା୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଅଞ୍ଚଳରେ ବୁଧବାର ଅପରାହ୍ନ ୩ଟାରେ କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ବୋହିବା ସହ ଘଡ଼ଘଡ଼ି ଓ ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତ ହେବାରୁ କୋକସରା ବ୍ଲକ୍ ଡ଼ହଗାଁ ଗ୍ରାମର ଜଣେ ମହିଳା ନିର୍ମଳା ପୂଜାରୀ (୩୪) ଆହତ ହୋଇଥିଲେ। ସେ ଗୁରୁତର ଆଘାତ ହୋଇଥିବା ବେଳେ ପରିବାରବର୍ଗ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ତାଙ୍କ ଡାହାଣ ହାତରେ ଆଂଶିକ ଭାବରେ ଆଘାତ ହୋଇଥିବା ଜଣାପଡ଼ିଛି ।

---



ଜୟପାଟଣା ବ୍ଲକର ଚାଷୀମାନେ କୃଷି ଅଧିକାରୀଙ୍କୁ ଘେରି ଅଭିଯୋଗ କରୁଛନ୍ତି ।

■ ଜୟପାଟଣା ବ୍ଲକର କୃଷି ବିଭାଗ

## କୃଷି କର୍ମଚାରୀଙ୍କ ଘେରିଲେ ଚାଷୀ

**ଭବାନୀପାଟଣା,୧୫ା୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ କୃଷି ବିଭାଗରେ ବିଜିଆରଇଆଇ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ସାମନାକୁ ଆସିଛି । ବିଭାଗ ପକ୍ଷରୁ ଚାଷୀଙ୍କୁ ସାର, କୀଟନାଶକ ଔଷଧ ଦିଆଯାଇ ନାହିଁ । ଗତ ରବିବାର ଗ୍ରାମ୍ୟ କୃଷି କର୍ମଚାରୀ କୃଷି ସାମଗ୍ରୀ ବାଣ୍ଟିବାକୁ ଭଇଁରିପାଲି ଆସିଥିବା ବେଳେ କେବେ ମିଳିବ ବୋଲି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଥିଲେ । ଅନ୍ୟପକ୍ଷେ ଚାଷ ସମୟରେ କୃଷି ସାମଗ୍ରୀ ନ ଦେବା ଓ ବିଳମ୍ବରେ ବଣ୍ଟନ କରିବା ଉଦ୍ଦେଶ୍ୟକୁ ନେଇ ଯୋଜନାରେ ଅନିୟମିତତା ହୋଇଛି ବୋଲି ଅଭିଯୋଗ କରିଥିଲେ। ବ୍ଲକ କୃଷି ବିଭାଗୀୟ କର୍ମଚାରୀ ଓ ଗ୍ରାମ୍ୟ କୃଷି କର୍ମଚାରୀ ମିଶି ଯୋଜନା ଅର୍ଥ ହଡପ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ, ଚଳିତ ରବିରେ ବିଜିଆରଇଆଇ ଯୋଜନାରେ ଜୟପାଟଣା ବ୍ଲକ ଭଇଁରିପାଲି ପଞ୍ଚାୟତକୁ ଶହେ ହେକ୍ଟର ଧାନ ଚାଷ କରିବା ପାଇଁ ଯୋଜନା ଦିଆଯାଇଛି । ଧାନବୁଣା ସମୟ ସହ ଅମଳ ସମୟ ଆସି ପହଞ୍ଚିଥିଲେ ହେଁ ଚାଷୀଙ୍କୁ ଏଯାଏଁ କୀଟନାଶକ ଔଷଧ ଓ ସାର ବଣ୍ଟନ କରାଯାଇ ନାହିଁ । ବିଭାଗୀୟ କର୍ତ୍ତୃକକ୍ଷ ଆଜିକାଲି କହି ଦିନ ଗଡାଇ ଚାଲିଛନ୍ତି। ରବିବାର ଭଇଁରିପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ବଣ୍ଟନ କରିବା ପାଇଁ ଆସିଥିବା କୃଷି କର୍ମଚାରୀ ଚାଷୀଙ୍କ ପ୍ରଶ୍ନରେ ନିରୁତ୍ତର ହୋଇଥିଲେ । ଗତ ୨୬ ତାରିଖରେ ଭଇଁରିପାଲିଠାରେ ବିଭାଗ ପକ୍ଷରୁ ଏକ କ୍ଷେତ୍ର ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଚାଷୀମାନେ ଯୋଜନା ଅନିୟମିତାତା ହୋଇଥିବା ଅଭିଯୋଗ କରିଥିଲେ । ଅଧିକାରୀମାନେ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୧୫ ଦିନ ପରେ ବି କିଛି ପଦକ୍ଷେପ ନ ନେଇ କୃଷି ସାମଗ୍ରୀ ବଣ୍ଟନ କରିବାକୁ ଗ୍ରାମ୍ୟ କୃଷି କର୍ମଚାରୀମାନଙ୍କୁ ଗାଁକୁ ପଠାଇ ଦେଇଥିବା ଘଟଣାକୁ ଚାଷୀମାନେ ଗ୍ରହଣ କରିପାରୁ ନାହାନ୍ତି ।

ଏ ସମ୍ପକରେ ଜୟପାଟଣା ବ୍ଲକ ଏଏଓ ଏମ୍. ପ୍ରକାଶ ରାଓଙ୍କୁ ପଚାରିବାରୁ ଅନିୟମିତା ଅଭିଯୋଗକୁ ଅସ୍ୱୀକାର କରିବା ସହିତ ସାର ଓ କୀଟନାଶକ ଆସିବାରେ ବିଳମ୍ବ ହେଲା ବୋଲି ପ୍ରକାଶ କରିଥିଲେ । ଏବେ ତାହା ବଣ୍ଟନ କରାଯିବ ବୋଲି ମଧ୍ୟ ସେ ସୂଚନ ଦେଇଛନ୍ତି । ଏ ସମ୍ପର୍କରେ ଗ୍ରାମ୍ୟ କୃଷି କମଚାରୀ ସୁଦାମ ତାଣ୍ଡିଙ୍କୁ ପଚାରିବାରୁ କଦଳୀବାହାଲି ଗ୍ରାମର ଚାଷୀମାନଙ୍କୁ ଅବଗତ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ଚାଷୀ ଆସିଥିଲେ, ଏଣୁ ସେହି ଚାଷୀ ଜଣଙ୍କୁ ହିଁ ବିଜିଆରଇଆଇ ଯୋଜନାରେ ସାମିଲ କରାଯାଇଛି ବୋଲି ପ୍ରକାଶ କରିଥିଲେ।

---

ବିଜୁ ଏକ୍ସପ୍ରେସ ନିର୍ମାଣ ପାଇଁ ଜମି ଅଧିଗ୍ରହଣ

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**କୋକସରା,୧୫ା୫ (ଡି.ଏନ.ଏ.)**




କ୍ଷତିପୂରଣ ଦାବିରେ ପରିବାରବର୍ଗ ରାସ୍ତା ଅବରୋଧ କରିଛନ୍ତି ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଟୋମୁଣ୍ଡା ଦେଇଯାଇଥିବା ବିଜୁ ଏକ୍ସପ୍ରେସ ନିର୍ମାଣ କାର୍ଯ୍ୟ ଚାଲିଛି। ଉକ୍ତ ରାସ୍ତା ପାଇଁ ଜମି ହରାଇଥିବା ପରିବାରଙ୍କୁ କ୍ଷତିପୂରଣ ଏଯାଏ ମିଳି ନାହିଁ । ଫଳରେ ଜମି ହରାଇଥିବା ପରିବାର ଏବେ ଆର୍ଥିକ ଅନାଟନ ଦେଇଗତି କରୁଥିବାବେଳେ କ୍ଷତିପୂରଣ ପାଇଁ ବୁଧବାର ସକାଳଠାରୁ ରାସ୍ତାରେ କାଠ ବାଡ଼ ଦେଇ ଅବରୋଧ କରି ରଖିଛନ୍ତି। ସୂଚନା ଅନୁସାରେ ଗୋଟୋମୁଣ୍ଡା ଗ୍ରାମର ଆବେଦନକାରୀ ଉପେନ୍ଦ୍ର ବାଗଙ୍କ ପିତୃ ଅର୍ଜିତ ଜମି କୋକସରା ତଫସିଲ ଗୋଟୋମୁଣ୍ଡା ମୌଜା ଖାତା ନଂ ୧୦୨ ପ୍ଲଟ ନଂ. ୧୮୮୪/୧୮୭୭ କିସମ ମାଲ ଓ ବାହାଲ ଜମିରୁ ଏ.୧.୦୨ ଡେସିମିଲ ଜମି ଉପରେ ବିଜୁ ଏକ୍ସପ୍ରେସୱେ ପାଇଁ ଜମି ଅଧିଗ୍ରହଣ ହୋଇଥିଲା। ଯେହେତୁ ଏହି ଜମି ତଫସିଲଭୁକ୍ତ ଜାତିର ହୋଇଥିବାରୁ ବିକ୍ରି କରିବା ପାଇଁ ଓଏଲଆର ଧାରା ୨୨ ଅନୁସାରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଆରଏମସିଙ୍କ ୨୬୯/୨୦୧୬ ତା. ୪/୧୨/୨୦୧୬ରେ ଅନୁମତି ପ୍ରଦାନ କରାଯାଇଥିଲା । ଏହି ଜମି ଇଜମାଲିରେ ଥିବା ବେଳେ ମୋଟ ୩୩ ଜଣ ଅଂଶିଦାର ରହିଛନ୍ତି । ସେମାନଙ୍କ ମଧରୁ ଅନେକ ଜୀବିତ ନ ଥିବା ଯୋଗୁ ଜମି ସେହି ସମୟରେ ରେଜିଷ୍ଟ୍ରେଶନ ହୋଇପାରି ନ ଥିଲା । ପରେ ପର୍‌ମିଶନ କରାଇ ପଟ୍ଟାରେ ଥିବା ଅଂଶିଦାରଙ୍କ ଦାୟାଦମାନଙ୍କୁ ନେଇ ଜମି ରେଜିଷ୍ଟ୍ରେସନ ପାଇଁ ହରିହର ବାଗଙ୍କ ପରିବାର ଉପଜିଲାପାଳଙ୍କ ସମେତ ପୂର୍ତ୍ତ ବିଭାଗ ଅଧିକାରୀଙ୍କଠାରେ ଆବେଦନ କରିଥିଲେ। ଆଜିହେବ କାଲି ହେବ କହି ଅଧିକାରୀମାନେ ଦିନ ଗଡ଼ାଇ ଚାଲିଥିବା ସମ୍ପୃକ୍ତ ପରିବାରବର୍ଗ ଅଭିଯୋଗ କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇପାରିନାହିଁ। ଅନ୍ୟପଟେ ସମ୍ପୃକ୍ତ ପରିବାରବର୍ଗ ରାସ୍ତାରେ ବସି ଅବରୋଧ ଜାରି ରହିଥିବା ଦେଖିବାକୁ ମିଳିଛି।

---

## ଫଟୋରେ ଖବର







ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ଲାଗି ପାଣ୍ଠି ସଂଗ୍ରହ କରାଯାଉଛି (ବାମ)। ଏକ ସଙ୍ଗଠନ ତରଫରୁ ଜଳ ନିଧି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ସଚେତନତା କରାଯାଉଛି (ମଝି)। ନୂଆପଡା ତହସିଲଦାରଙ୍କ ନିକଟରେ ହିତାଧିକାରୀମାନେ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରୁଛନ୍ତି ।



ପରିବର୍ତ୍ତନ ସହିତ ଯିଏ ନିଜକୁ ଖାପ ଖୁଆଇ ନ ପାରେ ସେ ନିଜ ପ୍ରଗତିର ଦ୍ୱାର ରୁଦ୍ଧ କରିଦିଏ।
- ଚାର୍ଲସ ଲିଣ୍ଡ୍‌ବର୍ଗ



## ସଂକ୍ଷେପରେ

### ଡୁଡକାମୁଣ୍ଡା ସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି

**ଲୋଇସିଂହା,୧୫।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡକାମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବଶ୍ୟକ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ବୁଧବାର ଫେରାଦ ହୋଇଛନ୍ତି। ଆଗଲପୁର ବ୍ଲକ ନଅଗାଁ(କ) ପଞ୍ଚାୟତ ଅଧୀନ ଡୁଡକା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ରହିଛି । ବିଦ୍ୟାଳୟରେ ୭୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ୩ ଜଣ ଶିକ୍ଷକ ରହିଥିଲେ । ନିକଟରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସିଆର୍‌ସିସି ଭାବେ ନିଯୁକ୍ତି ହୋଇଛନ୍ତି। ଫଳରେ ଗ୍ରାମବାସୀ ବିଦ୍ୟାଳୟରେ ପାଠପଢା ବାଧାପ୍ରାପ୍ତ ହେବା ଆଶଙ୍କା ବ୍ୟକ୍ତ କରିଛନ୍ତି। ଗ୍ରୀଷ୍ମଅବକାଶ ପରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦେବାକୁ ଗ୍ରାମାବସୀ ଦାବି କରିଛନ୍ତି।

### ପତଞ୍ଜଳି ଯୋଗ କକ୍ଷାର ନୂତନ କର୍ମକର୍ତ୍ତା ଚୟନ

**ବିନିକା,୧୫।୫(ଡି.ଏନ୍.ଏ.):** ପାତଞ୍ଜଳି ଯୋଗ ପ୍ରଚାରକ ପ୍ରକଳ୍ପ ଦ୍ୱାରା ପରିଚାଳିତ ବିନିକା ବ୍ଲକ ଅସୁରଗଡ଼ ପ୍ରାଦେଶିକ ଯୋଗ କକ୍ଷାର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ପାତଞ୍ଜଳି ଯୁବ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ପଣ୍ଡା ଯୋଗ କକ୍ଷାର କିଭଳି ଉନ୍ନତି ହୋଇପାରିବ ସେନେଇ ନୂତନ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ସଭାରେ ଅସୁରଗଡ଼ ଗ୍ରାମର ପ୍ରାୟ ୪୦ଜଣ ଯୁବତୀ ଯୋଗ ଦେଇଥିଲେ। ଯୋଗ ଦ୍ୱାରା ପ୍ରତ୍ୟେକ ରୋଗର ନିରାକରଣ କରାଯାଇ ପାରିବ ବୋଲି କାର୍ଯ୍ୟକାରିଣୀ ସଦସ୍ୟ ପଣ୍ଡା କହିଥିଲେ। ଏଥିରେ ସୀମା ବାରିକ, ପୂର୍ଣ୍ଣିମା ବାରିକଙ୍କ ସମେତ ୧୦ଜଣ ଯୁବତୀଙ୍କୁ ନୂତନ ସଦସ୍ୟତା ପ୍ରଦାନ କରାଯାଇଥିଲା। ବିନିକା ତହସଲ ପ୍ରଭାରୀ ଅମିତା ନାଏକ, ସୁକାନ୍ତୀ ମହାକୁଡ଼ ସଭାପତି, ପ୍ରେମାନନ୍ଦ ବାରିକଙ୍କୁ ସଭା ଯୁବପ୍ରଭାରୀ ଦାୟିତ୍ୱ ଦିଆଯାଇଥିଲା। ଶେଷରେ ସୀମା ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ।

### ଅଦିନିଆ ବର୍ଷାରେ ଫସଲ କ୍ଷତି: ତହସିଲଦାରଙ୍କୁ ଦାବିପତ୍ର

**ଡୁଙ୍ଗୁରିପାଲି,୧୫।୫(ଡି.ଏନ୍.ଏ.)** ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ଗ୍ରାମରେ ଗତ ୧୧ ତାରିଖ ଅପରାହ୍ନରେ ଅଦିନିଆ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ହୋଇଥିଲା। ଫଳରେ ବ୍ୟାପକ ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଥିଲେ। କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରି ବୁଧବାର ଅଞ୍ଚଳର ଚାଷୀମାନେ ରାମପୁର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଚେରୁପାଲି ଗ୍ରାମର ଚାଷୀ ସେବତି ଅମାତ, ନରସିଂହ ସେଠ୍, ନୀଳମଣୀ ସାହୁ, କ୍ଷୀରୋଦ ସାହୁ, ଚିନ୍ତାମଣୀ ସାହୁ, ନିଳାମ୍ବର ପୁଟେଲ, ଦଶରଥ ପୁଟେଲ, ହଳଧର ପୁଟେଲ, ନାମ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

■ ଘନଘନ ବିଦ୍ୟୁତ୍ କାଟ

# ଉପଭୋକ୍ତାଙ୍କ ଆନ୍ଦୋଳନ ଚେତାବନୀ

**ବଲାଙ୍ଗୀର ଅଫିସ,୧୫।୫**

■ ଶିବତଲା ଫିଡରରେ ବିଦ୍ୟୁତ୍ ବିଭ୍ରାଟ ସୀମା ଟପିଲା
■ ୩ ଦିନ ହେଲା ଲୋକେ ଅନ୍ଧାରରେ
■ ୩୦ ଗ୍ରାମବାସୀ ଛଟପଟ

ବଲାଙ୍ଗୀର ସଦର ବ୍ଲକ ଅଞ୍ଚଳର ବିଭିନ୍ନ ଗାଁରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୪୫ ଡିଗ୍ରୀ ତାପମାତ୍ରାରେ ଦେହମୁହଁ ଜଳି ଯାଉଥିବା ବେଳେ ବିଜୁଳି କାଟ ଲୋକଙ୍କ ଦୁଃଖକୁ ବଢ଼ାଇ ଦେଇଛି । ଦିନବେଳା ପ୍ରଚଣ୍ଡ ଗରମରେ ଲୋକେ ଆଉଟୁପାଉଟୁ ହେଉଥିବା ବେଳେ ଲାଇନ୍ ନ ଥିବାରୁ ସାଧାରଣ ପଙ୍ଖାଟିଏ ବି ଚାଲୁ ନାହିଁ। ଚୁଡାପାଲି ସେକ୍‌ସନ୍ ଅନ୍ତର୍ଗତ ଶିବତଲା ଫିଡରରେ କିଛିଦିନ ହେଲା ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୩ ଦିନ ହେଲା ଶିବତଲା ଫିଡରରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଭୁଶୁଡିପଡିଛି। ଫଳରେ ଫିଡର ଉପରେ ନିର୍ଭର କରୁଥିବା ପ୍ରାୟ ୩୨ଟି ରାଜସ୍ୱ ଗ୍ରାମର ଶତାଧିକ ବିଜୁଳି ଉପଭୋକ୍ତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଧବାର ବିଭିନ୍ନ ଗ୍ରାମର ଉପଭୋକ୍ତା ବଲାଙ୍ଗୀର ୱେସ୍କୋ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ପ୍ରତିବାଦ ଜଣାଇଥିଲେ। କେଉଁ କାରଣରୁ ବାରମ୍ବାର ବିଜୁଳି ବିଭ୍ରାଟ ହେଉଛି ସେନେଇ ଆପତ୍ତି ଉଠାଇଥିଲେ। ୩ ଦିନ ହେଲା ବିଜୁଳି ଯୋଗାଣ ବିପର୍ଯ୍ୟସ୍ତ ହୋଇପଡିଥିବାରୁ ଅଞ୍ଚଳର ବିଭିନ୍ନ ଗ୍ରାମରେ ପାନୀୟଜଳ ଯୋଗାଣ ଠପ୍ ହୋଇପଡିଥିବା ଜଣାଇଥିଲେ । ଏପରି କି ଲୋକେ କୂଅରୁ ପାଣି ଉଠାଇବାକୁ ଚାହୁଁଥିଲେ ମଧ୍ୟ ତାହା ସମ୍ଭବ ହେଉ ନ ଥିବା ବେଳେ ୪୫ ଡିଗ୍ରୀ ଖରାରେ ଲୋକେ ବିନା ବିଜୁଳିରେ କିଭଳି କଷ୍ଟ ଭୋଗୁଛନ୍ତି ତାହା ଜଣାଇଥିଲେ। ଚୁଡାପାଲି ସେକ୍‌ସନ୍‌ର ଶିବତଲା ଫିଡରରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବିଭାଗୀୟ ଅବହେଳାକୁ ନେଇ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ ।ଏପରି କି ଅଞ୍ଚଳରେ ଜଣେ ବି ଲାଇନ୍‌ମ୍ୟାନ୍ ନ ଥିବା ଅଭିଯୋଗ କରିଥିଲେ। ଆଗାମୀ ୫ ଦିନ ମଧ୍ୟରେ ଅଞ୍ଚଳର ବିଦ୍ୟୁତ୍ ବିଭ୍ରାଟ ସମସ୍ୟାର ସ୍ଥାୟୀ ସମାଧାନ କରା ନ ଗଲେ ଲୋକେ ବାଧ୍ୟହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଏନେଇ ୱେସ୍କୋ ଅଧିକ୍ଷଣ ଯନ୍ତ୍ରୀ ଆଶିଷ କୁମାର ପାଢୀଯୋଷୀଙ୍କୁ ପଚରାଯିବାରୁ ବ୍ରେକ୍‌ଡାଉନ୍ ସମସ୍ୟା କାରଣରୁ କିଛିଦିନ ହେଲା ବିଦ୍ୟୁତ୍ ସମସ୍ୟା ଦେଖାଦେଇଛି । ଏହାର ସମାଧାନ କରାଯିବ ବୋଲି କହିଛନ୍ତି।

### ଘରୁ ନାଗ ସାପ ଉଦ୍ଧାର

**ଉଲୁଣ୍ଡା,୧୫।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଚଢେଇପଙ୍କ ପଞ୍ଚାୟତର ଇଛାପୁର ଗ୍ରାମର ମହାଦେବ ମେହେରଙ୍କ ଘରୁ ବୁଧୁବାର ୩ ଫୁଟର ଲମ୍ବର ନାଗ ଏକ ନାଗ ସାପ ଉଦ୍ଧାର କରାଯାଇଛି। ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ଏକ ନାଗ ସାପ ମହାଦେଙ୍କ ଘର ଭିତରେ ପସି ଯାଇଥିଲା। ହେଲେ ବୌଦ୍ଧ ଜିଲା କଣ୍ଟାମାଲ ବ୍ଲକ ଲୁକାପଡ଼ା ଗ୍ରାମର ସାପ ଧରାଳି ନାଗର ଦଣ୍ଡିଆ ଇଛାପୁର ଗ୍ରାମ ତାଙ୍କ ଜଣେ ବନ୍ଧୁଙ୍କ ଘରକୁ ଆସିଥିଲେ। ସାପ ଧରାଳି ନାଗର ଏହି ଖବର ପାଇ ମହାଦେବଙ୍କ ଘରେ ପହଞ୍ଚିଥିଲେ। ପରେ ସେ ନାଗ ସାପକୁ ଉଦ୍ଧାର କରିଥିଲେ। ଫରେଷ୍ଟ ଗାର୍ଡ ଆଷୁତୋଷ ହୋତା ଏବଂ ଜିତେନ୍ଦ୍ର ପର୍ଡୀଆଙ୍କ ଉପସ୍ଥିତିରେ ସାପକୁ ନିକଟ ଜଙ୍ଗଲରେ ଛାଡିଦିଆ ଯାଇଥିଲା।

## ଯୌତୁକଜନିତ ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ବଲାଙ୍ଗୀର ଅଫିସ, ୧୫।୫**

ବଲାଙ୍ଗୀର ସଦର ଥାନା ଅଧୀନ ରତାଖଣ୍ଡି ଗ୍ରାମର ମହିଳା କାନ୍ତି କୁମ୍ଭାରଙ୍କୁ ଯୌତୁକଜନିତ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଝିଅର ବାପା ରାମପତି ସୁନା ଏ ନେଇ ସଦର ଥାନାରେ ଅଭିଯୋଗ ପରେ ପୋଲିସ ମହିଳାଙ୍କ ସ୍ୱାମୀ ହିମାଂଶୁ ଓରଫ ନିର୍ମଳ କୁମ୍ଭାରଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ଏନେଇ ପୋଲିସ ଥାନାରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ଧାରା ୩୦୪(ବି), ୪୯୮ (ଏ), ୩୪ ଏବଂ ୪ ଯୌତୁକ ନିରୋଧ ଆଇନ୍‌ରେ ଏକ ମାମଲା(ନଂ.୧୦୩/୨୦୧୯) ରୁଜୁ କରିଛି। ୨୦୧୫ରେ ହିମାଂଶୁଙ୍କ ସହ ଅନ୍ତପାଲି ଗ୍ରାମର ରାମପତିଙ୍କ ସୁନାଙ୍କ ଝିଅ କାନ୍ତିଙ୍କ ବିବାହ ହୋଇଥିଲା। ହେଲେ କାନ୍ତିଙ୍କୁ ଶାଶୁ ଘର ଲୋକେ ଯୌତୁକଜନିତ ନିର୍ଯାତନା ଦେଉଥିବା ଜଣାପଡିଥିଲା। ଏନେଇ ୨୦୧୬ ଏବଂ ଗତ ଜାନୁୟାରୀ ମାସରେ ଗ୍ରାମର କିଛି ଭଦ୍ର ଲୋକଙ୍କ ସହ ସମାଧାନ ବୈଠକ କରାଯାଇଥିଲା। ବୈଠକରେ ହିମାଂଶୁ ନିର୍ଯାତନା ଦେବନାହଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ମଙ୍ଗଳବାର କାନ୍ତି ବିଷଖାଇ ଦେଇଥିବା ନେଇ ରତାଖଣ୍ଡି ଗାଁର ଜଣେ ବ୍ୟକ୍ତି ବାପା ରାମପତିଙ୍କୁ ଖବର ଦେଇଥିଲେ। ରାମପତି ଓ ତାଙ୍କ ପରିବାର ଲୋକେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆସି କାନ୍ତି ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ କାନ୍ତିଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ରାମପତି ଓ ପରିବାର ଲୋକେ ଥାନାକୁ ଆସି ଘଟଣା ସମ୍ପର୍କରେ ଲିଖିତ ଭାବେ ଜଣାଇ ହିମାଂଶୁ ଓ ତାଙ୍କ ପରିବାର ସଦସ୍ୟ ଯୌତୁକ କାରଣରୁ କାନ୍ତିକୁ ମାରିଦେଇଥିବା ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ସ୍ୱାମୀ ହିମାଂଶୁଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ଏସ୍‌ଆଇ କମଳଲୋଚନ ମାଝି ମାମଲାର ତଦନ୍ତ କରୁଛନ୍ତି।

■ ପୁଷ୍ଟିକର ଖାଏଦ୍ ଅଭାବ

# ଜଟିଳ ହେଉଛେ ଜୟଧରଙ୍କର ଅବସ୍ତା

**ଲାଠୋର, ୧୫।୫ (ଡି.ଏନ.ଏ)**



ଜୟଧର ଖଟେ ପଡ଼ିଛନ୍।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ତଳିପଡ଼ାର ଜୟଧର ଭୁଏ(୩୨)। ସେ ବହୁତ୍ ଦିନୁ ଯକ୍ଷ୍ମା ରୋଗ୍‌ରେ ପୀଡ଼ିତ ଅଛନ୍, ଉଷୋକଷା ବି ଖାଉଛନ୍। ହେଲେ ସେ ନିହାତି ଗରିବ୍ ଆର ବାହା ଜାଂଗଲ ମାଜଲେ ଯାଇ ପେଟକେ ଦାନା ମିଲୁଥିଲା। ଏନ୍‌ତାଥି ତାହାକୁ ଯକ୍ଷ୍ମା ରୋଗ୍ ଅମରାଲା। ଡାକ୍ତରଖାନାରେ ଦେଖେଇ ମାହାଲିଆ ଉଷୋ ଖାଉଛନ୍। ହେଲେ ଯକ୍ଷ୍ମା ରୁଗୀ ଯେନ୍‌ହିସାବେ ପୁଷ୍ଟିସାର ଖାଏଦ୍ ଖାଏବାର କଥା, ସେ ଖାଏବାକେ ନାଇଁପାଏବାର। ଇଥିରଲାଗି ଦିନୁଦିନ୍‌କେ ଉଷୋକଷା ଖାଉଥିଲେ ବି ସୁରକୁଟେଇ ଯାଉଛନ୍।

ସୂଚନା ହିସାବେ ଲାଠୋର ତଳିପଡ଼ାର ଜୟଧର ଭୁଏ ଝନେ ନିହାତି ଗରିବ ଲୋକ୍। ତାକର ପରିବାର କହେଲେ ମାଏକିନା କ୍ଷୀର, ଦୁଇ ବଛର୍‌ର ପୁଓ ଶିବା ଆର ବିଧବା ବୁଢ଼ି ମା’ ଦେମତିକୁଁ ନେଇ ତାକର ସଁସାର। ତାକର ମାଲଭଟା କରି ଦୁଇ ଟୁକ୍‌ରି ଜମି ରହିଛେ। ହେଲେ ଜମିଟା ଚାଷବାସ୍ କରବାର କାଟଛାଟର ନୁହେ। ଯେନ୍‌ଥିରଲାଗି ଫିବଛର ପେଟପାଟନାର ଲାଗି ଜୟଧର କୁଟୁମ୍ବସିଆ ବାହାର ରାଏଜକେ ଦାଦନ ଖଟି ଯାଉଥିଲେ। ଚଲତି ବଛର ବି ସେ ଆନ୍ଧ୍ରପ୍ରଦେଶ ଦାଦନ ଖଟିଯାଇଥିଲେ। ସେଠାନେ ମାସକେତେ କାମ କଲାଉତାରୁ ତାକର ଦିହିପା ଖରାପ ହେଇଥିଲା। ୩ ମାସ ଆଗରୁ ଲାଗେଲେସରମାନେ ତାହାକୁ ସେଠାନୁ ଉଧାର କରି ଗାଁକେ ଆନିଥିଲେ। ସେ ପହେଲା ଖପ୍ରାଖୋଲ ପଛେ ବାଟଣାଗଡ଼, ବଲାଙ୍ଗୀର ଆର ଶେଷେ ବୁର୍ଲାରେ ଯାଇ ଦିହିପା ଦେଖାଲେ। ସେଠାନେ ଡାକ୍ତର ତାହାକୁ ଯକ୍ଷ୍ମା ରୋଗ୍ ହେଇଥିବାର କହିଥିଲେ। ଜୟଧର ବୁର୍ଲାରେ ଦିନାକେତେ ଚିକିସ୍ତିତ ହେଲା ଉତାରୁ ଟଁକା ପଏସା ଅଭାବୁ ଘରକେ ପଲେଇ ଆସିଥିଲେ। ସୁଆସ୍ତିଅ ବିଭାଗ ତରଫୁ ତାହାକୁ ମାହାଲିଆ ଉଷୋ ଯୁଗେଇ ଦିଆଯାଉଛେ। ମଝିରେ ମଝିରେ ବିଭାଗ ତରଫୁ କରମଚାରୀମାନେ ଯାଇ କେନ୍‌ଥେଇ ଦିହିପାର ଯତନ୍ ନେବେ ପରାମଶ ଦେଉଛନ୍। ହେଲେ ଖାଲି ମାହାଲିଆ ଉଷୋ ଆର ପରାମଶରେ ଝନେ ରୁଗୀ ଭଲ ନାଇଁ ହେଇଯାଏ। ରୁଗୀକେ ଉଷୋକଷାର ସଂଗେ ପୁଷ୍ଟିକର ଖାଏଦ ନିହାତି ଦରକାର। ହେଲେ ଜୟଧର ନିହାତି ଗରିବ୍, ଏହେଦେ ସେ ପଡ଼ି ରହେଲାବେଲେ ବୁଢ଼ି ମା’ ଆର ମାଏକିନା ପରହର କାମ୍‌ବୁତା କରି ଯାହା ରୁଜଗାର କରୁଛନ୍ ସେଥିରେ ପରିବାରର ଚୁଲି ଜଲୁଛେ। ଏନ୍‌ତାଥି ଜୟଧରକେ ସେମାନେ ଯେତ୍‌କିକର ପୁଷ୍ଟିକର ଖାଏଦ୍ ଦେଇପାରୁଥିବେ ଇଥିରୁ ବୁଝାପଡୁଛେ। ଇଆଡ଼େ ଜୟଧର ଉଷୋକଷା ଖାଏଲେ ବି ଖାଏଦ୍ ଅଭାବୁ ଦିନୁଦିନ୍‌କେ ଶୁଖୁଟାଟି ଯାଉଛନ୍। ଇ ବାବ୍‌ଦେ ଲାଠୋର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ରାଜ୍ୟଶ୍ରୀ ସାହୁଙ୍କୁ ପଚରାଲାରୁ ଇ ବାବ୍‌ଦେ ଉପରି ଅଧିକାରୀଙ୍କର ସଂଗେ ଆଲୋଚନା କରି ଯେନ୍‌ଟା ହେବା ସୁବିଧା କରାଯିବା ବଲି ସେ କହିଥିଲେ।

## ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଆର୍ଥିକ ସହାୟତା

**ବଲାଙ୍ଗୀର ଅଫିସ, ୧୫।୫**



ଅତିରିକ୍ତ ଜିଲାପାଳଙ୍କୁ ନାଗରିକ କମିଟି ସଦସ୍ୟମାନେ ଡ୍ରାଫ୍ଟ ପ୍ରଦାନ କରୁଛନ୍ତି ।

ସାମୁଦ୍ରିକ ଝଡ ଫନୀ ପ୍ରାଦୁର୍ଭାବରେ ପୀଡିତଙ୍କ ସହଯୋଗ ପାଇଁ ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ବଲାଙ୍ଗୀର ନାଗରିକ କମିଟିର ଏକ ପ୍ରତିନିଧି ଦଳ ସଭାପତି ବିକ୍ରମାନନ୍ଦ ବହିଦାରଙ୍କର ନେତୃତ୍ୱରେ ଜିଲାର ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୧ ହଜାର ଟଙ୍କାର ଡ୍ରାଫ୍ଟ ପ୍ରଦାନ କରିଥିଲେ। ପ୍ରତିନିଧି ଦଳରେ ନାଗରିକ କମିଟି ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ଉପସଭାପତି ନିତ୍ୟାନନ୍ଦ ମିଶ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ପଙ୍କଜିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରୀତିମୟୀଙ୍କ ଚିକିତ୍ସା ଲାଗି ଡିଏଲ୍‌ଏସ୍‌ଏ ପକ୍ଷରୁ ସହାୟତା

**ସୋନପୁର,୧୫।୫(ନି.ପ୍ର.)**

ଗରମ ପାଣି ପଡି ଗୁରୁତର ଅବସ୍ଥାରେ କଟକ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି ସୁବର୍ଣ୍ଣପୁର ଜିଲା ଜଟିଆପାଲି ଅଙ୍ଗନୱାଡି କେନ୍ଦ୍ରର ଶିଶୁ ପ୍ରୀତିମୟୀ ମହାକୁର(୩)। ପ୍ରୀତିମୟୀଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନାହିଁ । ତେଣୁ ତାଙ୍କ ଚିକିତ୍ସା ସକାଶେ ସୁବର୍ଣ୍ଣପୁର ଜିଲା ଆଇନସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ପକ୍ଷରୁ ୩ ଲକ୍ଷ ଟଙ୍କାର ସହାୟତା ପାଇଁ ମଞ୍ଜୁରୀ ମିଳିଛି । ବୁଧବାର ପ୍ରାଧିକରଣର ଜରୁରୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ପ୍ରପୀଡିତ ଅଧିନିୟମ ୨୦୧୨ ଅନୁଯାୟୀ ପୀଡିତାଙ୍କୁ ପ୍ରଥମ ପର୍ଯ୍ୟାୟରେ ତାଙ୍କ ମା’ ପ୍ରିୟଦର୍ଶିନୀ ମହାକୁରଙ୍କ ନାମରେ ଦେଢ ଲକ୍ଷ ଟଙ୍କାର ଚେକ୍ ଦିଆଯାଇଛି । ସାଧାରଣରେ ଏହାକୁ ପ୍ରଶଂସା କରାଯାଇଛି । ଜିଲା ଦୌରାଜଜ୍ ରାଜ କୁମାର ସାହୁ ପୀଡିତାଙ୍କ ବଡବାପା ଗଣେଶ ମହାକୁରଙ୍କୁ ବୁଧବାର ଏହି ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ଡିଏଲ୍‌ଏସ୍‌ଏ ସମ୍ପାଦକ ସୀମା ତ୍ରିପାଠୀ, ସିଜେଏମ ମାନସ ରଞ୍ଜନ ରଥ, ସରକାରୀ ଓକିଲ ବ୍ୟୋମକେଶ ଦାଶ, ଶରତ ଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ପାନୀୟଜଳ ସଙ୍କଟ

**ଟିକ୍ରାପଡ଼ା,୧୫।୫(ଡି.ଏନ୍.ଏ.)**



ଓଭରହେଡ ଟାଙ୍କି ।

ବଲାଙ୍ଗୀର ଜିଲା ସଇନ୍ତଲା ବ୍ଲକ ଟିକ୍ରାପଡ଼ାରେ ପାନୀୟଜଳ ସଙ୍କଟ ଦେଖାଦେଇଛି।। ଆବଶ୍ୟକ ସଂଖ୍ୟକ ନଳକୂପ ଥିଲେ ମଧ୍ୟ ଅଧିକାଂଶ ନଳକୂପରୁ ଫ୍ଲୋରାଇଡ୍ ପାଣି ବାହାରୁ ଥିବାରୁ ତାହା ପାନୀୟ ଉପଯୋଗୀ ହେଉ ନ ଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଲାନ୍ଥ ନଦୀରେ ଖୋଳାଯାଇଥିବା ଇନ୍‌ଟେକ ୱେଲ୍‌ରୁ ଗ୍ରାମକୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା ରହିଛି। ହେଲେ ଏଥିରେ ଆବଶ୍ୟକ ମୁତାବକ ପାଣି ହେଉ ନ ଥିବାରୁ ପାନୀୟଜଳ ଯୋଗାଣ ସମ୍ଭବ ହୋଇପାରୁ ନାହିଁ । ୭ ୱାର୍ଡ ବିଶିଷ୍ଟ ଟିକ୍ରାପଡ଼ାରେ ୪୦୦୦ରୁ ଉର୍ଦ୍ଧ୍ୱ ଲୋକ ରହୁଛନ୍ତି। ହେଲେ ଗ୍ରାମର ପାନୀୟଜଳ ଚାହିଦାକୁ ଏହା ପୂରଣ କରିବାରେ ସକ୍ଷମ ହୋଇପାରୁନାହିଁ । ଅନ୍ୟପକ୍ଷେ ୨୦୧୪-୧୫ରେ ଟିକ୍ରାପଡ଼ାକୁ ଓଭରହେଡ ଟାଙ୍କି ସାହାଯ୍ୟରେ ଜଳ ଯୋଗାଇବା ପାଇଁ ୭୦ ଲକ୍ଷ ଟଙ୍କାର ଅନୁଦାନ ରାଜ୍ୟ ସରକାର ଦେଇଛନ୍ତି। ଲାନ୍ଥ ନଦୀ ଶଯ୍ୟାରେ ଅନ୍ୟ ଏକ ସ୍ଥାନରେ ପୁଣି ଏକ ନୂତନ ଇନ୍‌ଟେକ ୱେଲ୍ ଖୋଳାଯାଇଛି । ଗ୍ରାମର ରଣାପଡ଼ାଠାରେ ୨୦୧୫ରୁ ୨୭ ଲକ୍ଷ ଟଙ୍କା ବ୍ୟୟରେ ଓଭରହେଡ ଟାଙ୍କି ନିର୍ମାଣ ସରିଛି । ନୂତନ ଇନଟେକ ୱେଲର ଜଳ ଓଭରହେଡ ଟାଙ୍କିରେ ମହଜୁଦ ରଖାଯାଇ ଗ୍ରାମକୁ ପାନୀୟଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି । ହେଲେ ପାଇପ୍ ଲାଇନ ବିଛା ଓ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କାମ ଆରମ୍ଭ ହୋଇନାହିଁ । ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିରହିଥିବାରୁ ଗ୍ରାମବାସୀ ପାନୀୟଜଳ ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଭାତ ସେଠୀଙ୍କୁ ପଚାରିବାରୁ ପାଇପ୍‌ଲାଇନ ବିଛାଇବା ସହ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବାରୁ କାର୍ଯ୍ୟ ଆଗେଇନେବା ସମ୍ଭବ ହେଉନାହିଁ। ନିର୍ବାଚନ ଫଳାଫଳ ଘୋଷଣା ପରେ ନୂତନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ପାନୀୟଜଳ ଯୋଗାଣ କରାଯିବ ବୋଲି କହିଥିଲେ।

■ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ସମ୍ଭାବ୍ୟ ବନ୍ୟା, ବାତ୍ୟା ମୁକାବିଲା ପ୍ରସ୍ତୁତି ନିର୍ଦ୍ଦେଶ

**ସୋନପୁର,୧୫।୫(ନି.ପ୍ର.)**




ବୈଠକରେ ଅତିରିକ୍ତ ଜିଲାପାଳ, ଅତିରିକ୍ତ ଏସ୍‌ପି, ସିଡିଏମ୍‌ପିଏଚ୍‌ଓ ଓ ପ୍ରଶାସନିକ ଅଧିକାରୀବୃନ୍ଦ।

ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ସମସ୍ତ ବିଡିଓ, ତହସିଲଦାର ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା, ବାତ୍ୟା ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ନେବା ସହ ଏହାର ସୁପରିଚାଳନା ପାଇଁ ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀମାନେ ସଜାଗ ରହିବାକୁ ଅତିରିକ୍ତ ଜିଲାପାଳ ପଣ୍ଡା ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ଜରୁରୀକାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ ଆଲୋଚ୍ୟ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ଏଥିରେ ନିଷ୍ପତ୍ତି ନିଆଯାଇଛି, ଜୁନ୍ ୧ତାରିଖରୁ ଅକ୍ଟୋବର ମାସ ୩୧ ତାରିଖ ପର୍ଯ୍ୟନ୍ତ ଜିଲା କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ଲକ, ତହସିଲ ଓ ଉପକୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଖୋଲାଯିବ। ଜିଲାରେ ବନ୍ୟା ପ୍ରବଣ ଅଞ୍ଚଳଗୁଡିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଜନସାଧାରଣଙ୍କୁ ଉଦ୍ଧାର ଓ ଥଇଥାନ କରିବା ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡିକ ଚିହ୍ନଟ କରି ପ୍ରସ୍ତୁତ କରି ରଖିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉପଜିଲାପାଳ ଓ ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ ସଂଖ୍ୟକ ପଲିଥିନ ମହଜୁଦ କରି ରଖିବା ଏବଂ ଜିଲାରେ ଥିବା ସରକାରୀ ଓ ବେସରକାରୀ ଡଙ୍ଗାଗୁଡିକର ଅବସ୍ଥା ତଦାରଖ କରି ଆବଶ୍ୟକ ସ୍ଥଳେ ମରାମତି କରି ପ୍ରସ୍ତୁତ କରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଦୁର୍ବଳ ନଦୀବନ୍ଧଗୁଡିକର ମରାମତି ପାଇଁ ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରିବା ଓ ବାଲି ବସ୍ତା ମହଜୁଦ କରି ରଖିବାକୁ ତେଲ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାରେ ମହାନଦୀ, ତେଲ ନଦୀ, ଅଙ୍ଗ ନଦୀ, ସୁକତେଲ ଓ ନିବୃତ୍ତି ଯୋଗର ୨୩୩ କିଲୋମିଟର ବନ୍ଧ ଥିବା ବେଳେ ସବୁ ମୁକୁଳା ପଡିଛି, ମାତ୍ର ୩୪ କିଲୋମିଟର ନଦୀବନ୍ଧ ସୁଦୃଢ ହୋଇଛି। ମହାନଦୀର ୧୦ଟି ସ୍ଥାନରେ ଦୁର୍ବଳ ସ୍ଥିତି ଥିବାରୁ ବନ୍ୟା ପାଣି ପ୍ରବେଶ କରିବାର ସମ୍ଭାବନା ଥିବା ତେଲ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଇଂ ସୁଜୟ ନାୟକ ସୂଚନା ଦେଇଥିଲେ । ଜିଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଜିଲା ଓ ଉପଖଣ୍ଡ ଚିକିତ୍ସାଳୟଗୁଡିକରେ ଆବଶ୍ୟକ ପରିମାଣର ଔଷଧ, ହାଲୋଜେନ ବଟିକା, ବ୍ଲିଚିଂ ପାଉଡର ମହଜୁଦ ରଖିବାକୁ ଏବଂ ପରିମଳ ବ୍ୟବସ୍ଥା ପାଇଁ ଆଗୁଆ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ସମୟରେ ଗୋ ସମ୍ପଦର ସୁରକ୍ଷା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରିବା, ବନ୍ୟା ପ୍ରବଣ ଅଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ଆବଶ୍ୟକ ସାମଗ୍ରୀ ଯଥା ଚୂଡା, ଗୁଡ, ଚାଉଳ, କିରୋସିନ ଯଥେଷ୍ଟ ପୂର୍ବରୁ ମହଜୁଦ୍ ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ତଥା ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଜିଲା ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେବା ସହ ପୌର ପରିଷଦ ଓ ଏନ୍‌ଏସି ଅନ୍ତର୍ଗତ ସମସ୍ତ ୱାର୍ଡ ଓ ବସ୍ତିରେ ଥିବା ନାଳଗୁଡିକ ଯଥାଶିଘ୍ର ସଫେଇ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅତରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ସିଡିଏମପିଏଚଓ ଡାକ୍ତର ସରୋଜ କୁମାର ନାୟକ, ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ, ତହସିଲଦାର ଅରବିନ୍ଦ ବେହେରା, ତରଭା ବିଡିଓ ନିହାର ରଞ୍ଜନ କହଁର, ବୀରମହାରାଜପୁର ବିଡିଓ ସୂର୍ଯ୍ୟାଂଶୁ ରୁଟ୍, ବିନିକା ତହସିଲଦାର ଅଲେଖ ଗୁଟା, କ୍ଷୁଦ୍ର ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ କିଶୋର ଚନ୍ଦ୍ର ଆଚାର୍ଯ୍ୟ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ବିପିନ ବିହାରୀ ଦାଶ, ଜିଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାଖା, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ଜିଲା ମଙ୍ଗଳ ଅଧିକାରୀ ପାଲକା ରବିନ୍ଦ୍ରୋ, ଡିଆଇପିଆର୍‌ଓ ହରିଚରଣ ମିଶ୍ର, ସାମାଜିକକର୍ମୀ ସତ୍ୟ ନାରାୟଣ ହୋତା, ଅଧ୍ୟାପକ ଉମାକାନ୍ତ ନାଗ ପ୍ରମୁଖ ଉପସ୍ଥିତ ଥିଲେ।